

ଇରାନ୍ ମୁହାଁ ହୋଇ ରହିଛି ୧୦୦୦ କ୍ଷେପଣାସ୍ତ୍ର

ପୃଷ୍ଠା ୪

# ସଂଚାର

THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 111 ଭାଗ ୩୪ | ସଂଖ୍ୟା ୧୧୧ | Sunday 12 July 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର, ୧୨ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

## ଓଲଟିଲା ଭାରତୀୟ ପର୍ଯ୍ୟଟକଙ୍କ ଡଙ୍ଗା, ୧୫ ମୃତ

**ହାନୋଇ,୧୧।୭:** ଭିଏତନାମର ସର୍ବବୃହତ୍ ଦ୍ୱୀପ ଫୁ କ୍ୱୋକ୍ ନିକଟରେ ଶନିବାର ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ସ୍ପିଡ୍ ବୋଟ୍ (ମୋଟରଚାଳିତ ଡଙ୍ଗା) ଓଲଟି ପଡ଼ିବା ଫଳରେ ୧୫ ଜଣ ଭାରତୀୟ ନାଗରିକଙ୍କର ମୃତ୍ୟୁ ଘଟିଛି। ପାଣିରେ ଓଲଟି ପଡ଼ିଥିବା ଡଙ୍ଗାରେ ମୋଟ ୩୨ଜଣ ଭାରତୀୟ ଥିଲେ ବୋଲି ଭିଏତନାମସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ମିଳିଛି। ୩୨ ଜଣ ଭାରତୀୟ ପର୍ଯ୍ୟଟକ, ୩ ଜଣ କ୍ରୁ ସଦସ୍ୟ ଓ ଜଣେ ଆଟେଣ୍ଡାଣ୍ଟଙ୍କୁ ମିଶାଇ ଡଙ୍ଗାରେ ସମୁଦାୟ ୩୬ ଜଣ ଥିଲେ।



ମୃତ ୧୫ ଭାରତୀୟଙ୍କ ମଧ୍ୟରେ ୧୩ ଜଣ ପୁରୁଷ ଓ ୨ ଜଣ ମହିଳା ସାମିଲ୍ ଅଛନ୍ତି। ସେମାନଙ୍କ ମଧ୍ୟରେ ୧୦ ଜଣ ତାମିଲନାଡୁର ପର୍ଯ୍ୟଟକ ଥିବା ବେଳେ ୩ ଜଣ ଆନ୍ଧ୍ରପ୍ରଦେଶର ଓ ୨ ଜଣ କେରଳର ପର୍ଯ୍ୟଟକ ବୋଲି ଜଣାପଡ଼ିଛି। ସେହିପରି କେରଳର ମୃତ ଦମ୍ପତିଙ୍କୁ ଚିହ୍ନଟ କରାଯାଇଛି। ସେମାନେ ହେଲେ କୋଲ୍ଲାମ ଜିଲ୍ଲାର କୋଟ୍ଟାରାକାରା ନିବାସୀ ଏସି ଥମାସ (୫୭) ଓ ତାଙ୍କ ପତ୍ନୀ ଲୋଭେନି ଥମାସ (୫୬)।

ଭିଏତନାମର ପ୍ରମୁଖ ନ୍ୟୁଜ ପୋର୍ଟାଲ 'ଭିଏନ୍ ଏକ୍ସପ୍ରେସ ଇଣ୍ଟରନ୍ୟାସନାଲ୍'ର ସୂଚନା ଅନୁଯାୟୀ, ଫୁ କ୍ୱୋକ୍ ଉପକୂଳର ଆନ୍‌ଥୋଇ ଦ୍ୱୀପପୁଞ୍ଜ ଅନ୍ତର୍ଗତ ହୁନ୍ ମେ ରୁଟ୍ ଏନ୍‌ଗୋଇ ଦ୍ୱୀପଠାରୁ ୪୦୦ ମିଟର ସମୁଦ୍ରରେ ଯାତ୍ରା କରୁଥିବା ବେଳେ ଡଙ୍ଗାଟି ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଯାଇଥିଲା। ଆଖପାଖରେ ଯାତ୍ରା କରୁଥିବା ଅନ୍ୟ ପର୍ଯ୍ୟଟକ ଡଙ୍ଗାଗୁଡ଼ିକ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ୨୧ ଜଣଙ୍କୁ ଉଦ୍ଧାର କରି ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ଅବସ୍ଥା ସଂକଟାପନ୍ନ ଥିବା ଭିଏତନାମର ଏକ ସରକାରୀ ଗଣମାଧ୍ୟମ ରିପୋର୍ଟ କରିଛି। ଭାରତୀୟ ମହାବାଣିଜ୍ୟିକ ଦୂତାବାସ ପକ୍ଷରୁ ହୋ ଚି ମିନ୍ ସହରରେ ଏକ କଣ୍ଟ୍ରୋଲ ➪ପୃଷ୍ଠା-୬

## ଓଡ଼ିଶା ହେବ ଧାତବ ଶିଳ୍ପ ହବ୍

- ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କୁମାର ମଙ୍ଗଳମ ବିର୍ଲା
- ୧୨ ହଜାର କୋଟି ନିବେଶ କରିବ ଆଦିତ୍ୟ ବିର୍ଲା ଗ୍ରୁପ
- କଂଶାରୀଗୁଡ଼ା ଆଲୁମିନିୟମ ରିଫାଇନରୀର ସମ୍ପ୍ରସାରଣ
- ୩ ନିୟୁତ ଟନ୍‌କୁ ବଢ଼ିବ ରିଫାଇନରୀ ଉତ୍ପାଦନ କ୍ଷମତା



**ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦେଶର ପ୍ରମୁଖ ବିଜନେସ ଟାଇକୁନ ତଥା ଆଦିତ୍ୟ ବିର୍ଲା ଗ୍ରୁପର ଅଧ୍ୟକ୍ଷ କୁମାର ମଙ୍ଗଳମ ବିର୍ଲାଙ୍କ ସହ ବିର୍ଲା ଗ୍ରୁପର ପ୍ରକଳ୍ପ ଅଗ୍ରଗତି ନେଇ ଆଲୋଚନା କରିଛନ୍ତି। ବୈଠକରେ ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଏବଂ ସମୟ ସୀମା ମଧ୍ୟରେ କାର୍ଯ୍ୟକ୍ଷମ ହେବା ନେଇ ଆଲୋଚନା ହୋଇଥିଲା। ଏଥିସହ ରାଜ୍ୟରେ ଆଦିତ୍ୟ ବିର୍ଲା ଗ୍ରୁପର ଅନ୍ୟାନ୍ୟ କ୍ଷେତ୍ରରେ ନିବେଶ ସମ୍ପର୍କରେ ମଧ୍ୟ ମାନସ ମନ୍ଥନ କରାଯାଇଥିଲା।

ବୈଠକରେ ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ରାୟଗଡ଼ା ଜିଲ୍ଲାର କାଶିପୁର ତହସିଲର କଂଶାରୀଗୁଡ଼ା ଆଲୁମିନିୟମ ରିଫାଇନରୀ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ସହମତି ପ୍ରକାଶ ପାଇଛି। ଏହି ପ୍ରକଳ୍ପକୁ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ପକ୍ଷରୁ କାର୍ଯ୍ୟକାରୀ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ୮ ହଜାର କୋଟି ନିବେଶରେ ବାର୍ଷିକ ଏକ ନିୟୁତ ଟନ ରିଫାଇନରୀ ପ୍ରତିଷ୍ଠା କରାଯାଉଛି। ହେଲେ ଏହି ରିଫାଇନରୀର ଭବିଷ୍ୟତକୁ ଦୃଷ୍ଟିରେ ରଖି ଏବଂ ରାଜ୍ୟ ସରକାରଙ୍କ ସକାରାତ୍ମକ ସହଯୋଗ ପାଇଁ ଆଦିତ୍ୟ ବିର୍ଲା ଗ୍ରୁପ ଆଉ ୧୨ ହଜାର କୋଟି ନିବେଶ କରିବାକୁ ପ୍ରସ୍ତାବ ଦେଇଛି। ଏହାଦ୍ୱାରା ରିଫାଇନାରୀର କ୍ଷମତା ୩ ନିୟୁତ ଟନ୍‌କୁ ବୃଦ୍ଧି ପାଇବ। ଅତିରିକ୍ତ ୧୨ ହଜାର କୋଟିର ନିବେଶ ଦ୍ୱାରା ଏହି ପ୍ରକଳ୍ପ ପାଇଁ ମୋଟ ୨୦ ହଜାର କୋଟି ନିବେଶ କରିବ ଆଦିତ୍ୟ ବିର୍ଲା ଗ୍ରୁପ। ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସହ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରର ବାଟ ଖୋଲିବ। ଏଥିସହ ଆନୁଷଙ୍ଗିକ ଶିଳ୍ପ ପାଇଁ ବାଟ ଫିଟିବ।

ଆଦିତ୍ୟ ବିର୍ଲା ଗ୍ରୁପର ସମ୍ପ୍ରସାରଣ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିବା ସହ ଏହି ପ୍ରସ୍ତାବିତ ପ୍ରକଳ୍ପ ରାଜ୍ୟର ଧାତବ୍ୟ ଶିଳ୍ପକୁ ପ୍ରୋତ୍ସାହିତ କରିବ ଏବଂ ଲୋକଙ୍କ ପାଇଁ କ୍ୱାଲିଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ବିକଶିତ ଓଡ଼ିଶା ଗଠନରେ ଆଲୁମିନିୟମ ଶିଳ୍ପ ଏକ ପ୍ରମୁଖ ଅଂଶ। ଆଲୁମିନା ଓ ଆଲୁମିନିୟମ ଉତ୍ପାଦନରେ ଓଡ଼ିଶା ସାରା ଦେଶକୁ ମାର୍ଗଦର୍ଶନ ଦେବା ସହ ଏକ ବିଶ୍ୱସ୍ତରୀୟ ➪ପୃଷ୍ଠା-୬

## କିମ୍ବଦନ୍ତି ଗାୟିକା ଏସ୍. ଜାନକୀଙ୍କ ପରଲୋକ



**ମହୀଶୂର,୧୧।୭:** କିମ୍ବଦନ୍ତି ପାର୍ଶ୍ୱଗାୟିକା ଏସ. ଜାନକୀଙ୍କର ଆଜି ପରଲୋକ ହୋଇଛି। ବୟସାଧିକ୍ୟ ସ୍ୱାସ୍ଥ୍ୟ ସମସ୍ୟା ନେଇ ଏଠାକାର ଆପୋଲୋ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଜାନକୀଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ସେ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତର ଅନ୍ୟତମ ସଫଳ ପାର୍ଶ୍ୱଗାୟିକା ଥିଲେ। ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତରେ ସେ ମୁଖ୍ୟତଃ ଜାନକୀ ଅମ୍ମା ଭାବେ ପରିଚିତ ଥିଲେ। ୨୦୧୩ ମସିହାରେ ସେ ଦେଶର ତୃତୀୟ ସର୍ବୋଚ୍ଚ ବେସାମରିକ ପୁରସ୍କାର ପଦ୍ମ ଭୂଷଣ ଗ୍ରହଣ କରିବାକୁ ମନା କରି ବେଶ୍ ଚର୍ଚ୍ଚାରେ ରହିଥିଲେ। ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯିବାରେ ଯଥେଷ୍ଟ ବିଳମ୍ବ ହୋଇଥିବାରୁ ସେ ଏହାକୁ ଗ୍ରହଣ କରିବା ସକାଶେ ସ୍ପଷ୍ଟ ଭାବେ ମନା କରିଥିଲେ। ସଙ୍ଗୀତ ଜଗତ ପ୍ରତି ଅନବଦ୍ୟ ଅବଦାନ ➪ପୃଷ୍ଠା-୬

## ୟୁକ୍ରେନ୍‌ରେ ରୁଷ୍‌ର ମିସାଇଲ୍ ବର୍ଷା: ୬ ନିହତ

**କିଭ୍,୧୧।୭:** ଶନିବାର ରୁଷ୍‌ର ଲଗାତାର ମିସାଇଲ୍ ଓ ଡ୍ରୋନ୍ ମାଡ଼ରେ ୟୁକ୍ରେନ୍‌ର ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଡଜନେରୁ ଅଧିକ ଆହତ ହୋଇଛନ୍ତି। ରୁଷ୍‌ର ଘାତକ ଆକ୍ରମଣ ପରେ ପୁଣିଥରେ ୟୁକ୍ରେନ୍ ତୁରନ୍ତ ଏୟାର ଡିଫେନ୍ସ ସିଷ୍ଟମ୍ ଯୋଗାଇବାକୁ ଆମେରିକା ସମେତ ବିଶ୍ୱ ସମୁଦାୟକୁ ଅନୁରୋଧ କରିଛି। ୟୁକ୍ରେନ୍‌ର ଜଣେ ଅଧିକାରୀ କହିଛନ୍ତି ଯେ କିଭ୍ ସମେତ ସୁମି, ଓଡେସା, ଖାରକିଭ୍ ଆଦି ସ୍ଥାନରେ ରୁଷ୍ ଏକାଧିକ ଆକ୍ରମଣ କରିଛି। ରଏଟରର ରିପୋର୍ଟ ଅନୁଯାୟୀ, ଗୋଟିଏ ବୋମା ଏକ ବସଷ୍ଟପ ଉପରେ ପଡ଼ି ତାହାକୁ ବିଧ୍ୱସ୍ତ କରିଦେଇଛି। ୟୁକ୍ରେନର ଦକ୍ଷିଣ ବନ୍ଦର ନଗରୀ ଓଡେଶା ଉପରେ ରୁଷ୍ ଶନିବାର ଭୋର୍‌ରୁ ମିସାଇଲ୍ ମାଡ଼ କରିଛି। ଏଥିରେ ୨ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏୟାର ରେଡ୍ ୱାର୍ଣ୍ଣିଂ ଜାରି ହେବା ଆଗରୁ ରୁଷ୍ ସାଧାରଣ ଲୋକଙ୍କ ଉପରେ ମିସାଇଲ ଆକ୍ରମଣ କରିଛି ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି।

### ଚୂଡ଼ାନ୍ତ ପର୍ଯ୍ୟାୟରେ ରଥଯାତ୍ରା ପ୍ରସ୍ତୁତି

## ତିନି ରଥ ଦାୟିତ୍ୱ ପାଇଁ ଅଧିକାରୀ ନିଯୁକ୍ତ

- ରଥକୁ ଅଣସେବାୟତ ଚଢ଼ିଲେ କାର୍ଯ୍ୟାନୁଷ୍ଠାନ
- ଏବର୍ଷ ଦୁଇ ସେଟ୍ ରଥ ଦଉଡ଼ି ଓ ଚାରମାଳ
- କମିଲା ନବଯୌବନ ଦର୍ଶନ ସମୟ ସୀମା



**ପୁରୀ,୧୧।୭(ସଂଚାର ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ ଘୋଷ ଯାତ୍ରାକୁ ଆଉ ମାତ୍ର ୫ ଦିନ ଥିବା ବେଳେ ଶୃଙ୍ଖଳିତ ରଥଯାତ୍ରା ଏବଂ ନୀତି କାନ୍ତି ପାଇଁ ସବୁ ସ୍ତରରେ ଉଦ୍ୟମ କରାଯାଉଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ରଥ ଦାୟିତ୍ୱରେ କେଉଁ ଅଧିକାରୀ ରହିବେ, ତାହା ଚୂଡ଼ାନ୍ତ ହୋଇଛି। ଏଥିସହ ରଥ ଉପରେ ଅନଧିକୃତ ବ୍ୟକ୍ତି କିମ୍ବା ସେବାୟତ ଚଢ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତାଗିଦ କରାଯାଇଛି।

ନନ୍ଦିଘୋଷ ରଥ ଦାୟିତ୍ୱରେ ପୁରୀ ଜିଲ୍ଲାପାଳ, ତାଳଧ୍ୱଜ ରଥ ଦାୟିତ୍ୱରେ ପୁରୀ ଏସପି ଓ ଦର୍ପଦଳନ ରଥ ଦାୟିତ୍ୱରେ ଅତିରିକ୍ତ ଜିଲ୍ଲାପାଳ ରହିବେ। ପ୍ରତି ରଥରେ ନିର୍ଦ୍ଦେଶକ ଓ ବୈଷୟିକ ଦଳ ରହିବେ। ରଥଟଣା ସମସ୍ତ ନିଷ୍ପତ୍ତି ନେବେ ଏହି ଦଳ। ରଥ କର୍ଡନ ଭିତରେ କର୍ଡନ ପାସ ସୀମିତ ସଂଖ୍ୟକ ଦିଆଯିବ। କେବଳ ପ୍ରାଧିକୃତ ଅଧିକାରୀ ଓ ସେବାୟତ ରଥ ନିକଟରେ ରହିବା ପାଇଁ ଅନୁମତି ଦିଆଯିବ। ରଥ ଉପରେ ମୋବାଇଲ ଫୋନ ବ୍ୟବହାର ଉପରେ କଟକଣା ରହିବ। ରଥ ଉପରେ ଅନଧିକୃତ ବ୍ୟକ୍ତି କିମ୍ବା ଅଣସେବାୟତ ଚଢ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି।

ଚଳିତ ବର୍ଷ ପ୍ରତି ରଥ ପାଇଁ ଆଉ ଗୋଟିଏ ସେଟ୍ ରଥ ଦଉଡ଼ି ରଖାଯିବ। ରଥ ଦଉଡି ଦାୟିତ୍ୱରେ ପୋଲିସ ଅଧିକାରୀମାନେ ରହିବେ। ସେହିପରି ଚଳିତ ବର୍ଷ ଦୁଇଟି ଚାରମାଳ ସେଟ୍ ବି ରହିବ। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ଲାଗିବା ପରେ କେଉଁ ସମୟରେ ଚାରମାଳ ➪ପୃଷ୍ଠା-୬

### ଶିକ୍ଷା ବଞ୍ଚାଅ ଆନ୍ଦୋଳନରେ ସ୍କୁଲ ଛାତ୍ରୀ

## ନେତାଙ୍କ ଆଚରଣ ପାଇଁ କାଠଗଡ଼ାରେ ନବୀନ

- ନୋଟିସ କଲା ଶିଶୁ ଅଧିକାର ସୁରକ୍ଷା ଆୟୋଗ
- ଜିଲ୍ଲାପାଳ, ଏସପିଙ୍କୁ ମଗାଗଲା କାର୍ଯ୍ୟାନୁଷ୍ଠାନ ରିପୋର୍ଟ



**ଭୁବନେଶ୍ୱର,୧୧।୬(ସଂଚାର ବ୍ୟୁରୋ):** ପାଠ୍ୟପୁସ୍ତକରେ ତ୍ରୁଟି ପ୍ରସଙ୍ଗରେ ବିଜେପି ସରକାରଙ୍କୁ ଘେରିବା ପାଇଁ ବିଜେଡିର ରାଜ୍ୟବ୍ୟାପୀ 'ଶିକ୍ଷା ବଞ୍ଚାଅ ଆନ୍ଦୋଳନ'ରେ କୋମଳମତି ପିଲାମାନଙ୍କୁ ସାମିଲ କରିବା ଓ ଦଳୀୟ ନେତ୍ରୀମାନେ 'ଠୁମକା' ଲଗାଇବା ଘଟଣା ବିଜେଡିକୁ ବିବାଦ ଘେରକୁ ଟାଣିନେଇଛି। ସ୍କୁଲ ୟୁନିଫର୍ମରେ ଥିବା କୋମଳମତି ପିଲାଙ୍କୁ ଧରି ଝାରସୁଗୁଡ଼ାରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ଘଟଣାରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସିଧାସଳଖ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏଥିସହ ଝାରସୁଗୁଡ଼ା ଜିଲ୍ଲାପାଳ,ଏସପି ଓ ଜିଲ୍ଲା ସିଡବ୍ଲ୍ୟୁସି ଅଧ୍ୟକ୍ଷଙ୍କୁ ଘଟଣାର ତଦନ୍ତ କରି ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ପ୍ରଥମ ଥର ପାଇଁ ରାଜ୍ୟର ଶିଶୁ ସୁରକ୍ଷା ଅଧିକାର ଆୟୋଗ ଏଭଳି ନୋଟିସ ଦଳର ସୁପ୍ରିମୋଙ୍କୁ ଜାରି କରିଛନ୍ତି ଆଉ ସପ୍ତାହକ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେବଳ ବିଜେଡି ସୁପ୍ରିମୋ ନୁହଁନ୍ତି, ଦଳର ଦୁଇ ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ଅଳକା ମହାନ୍ତିଙ୍କ ସମେତ ଛାତ୍ର ବିଜେଡି ସଭାନେତ୍ରୀ ଇପସିତା ସାହୁଙ୍କୁ ମଧ୍ୟ ଏହି ନୋଟିସ ଜାରି ହୋଇଛି। ➪ପୃଷ୍ଠା-୬

### ପାଠ୍ୟ ପୁସ୍ତକରେ ତ୍ରୁଟି

## ଅପରାଧିକ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

- ଏବେ ଖୋଳତାଡ଼ କରିବ କ୍ରାଇମବ୍ରାଞ୍ଚ୍
- ଏଫ୍‌ଆଇଆର୍ କରିବ ଏସସିଇଆରଟି




**ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ):** ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ତ୍ରୁଟି ଘଟଣାକୁ ଗମ୍ଭୀରତାର ସହ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସମଗ୍ର ପ୍ରକ୍ରିୟା ଉପରେ ଅପରାଧିକ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସ୍ୱତନ୍ତ୍ର ଭାବେ କ୍ରାଇମବ୍ରାଞ୍ଚ ଏସପିଙ୍କ ନିକଟରେ ଏଫଆଇଆର ଦାୟର କରିବାକୁ ଏସସିଇଆରଟି ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ପୂର୍ବରୁ ପାଠ୍ୟପୁସ୍ତକ ତ୍ରୁଟିଜନିତ ବିଷୟର କାରଣ ଅନୁସନ୍ଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଏହି କମିଟିର ରିପୋର୍ଟ ଆଧାରରେ ମୁଖ୍ୟମନ୍ତ୍ରୀ ଗତ ୨୬ ତାରିଖରେ ଏସସିଇଆରଟି ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସମେତ ୩ ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବନ କରିଥିଲେ। ଅନ୍ୟ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ତେବେ ଗତ ୨୫ ତାରିଖରେ ଏକ ସମ୍ବାଦପତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ପାଠ୍ୟପୁସ୍ତକରେ ତ୍ରୁଟି ପଛରେ 'ଷଡ଼ଯନ୍ତ୍ର' ରହିଥିବା ନେଇ ଆଶଙ୍କା କରିବା ପରେ ରାଜ୍ୟ ପ୍ରଶାସନରେ ହଟଚମଟ ସୃଷ୍ଟି ହୋଇଥିଲା। ଏବେ ପ୍ରାୟ ୧୬ ଦିନ ପରେ ମୁଖ୍ୟମନ୍ତ୍ରୀ ପାଠ୍ୟପୁସ୍ତକ ତ୍ରୁଟିଜନିତ ତଦନ୍ତର ଖୋଳତାଡ଼ କ୍ରାଇମବ୍ରାଞ୍ଚ ଦ୍ୱାରା କରିବାକୁ ନିର୍ଦ୍ଦେଶ ଦେବା ପରେ ପ୍ରକୃତ ଦୋଷୀ ପଦାକୁ ଆସିବେ ବୋଲି ଚର୍ଚ୍ଚା ହେଉଛି। କେବଳ ପାଠ୍ୟପୁସ୍ତକ ଛପା ଦାୟିତ୍ୱରେ ଥିବା କର୍ମଚାରୀ କିମ୍ବା ଛାପାଖାନା ନୁହଁନ୍ତି, ବରଂ ପାଠ୍ୟପୁସ୍ତକର ବିଷୟ ପ୍ରସ୍ତୁତ କରିଥିବା ଓ ଏହାକୁ ଅନୁମୋଦନ କରିଥିବା ବ୍ୟକ୍ତିମାନେ ମଧ୍ୟ ତଦନ୍ତ ପରିସରକୁ ଆସିବେ ବୋଲି ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ ଯେ ରାଜ୍ୟର ପ୍ରାୟ ୪୦ ଲକ୍ଷରୁ ଅଧିକ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ➪ପୃଷ୍ଠା-୬

### ଦୂର ହେଲା କେଜିରୁ ପିଜି ନାମଲେଖା ଦ୍ୱନ୍ଦ୍ୱ

## ନାମଲେଖା ନେଇ ଆସିବ ଏସଓପି

- ୬୬୨ ଓ ୪୮୮ କଲେଜକୁ ଅନୁଦାନ ନେଇ ବିଚାର ଚାଲିଛି
- ଆଡମିସନ ଫି' ଫେରସ୍ତ ନେଇ ପୋର୍ଟାଲ ଖୋଲାଯିବ



**ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ):** କେଜିରୁ ପିଜି ନାମଲେଖାରେ ଉପୁଜିଥିବା ଦ୍ୱନ୍ଦ୍ୱ ଦୂର କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। କେଜିରୁ ପିଜି ମାଗଣା ଶିକ୍ଷା ନେଇ ସରକାର ଘୋଷଣା କରିବା ପରେ କିଛି ଏଡେଡ କଲେଜ ସେମାନଙ୍କ କଲେଜ ପରିଚାଳନା ନେଇ ପ୍ରଶ୍ନ ଉଠାଇଥିଲେ। ଏଥିସହ ଯେଉଁମାନେ ଆଡମିଶନ କରିସାରିଛନ୍ତି, ସେମାନେ କିଭଳି ଅର୍ଥ ଫେରିପାଇବେ ସେନେଇ ବି ଦ୍ୱନ୍ଦ୍ୱ ଉପୁଜିଥିଲା। ତେବେ କଲେଜ ପରିଚାଳନା ପାଇଁ ସରକାର ଏକ ଏସଓପି ଆଣିବେ ବୋଲି ସ୍ପଷ୍ଟ କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ। ଏଥିସହ ଆଡମିଶନ ପଇସା ଫେରାଇବାକୁ ବି ଏକ ପୋର୍ଟାଲ ଖୋଲାଯିବ ବୋଲି ସେ କହିଛନ୍ତି।

ଗ୍ରାଣ୍ଟ-ଇନ୍-ଏଡ୍ ପାଉଥିବା କଲେଜ ପାଇଁ ସରକାର ଦେବେ ଅନୁଦାନ। ଏଥିପାଇଁ ଖୁବ୍‌ଶୀଘ୍ର ଆସିବ ଏସଓପି। ଆସନ୍ତାକାଲି ଏସଓପି ଆସିବ ବୋଲି ସେ କହିଛନ୍ତି। ଏସଓପି ଆସିବା ପୂର୍ବରୁ ଛାତ୍ରଛାତ୍ରୀ, ଅଭିଭାବକ, କଲେଜ ଅଧ୍ୟକ୍ଷଙ୍କ ସହ ଆଲୋଚନା ଚାଲିଛି। ୬୬୨ ଓ ୪୮୮ ବର୍ଗ କଲେଜଗୁଡ଼ିକୁ ଅର୍ଥ ଦିଆଯିବାକୁ ବିଚାର ଚାଲିଛି। କଲେଜଗୁଡ଼ିକୁ ଯେଉଁ ଅନୁଦାନ ମିଳିବ, କେଉଁ ଆଧାରରେ ମିଳିବ, ସେଥିରେ କ'ଣ କ'ଣ ବ୍ୟବସ୍ଥା ରହିବ ସେନଇ ଏସଓପିରେ ସ୍ପଷ୍ଟ କରାଯିବ। ସରକାର ଯେଉଁ ଅନୁଦାନ ଦେବେ ତାହା ଏକାଥରକେ ଦେବେ ନା ପର୍ଯ୍ୟାୟ କ୍ରମେ ଦେବେ, ତା' ମଧ୍ୟ ଏସଓପିରେ ସ୍ପଷ୍ଟ କରାଯିବ ବୋଲି ସେ କହିଛନ୍ତି। ସେହିଭଳି ଯେଉଁ ➪ପୃଷ୍ଠା-୬



### କାନ ଡେରିଥା

ସାମ୍ବାଦିକ ଏବେ ସବୁଠି
ପ୍ରବଳ
ବୁମ ଖାଲି ମାଳମାଳ
ସମସ୍ୟା ନ୍ୟୁଜ ହେଉ କି
ନହେଉ
ନେତା ପଛେପଛେ ଚାଲ
ଅର୍ଥ ପାଇଁ ହରିବୋଲ...
ବଡ଼ ବଡ଼ ଟିଭି ଖବର
କାଗଜ
ଅର୍ଥ ପାଇଁ ସେ ଦୁର୍ବଳ ।

■ ଦେବାଶିଷ

## ଅପରାଧୀଙ୍କ କବ୍‌ଜାରେ ରାଜଧାନୀର ଠିକାଦାର ସଂଘ

- ଅନେକଙ୍କ ନାମରେ ସଙ୍ଗୀନ ମାମଲା
- ରାସ୍ତାରେ ଘଣ୍ଟ ପିଟି ତୁମୂଳକାଣ୍ଡ



**ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ):** ଦୁଇ ଦଶନ୍ଧି ଧରି ରାଜଧାନୀରେ ଠିକାଦାରୀ କରୁଥିବା କିଛି ବ୍ୟକ୍ତି ସଂଘ ନାମରେ ଏବେ ଖୋଦ୍ ନିର୍ମାଣ ସୌଧ ଆଗରେ ହଲ୍ଲାବୋଲ ଆରମ୍ଭ କରିଛନ୍ତି। ଘଣ୍ଟ ପିଟି ରାସ୍ତାରେ ଯାଉଥିବା ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ସରକାରଙ୍କ ବିରୋଧରେ ନାରାବାଜି କରୁଛନ୍ତି। ରାସ୍ତାରେ ଯାଉଥିବା ସାଧାରଣ ଲୋକେ ଏବେ ଅପରାଧିଙ୍କ କବଜାରେ ଠିକାଦାର ସଂଘ ରହିଲା ବୋଲି ପ୍ରଶ୍ନ କରିବା ସହ ଏମାନଙ୍କ ବିଷୟରେ ଜାଣିବାକୁ ବି ଅନେକ ଆଗ୍ରହ ପ୍ରକାଶ କରିଛନ୍ତି।

ତେବେ ଧାରଣାସ୍ଥଳରେ ହେଉଥିବା ଆଲୋଚନା ଅନୁଯାୟୀ, ଗତ ୨୪ ବର୍ଷ ଧରି ବିଜେଡି ବ୍ରାଣ୍ଡ୍‌ରେ ଠିକାଦାରୀ କରୁଥିବା ଏହି ବ୍ୟକ୍ତିମାନେ ବର୍ତ୍ତମାନର ସରକାରଙ୍କ କୌଣସି ନୀତି ନିୟମକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ସେତେବେଳେ ଯେମିତି ଠିକାଦାରୀ କରୁଥିଲେ ଓ ଯନ୍ତ୍ରୀମାନଙ୍କୁ ନାଲିଆଖି ଦେଖାଉଥିଲେ, ଏବେ ବି ସେମିତି କରିବାକୁ ଚାହୁଁଛନ୍ତି। ହେଲେ ରାଜ୍ୟର ନୂଆ ସରକାର ଏମାନଙ୍କ କାର୍ଯ୍ୟକଳାପର ସମୀକ୍ଷା କରିବାରୁ ଏବେ ସେମାନେ ସରକାର ବିରୋଧୀ ହୋଇଯାଇଛନ୍ତି।

ସଚିବାଳୟ ନିକଟରେ କୌଣସି ଦପ୍ତର ସାମ୍ନାରେ ଘଣ୍ଟ ପିଟି ପ୍ରତିବାଦ କରିବା ବୋଧହୁଏ ପ୍ରଥମ ଘଟଣା। କାହା ସାହସରେ ଏମାନେ ଘଣ୍ଟ ପିଟି ଆନ୍ଦୋଳନ ଚଳାଇଛନ୍ତି, ତାହାକୁ ନେଇ ଏବେ ଆଲୋଚନା ଜୋର୍ ଧରିଛି। ତେବେ ଘଣ୍ଟ ପିଟି ନିଜକୁ ଠିକାଦାର ବୋଲି କହୁଥିବା ଅନେକଙ୍କ ନାମରେ ମାମଲା ରହିଛନ୍ତି। କେତେକଙ୍କ ନାମରେ ତ ଏନଏସଏ ଭଳି ସଙ୍ଗୀନ ମାମଲାମାନ ରହିଥିବା ଜଣାଯାଇଛି। ଏଭଳି ବ୍ୟକ୍ତି କିଭଳି ରାଜରାସ୍ତାରେ ଆନ୍ଦୋଳନ ➪ପୃଷ୍ଠା-୬

## ଏକା ସୁବାସ ଧରିଛନ୍ତି ମଙ୍ଗ



- ଆଜି ପଦ୍ମ ଧରିବେ ପ୍ରଭାତ
- ନେତାଶୂନ୍ୟ ହେଲାଣି କଟକ ବିଜେଡି

**କଟକ,୧୧।୭(ସଂଚାର ବ୍ୟୁରୋ):** ଭୁଶୁଡ଼ି ଗଲାଣି କଟକ ବିଜେଡି ଗଡ଼। ଯେଉଁ ଜିଲ୍ଲା ଦିନେ ଅଭେଦ୍ୟ ଥିଲା, ଆଜି ତାହା ନେତାଶୂନ୍ୟ ହୋଇଯାଇଛି। ଜଣଙ୍କ ପରେ ଜଣେ ବରିଷ୍ଠ ନେତା ଶଙ୍ଖ ଛାଡ଼ି ପଦ୍ମ ଧରୁଥିବା ବେଳେ ଆସନ୍ତାକାଲି ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ବିଜେପିରେ ଯୋଗଦେବାର ସମ୍ଭାବନା ରହିଛି। ଆଉ ଏହି ସମ୍ଭାବନାକୁ ଖୋରାକ ଯୋଗାଇଛି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ତାଙ୍କ ପୁଅ ତଥା ବିଧାୟକ ସୌଭିକ ବିଶ୍ୱାଳଙ୍କ ଉପସ୍ଥିତି। ଭର୍ତ୍ତୃହରି ମହତାବ, ଦେବାଶିଷ ସାମନ୍ତରାୟଙ୍କ ପରେ ଏବେ ପ୍ରଭାତ ବିଶ୍ୱାଳ ପଦ୍ମ ପୋଖରୀକୁ ଯିବେ। ଏକଦା ପ୍ରଭାତ ବିଶ୍ୱାଳ କଟକ ବିଜେଡି ସଂଗଠନରେ ସର୍ବେସର୍ବା ଥିଲେ। କଟକରେ ବିଜେପିକୁ ମାତ୍ ଦେଇ ବିଜେଡ଼ିକୁ ଶକ୍ତିଶାଳୀ ➪ପୃଷ୍ଠା-୬

## ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ



ପାରାଦ୍ୱୀପ,୧୧।୭ (ସଂଚାର ବ୍ୟୁରୋ): ପାରାଦ୍ୱୀପ ବିଧାୟକ ତଥା ରାଜ୍ୟ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ନିରନ୍ତର ପ୍ରୟାସ ଓ ତତ୍ପରତା ଫଳରେ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି।

ଆଜି ପାରାଦ୍ୱୀପ ସର୍କିଟ ହାଉସରେ ଅନୁଷ୍ଠିତ ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଅଧ୍ୟକ୍ଷତା କରି ଚାଲୁଥିବା ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ବୈଠକରେ ଅଧୀକ୍ଷଣ ଯନ୍ତ୍ରୀ, ଉପ-ଖଣ୍ଡ ଅଧିକାରୀ ଏବଂ କାର୍ଯ୍ୟକାରୀ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଥିଲେ।

ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଏବଂ ଗୁଣବତ୍ତା ବଜାୟ ରଖି ଶେଷ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସାଧାରଣ ଜନତାଙ୍କୁ ତ୍ୱରିତ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ କାର୍ଯ୍ୟର ଗତି ବୃଦ୍ଧି କରିବା ପାଇଁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

ମନ୍ତ୍ରୀଙ୍କ ଏହି ସକ୍ରିୟ ଭୂମିକା ଯୋଗୁଁ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରେ ରାସ୍ତା, ପାନୀୟ ଜଳ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ହେଉଥିବା ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

## ରଥ ବିଶ୍ୱକର୍ମାଙ୍କୁ ସମ୍ବର୍ଦ୍ଧନା ଜଣାଇଲା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ



କେନ୍ଦ୍ରାପଡ଼ା,୧୧।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଗୁଣୁପୁର ପଟଣା ଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଘୋଷଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ଦାରୁବ୍ରହ୍ମ ଜଗନ୍ନାଥ ଙ୍କର ଘୋଷଯାତ୍ରା ପାଇଁ ରଥକାଠ ଚିରାଇ ଫେରୁଥିବା ବେଳେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତରଫରୁ ରାସ୍ତାରେ ଉକ୍ତ ଗାଡିରେ ଥିବା ରଥକାଠ କୁ ବନ୍ଦାପନା କରିବା ସହ ରଥ କାରିଗର ସୁନାକାର ମାଝୀ, ରାଜେଶ ତରାଇ ଓ ସେବକ ଅଭିମନ୍ୟୁ ତରାଇ ଙ୍କୁ ମୁକୁଟ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଛି । ଆଜି ର କାର୍ଯ୍ୟକ୍ରମ ରେ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି, ଟ୍ରଷ୍ଟ ର ସଂସ୍କୃତି ବିଭାଗୀୟ ଅଧିକାରୀ ସଂଜୀବ ତରାଇ ଉପସ୍ଥିତ ଥିଲେ ।

ସ୍ଥାଣୁ ପାଲଟିଛି ପୁଲିସ୍

## ପ୍ରତିଶ୍ରୁତିର ୨ ଦିନ ପରେ ମଧ୍ୟ ଧରାପଡ଼ିଲାନି ଶଶିକାନ୍ତଙ୍କ ହତ୍ୟାକାରୀ

ଡେରାବିଶ,୧୧।୭ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନରେ ଦିନକୁ ଦିନ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏହି ଅଞ୍ଚଳରେ ଦିନକୁ ଦିନ ହତ୍ୟାକାଣ୍ଡ, ଚୋରି, ରାହାଜାନି, ଛିନ୍ତାଇ, ଅବାଧ ନିଶା କାରବାର ବୃଦ୍ଧି ପାଉଥିବା ବେଳେ ପୋଲିସ କେବଳ ମାମଲା ରୁଜ୍ଜୁ କରି ହାତବାନ୍ଧି ବସିଛି।

ଘଟଣାରୁ ପ୍ରକାଶ ଏହି ଥାନା ଅଧୀନ ଚାନ୍ଦୋଳ ପଞ୍ଚାୟତ ନରଣପଡ଼ା ଗ୍ରାମରେ ଶଶିକାନ୍ତ ଦାଶଙ୍କୁ ସେହି ଗ୍ରାମର ପ୍ରଦିପ୍ତ ଦାଶ ଓ ତାଙ୍କ ପୁଅ ନିଳାଦ୍ରୀ ଗତ ରବିବାର ସନ୍ଧ୍ୟାରେ ଏକ ଲୁହା ଶାବଳରେ ଆକ୍ରମଣ କରି ଗୁରୁତର କରିଥିଲେ। ଶଶିକାନ୍ତ ଦୀର୍ଘ ୪ ଦିନ ମୃତ୍ୟୁ ସଂଗ୍ରାମ କରି ଗତ ବୁଧବାର ଦିନ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ ପୋଲିସର ଉଦାସିନତା ପାଇଁ ଅଞ୍ଚଳବାସୀମାନେ କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ଫାଣ୍ଡି ନିକଟରେ ଶଶିକାନ୍ତଙ୍କ ମୃତଦେହ ରଖି ଦୀର୍ଘ ୭ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ପୋଲିସ୍ ପ୍ରଶାସନ ପକ୍ଷରୁ ଧାରଣାକାରୀମାନଙ୍କୁ ବୁଝାଶୁଝା କରି ୪୮ ଘଣ୍ଟା ମଧ୍ୟରେ ଶଶିକାନ୍ତଙ୍କ ହତ୍ୟାକାରୀକୁ ଧରାଯିବ ବୋଲି କେନ୍ଦ୍ରାପଡ଼ାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ଗୌଡ଼ ଓ ସଦର ଥାନା ଅଧିକାରିଣୀ ପଦ୍ମାଳୟା ପ୍ରଧାନ ପ୍ରମୁଖ ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ପ୍ରତିଶ୍ରୁତି ଫଳରେ ଲୋକମାନେ ରାସ୍ତାରୋକ ବନ୍ଦ କରି ଶବଶତ୍କାର କରିବାକୁ ନେଇଥିଲେ। ହେଲେ ଆଜିସୁଦ୍ଧା ପ୍ରତିଶ୍ରୁତିର ସମୟ ପୁରିଯାଇଥିଲେ ମଧ୍ୟ ପୋଲିସ୍ ମୁଖ୍ୟ ଅଭିଯୁକ୍ତକୁ ଧରିବାରେ ବିଫଳ ହୋଇଛି।

# ଗରଦପୁର ଆର୍‌ଆଇ କାର୍ଯ୍ୟାଳୟରେ 'ଦଲାଲରାଜ'!

**ପ୍ରଶାସନିକ ସ୍ୱଚ୍ଛତା ଉପରେ ଉଠିଲା ପ୍ରଶ୍ନ**

**କାର୍ଯ୍ୟାଳୟ ଗେଟ୍ ସାମ୍ନାରେ ଟଙ୍କା ନେଇ କାମ କରାଇଦେବାର ପ୍ରଲୋଭନ**

**ନିରପେକ୍ଷ ତଦନ୍ତ ଦାବି**

କେନ୍ଦ୍ରାପଡ଼ା,୧୧।୭(ସଂଚାର ବ୍ୟୁରୋ): ଗରଦପୁର ରାଜସ୍ୱ ନୀରିକ୍ଷକ (ଆର୍‌ଆଇ) କାର୍ଯ୍ୟାଳୟକୁ କେନ୍ଦ୍ର କରି ପୁଣିଥରେ ଦଲାଲଙ୍କ ସକ୍ରିୟତାକୁ ନେଇ ଚର୍ଚ୍ଚା ଜୋର ଧରିଛି । କାର୍ଯ୍ୟାଳୟ ବାହାରେ କିଛି ବ୍ୟକ୍ତି ସରକାରୀ କାମ ଶୀଘ୍ର କରାଇଦେବାର ପ୍ରତିଶ୍ରୁତି ଦେଇ ଆବେଦନକାରୀଙ୍କଠାରୁ ଟଙ୍କା ଦାବି କରୁଥିବା ଅଭିଯୋଗ ଉଠିଛି । ଏହି ଅଭିଯୋଗ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିବା ସହ ପ୍ରଶାସନିକ ସ୍ୱଚ୍ଛତାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି।

ସ୍ଥାନୀୟ ସୂତ୍ରରୁ ପ୍ରକାଶ, କାର୍ଯ୍ୟାଳୟ ଗେଟ୍ ସାମ୍ନାରେ କିଛି ବ୍ୟକ୍ତି ଲୋକଙ୍କୁ "ଏତିକି ଟଙ୍କା ଦିଅନ୍ତୁ, କାମ ହୋଇଯିବ" ବୋଲି କହି ସରକାରୀ କାର୍ଯ୍ୟ ଶୀଘ୍ର କରାଇଦେବାର ଆଶ୍ୱାସନା ଦେଉଥିବା ଅଭିଯୋଗ ହେଉଛି । ଏପରି ସ୍ଥିତି ଯଦି ସତ୍ୟ ହୁଏ, ତେବେ ସରକାରୀ ବ୍ୟବସ୍ଥା ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସ ଉପରେ ଏହାର ପ୍ରଭାବ ପଡ଼ିପାରେ ବୋଲି ସଚେତନ ମହଲ ମତ ପ୍ରକାଶ କରୁଛନ୍ତି ।

ଏହି ଅଭିଯୋଗକୁ ନେଇ ଅନେକ ପ୍ରଶ୍ନ ଉଠୁଛି । ଯଦି କାର୍ଯ୍ୟାଳୟ ପରିସରରେ ଦଲାଲମାନେ ସକ୍ରିୟ ଅଛନ୍ତି, ତେବେ ସେମାନଙ୍କୁ ଏପରି କାର୍ଯ୍ୟ କରିବାକୁ କିଏ ସୁଯୋଗ ଦେଉଛି? ସେମାନେ ସରକାରୀ ଫାଇଲର ଅଗ୍ରଗତି ସମ୍ପର୍କରେ କିପରି ଅବଗତ ହେଉଛନ୍ତି? କାର୍ଯ୍ୟାଳୟ ଭିତରୁ କୌଣସି ସହଯୋଗ ମିଳୁଛି କି? ଯଦି ଟଙ୍କା ଆଦାୟ ହେଉଛି, ତାହା କାହା ପାଖକୁ ଯାଉଛି? ଏଭଳି ଅନେକ ପ୍ରଶ୍ନର ଉତ୍ତର ସାଧାରଣ ଲୋକ ଜାଣିବାକୁ ଚାହୁଁଛନ୍ତି।

ରାଜ୍ୟ ସରକାର ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ପ୍ରଶାସନର କଥା ବାରମ୍ବାର କହୁଥିବା ବେଳେ, ଏପରି ଅଭିଯୋଗ ସାମ୍ନାକୁ ଆସିବା ପ୍ରଶାସନିକ ବ୍ୟବସ୍ଥା ପ୍ରତି ପ୍ରଶ୍ନ ସୃଷ୍ଟି କରୁଛି । ଯଦି ଏହି ଅଭିଯୋଗରେ ସତ୍ୟତା ଥାଏ, ତେବେ ଏହାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବା ଉଚିତ୍ ବୋଲି ସ୍ଥାନୀୟ ଲୋକ ଦାବି କରୁଛନ୍ତି ।

## ବିଶ୍ୱ ଜନସଂଖ୍ୟା ଦିବସରେ ରାଜ୍ୟରୁ କେନ୍ଦ୍ରାପଡ଼ା ଜିଲ୍ଲା ସମ୍ବର୍ଦ୍ଧିତ




କେନ୍ଦ୍ରାପଡା,୧୧।୭(ସଂଚାର ବ୍ୟୁରୋ): ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ଦ୍ୱାରା ଆୟୋଜିତ " ବିଶ୍ୱ ଜନ ସଂଖ୍ୟା ଦିବସ- ୨୦୨୬" ଭୁବନେଶ୍ୱର ସ୍ଥିତ କୃଷି ଭବନ ଠାରେ ଆୟୋଜିତ ହୋଇଥିଲା । ଏହି ଦିବସରେ ରାଜ୍ୟ ସ୍ତରରେ କେନ୍ଦ୍ରାପଡା ଜିଲ୍ଲା ପରିବାର ନିୟୋଜନ କାର୍ଯକ୍ରମରେ ତୃତୀୟ ସ୍ଥାନରେ ଥିବାରୁ ଜିଲ୍ଲା କୁ ସମ୍ବର୍ଦ୍ଧିତ କରାଯାଇଛି ।

ଏହି ସମ୍ବର୍ଦ୍ଧନା ରାଜ୍ୟ ସରକାରଙ୍କ ସଚିବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗଙ୍କ ତତ୍ତ୍ୱାବଧାନରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଡ଼. ବୃନ୍ଦା ଡି ଏବଂ ନିର୍ଦ୍ଦେଶକ ପରିବାର କଲ୍ୟାଣ ବିଭାଗ ଡ଼ ସନ୍ତୋଷ କୁମାର ପାଢ଼ୀଙ୍କ ଠାରୁ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ନୋଡାଲ ଅଫିସର ପରିବାର କଲ୍ୟାଣ ଡ଼.ସଚ୍ଚିଦାନନ୍ଦ ମିଶ୍ର, ଡେପୁଟୀ ମ୍ୟାନେଜର, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଡ଼.ସୁକାନ୍ତ କୁମାର ପ୍ରଧାନ ଓ ଜିଲ୍ଲା ଭେକ୍ସିନ୍ ଲଜିଷ୍ଟିକ ମ୍ୟାନେଜର ଅବିନାଶ ଦାସ ଗ୍ରହଣ କରିଛନ୍ତି ।

ଗତ ବର୍ଷ ୨୦୨୫-୨୬ ପାଇଁ ପୁରୁଷ ବନ୍ଧ୍ୟାକରଣ ସର୍ଜନ ଭାବେ ପାଇଁ ଡ଼ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ମଧ୍ୟ ରାଜ୍ୟ ସ୍ତରରେ ମାନପତ୍ର ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏଥିପାଇଁ ଜିଲ୍ଲାପାଳ ରଘୁରାମ ଆର୍ ଆୟର ଡ. ମିଶ୍ରଙ୍କ ସମେତ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଓ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଶୁଭେଚ୍ଛା ପ୍ରଦାନ କରିଛନ୍ତି ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ମିଶନ ନିର୍ଦ୍ଦେଶିକ ଡ.ନମିତା ପଟ୍ଟନାୟକ ମଧ୍ୟ ସମସ୍ତଙ୍କୁ ଶୁଭେଚ୍ଛା ପ୍ରଦାନ କରିବା ସହିତ ସେ ଆଶା କରିଛନ୍ତି ଆହୁରି ଅଧିକରୁ ଅଧିକ ଭଲ କାମ କରି ଜିଲ୍ଲାର ସମ୍ମାନ ରଖିବା ।

ଏହି ଅବସରରେ ଉପ ଜିଲ୍ଲାପାଳ ମଧ୍ୟ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ବିଦ୍ୟୁତ ଖୁଣ୍ଟକୁ ବାଉଁଶ ଭରସା



ମହାକାଳପଡ଼ା, ୧୧।୭ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଚଣ୍ଡିଆପଲ୍ଲି ଗ୍ରାମର ରାମଚଣ୍ଡୀ ଗଳିରେ ଏକ ବିଦ୍ୟୁତ ଖୁଣ୍ଟି ବିପଦଶଙ୍କୁଳ ଅବସ୍ଥାରେ ରହିଛି। ବିଦ୍ୟୁତ ଖୁଣ୍ଟି ଢଳି ପଡିଥିବା ବେଳେ ଉପରେ ବଡ଼ ବଡ଼ ବାଉଁଶ ଗଛ ମାଡ଼ି ରହିଛି। ଏହାକୁ ହଟାଇବା ପାଇଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ବାଉଁଶ ଗଛ ବିଦ୍ୟୁତ ତାର ଉପରେ ଚାପ ସୃଷ୍ଟି କରୁଥିବାରୁ ବାରମ୍ବାର ବିଦ୍ୟୁତ ଯୋଗାଣ ବ୍ୟାହତ ହେଉଛି। ବିଶେଷକରି ବର୍ଷା ଦିନରେ ସାମାନ୍ୟ ପବନରେ ମଧ୍ୟ ଲାଇନ୍ ବନ୍ଦ ହୋଇଯାଉଛି। ଏହି ସମସ୍ୟାକୁ ବିଦ୍ୟୁତ ବିଭାଗ ଗୁରୁତ୍ୱର ସହ ନେଇ ତୁରନ୍ତ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ଉପଭୋକ୍ତା ଦାବି କରିଛନ୍ତି।

## ବ୍ରାହ୍ମଣୀରେ ପୁଣି କୁମ୍ଭୀର ଆତଙ୍କ

**ଶୌଚ ହେବାକୁ ଯାଇଥିବା ମହିଳାଙ୍କୁ ଆକ୍ରମଣ**

ପଟ୍ଟାମୁଣ୍ଡାଇ,୧୧।୭ (ସଂଚାର ବ୍ୟୁରୋ): ବ୍ରାହ୍ମଣୀ ନଦୀରେ ପୁଣି କୁମ୍ଭୀର ଆତଙ୍କ ଦେଖା ଦେଇଛି । ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅମୃତମଣୋହି ପଂଚାୟତ ଆଜି କୁମ୍ଭୀର ଆକ୍ରମଣ ଘଟଣା ଦେଖିବାକୁ ମିଳିଛି । ଫଳରେ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି ।

ଆଜି ଅପରାହ୍ନରେ ଅମୃତମଣୋହି ଗ୍ରାମ ସେଠୀ ସାହିର ବେଙ୍ଗୁଲି ସେଠୀ (୫୮) ନାମକ ଜନୈକା ମହିଳା ଶୌଚ ହେବା ପାଇଁ ବ୍ରାହ୍ମଣୀ ନଦୀ ମଧ୍ୟକୁ ଯାଇଥିବାବେଳେ ନଦୀ ମଧ୍ୟରେ ଲୁଚି ରହିଥିବା ଏକ କୁମ୍ଭୀର ତାର ଲୁଗା ସହିତ ଗୋଡ଼କୁ ଟାଣି ଧରି ନଦୀ ମଧ୍ୟକୁ ନେବାକୁ ଚେଷ୍ଟା କରିଥିଲା । ମହିଳା ଜଣକ ତାଙ୍କ ଗୋଡ଼କୁ କିଏ ଟାଣୁଛି ବୋଲି ଦେଖିବା ବେଳକୁ ଏକ କୁମ୍ଭୀର ଟାଣୁ ଥିବା ଦେଖିବାକୁ ପାଇ ଭୟ ପାଇ ଯାଇଥିଲେ । ମାତ୍ର ଅତ୍ୟନ୍ତ ସାହାସିକତାର ସହିତ ନିଜର ପିନ୍ଧା ଲୁଗା ନଦୀ ମଧ୍ୟରେ ଫୋପାଡ଼ି ଦେଇ ଜୀବନ ବିକଳରେ କୂଳକୁ ପଳାଇ ଆସିଥିଲେ ।

ଏହି ଖବର ପ୍ରଚାରିତ ହେବା ପରେ ନଦୀ କୂଳକୁ ଲୋକଙ୍କ ସୁଅ ଛୁଟି ଥିଲା । ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ବ୍ରାହ୍ମଣୀ ନଦୀରେ ବାରମ୍ବାର କୁମ୍ଭୀର ଆକ୍ରମଣ ଘଟଣା ଘଟୁ ଥିବାରୁ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି । ରାଜ୍ୟ ସରକାର ଜିଲ୍ଲା ପ୍ରଶାସନ ତଥା ଜଙ୍ଗଲ ବିଭାଗ କର୍ତ୍ତୃପକ୍ଷ ତୁରନ୍ତ ଅମୃତମଣୋହି ସମେତ ବ୍ରାହ୍ମଣୀ ନଦୀର ବିଭିନ୍ନ ଘାଟରେ ସୁରକ୍ଷା ବାଡ଼ ନିର୍ମାଣ କରିବା ପାଇଁ ଅମୃତମଣୋହି ସରପଞ୍ଚ ନିରୁପମା ଦାସ, ଯୁବନେତା ସିଦ୍ଧାର୍ଥ ଦାସ, ଜ୍ୟୋତି ପ୍ରକାଶ ଦାସ ବାଣୀ ପ୍ରସାଦ ସେଠୀ ସୁରେନ୍ଦ୍ର ସେଠୀ, ଅଭିରାମ ସେଠୀ ଅଶୋକ ମଲ୍ଲିକ ପ୍ରମୁଖ ଦାବୀ କରିଛନ୍ତି ।

## ପୌର ପରିଷଦ ବୈଠକ: ରଥଯାତ୍ରା ଉପରେ ଗୁରୁତ୍ୱ



କେନ୍ଦ୍ରାପଡା,୧୧।୭ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ପୌର ପରିଷଦ ବୈଠକ କେନ୍ଦ୍ରାପଡା ପୌର ଅଧ୍ୟକ୍ଷା ସରୀତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ପୌର ଉପାଧ୍ୟକ୍ଷା ଆକବରୀ ଖାତୁନ୍ ସାଂସଦଙ୍କର ପ୍ରତିନିଧି, ବରିଷ୍ଠ ବିଜେପି ନେତା ମହମ୍ମଦ ସଲ୍ଲିମ୍ ଖାଁ, ପୌର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା ପ୍ରମୁଖ ଉପସ୍ଥିତ ରହି ପୌର ପରିଷଦ ବୈଠକରେ ମୁଖ୍ୟ ସମସ୍ୟା ବିଷୟରେ ଆଲୋଚନା କରିଥିଲେ ।

ଏହି ଆଲୋଚନାରେ ମୁଖ୍ୟତଃ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରାସ୍ତା ମରାମତି, ରଥଦାଣ୍ଡ ସହିତ ଆଖ ପାଖରେ ଥିବା ୱାର୍ଡ ମାନଙ୍କର ସମ୍ପୂର୍ଣ୍ଣ ଆଲୋକୀକରଣ, ରଥ ଦାଣ୍ଡର ସମ୍ପୂର୍ଣ୍ଣ ସଫେଇ, ରଥ ଦାଣ୍ଡରେ ଥିବା ଇଲେକ୍ଟ୍ରି ଖୁଣ୍ଟ ସୌନ୍ଦର୍ଯ୍ୟକରଣ କରିବା ଏବଂ ପାନୀୟ ଜଳ ଯୋଗାଣ ସୁବନ୍ଦୋବସ୍ତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ପୌର ପରିଷଦର ୨୧ଟି ୱାର୍ଡରେ ବହୁ ସ୍ଥାନରେ ରାସ୍ତାରେ ଥିବା ବିଦ୍ୟୁତ ଖୁଣ୍ଟ ଓ ତାର ଅଚଳ ହୋଇଥିବାରୁ ଆଲୁଅ ଜଳୁନାହିଁ ସେଗୁଡିକୁ ଖୁବ୍‌ଶୀଘ୍ର ମରାମତି କରାଯାଇ ଆଲୋକୀକରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ପୌରାଂଚଳର ସମସ୍ତ ୱାର୍ଡରେ ଏଚପିସିଏଲ୍ ଦ୍ୱାରା ଗ୍ୟାସ୍ ପାଇପ୍‌ଲାଇନ୍ ନାମରେ ସମ୍ପୂର୍ଣ୍ଣ ରାସ୍ତାକୁ ଖୋଳି ନଷ୍ଟ କରିଦେଇଥିବାରୁ ଯାତାୟତରେ ୱାର୍ଡବାସୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେଥିପାଇଁ ଉପସ୍ଥିତ ଥିବା କାଉନ୍‌ସିଲର ମାନେ ଉଦବେଗ ପ୍ରକାଶ କରିବା ସହିତ ତୁରନ୍ତ ଏହାକୁ ରଥଯାତ୍ରା ପୂର୍ବରୁ ମରାମତି କରିବା ପାଇଁ ଦାବି କରିଛନ୍ତି।

ବର୍ଷା ଦିନରେ ପୌରାଂଚଳ ଭିତରେ ଥିବା ସମସ୍ତ ଡ୍ରେନ୍ ଗୁଡିକ ଜାମ୍ ହୋଇଥିବାରୁ ଅଳିଆ ଆବର୍ଜନା ପାଣି ଗୁଡିକ ରାସ୍ତା ଉପରେ ଚାଲୁଥିବାରୁ ଏହି ଡ୍ରେନ୍ ଗୁଡିକୁ ଖୁବ୍ ଶୀଘ୍ର ସଫେଇ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିସହିତ ୨୧ଟି ୱାର୍ଡ ମଧ୍ୟରୁ ଖାଲଖମା ଥିବା ରାସ୍ତା ଓ ଫ୍ଲେବର ବ୍ଲକ କାମ ହୋଇଥିବା ରାସ୍ତାଗୁଡିକ ଚପିଯାଇଥିବା ଏହି ଫ୍ଲେବର ବ୍ଲକ କାମ ପୁନର୍ବାର ଠିକ୍ କରିବା ପାଇଁ ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା ପୌର ପରିଷଦ ବୈଠକରେ ବିଧାୟକଙ୍କ ଉପସ୍ଥିତିରେ ପ୍ରତିଶ୍ରୁତି ଦେଇଛନ୍ତି । ଗୋପରେ ଥିବା ପୌର ପରିଷଦର ୫ ନମ୍ବର ୱାର୍ଡ ଗୋପରେ ନୂତନ ଭାବେ ନିର୍ମାଣ ହୋଇଥିବା ପୌରସଂସ୍ଥାର ମଣ୍ଡପର ଚତୁଃପାଶ୍ୱର୍ରେ ସୁରକ୍ଷା ପାଚେରୀ ଏବଂ ସମ୍ମୁଖ ଭାଗର ଗେଟ୍ ଓ ରାସ୍ତାକୁ ସମ୍ପୂର୍ଣ୍ଣ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି ।

## କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି କନଭେନସନ୍




କେନ୍ଦ୍ରାପଡା,୧୧।୭(ସଂଚାର ବ୍ୟୁରୋ): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନରେ କେନ୍ଦ୍ରାପଡା ଜିଲ୍ଲା ଶାଖା କନଭେନସନ୍ ଦୁହୁରିଆ ସ୍ଥିତ ଶିକ୍ଷକ ଭବନ ସମ୍ମିଳନୀ କକ୍ଷରେ ଓସ୍ଥାର ଜିଲ୍ଲା ସଭାପତି ଅଶୋକ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଅଛି ।

ସମନ୍ୱୟ ସମିତିର ଆବାହକ ତଥା ଜିଲ୍ଲା ଓସ୍ଥାର ସଂପାଦକ ଭଗବାନ ସାହୁ କନ୍ଭେନସନ୍ର ଉଦେ୍ଦଶ୍ୟ ଜ୍ଞାପନ କରିବା ସହ ଉପସ୍ଥିତ ଶିକ୍ଷକ ନେତୃତ୍ୱ ମାନଙ୍କୁ ସ୍ୱାଗତ କରିଥିଲେ। ସମନ୍ୱୟ ସମିତିର ରାଜ୍ୟ ଆବାହକ ତଥା ରାଜ୍ୟ ଓସ୍ଥାର ସାଧାରଣ ସଂପାଦକ ରଂଜନ କୁମାର ଦାଶ ସରକାରଙ୍କର ଆଭିମୁଖ୍ୟ ପ୍ରକାଶ କରିବା ସହ ଶିକ୍ଷକ କର୍ମଚାରୀ ମାନଙ୍କର ବିବିଧ ସମସ୍ୟା ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଓସ୍ଥା ଆନେ୍ଦାଳନ ସଂପାଦକ ରମାକାନ୍ତ ମହାପାତ୍ର, ରାଜ୍ୟ ଓସ୍ଥା ସଂପାଦକଙ୍କ ପ୍ରଣବ କୁମାର ଜେନା, ମାଣିକେଶ୍ୱର ସ୍ୱାଇଁ, କାର୍ଯ୍ୟକାରିଣୀ ସଦସ୍ୟ ମଧୁସୂଦନ ଦେ, ଅଲୋଷ୍ଟା ରାଜ୍ୟ କାର୍ଯ୍ୟକାରୀ ସଭାପତି ଧନେଶ୍ୱର ପାତ୍ର, ଉପସଭାପତି ସୁଶାନ୍ତ କୁମାର ପ୍ରଧାନ, ପ୍ରାକ୍ତନ ଜିଲ୍ଲା ସଂପାଦକ ତପନ କୁମାର ସିଂହ, ହେମନ୍ତ କୁମାର ନାୟକ, ପ୍ରାକ୍ତନ ଜିଲ୍ଲା ସଭାପତି ପ୍ରମୋଦ କୁମାର ବେହେରା, ନିର୍ମଳ କୁମାର ନାୟକ, ଜିଲ୍ଲା ଓସ୍ଥା ଯୁଗ୍ମ ସଂପାଦକ ଅଲେଖ ଚନ୍ଦ୍ର ମହାନ୍ତି ପ୍ରମୁଖ ଆଗାମୀ ଆନେ୍ଦାଳନକୁ ତୀବ୍ରତର କରିବା ପାଇଁ ରଣ କୌଶଳ ପ୍ରସ୍ତୁତି କରିଥିଲେ ।

## ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ



କେନ୍ଦ୍ରାପଡା,୧୧।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍. ଆର୍. ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସମ୍ମିଳନୀ କକ୍ଷରେ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ (ରାଜସ୍ୱ) ଙ୍କ ସଂଯୋଜନାରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ରାଜସ୍ୱ ଅଧିକାରୀଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଜିଲ୍ଲା ଖଣି ଅଧିକାରୀ, ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରମୁଖ ଉପସ୍ଥିତ ରହି ସମୀକ୍ଷାରେ ଅଂଶ ଗ୍ରହଣ କରିଥିଲେ ।

ଏହି ସମୀକ୍ଷା ବୈଠକରେ ଜିଲ୍ଲାକୁ ଦିଆଯାଇଥିବା ଏହି ବୈଠକରେ ଖଣିଚୋରୀକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାଲି ମାଟି ଇତ୍ୟାଦି ଚୋରା ଉଠାଇ ନେଉଥିବା ଗାଡି ଓ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଚୋରା ମଦ, ଗଞ୍ଜେଇ ଓ ବ୍ରାଉନ୍ସୁଗାର ବିକ୍ରି ବଢୁଥିବାରୁ ଅବକାରୀ ଅଧିକ୍ଷକଙ୍କୁ ଚୋରା ବ୍ୟବସାୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଏମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆଲୋଚନା କରାଯାଇଛି । ଏଥିସହିତ ବେଆଇନ୍ ଭାବେ ବାଲି ନେଇ ଯାଉଥିବା (ଟିପି ନଥିବା) ଗାଡି ଗୁଡିକୁ ଜବତ କରି ଜୋରିମାନା ଆଦାୟ କରିବା, ଦିନବେଳା ବାଲି, ଗୋଡି ଆଦି ବଡ ଗାଡି ଗୁଡିକୁ ସହର ଭିତରେ ପ୍ରବେଶ କରୁଥିବା ଦେଖିବାକୁ ପାଇଲେ ସେମାନଙ୍କଠାରୁ ଜୋରିମାନା ଆଦାୟ କରିବା ସହିତ ଗାଡିକୁ ଜବତ କରିବା ପାଇଁ ତହସିଲଦାର ଓ ପୋଲିସ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ସମସ୍ତ ତହସିଲ୍ ଗୁଡିକରେ ପଡି ରହିଥିବା ରାଜସ୍ୱ କାର୍ଯ୍ୟଗୁଡିକୁ ତୁରନ୍ତ ସମାଧାନ କରି ଜନସାଧାରଣଙ୍କ କାମରେ ଲଗାଇବା ପାଇଁ ଜିଲ୍ଲାପାଳ ତହସିଲଦାର ମାନଙ୍କୁ ଉପଦେଶ ଦେଇଛନ୍ତି। ତହସିଲ୍ ମାନଙ୍କରେ ବେ ବନ୍ଦୋବସ୍ତ, ବସୁନ୍ଧରା ଯୋଜନାରେ ପଟ୍ଟା ପ୍ରଦାନ ଆଦି ଉପରେ ଗୁରୁତ୍ୱ ଦେଇ ଜିଲ୍ଲାପାଳ ଶ୍ରୀ ଆଇ.ଆର୍ ତହସିଲଦାରମାନଙ୍କୁ ସମୟସୀମା ମଧ୍ୟରେ ସବୁ କାର୍ଯ୍ୟ ଗୁଡିକୁ ସମାପ୍ତ କରିବା ପାଇଁ କହିଛନ୍ତି ।

## ବିଜ୍ଞାନ ପ୍ରଦର୍ଶନୀରେ ଆକର୍ଷଣୀୟ ପ୍ରକଳ୍ପ ପ୍ରଦର୍ଶିତ



ବେତନଟୀ,୧୧।୭(ସଂଚାର ବ୍ୟୁରୋ): ଶନିବାର ବେତନଟୀ ବ୍ଲକ ଅନ୍ତର୍ଗତ ସ୍ଥାନୀୟ ସର୍ବଣା ଠାରେ ସିବିଏସଇ ଦିବ୍ୟଜ୍ୟୋତି କନଭେଣ୍ଟ ହାୟାର ସେକେଣ୍ଡରୀ ବିଦ୍ୟାଳୟରେ ଆଜି ଏକ ଆକର୍ଷଣୀୟ ବିଜ୍ଞାନ ମେଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପ୍ରଦର୍ଶନୀର ଉଦ୍ଘାଟନ ଉତ୍ସବରେ ମୁଖ୍ୟଅତିଥି ରୂପେ କୃଷି ବିଜ୍ଞାନ କେନ୍ଦ୍ର ମୟୁରଭଞ୍ଜର ବରିଷ୍ଠ ବୈଜ୍ଞାନିକ ଡ଼ଃ ସଂଘମିତ୍ରା ପଟ୍ଟନାୟକ କରକମଳରେ ଉଦଘାଟିତ ହୋଇଥିଲା। ସେ ତାଙ୍କ ଅଭିଭାଷଣରେ ବିଜ୍ଞାନ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ପ୍ରଦର୍ଶନୀରେ ଛାତ୍ରଛାତ୍ରୀମାନେ ପରିବେଶ ସୁରକ୍ଷା, ନବୀକରଣଯୋଗ୍ୟ ଶକ୍ତି, ଜଳ ସଂରକ୍ଷଣ, ସ୍ମାର୍ଟ କୃଷି, ରୋବୋଟିକ୍ସ ଓ ବିଭିନ୍ନ ବୈଜ୍ଞାନିକ ମଡେଲ ପ୍ରଦର୍ଶନ କରିଥିଲେ। ସେମାନଙ୍କର ସୃଜନଶୀଳତା, ବୈଜ୍ଞାନିକ ଚିନ୍ତାଧାରା ଓ ଉପସ୍ଥାପନା ଦର୍ଶକମାନଙ୍କୁ ବେଶ୍ ଆକର୍ଷିତ କରିଥିଲା। ବିଚାରକମଣ୍ଡଳୀ ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଏହି ଅବସରରେ ଶିକ୍ଷକ, ଅଭିଭାବକ ଓ ବହୁ ସଂଖ୍ୟକ ଦର୍ଶକ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ସମସ୍ୟା ଘେରରେ ପଛିକୋଟ ହାଇସ୍କୁଲ

**ଭଙ୍ଗା ଆଜବେଷ୍ଟସ ଘରେ ପିଲାଙ୍କ ଭବିଷ୍ୟତ**



କୋରେଇ,୧୧।୭ (ସଂଚାର ବ୍ୟୁରୋ): ପିଲାମାନେ ହେଉଛନ୍ତି ଆଗାମୀ କାଲିର ଭବିଷ୍ୟତ। ଭଲ ପରିବେଶ ଓ ସୁରକ୍ଷିତ ଭାବେ ସେମାନେ ଯେଭଳି ପାଠ ପଢ଼ିବେ ସରକାର ସ୍କୁଲ ଭିତିଭୂମିର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି । ସେଥିପାଇଁ କୋଟି କୋଟି ଟଙ୍କା ବ୍ୟୟ ମଧ୍ୟ ହେଉଛି । ବିନା ଆଶଙ୍କା ଓ ବିନା ଭୟରେ କୋଠାଘର ଛାତ ତଳେ ବସି ଯେଭଳି ପାଠ ପଢ଼ିବେ ଏ ହେଉଛି ଲକ୍ଷ୍ୟ । ହେଲେ ଏହା ଛାତ୍ରଛାତ୍ରୀ ଙ୍କ ପାଇଁ ସ୍ୱପ୍ନ ପାଲଟିଛି । ଏକ ଭଙ୍ଗା ଦଦରା ବିପଦ ସଂକୁଳ ଆଜବେଷ୍ଟସ ତଳେ ଛାତ୍ରଛାତ୍ରୀ ମାନେ ନିଜର ଭବିଷ୍ୟତ ଗଢୁଛନ୍ତି । ଯାଜପୁର ଜିଲ୍ଲା କୋରେଇ ବ୍ଲକର ପୁରାତନ ପଛିକୋଟ ସରକାରୀ ଉଚ୍ଚ ବିଦ୍ୟାଳୟର ଏ ଅବସ୍ଥା।

୧୯୫୮ ମସିହାରେ ସ୍ଥାପିତ ଏହି ପୁରାତନ ସ୍କୁଲଟି ବର୍ତ୍ତମାନ ନାନାଦି ସମସ୍ୟା ଦେଇ ଗତି କରୁଛି । ଏଠାରେ ନବମ ଓ ଦଶମ ଶ୍ରେଣୀ ରହିଥିବା ବେଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୩୧୩ ରହିଥିବା ବେଳେ ୧୦ମ ଶ୍ରେଣୀରେ ଏବିସି ସେକ୍ସନ ଅନୁଯାୟୀ ୧୬୫ ଓ ନବମ ଶ୍ରେଣୀ ରେ ମଧ୍ୟ ଏ.ବି .ସି ସେକ୍ସନରେ ୧୪୮ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ୧୦ମ ଶ୍ରେଣୀର ଛାତ୍ରଛାତ୍ରୀ ଭଙ୍ଗା ଆଜବେଷ୍ଟସ ଘରର ତିନୋଟି ହଲରେ ବସୁଥିବା ବେଳେ ପାଖକୁ ଲାଗିଥିବା ଅନ୍ୟ ଏକ ହଲକୁ ଅସୁରକ୍ଷିତ ଘୋଷଣା କରାଯାଇଛି । ବିଭିନ୍ନ ସ୍ଥାନରେ ଆଜବେଷ୍ଟସ ଭାଙ୍ଗି ଗଳି ପଡିବା ଯୋଗୁ ସେଠାରେ ବର୍ଷା ପାଣି ହଲ ଭିତରକୁ ଗଳୁଛି। ଘରର ସୁରକ୍ଷା ପାଇଁ ଦିଆଯାଇଥିବା କାଠ ବଲା ମଧ୍ୟ ଭାଙ୍ଗି ତଳକୁ ଝୁଲିଛି । ଆଜବେଷ୍ଟ ଅତି ପୁରୁଣା ହୋଇଥିବାରୁ ଏହା ଦୁର୍ବଳ ହୋଇ ପିଲାମାନଙ୍କ ପାଇଁ ଅଜଣା ବିପଦ ସୃଷ୍ଟି କରିଛି । ଏହି ସବୁ କାରଣରୁ ଶ୍ରେଣୀ ଗୃହ ବିପଦ ସଂକୁଳ ସହିତ ଏକ ଅପରିଚ୍ଛନ୍ନ ପରିବେଶ ରେ ରହିଛି। ରୋଷେଇ ଘର ନଥିବାରୁ ଏକ ଗଛ ତଳେ ଖୋଲା ଆକାଶ ତଳେ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳିଛି । ଯାହା ବିଦ୍ୟାଳୟ ପାଇଁ ଏକ ବଡ଼ ସମସ୍ୟା ହୋଇଛି ।

ପାଣି ନିଷ୍କାସନର ବ୍ୟବସ୍ଥା ନଥିବା ଓ ଖାଲୁଆ ଥିବାରୁ ସାମାନ୍ୟ ବର୍ଷା ହେଲେ ସ୍କୁଲ ପରିସରରେ ଆଣ୍ଠୁଏ ପାଣି ଜମି ଯାତାୟାତ ରେ ସମସ୍ୟା ସୃଷ୍ଟି କରିବା ସହ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ପିଲାଙ୍କ ସାଇକେଲ ଷ୍ଟାଣ୍ଡଟି ଭାଙ୍ଗି ରୁଜି ଅସୁରକ୍ଷିତ ହୋଇ ପଡିଛି। ବିଦ୍ୟାଳୟର ପାଚେରୀ ସମ୍ପୂର୍ଣ୍ଣ ହୋଇ ନଥିବାରୁ ବୁଲା ଗାଈ ଗୋରୁ ଅବାଧରେ ପ୍ରବେଶ କରି ମଳ ତ୍ୟାଗ କରୁଛନ୍ତି। ବିଦ୍ୟାଳୟ ଓ ପିଲାଙ୍କ ସୁରକ୍ଷା ପ୍ରତି ଏହା ବିପଦ ସୃଷ୍ଟି କରିଛି ।

କିଛି ଦିନ ତଳେ ଜଣେ ଶିକ୍ଷୟିତ୍ରୀ ପଦୋନ୍ନତି ପାଇ ଅନ୍ୟତ୍ର ଚାଲି ଯାଇଥିଲେ ହେଁ ତାଙ୍କ ସ୍ଥାନରେ ଆଉ କାହାକୁ ନିଯୁକ୍ତି ଦିଆଯାଇନାହିଁ ।ଛାତ୍ରଛାତ୍ରୀଙ୍କ ସଂଖ୍ୟା ଦୃଷ୍ଟିରୁ ଆଉ ଦୁଇଟି ଶୌଚାଳୟର ଆବଶ୍ୟକତା ରହିଛି । ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ରହିଥିବା ସମସ୍ୟାର ସମାଧାନ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସୁଦର୍ଶନ ଦାରୁପୀଠ ଘୋଷଯାତ୍ରା ଚୂଡ଼ାନ୍ତ ବୈଠକ



ବାଲିଅନ୍ତା,୧୧।୭(ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଗଡ଼ କଣ୍ଟୁଣିଆ ସ୍ଥିତ ସୁଦର୍ଶନ ଦାରୁପୀଠ ରଥଯାତ୍ରା ନେଇ ମନ୍ଦିର ସମ୍ମିଳନୀ କକ୍ଷରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟସୂଚୀ ସମ୍ପର୍କରେ ।ସାମ୍ବାଦିକ ସମ୍ମିଳନୀରେ ରଥଯାତ୍ରା କାର୍ଯ୍ୟସୂଚୀ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି। ଏବର୍ଷ ରଥର ଉଚ୍ଚତା ଓ ଚଡ଼ଡ଼ା ଅଧିକ ହୋଇଥିବପାରୁ ରଥଟଣା ପୂର୍ବରୁ ପ୍ରଥମେ ରାସ୍ତା ସଫେଇ ଠାରୁ ଆରମ୍ଭ କରି ଗଛଡାଳ ସଫା କରାଯିବ। ୧୬ ତାରିଖ ରଥଯାତ୍ରା କାର୍ଯ୍ୟ ସୂଚୀ ଅନୁସାରେ ଦିନ ସକାଳ ୮ ଘଟିକା ସମୟରେ ରଥପ୍ରତିଷ୍ଠା,୧୧ ଘଟିକା ସମୟରେ ଖେଚୁଡ଼ି ଭୋଗ, ଠିକ ୧୨ଟାରେ ଧାଡ଼ି ପହଣ୍ଡି, ଅପରାହ୍ନ ୨ ଘଟିକା ସମୟରେ ଛେରା ପହଂରା ଏବଂ ଅପରାହ୍ନ ୩ଟାରୁ ରଥିଜେମା ଭଗବତୀ ମନ୍ଦିର ପର୍ଯ୍ୟନ୍ତ ରଥଟଣା ଯିବ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭକ୍ତି ସଙ୍ଗୀତ , ଗୋଟିପୁଅ ଓ ଓଡ଼ିଶୀ, ଗୀତଗୋବିନ୍ଦ ପରିବେଷଣ କରାଯିବ। ୨୦ ତାରିଖ ହେରାପଞ୍ଚମୀ ନୀତିକାନ୍ତି ଅବସରରେ ସନ୍ଧ୍ୟା ୭ଟା ସମୟରେ ମା' ମହାଲକ୍ଷ୍ମୀ ଏକ ସୁସଜ୍ଜିତ ଶୋଭାଯାତ୍ରାରେ ଯାଇ ରଥିଜେମା ପୂଜାମଣ୍ଡପରେ ପହଞ୍ଚିବେ। ୨୪ ତାରିଖରେ ବାହୁଡ଼ା,୨୫ ତାରିଖ ଏକାଦଶୀ ସୁନାବେଶ,୨୬ ତାରିଖ ଅଧରପଣା ଓ ୨୭ ତାରିଖରେ ନିଳାଦ୍ରୀ ବିଜେ କରିବେ ଚତୁର୍ଦ୍ଧା ମୂର୍ତ୍ତି ବୋଲି ସୂଚନା ପ୍ରଦାନ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଆଜୀବନ ନ୍ୟାସୀ ଅଶୋକ କୁମାର ସାହୁ, କୋଷାଧ୍ୟକ୍ଷ ଚକ୍ରଧର ନାୟକ, ପ୍ରତିଷ୍ଠାତା ସଦସ୍ୟ ଶତୀଶ ମିଶ୍ର, ପ୍ରିୟବ୍ରତ ପାତ୍ର, ସହଦେବ ସ୍ୱାଇଁ ଙ୍କ ସମେତ ବହୁ ସ୍ଥାନୀୟ ମୁରବି ଉପସ୍ଥିତ ଥିଲେ।



ସ୍କିଲ ଅଥରିଟି ଅଫ ଇଣ୍ଡିଆର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ।

# ସେଣ୍ଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା ପାଇଁ ବୁଝାମଣା



ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ): ସ୍ଥାୟୀ ସହରୀକରଣ ଓ ଜଳବାୟୁ-ସହନଶୀଳ ଭିତ୍ତିଭୂମିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆଜି ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ 'ସେଣ୍ଟର ଅଫ୍ ଏକ୍ସଲେନ୍ସ ଅନ୍ ଲୋ କାର୍ବନ କନ୍‌ଷ୍ଟ୍ରକ୍ସନ ମ୍ୟାଟେରିଆଲ୍ସ ଆଣ୍ଡ ସଷ୍ଟେନେବଲ୍ ଡେଭେଲପମେଣ୍ଟ' (ସ୍ୱଳ୍ପ କାର୍ବନ ନିର୍ମାଣ ସାମଗ୍ରୀ ଓ ସ୍ଥାୟୀ ବିକାଶ କେନ୍ଦ୍ର) ପ୍ରତିଷ୍ଠା ପାଇଁ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ଅର୍ବାନ ଏକାଡେମୀର ନିର୍ଦ୍ଦେଶକ ଶୁଭେନ୍ଦୁ ସାହୁ, ଆଇଆଇଟି ଭୁବନେଶ୍ୱରର ସ୍କୁଲ୍ ଅଫ୍ ଇନଫ୍ରାଷ୍ଟ୍ରକ୍ଚରର ପ୍ରଫେସର ଦିନକର ପାସଲା ଓ ଡେଭଲପମେଣ୍ଟ ଅଲଟରନେଟିଭ୍ସର ସିଇଓ ଶାଶ୍ୱତ ପାଟରା ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଏସବିଏମ (ଅର୍ବାନ)ର ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶଙ୍କ ସ୍ୱାଗତ ଭାଷଣ ପ୍ରଦାନ କରି ଏହି ବୁଝାମଣାପତ୍ର ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି ଯେ ସହରୀ ବିକାଶ କେବଳ ଭୌତିକ ଭିତ୍ତିଭୂମି ନିର୍ମାଣ ମଧ୍ୟରେ ସୀମିତ ନରହି, ପରିବେଶ ଅନୁକୂଳ ଯୋଜନା, ଗୁଣାତ୍ମକ ଜନସାଧାରଣ ଭିତ୍ତିଭୂମି ଓ ଦକ୍ଷ ନାଗରିକ ସେବା ମାଧ୍ୟମରେ ଲୋକଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଉଚିତ। ଏହାର ପ୍ରଥମ ପ୍ରମୁଖ ପଦକ୍ଷେପ ସ୍ୱରୂପ ଏହି ସେଣ୍ଟର ଅଫ୍ ଏକ୍ସଲେନ୍ସ ଦ୍ରୁତ ଗତିରେ ସହରୀକରଣ ହେଉଥିବା ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ଜଟଣୀ ଓ ପିପିଲି କ୍ଲଷ୍ଟର ପାଇଁ 'ନିର୍ମାଣ ଓ ଭଙ୍ଗାଯାଇଥିବା ଆବର୍ଜନା' ପରିଚାଳନା ନିମନ୍ତେ ଏକ ବିସ୍ତୃତ ରୋଡମ୍ୟାପ୍ ପ୍ରସ୍ତୁତ କରିବ।

ଏହି ସହଭାଗିତା ତିନୋଟିଯାକ ସହଯୋଗୀ ଅନୁଷ୍ଠାନର ପରିପୂରକ ଦକ୍ଷତାକୁ ଏକାଠି କରିଛି। ଆଇଆଇଟି ଭୁବନେଶ୍ୱର ଗବେଷଣାତ୍ମକ ସହାୟତା, ବୈଷୟିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାଗତ ନବୋନ୍ମେଷ ପ୍ରଦାନ କରିବ, ଡେଭଲପମେଣ୍ଟ ଅଲଟରନେଟିଭ୍ସ ଏହାର କାର୍ଯ୍ୟାନ୍ୱୟନରେ ସହାୟତା କରିବା ସହ ସ୍ଥାୟୀ ନିର୍ମାଣ ପ୍ରଯୁକ୍ତିବିଦ୍ୟାର ବ୍ୟବହାରକୁ ପ୍ରୋତ୍ସାହିତ କରିବ ଓ ଓଡ଼ିଶା ଅର୍ବାନ ଏକାଡେମୀ ପୌରସଂସ୍ଥା ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ମଧ୍ୟରେ ଦକ୍ଷତା ବିକାଶ, ନୀତିଗତ ସହାୟତା ଓ ଜ୍ଞାନର ପ୍ରସାର ଦିଗରେ ନେତୃତ୍ୱ ନେବ।

## ଆଜି ବିଜେପିରେ ଯୋଗଦେବେ ପ୍ରଭାତ



କଟକ, ୧୧।୭ (ସଂଚାର ବ୍ୟୁରୋ): ପୂର୍ବତନ ବିଜେଡି ବିଧାୟକ ପ୍ରଭାତ ବିଶ୍ୱାଳ ରବିବାର ବିଜେପିରେ ଯୋଗ ଦେବା ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରଭାତ ବିଜେପିରେ ଯୋଗଦେଲେ ପ୍ରଭାତଙ୍କ ଶହ ଶହ ଅନୁଗାମୀବିଜେଡି ଛାଡ଼ିବାର ସମ୍ଭାବନା ରହିଛି। ଆସନ୍ତାକାଲି ଅପରାହ୍ଣ ଅଢ଼େଇଟାରେ ବିଧାୟକ ପ୍ରଭାତ ବିଶ୍ୱାଳ ମାଷ୍ଟରକ୍ୟାଣ୍ଟିନଠାରୁ ସମର୍ଥକମାନଙ୍କ ସହ ଏକ ବିରାଟ ଶୋଭାଯାତ୍ରାରେ ଯାଇ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚି ବିଜେପିରେ ସାମିଲ ହେବେ ବୋଲି ସୂଚନା ମିଳିଛି।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ଯୁବନେତା ଶୁଭ୍ରଜିତ ଦାଶ

ଭୁବନେଶ୍ୱର,୧୧।୭ (ସଂଚାର ବ୍ୟୁରୋ) : ନୂଆଦିଲ୍ଲୀ ଗସ୍ତ ଅବସରରେ ଯୁବନେତା ତଥା ଭାରତୀୟ ଜନତା ଯୁବମୋର୍ଚ୍ଚା (ବିଜେୱାଇଏମ୍) ଓଡ଼ିଶାର ସୋସିଆଲ୍ ମିଡିଆ କୋ-ଇନ୍‌ଚାର୍ଜ ଶୁଭ୍ରଜିତ ଦାଶ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର

**ଶିକ୍ଷା, ଯୁବଶକ୍ତି ଓ ଓଡ଼ିଶାର ବିକାଶ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା**

ପ୍ରଧାନଙ୍କୁ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାର ଏକ ଆତ୍ମୀୟ ଏବଂ ସକାରାତ୍ମକ ପରିବେଶରେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାର ସାମଗ୍ରିକ ବିକାଶ, ଜାତୀୟ ଶିକ୍ଷା ନୀତି (ଏନ୍‌ଇପି-୨୦୨୦)ର ପ୍ରଭାବଶାଳୀ କାର୍ଯ୍ୟକାରିତା, ଉଚ୍ଚଶିକ୍ଷାର ଗୁଣାତ୍ମକ ଉନ୍ନତି, ଗବେଷଣା କ୍ଷେତ୍ରରେ ଯୁବମାନଙ୍କ ସହଭାଗିତା, ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ, ରୋଜଗାରମୁଖୀ ଶିକ୍ଷା, ଷ୍ଟାର୍ଟଅପ୍ ଓ ଉଦ୍ୟମିତାକୁ ପ୍ରୋତ୍ସାହନ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।



ଶ୍ରୀ ଦାଶ ଛାତ୍ରଛାତ୍ରୀ ବର୍ତ୍ତମାନ ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ଉଚ୍ଚଶିକ୍ଷାର ସୁଯୋଗ, ଡିଜିଟାଲ୍ ଶିକ୍ଷାର ବିସ୍ତାର, ଗ୍ରାମାଞ୍ଚଳର ଶିକ୍ଷାର୍ଥୀଙ୍କ ପାଇଁ ସୁବିଧା ବୃଦ୍ଧି ଓ ଯୁବପିଢ଼ିଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମଧ୍ୟ ନିଜର ମତାମତ ଉପସ୍ଥାପନ କରିଥିଲେ। କେନ୍ଦ୍ର ମନ୍ତ୍ରୀ ମଧ୍ୟ ଏହି ସମସ୍ତ ପ୍ରସଙ୍ଗକୁ ଗୁରୁତ୍ୱର ସହ ଶୁଣି ଯୁବ ସମାଜର ସକ୍ରିୟ ଭୂମିକା ଉପରେ ନିଜର ମତ ରଖିଥିଲେ। ଆଲୋଚନା ସମୟରେ ଓଡ଼ିଶାର ସାମଗ୍ରିକ ବିକାଶ, ଶିକ୍ଷା ଭିତ୍ତିଭୂମିର ସୁଦୃଢ଼ୀକରଣ, ଦକ୍ଷତା ବିକାଶ କେନ୍ଦ୍ରର ବିସ୍ତାର, ଯୁବମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ଓ ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟନ ସମ୍ପର୍କରେ ମଧ୍ୟ ସକାରାତ୍ମକ ଆଲୋଚନା ହୋଇଥିଲା। ଯୁବଶକ୍ତି ହେଉଛି ରାଷ୍ଟ୍ର ଗଠନର ମୂଳ ଆଧାର ବୋଲି ଉଭୟ ମତ ପ୍ରକାଶ କରିଥିଲେ ଓ ସମାଜର ସର୍ବାଙ୍ଗୀଣ ବିକାଶରେ ଯୁବପିଢ଼ିର ଭୂମିକାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସାକ୍ଷାତ ପରେ ଶୁଭ୍ରଜିତ କହିଥିଲେ ଯେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଦୂରଦର୍ଶୀ ନେତୃତ୍ୱ, ସରଳତା, କର୍ମନିଷ୍ଠା ଓ ଯୁବସମାଜ ପ୍ରତି ତାଙ୍କର ସମର୍ପିତ ଭାବନା ସଦାସର୍ବଦା ପ୍ରେରଣାଦାୟକ। ତାଙ୍କ ମାର୍ଗଦର୍ଶନ ଓ ଆଶୀର୍ବାଦ ଓଡ଼ିଶାର ଯୁବପିଢ଼ିଙ୍କୁ ନୂତନ ଉତ୍ସାହ, ଆତ୍ମବିଶ୍ୱାସ ଓ ରାଷ୍ଟ୍ର ଗଠନରେ ସକ୍ରିୟ ଭାବେ ସାମିଲ ହେବା ପାଇଁ ଅନୁପ୍ରାଣିତ କରିବ।

## ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦର ଚାରା ରୋପଣ




ଦଶରଥପୁର,୧୧।୭(ସଂଚାର ବ୍ୟୁରୋ): ଦଶରଥପୁର ବ୍ଲକର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ ଆଜି ନୂଆଗାଁସ୍ଥିତ ଗାୟତ୍ରୀ ପୀଠଠାରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରଦୀପ କୁମାର ମଲ୍ଲିକ, ନିର୍ମଳ କୁମାର ମଲ୍ଲିକ, ଗୋପବନ୍ଧୁ କଳା ପରିଷଦର ସମ୍ପାଦକ ବିଶ୍ୱମ୍ଭର ନାୟକ, ଶିକ୍ଷାବିତ ବୀରେନ୍ଦ୍ର କୁମାର ଦାସ, ପ୍ରସନ୍ନ କୁମାର ଦାସ, ମମତା ସାହୁ, କଳାକାର ମାଧବାନନ୍ଦ ଆଚାର୍ଯ୍ୟ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ପରିବେଶବିତ ତଥା ଶିକ୍ଷାବିତ ଦୁର୍ଗାଶଙ୍କର ଶତପଥୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଡ. ଧୀରେନ୍ଦ୍ର କୁମାର ମଲ୍ଲିକ ଓ ସଭାପତି ଉମାକାନ୍ତ ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ 'ମା' ପାଇଁ ଗଛଟିଏ' ଅଭିଯାନ ଅନ୍ତର୍ଗତ ହୋଲି ଚାଇଲ୍ଡ ସ୍କୁଲ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଚାରା ରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଶ୍ରୀ ମହାପାତ୍ର କହିଛନ୍ତି ଯେ ଗୋଟିଏ ଗଛ କେବଳ ଗଛ ନୁହେଁ, ଏହା ଆଗାମୀ ପିଢ଼ି ପାଇଁ ଜୀବନ, ଶୁଦ୍ଧ ବାୟୁ ଓ ସୁରକ୍ଷିତ ପରିବେଶର ପ୍ରତିଶ୍ରୁତି। 'ମା' ପାଇଁ ଗଛଟିଏ' ଅଭିଯାନ ମା'ଙ୍କ ପ୍ରତି କୃତଜ୍ଞତା ପ୍ରକାଶ ସହ ପ୍ରକୃତି ପ୍ରତି ଆମର କର୍ତ୍ତବ୍ୟକୁ ସ୍ମରଣ କରାଏ।

## ମା' ଦୁଲ୍ଲାଦେବୀଙ୍କ ଦ୍ୱିତୀୟ ବାର୍ଷିକୋତ୍ସବ ଉଦ୍‌ଯାପିତ



କଟକ, ୧୧।୭ (ସଂଚାର ବ୍ୟୁରୋ): ସ୍ଥାନୀୟ ୫୩ ନମ୍ବର ୱାର୍ଡ ଅନ୍ତର୍ଗତ ଅନ୍ଦରପୁର ଗ୍ରାମର ଗ୍ରାମଦେବତୀ ମା' ଦୁଲ୍ଲାଦେବୀଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି। ସାହି ଅଧିକାରୀ ପ୍ରମୋଦ କୁମାର ଭୋଳଙ୍କ ତତ୍ତ୍ୱାବଧାନରେ ପ୍ରଥମେ ଶ୍ରୀଶ୍ରୀଚାଉଳିଆଗଞ୍ଜ କୁଞ୍ଜବିହାରୀ ଜୀଉଙ୍କ ଆଜ୍ଞାମାଳ ପହଞ୍ଚିବା ପରେ ଅଙ୍କୁରାରୋପଣ, ଅଧିବାସ ଓ ମହିଳାମାନଙ୍କ କଳସ ଶୋଭାଯାତ୍ରା ସହ ଶାସ୍ତ୍ରୋକ୍ତ ବିଧିରେ ଶାହି ସଂସ୍କାର ମଣ୍ଡଳ ପୂଜା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସୂର୍ଯ୍ୟଦେବ ପୂଜା, ମା'ଙ୍କ ମହାସ୍ନାନ, ଚଣ୍ଡୀପାଠ ଓ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। କୁଞ୍ଜବିହାରୀ ଟ୍ରଷ୍ଟ ପକ୍ଷରୁ ପ୍ରାୟ ଦୁଇ ହଜାର ଭକ୍ତଙ୍କ ପାଇଁ ପଣା ବଣ୍ଟନ କରାଯାଇଥିବା ବେଳେ ଦୁଲ୍ଲାଦେବୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ତିନି ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଯଜ୍ଞର କର୍ତ୍ତା-କର୍ତ୍ତୀ ଭାବେ ବିଶ୍ୱନାଥ ଦାସ ଓ ଗୋପୀ ଲକ୍ଷ୍ମୀ ଦାସ ପୂଜାରେ ଯୋଗ ଦେଇଥିଲେ।

## ବିଉଟି ମହାନ୍ତିଙ୍କ ଉଦ୍ଦେଶ୍ୟରେ ଶୋକସଭା



କଟକ, ୧୧।୭ (ସଂଚାର ବ୍ୟୁରୋ): ଚାଉଳିଆଗଞ୍ଜ ଥାନାର ପୂର୍ବତନ ଅଧିକାରୀ ବିୟୁଟି ମହାନ୍ତିଙ୍କ ଅକାଳ ବିୟୋଗରେ ଚାଉଳିଆଗଞ୍ଜ ପୂଜା କମିଟି ତଥା ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ମିଳିତ ଭାବେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଶୋକସଭାରେ ଶ୍ରମତୀ ମହାନ୍ତିଙ୍କ ସ୍ମୃତିଚାରଣ କରାଯିବା ସହ ତାଙ୍କର ଜନହିତକର କାର୍ଯ୍ୟ ଓ ପୁଲିସ ସେବାରେ ଥିବା ଅବଦାନକୁ ସ୍ମରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଏସିପିଙ୍କ ସମେତ କଟକର ପ୍ରାୟ ସମସ୍ତ ଥାନାର ଅଧିକାରୀ ଓ ବହୁ ସଂଖ୍ୟାରେ ପୁଲିସ କର୍ମଚାରୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ଥାନୀୟ ଜନସାଧାରଣ ଓ ପୂଜା କମିଟିର କର୍ମକର୍ତ୍ତାମାନେ ମଧ୍ୟ ଏଥିରେ ସାମିଲ ହୋଇ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ନାଦବ୍ରହ୍ମ ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ): ନାଦବ୍ରହ୍ମ ଅନୁଷ୍ଠାନ ପକ୍ଷରୁ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ଦୁଇଦିନ ବ୍ୟାପୀ ଗୀତ, ନୃତ୍ୟ ଓ ବାଦ୍ୟର କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଆଜି ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ଅବସରରେ କହିଥିଲେ ଯେ ଏକାମ୍ର ନିର୍ବାଚନମଣ୍ଡଳୀର ନାଦବ୍ରହ୍ମ ପରି ଏକ ସାଂସ୍କୃତିକ ଅନୁଷ୍ଠାନ ଯେପରି ସଙ୍ଗୀତ କାର୍ଯ୍ୟକ୍ରମ କରି ଲୋକାଭିମୁଖି କରାଉଛି, ତାହା ବିରଳ। ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ସଙ୍ଗୀତ ଉତ୍ସବ ମଧ୍ୟରେ ନାଦବ୍ରହ୍ମର ଦୁଇଦିନ ବ୍ୟାପୀ ସଙ୍ଗୀତ ଉତ୍ସବ ଏକ ଆକର୍ଷଣୀୟ ଉତ୍ସବ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ସିନେ ସାମ୍ବାଦିକ ଦିଲ୍ଲୀପ ହାଲି କହିଥିଲେ ଯେ ନାଦବ୍ରହ୍ମ ଅନୁଷ୍ଠାନ ଗୀତଗୋବିନ୍ଦ ଓଡ଼ିଶୀ କାର୍ଯ୍ୟକ୍ରମ କରି ଆମ ଓଡ଼ିଶାର ପରମ୍ପରାକୁ ବଞ୍ଚାଇ ରଖିବାର ପ୍ରୟାସ ଜାରି ରଖିଛି। ଅନ୍ୟତମ ଅତିଥି ଭାବେ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର କୁଳପତି ବରିଷ୍ଠ ପ୍ରଶାସକ ଡ. ଅଜୟ ନାୟକ କହିଥିଲେ ଯେ ନାଦବ୍ରହ୍ମର ସଦସ୍ୟ ଭାବେ ମହାପାତ୍ର ମିନତୀ ଭଞ୍ଜ ଓ ପ୍ରଫେସର କୁଅଁରଙ୍କ ଓଡ଼ିଶାର ସାଂସ୍କୃତିକ ବୈଭବକୁ ଯେପରି ପ୍ରଚାର ପ୍ରସାର କରୁଛନ୍ତି ତାହା ଅତ୍ୟନ୍ତ ଖୁସିର ବିଷୟ। ଅତିଥି ଭାବେ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ବେହେରା ଓ ସଭାପତି ବ୍ରହ୍ମାନନ୍ଦ ରାଉତ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଡ. ଜୟସ୍ମିତା କୁଅଁରଙ୍କ ଶ୍ରୀ ଜୟଦେବଙ୍କ ରଚିତ ଶାସ୍ତ୍ରୀୟ ଗୀତଗୋବିନ୍ଦ ଗାୟନ ଶ୍ରୋତାଙ୍କୁ ବିମୁଗ୍ଧ କରିଥିଲା।

## ବିଦ୍ୟାଧରପୁର ହାଇସ୍କୁଲର ନୂତନ ପରିଚାଳନା କମିଟି



କଟକ,୧୧।୭ (ସଂଚାର ବ୍ୟୁରୋ): ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଶନିବାର ତିନିଘରିଆ କ୍ଲଷ୍ଟର ଅନ୍ତର୍ଗତ ବିଦ୍ୟାଧରପୁର ହାଇସ୍କୁଲ୍‌ର ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ଏହି କମିଟିରେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପିତାମାତା/ଅଭିଭାବକ, ଅଙ୍ଗନୱାଡି କର୍ମୀ ପରିଚାଳନା କମିଟି ଗଠନରେ ଯୋଗ ଦେଇଥିଲେ। ବୈଠକରେ ସରକାରଙ୍କ ନୂତନ ଶିକ୍ଷାନୀତି ଉପରେ ଆଲୋଚନା କରାଯାଇ ଏହାକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ନୂତନ କମିଟି ଗଠନ ନିୟମ ଅନୁସାରେ ଉପସ୍ଥିତ ଅଭିଭାବକ, ପିତାମାତାଙ୍କ ମଧ୍ୟରୁ ୧୫ ଜଣ ସଦସ୍ୟଙ୍କୁ ମନୋନୀତ କରାଯାଇଛି। ଆସନ୍ତା ୭ଦିନ ମଧ୍ୟରେ ମନୋନୀତ ହୋଇଥିବା ସଦସ୍ୟଙ୍କ ମଧ୍ୟରୁ ସରକାରଙ୍କ ପରିଚାଳନା ସମିତି ନିୟମ ଅନୁସାରେ ଜଣଙ୍କୁ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଭାବେ ଚୟନ କରାଯିବ। ଏହି ବୈଠକରେ ତିନିଘରିଆ କ୍ଲଷ୍ଟରର ସିଆରସିସି ଲକ୍ଷ୍ମୀପ୍ରିୟା ରାଉତ, ସ୍ଥାନୀୟ ୫୫ ନମ୍ବର ୱାର୍ଡ କର୍ପୋରେଟର ବିଶ୍ୱବନ୍ଦିତା ପଣ୍ଡା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଞ୍ଜୁଶ୍ରୀ ମହାନ୍ତି ବିଦ୍ୟାଳୟ ପରିଚାଳନା ସମିତି ଗଠନ ହେବାର ପ୍ରକ୍ରିୟା ସମ୍ବନ୍ଧରେ ସୂଚନା ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁପ୍ରଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ବିଦ୍ୟାଳୟର ଶିକ୍ଷୟିତ୍ରୀ କଳ୍ପନା ରାଉତ, ସ୍ମିତା ସେଠୀ, ବାସନ୍ତୀ ବେହେରା, ଉର୍ମିଳା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

**ସ୍ୱାସ୍ଥ୍ୟ ମିତ୍ରଙ୍କ ପୁନଃନିଯୁକ୍ତି ଦାବିରେ କଂଗ୍ରେସର ହୁଙ୍କାର**

# ସ୍ୱାସ୍ଥ୍ୟ ମିତ୍ରଙ୍କ ଦାନାପାଣି ମାରୁଛନ୍ତି ସରକାର

ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ): ରାଜ୍ୟରେ ସ୍ୱାସ୍ଥ୍ୟ ମିତ୍ରଙ୍କ ସମୂହ ଛଟେଇକୁ ନେଇ ରାଜନୈତିକ ତାତି ବଢ଼ିଛି। ପୁନଃନିଯୁକ୍ତି ଦାବିରେ ଲୋୟର ପିଏମଜିରେ ୨୦ ଦିନରୁ ଅଧିକ ସମୟ ଧରି ଧାରଣାରେ ବସିଥିବା ସ୍ୱାସ୍ଥ୍ୟ ମିତ୍ରଙ୍କ ଆନ୍ଦୋଳନକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପୂର୍ଣ୍ଣ ସମର୍ଥନ ଘୋଷଣା କରିଛି। ଏନେଇ

**■ ପୁନଃନିଯୁକ୍ତି ନଦେଲେ ଜୋରଦାର୍ ଆନ୍ଦୋଳନ ଧମକ**

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ଓ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ବିଭୁତି ଭୂଷଣ ମହାପାତ୍ର ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି।




ଶ୍ରୀ ନାୟକ କହିଛନ୍ତି ଯେ ସ୍ୱାସ୍ଥ୍ୟ ମିତ୍ରମାନେ କେବଳ ଜଣେ କର୍ମଚାରୀ ନୁହଁନ୍ତି, ବରଂ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଥିଲେ। ସରକାରୀ ସ୍ୱାସ୍ଥ୍ୟ ଯୋଜନାର ସୁବିଧା ଯେପରି ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିବ, ରୋଗୀମାନେ ଯେପରି ହଇରାଣ ନ ହୁଅନ୍ତି ଏବଂ ଘରୋଇ ହସ୍ପିଟାଲରେ ସରକାରୀ ଯୋଜନାର ସଠିକ୍ କାର୍ଯ୍ୟକାରିତା ହେଉ, ସେଥିପାଇଁ ସ୍ୱାସ୍ଥ୍ୟ ମିତ୍ରମାନେ କାମ କରୁଥିଲେ। ଏଭଳି କର୍ମଚାରୀଙ୍କୁ ହଠାତ୍ ଚାକିରିରୁ ବିଦା କରି ସରକାର ସେମାନଙ୍କ ଦାନାପାଣି ମାରିଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ଖରା ବର୍ଷାକୁ ଖାତିର ନକରି ଶହ ଶହ ସ୍ୱାସ୍ଥ୍ୟ ମିତ୍ର ଗତ ୨୦ ଦିନରୁ ଅଧିକ ସମୟ ଧରି ଲୋୟର ପିଏମଜିରେ ଧାରଣାରେ ବସିଛନ୍ତି। ସେମାନଙ୍କ ପରିବାର କେମିତି ଚଳିବ, ପିଲାଛୁଆଙ୍କ ଭବିଷ୍ୟତ କ'ଣ ହେବ, ସେଥିପ୍ରତି ସରକାରଙ୍କର କୌଣସି ଚିନ୍ତା ନାହିଁ। ଏହା ଏକ ଜନବିରୋଧୀ ସରକାରର ପରିଚୟ ବୋଲି ସେ କହିଛନ୍ତି। ରାଜ୍ୟ ସରକାର ଯଦି ସ୍ୱାସ୍ଥ୍ୟ ମିତ୍ରଙ୍କ ଦାବିକୁ ବିଚାର କରି ପୁନଃନିଯୁକ୍ତି ନ ଦିଅନ୍ତି, ତେବେ କଂଗ୍ରେସ ଜୋରଦାର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

# କାଳବୈଶାଖୀ ମୁକାବିଲାରେ ଅଗ୍ନିଶମ ବାହିନୀର ସଫଳତା



ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ): ଜୁନ୍-୨୦୨୬ରେ କାଳବୈଶାଖୀଜନିତ ପ୍ରବଳ ପବନ ଓ ବର୍ଷା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟାରେ ଗଛ ଉପୁଡ଼ି ପଡ଼ି ରାସ୍ତା ଅବରୋଧ ସୃଷ୍ଟି ହୋଇଥିଲା। ଏଭଳି ପରିସ୍ଥିତିରେ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ପକ୍ଷରୁ ତ୍ୱରିତ ଓ ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯାଇ ସମଗ୍ର ରାଜ୍ୟରେ ମୋଟ ୪୯୦ଟି ଉପୁଡ଼ି ପଡ଼ିଥିବା ଗଛ ଅପସାରଣ କରାଯାଇଥିଲା। ଏହି କାର୍ଯ୍ୟରେ ଭୁବନେଶ୍ୱର ସହରରେ ସର୍ବାଧିକ ୧୪୮ଟି ଗଛ ଅପସାରଣ କରାଯାଇଥିବା ବେଳେ ସୋନପୁରରେ ୮୭ଟି, କଟକ ସହରରେ ୭୦ଟି, ନୟାଗଡ଼ରେ ୪୯ଟି, ସମ୍ବଲପୁରରେ ୪୩ଟି, ଯାଜପୁରରେ ୪୧ଟି, ବଲାଙ୍ଗୀରରେ ୨୯ଟି ଓ ଢେଙ୍କାନାଳରେ ୨୩ଟି ଗଛ ଅପସାରଣ କରାଯାଇଥିଲା। ବିଶେଷକରି ଜୁନ୍ ୭ ଓ ୧୦ରେ ଭୁବନେଶ୍ୱରରେ ଘଟିଥିବା କାଳବୈଶାଖୀ ପରେ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ଉପୁଡ଼ି ପଡ଼ିଥିବା ଗଛଗୁଡ଼ିକୁ ଅପସାରଣ କରିଥିଲେ।

## ଭାରସାମ୍ୟ ହରାଇ ବିଲକୁ ଓଲଟିଲା ବସ୍, ବହୁ ଯାତ୍ରୀ ଆହତ



ସାଲେପୁର,୧୧।୭ (ସଂଚାର ବ୍ୟୁରୋ) : ଭାରସାମ୍ୟ ହରାଇ ବିଲକୁ ଓଲଟିଲା ବସ୍। ବସରେ ଥିବା ବହୁ ଯାତ୍ରୀ ଆହତ ହୋଇଛନ୍ତି। କଟକ ଚାନ୍ଦବାଲି ରାସ୍ତା ସାଲେପୁର ଥାନା ନାଗୋଳାଗଡା ଛକ ନିକଟରେ ଘଟିଛି ଏଭଳି ଦୁର୍ଘଟଣା। ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୂଜା ନାମକ ଏକ ଘରୋଇବସ କେନ୍ଦ୍ରାପଡାରୁ କଟକ ଅଭିମୁଖେ ଯାଉଥିଲା। ବସରେ ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିଲେ। କଟକ ଚାନ୍ଦବାଲି ରାସ୍ତା ସାଲେପୁର ଥାନା ନାଗୋଳାଗଡା ଛକ ନିକଟରେ ଭାରସାମ୍ୟ ହରାଇ ବସଟି ବିଲକୁ ଓଲଟି ପଡିଲା। ଏଥିରେ ବହୁ ଯାତ୍ରୀ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଯାତ୍ରୀମାନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି। ଖବର ପାଇ ଘଟଣା ସ୍ଥଳରେ ସାଲେପୁର ପୋଲିସ ପହଂଚି ତଦନ୍ତ କରୁଛି।

# ବିରଳ ମୃତ୍ତିକା କରିଡର, ଓଏମସିର ଯୋଜନା

ଭୁବନେଶ୍ୱର,୧୧।୭: ପାରାଦୀପ ଓ ଗୋପାଳପୁରଠାରେ ପ୍ରତିଷ୍ଠା ହେବ ବିରଳ ମୃତ୍ତିକା କରିଡର ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପ୍ରକ୍ରିୟାକରଣ ପାର୍କ। ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏଥିପାଇଁ ୪ ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟ କରିବ ବୋଲି ଜଣାଯାଇଛି।

ପାରମ୍ପରିକ ଖଣିଜ କାରବାରରୁ ବାହାରି ଓଏମ୍‌ସି ଏବେ ବିଶ୍ୱ ବଜାରରେ ବଢ଼ୁଥିବା ଚାହିଦାକୁ ଦୃଷ୍ଟିରେ ରଖି ତା'ର ବ୍ୟାବସାୟିକ ରଣନୀତିରେ ପରିବର୍ତ୍ତନ ଲାଗି ରୋଡମ୍ୟାପ୍ ପ୍ରସ୍ତୁତ କରିଛି। ତଦନୁଯାୟୀ ବିରଳ ମୃତ୍ତିକା କରିଡର ସହ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପ୍ରକ୍ରିୟାକରଣ ପାର୍କ ପ୍ରତିଷ୍ଠା କରିବ। ଭାରତ ସରକାର ଇତିମଧ୍ୟରେ ଓଡ଼ିଶା, କେରଳ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ବିରଳ ମୃତ୍ତିକା କରିଡର ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ମିଳୁଥିବା ସମୁଦ୍ର ବାଲିରୁ ସଂଗୃହୀତ ହେଉଥିବା ଏହି ବିରଳ ଖଣିଜ ପଦାର୍ଥର ବେଶ୍ ଚାହିଦା ରହିଛି। ବିଶେଷକରି ଏଥିରୁ ମିଳୁଥିବା ମୋନାଜାଇଟ୍ ବିଭିନ୍ନ ଇଲେକଟ୍ରୋନିକ ସାମଗ୍ରୀ, ସେମିକଣ୍ଡକ୍ଟର, ପ୍ରତିରକ୍ଷା ସାମଗ୍ରୀରେ ଆବଶ୍ୟକ ହୋଇଥାଏ।




ବର୍ତ୍ତମାନ ନିଜର ଆବଶ୍ୟକତା ପାଇଁ ଭାରତ ଏହାର ଆମଦାନୀ କରୁଛି। ଆଗାମୀ ଦିନରେ ବିରଳ ମୃତ୍ତିକା କରିଡର ପ୍ରତିଷ୍ଠା ସହ ଗଞ୍ଜାମରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରକ୍ରିୟାକରଣ ପାର୍କ ପ୍ରତିଷ୍ଠା ହେଲେ ଏହିଠାରୁ ଦେଶର ଚାହିଦା ମେଣ୍ଟାଯିବା ସହ ବିଦେଶକୁ ମଧ୍ୟ ରପ୍ତାନୀ ହୋଇପାରିବ।କେବଳ ବିରଳ ମୃତ୍ତିକା କିମ୍ବା ପ୍ରକ୍ରିୟାକରଣ ପାର୍କ ନୁହେଁ, ଓଏମ୍‌ସି ମଧ୍ୟ ଶକ୍ତି ଉତ୍ପାଦନ ବୃଦ୍ଧି ବିଶେଷକରି ସୌରଶକ୍ତି ଭଳି ସବୁଜ ଶକ୍ତି କ୍ଷେତ୍ରରେ ମଧ୍ୟ ଅର୍ଥ ବିନିଯୋଗ ପାଇଁ ମନ ବଳାଇଛି। ଏହାଦ୍ୱାରା ରାଜ୍ୟରେ ଶକ୍ତି ଉତ୍ପାଦନ ବୃଦ୍ଧି ପାଇବା ସହ ରାଜ୍ୟ ସରକାରଙ୍କ ଏହି ରାଷ୍ଟ୍ରାୟତ୍ତ ସଂସ୍ଥା ତା'ର ବ୍ୟବସାୟର କାୟା ବିସ୍ତାର କରିପାରିବ। ଏହାବାଦ୍ ଓଏମ୍‌ସି ମଧ୍ୟ ତାହାର ଖଣିଜ କାରବାରରେ ଉନ୍ନତି ଆଣିବା ପାଇଁ ରଣନୀତି ପ୍ରସ୍ତୁତ କରିଛି। ସାଉଥ୍ କାଳିଆପାଣି ଖଣିର କ୍ଷମତା ବୃଦ୍ଧି ସହ ଦଇତାରୀ ଲୁହାପଥର ଖଣିଜର କାୟା ବିସ୍ତାର କରିବ। ଏହି ପ୍ରକଳ୍ପରେ ଓଏମସି ବିପୁଳ ଅର୍ଥ ବିନିଯୋଗର ଲକ୍ଷ୍ୟ ରଖିଛି। ଏଥିସହ କୋଇରା କାଶିରା ଓ କୋଇରା ଭଞ୍ଜପାଲିର କ୍ରୋମ ବ୍ଲକ-୧ ଓ କ୍ରୋମ ବ୍ଲକ-୨କୁ ନୂତନ ଭାବେ କାର୍ଯ୍ୟକାରୀ କରିବ। ଏହି ଦୁଇ ଖଣିଜ ବ୍ଲକ୍ ସହ ଶାଶୂବୋହୂମାଳି ଓ ପଶାଙ୍ଗମାଳି ଖଣିକୁ ମଧ୍ୟ କାର୍ଯ୍ୟକାରୀ କରିବ। ଏଥିପାଇଁ ଖଣି ନିଗମ ପାଖାପାଖି ସୁଚିନ୍ତିତ ରଣନୀତି ପ୍ରସ୍ତୁତ କରିଛି।ଖଣିଜ ଉତ୍ତୋଳନ ବୃଦ୍ଧି ପାଇଁ ରୋଡ୍‌ମ୍ୟାପ୍ ସହିତ ଓଏମସି ଖଣି ଆଖପାଖ ଅଞ୍ଚଳରେ ସଡକ ନିର୍ମାଣ, ବିଭିନ୍ନ ସ୍ଥାନରେ ବ୍ୟବସାୟିକ ସୌଧ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଛି। ଏ କ୍ଷେତ୍ରରେ ଖଣି ନିଗମ ଆବଶ୍ୟକ ପରିମାଣର ଅର୍ଥ ବିନିଯୋଗ କରିବ। ଆସନ୍ତା ୫ ବର୍ଷ ପାଇଁ ଓଏମ୍‌ସି ଏହିସବୁ ପ୍ରକଳ୍ପ ହାତକୁ ନେବାକୁ ଯୋଜନା କରିଥିବା ବେଳେ ବଜାର ଚାହିଦା ଓ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ତାହାର ରଣନୀତି ବଦଳାଇବାରେ ଲାଗିଛି। (ତଥ୍ୟ)

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ରବିବାର ୧୨ ଜୁଲାଇ ୨୦୨୬, ଭୁବନେଶ୍ୱର

Sunday 12 July 2026, Bhubaneswar

# ସହରର ଅନ୍ତହୀନ ସଙ୍କଟ

ପ୍ରତି ବର୍ଷ ମୌସୁମୀ ଆସିଲେ ଭାରତର ପ୍ରମୁଖ ସହର ଓ ମହାନଗରୀଗୁଡ଼ିକ ୱାଟର ଲଗିଙ୍ଗ ସମସ୍ୟାର ଶିକାର ହୋଇଥାଏ। ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ୍ ପରି ସହରର ରାସ୍ତା ଜଳମଗ୍ନ ହୋଇଯାଏ, ଯାତାୟାତ ସ୍ଥିର ହୋଇଯାଏ, ଜୀବନ ସ୍ତବ୍ଧ ହୋଇଯାଏ ଓ ଅର୍ଥନୈତିକ କ୍ଷତି ହୁଏ। ଏହା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନୁହେଁ; ଏହା ମନୁଷ୍ୟ ପ୍ରଣୀତ ବ୍ୟର୍ଥତାର ଫଳ। ଏହି ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହିଛି, କାରଣ ଆମେ ପ୍ରତିରୋଧ କରିବାର ଉପାୟ ଖୋଜୁନାହୁଁ। ଏହା କେବଳ ଜଳ ସମସ୍ୟା ନୁହେଁ, ପରିବେଶ, ପରିକଳ୍ପନା ଓ ଶାସନର ବିଫଳତା।

ମୁମ୍ବାଇର ବ୍ରିହନମୁମ୍ବାଇ ମହାନଗର ନିଗମ (ବିଏମସି) ପ୍ରତି ବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଡ୍ରେନେଜ୍ ସଫା କରେ, ତଥାପି କିଛି ଘଣ୍ଟାର ବର୍ଷାରେ ସହର ବୁଡିଯାଏ। ବେଙ୍ଗାଲୁରୁର ଲେକ୍ ଗୁଡ଼ିକ ଅଧିକାଂଶ ପୋତି ହୋଇଯାଇଛି ଓ ତା ବଦଳରେ ଆଇଟି ପାର୍କ ଓ ଉଚ୍ଚା ଉଚ୍ଚା କୋଠା ଛିଡା ହୋଇଛି। ଦିଲ୍ଲୀର ଯମୁନା ଓ ନାଳଗୁଡ଼ିକ ଆବର୍ଜନାରେ ଭର୍ତ୍ତି। ଏହି ସମସ୍ୟାର ମୂଳ କାରଣ ହେଉଛି ଆୟୋଜିତ ନଗରୀକରଣ। କଂକ୍ରିଟ୍ ଓ ଆସ୍ଫାଲ୍ଟ ଭୂମି ଜଳ ଶୋଷଣ କରିବାର କ୍ଷମତା ହରାଇଛି। ପୂର୍ବର ଜଳାଶୟ, ଜଳଭୂମି ଓ ମ୍ୟାଙ୍ଗ୍ରୋଭ୍ ଧ୍ୱଂସ ହୋଇଛି। ପୁରୁଣା ଡ୍ରେନ୍ ବ୍ୟବସ୍ଥା ବ୍ରିଟିଶ୍ ଯୁଗର, ଯାହା ମାତ୍ର ୨୫-୫୦ ମିଲିମିଟର ବର୍ଷା ସହଜେ ସମ୍ଭାଳି ପାରୁଥିଲା, କିନ୍ତୁ ଏବେ ଘଣ୍ଟା ପ୍ରତି ୧୦୦ ମିଲିମିଟର ବର୍ଷା ହେଉଛି। ଜଳବାୟୁ ପରିବର୍ତ୍ତନ ଏହାକୁ ଆହୁରି ଗମ୍ଭୀର କରୁଛି।

ଏହି ଜଳଭରଣର ପ୍ରଭାବ ବହୁମୁଖୀ। ରାସ୍ତା ଜଳମଗ୍ନ ହେବା ଫଳରେ ଯାତାୟାତ ବନ୍ଦ, ସ୍କୁଲ୍-କଲେଜ୍ ବନ୍ଦ, ବ୍ୟବସାୟ କ୍ଷତିଗ୍ରସ୍ତ ଓ ରୋଗ ବ୍ୟାପେ। ଅର୍ଥନୈତିକ କ୍ଷତି ହଜାର କୋଟି ଟଙ୍କା। ଦରିଦ୍ର ଓ ନିମ୍ନ ମଧ୍ୟବିତ୍ତ ବର୍ଗ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି। ଜଳ ସହିତ ଆବର୍ଜନା ମିଶି ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରେ। ଏହାର ଦାୟିତ୍ୱ ଏକାଧିକ ସ୍ତରରେ। ପ୍ରଥମେ ସ୍ଥାନୀୟ ପରିଷଦ ଓ ମହାନଗର ନିଗମଗୁଡ଼ିକ ଡ୍ରେନ୍ ସଫା, ରକ୍ଷଣାବେକ୍ଷଣ ଓ ଉପଯୁକ୍ତ ପରିକଳ୍ପନାରେ ବିଫଳ ହୋଇଛନ୍ତି। ରାଜ୍ୟ ସରକାରଗୁଡ଼ିକ ମାଷ୍ଟର ପ୍ଲାନ୍ କାର୍ଯ୍ୟକାରୀ କରନ୍ତି ନାହିଁ ଓ ଜଳଭୂମି ସୁରକ୍ଷାରେ ଅବହେଳା କରନ୍ତି। କେନ୍ଦ୍ର ସରକାର ସ୍ମାର୍ଟ ସିଟି, ଆମୃତ ଯୋଜନା ଆଣିଥିଲେ ମଧ୍ୟ କାର୍ଯ୍ୟାନ୍ୱୟନ ଦୁର୍ବଳ। ନିର୍ମାଣକାରୀମାନେ ନିୟମ ଉଲ୍ଲଙ୍ଘନ କରି ଜଳ ପଥ ଅବରୋଧ କରନ୍ତି। ଆଉ ଆମେ ନାଗରିକମାନେ ଆବର୍ଜନା ଡ୍ରେନ୍ ଭିତରକୁ ପକାଉ, ପ୍ଲାଷ୍ଟିକ୍ ଫୋପାଡୁ ଓ ସଚେତନତାର ଅଭାବ ରଖୁ।



ସମସ୍ତେ ଦାୟୀ, କିନ୍ତୁ କେହି ଦାୟୀ ନୁହନ୍ତି - ଏହା ହେଉଛି ସବୁଠାରୁ ବଡ଼ ସମସ୍ୟା।

ସମାଧାନ ସମ୍ଭବ। ସ୍ପଞ୍ଜ ସିଟି ମଡେଲ୍ ପରି ଜଳ ଶୋଷଣ ପାଇଁ ହରିତ କ୍ଷେତ୍ର ବଢ଼ାଇବା, ରେନ୍ ଓ୍ୱାଟର ହାର୍ଭେଷ୍ଟିଙ୍ଗ୍ ବାଧ୍ୟତାମୂଳକ କରିବା, ପୁରୁଣା ଡ୍ରେନ୍ ଆଧୁନିକୀକରଣ, ଜଳଭୂମି ପୁନରୁଦ୍ଧାର ଓ କଠୋର ନିୟମ ଲାଗୁ କରିବା ଆବଶ୍ୟକ। ନାଗରିକ ସଚେତନତା ଓ ସମନ୍ୱିତ ଶାସନ ବିନା ଏହା ସମ୍ଭବ ନୁହେଁ।

ଜଳଭରଣ ଆମର ଅବହେଳାର ପରିଣାମ। ଯଦି ଆମେ ଏବେ ପଦକ୍ଷେପ ନନେବୁ, ତେବେ ଭବିଷ୍ୟତର ସହରଗୁଡ଼ିକ ପ୍ରତି ବର୍ଷ ଜଳମଗ୍ନ ହେବ। ଏହା କେବଳ ଏକ ସମସ୍ୟା ନୁହେଁ, ଏହା ଆମର ବଞ୍ଚିବାର ପ୍ରଶ୍ନ। ସରକାର, ପ୍ରଶାସନ ଓ ନାଗରିକଙ୍କ ମିଳିତ ଉଦ୍ୟମରେ ହିଁ ଏହାର ସମାଧାନ ନିହିତ। ଆସନ୍ତୁ, ଏହି ଅନ୍ତହୀନ ଚକ୍ରକୁ ଭାଙ୍ଗିବା ପାଇଁ ଆଜିରୁ ପ୍ରତିଜ୍ଞା କରିବା।

ବିଶ୍ୱର ଅନ୍ୟାନ୍ୟ ଦେଶଗୁଡ଼ିକ ଏହି ସମସ୍ୟାର ସମ୍ମୁଖୀନ ହୋଇ ମଧ୍ୟ ଉପଯୁକ୍ତ ପଦକ୍ଷେପ ନେଇ ସଫଳତା ଲାଭ କରିଛନ୍ତି। ଚୀନ୍ ଦେଶର 'ସ୍ପଞ୍ଜ ସିଟି' ମଡେଲ୍ ଏହାର ଉଦାହରଣ। ୨୦୧୨ ର ବିଧ୍ୱଂସୀ ବନ୍ୟା ପରେ ଚୀନ୍ ସରକାର ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏଥିରେ ସବୁଜ ଛାତ, ଛିଦ୍ରଯୁକ୍ତ ରାସ୍ତା, ଉଦ୍ୟାନ ଓ ଜଳଭୂମି ବ୍ୟବହାର କରି ବର୍ଷା ଜଳକୁ ଶୋଷଣ କରାଯାଏ, ସଂରକ୍ଷଣ କରାଯାଏ ଓ ଧୀରେ ଧୀରେ ଛଡ଼ାଯାଏ। ଫଳସ୍ୱରୂପ ଅନେକ ସହରରେ ଜଳଭରଣ ବହୁତ କମିଛି ଓ ଜଳ ପୁନଃବ୍ୟବହାର ହେଉଛି। ଚୀନ୍ ଲକ୍ଷ୍ୟ ରଖିଛି ଯେ ୨୦୩୦ ସୁଦ୍ଧା ସହରାଞ୍ଚଳର ୮୦% ଅଂଶ ବର୍ଷାର ୭୦% ଜଳ ପୁନଃବ୍ୟବହାର କରିବ। ଏହା କେବଳ ବନ୍ୟା ନିୟନ୍ତ୍ରଣ ନୁହେଁ, ଭୂତଳ ଜଳ ପୁନଃପୂରଣ ଓ ପରିବେଶ ସୁରକ୍ଷାରେ ମଧ୍ୟ ସହାୟକ ହୋଇଛି।

ନେଦରଲ୍ୟାଣ୍ଡ୍ସ ଦେଶ ଜଳ ସହିତ ଜୀବନ ଯାପନ କରିବାର ଉଦାହରଣ ସ୍ଥାପନ କରିଛି। ରୋଟରଡାମ୍ ପରି ସହର ଯାହା ସମୁଦ୍ର ସ୍ତରଠାରୁ ନିମ୍ନରେ ଅଛି, ସେଠାରେ 'ରୁମ୍ ଫର୍ ଦି ରିଭର୍' ପ୍ରକଳ୍ପ ମାଧ୍ୟମରେ ନଦୀ କୂଳ ବିସ୍ତାର କରି ଜଳକୁ ସ୍ଥାନ ଦିଆଯାଉଛି। ବନ୍ୟା ପ୍ରତିରୋଧକ ବ୍ୟାରିୟର୍, ସବୁଜ ଛାତ ଓ ପ୍ରାକୃତିକ ଜଳ ଶୋଷଣ ବ୍ୟବସ୍ଥା ଫଳରେ ବନ୍ୟା କ୍ଷୟକ୍ଷତି ବହୁତ କମ୍। ସିଙ୍ଗାପୁର୍ 'ଏବିସି ଓ୍ୱାଟର୍' ପ୍ରୋଗ୍ରାମ୍ ମାଧ୍ୟମରେ ଜଳକୁ ଏକ ସମ୍ପଦ ଭାବେ ପରିଣତ କରିଛି-ବାୟୋସ୍ୱେଲ୍, ସବୁଜ ଉଦ୍ୟାନ ଓ ଜଳାଶୟ ମାଧ୍ୟମରେ ବର୍ଷା ଜଳ ପରିଚାଳନା କରୁଛି। ଫଳସ୍ୱରୂପ ଜଳଭରଣ ଅଞ୍ଚଳ ବହୁତ କମିଛି। ଜାପାନ୍ ର ଜି-କ୍ୟାନ୍ସ ପରି ଭୂଗର୍ଭ ଜଳ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ଅତ୍ୟଧିକ ବର୍ଷାକୁ ସମ୍ଭାଳି ପାରୁଛି। ଯଦି ଆମେ ଚୀନ୍ ଓ ନେଦରଲ୍ୟାଣ୍ଡ୍ସ ଭଳି ପ୍ରକୃତି ସହ ସହଯୋଗ କରି ନଗର ନିର୍ମାଣ କରିବୁ, ତେବେ ଜଳଭରଣ ଆମର ଅଭିଶାପ ନୁହେଁ, ବରଂ ଏକ ପରିଚାଳିତ ସମ୍ପଦ ହୋଇପାରିବ। ଏହା ପାଇଁ ରାଜନୈତିକ ଇଚ୍ଛାଶକ୍ତି, ବିନିଯୋଗ ଓ ନାଗରିକ ସହଯୋଗ ଅତ୍ୟନ୍ତ ଜରୁରୀ।



# ରଥଯାତ୍ରା: ଜୀବନ ରଥକୁ ଜୀବ ଟାଣିଥାଏ

**ଡକ୍ଟର ସୁରେଶ କୁମାର ନାୟକ**



'ନୀଳାଦ୍ରୌ ଶଙ୍ଖମଧ୍ୟେ ଶତଦଳକମଳେ ରତ୍ନସିଂହାସନସ୍ଥମ୍, ସର୍ବାଳଙ୍କାରଯୁକ୍ତମ୍ ନବଘନରୁଚିରଂ ସଂଯୁକ୍ତଂ ଚାଗ୍ରଜେନ, ଭଦ୍ରାୟାଃ ବାମଭାଗେ ରଥଚରଣଯୁକ୍ତଂ ବ୍ରହ୍ମରୁଦ୍ରେନ୍ଦ୍ର ବନ୍ଦ୍ୟମ୍, ବେଦାନାଂ ସାରମୀଶଂ ସ୍ୱଜନ ପରିବୃତଂ ବ୍ରହ୍ମଦାରୁ ସ୍ମରାମି।' - 'ସୀମା ଓ ରୂପ ମଧ୍ୟରେ ଏହି ଅସୀମ ଓ ଅନନ୍ତ ବ୍ରହ୍ମ ବା ଈଶ୍ୱର ସତ୍ତାର ଅନୁଭବ ହିଁ ଜଗନ୍ନାଥ ଚେତନା। ଜଗନ୍ନାଥ ଚେତନା ହେଉଛି ମାନବୀୟ ମୂଲ୍ୟବୋଧର ଚେତନା। ମହାପ୍ରଭୁ ଜଗତର ନାଥ, ସେ ହେଉଛନ୍ତି ଜଗତର ନାଥ।

ବ୍ରାହ୍ମ ମୁହୂର୍ତ୍ତ, ବଡ଼ି ଭୋରୁ ଶଯ୍ୟାତ୍ୟାଗ ସମୟରୁ ହିଁ ପ୍ରତିଟି ଓଡ଼ିଆ ମହାପ୍ରଭୁଙ୍କୁ ସ୍ମରଣ କରି ତା'ର ଦିନଟି ଭଲରେ ଭଲରେ କଟେଇ ଦେବା ପାଇଁ ପ୍ରାର୍ଥନା କରିଥାଏ। ଆଉ ରାତିରେ ଶେଯକୁ ଗଲାବେଳେ ଦିନଟି ଭଲରେ ବିତିଥିବାରୁ ଭରା ଅନ୍ତରରେ କୃତଜ୍ଞତା ଜଣାଇ ଆଗତ ଦିନଟି ପାଇଁ କୃପା ଓ ସମ୍ଭାବନାର ପ୍ରାର୍ଥନା କରି ମଥାନତ ପ୍ରଣାମଟି ଜଣାଇ ବିଶ୍ରାମ ନେଇଥାଏ। ସତରେ ମହାପ୍ରଭୁଙ୍କୁ ନେଇ ହିଁ ଆମ ଜୀବନ। ସେ ହେଉଛନ୍ତି ଏ ବିଶ୍ୱ ବ୍ରହ୍ମାଣ୍ଡର ସ୍ରଷ୍ଟା, ପରିଚାଳକ ଏବଂ ରକ୍ଷକ। ସେ ହେଉଛନ୍ତି ଭାବର ଆଉ ଭକ୍ତିର ପୂର୍ଣ୍ଣବ୍ରହ୍ମ, ମହାପ୍ରଭୁ ଶ୍ରୀଜଗନ୍ନାଥ। ଯାହାଙ୍କୁ ଟିକିଏ ଆଖି ପୁରାଇ ଏହି ଚର୍ମନେତ୍ରକୁ ପୁଣ୍ୟତାରେ ଭରି ଦେବା ପାଇଁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଛୁଟୁଥାନ୍ତି ପୁରୀ। ତାଙ୍କୁ ଦେଖିବା ମାତ୍ରେ ଆଖି ଯୁଗଳ ଲୋତକରେ ଭରି ଯାଏ ଆଉ ବାୟୁ ଠାରୁ ମଧ୍ୟ ଆହୁରି ହାଲକା ହୋଇଯାଏ ତନମନ। ସେହି କଳା ଶ୍ରୀମୁଖଙ୍କୁ ଟିକିଏ କୋଳାଗ୍ରତ କରିବାକୁ ସମସ୍ତଙ୍କର ଇଚ୍ଛା ହୋଇଥାଏ। ଆଉ ତାଙ୍କରି ବଡ଼ ବଡ଼ ଚକା ଆଖିର ସାଗରରେ ନିଜକୁ ହଜେଇ ଦେବା ପାଇଁ ଶ୍ରଦ୍ଧାଳୁଟି ଇପ୍ସିତ ପ୍ରାର୍ଥନା କରିଥାଏ।

ମହାପ୍ରଭୁଙ୍କ ଲୀଳା ଅବର୍ଣ୍ଣନୀୟ। ସେ ବିଶ୍ୱ ନିୟନ୍ତା। ସେ ସକଳ ଶକ୍ତି, ସକଳ ଚେତନା, ସକଳ ଆଦର୍ଶର ଜୀବନଶକ୍ତି। ଜଗନ୍ନାଥ କିଏ? ତାଙ୍କର ନାମ ହିଁ ତାଙ୍କର ପରିଚୟ। ସେ ଦୃଶ୍ୟ ଓ ଅଦୃଶ୍ୟ ସମସ୍ତ ଜଗତରନାଥ। ସମସ୍ତ ଜଗତକୁ ସେ ନିଜ ଭିତରେ ଧାରଣ କରିରଖିଛନ୍ତି। ଗୀତାରେ କୁହାଯାଇଛି - 'ଅଥବା ବହୁନୈତେନ କିଂଜ୍ଞାତେନ ତବାର୍ଜୁନ, ବିଷ୍ଟଭ୍ୟାହମିଦଂ କୃତ୍ସ୍ନମେକାଂଶେ ନ ସ୍ଥିତୋ ଜଗତ୍।' ଜଗନ୍ନାଥଙ୍କ ଅନ୍ୟ ନାମ ପୁରୁଷୋତ୍ତମ, ଅର୍ଥାତ୍ ସୃଷ୍ଟିର ଆତଯାତ ମୂଳରେ ଯେଉଁ କ୍ଷର ଓ ଅକ୍ଷର ଦୁଇ ପୁରୁଷ ରହିଛନ୍ତି, ସେ ଉଭୟଙ୍କର ଅତୀତ ଓ ଉର୍ଦ୍ଧ୍ୱରେ ରହିଛନ୍ତି ପୁରୁଷୋତ୍ତମ। ତେଣୁ ଗୀତାରେ ପୁଣି କୁହାଯାଇଛି-'ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁ ଜାହୁତମ୍, ଯା ଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ। ଯସ୍ମାତ୍ କ୍ଷରମତୀତୋଽହଂ ମକ୍ଷରାଦପି ଚୋତ୍ତମଃ, ଅତୋଽସ୍ମି ଲୋକେ ବେଦ ଚ ପ୍ରଥିତଃ ପୁରୁଷୋତ୍ତମଃ।'

ମହାପ୍ରଭୁ ଶ୍ରୀଜଗନ୍ନାଥ ଅସମ୍ପୂର୍ଣ୍ଣ ହୋଇ ମଧ୍ୟ ସ୍ୱୟଂ ସମ୍ପୂର୍ଣ୍ଣ। ସେ ହେଉଛନ୍ତି ସମଗ୍ର ମୂର୍ତ୍ତି ତତ୍ତ୍ୱର ପ୍ରତୀକ। ସର୍ବଧର୍ମର ମୂଳାଧାର। ସର୍ବ କର୍ମସ୍ୱରୂପ, ସର୍ବ ଜୀବ ସ୍ୱରୂପ, ସେ ସିଦ୍ଧିଦାତା ଓ ମୁକ୍ତିଦାତା। ସମଗ୍ର ବିଶ୍ୱରେ ସେ ଏକ ପ୍ରତିରୂପ। ତାଙ୍କର ରୂପ, ରଙ୍ଗ, ଆକାର, ବେଶ, ପୋଷାକ, ପୂଜାପାର୍ବଣ, ଯାତ୍ରା, ଉତ୍ସବ, ଅନୁଷ୍ଠାନ, ମନ୍ଦିର ତଥା କ୍ଷେତ୍ର ବିଷୟକ ସମଗ୍ର ତତ୍ତ୍ୱ ଓ ତଥ୍ୟ ରହସ୍ୟମୟ। ଜଗତର ପ୍ରତିଟି ଜୀବର ପିଣ୍ଡରେ ଗୁଣ୍ଡିଚା ଯାତ୍ରାର ମହୋତ୍ସବ ଅନୁଷ୍ଠିତ ହୋଇ ଚାଲିଛି ସୃଷ୍ଟିର ଉନ୍ମେଷ କାଳରୁ। ଜୀବନ ରଥକୁ ସତ୍ତ୍ୱ, ରଜ, ତମ ରୂପକ ଗୁଣର ଦଉଡିରେ ଜୀବକୁ ଟାଣିବାକୁ ପଡ଼େ। ପୁରୁଷୋତ୍ତମ କ୍ଷେତ୍ରର ଏହି ପତିତପାବନ, ଶ୍ରୀଗୁଣ୍ଡିଚା ଯାତ୍ରା ସଂସାରୀ ଲୋକ ସମାଜର ସାଧନ, ମନନ ଓ ସିଦ୍ଧିପ୍ରାପ୍ତି ପାଇଁ ଔପଚାରିକ ଏକ ଅଧ୍ୟାତ୍ମ ମହାର୍ଘ ପୁଣ୍ୟପାବନ ମେଳା।

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୧୦, ସିଡିଏ, କଟକ,**
**ଦୂରଭାଷ : ୯୪୩୭୨୨୫୫୯୨**

# ପ୍ରଭାତର ଆଲୋକ: ନବଜାଗରଣ, ଆଶା ଓ ଆତ୍ମଚେତନାର ଆହ୍ୱାନ



**ପୁଷ୍ପଲତା କର**



ପ୍ରତ୍ୟେକ ନୂଆ ସକାଳ ମଣିଷ ଜୀବନରେ ଏକ ନୂତନ ଅଧ୍ୟାୟର ଆରମ୍ଭ କରେ। ରାତିର ଅନ୍ଧକାରକୁ ପଛରେ ଛାଡ଼ି ଯେତେବେଳେ ପୂର୍ବାକାଶରେ ସୂର୍ଯ୍ୟର ପ୍ରଥମ କିରଣ ପୃଥିବୀକୁ ସ୍ପର୍ଶ କରେ, ସେତେବେଳେ ପ୍ରକୃତି ମଧ୍ୟ ନବଜୀବନର ସନ୍ଦେଶ ଦିଏ। ସକାଳ କେବଳ ଦିନର ଆରମ୍ଭ ନୁହେଁ, ଏହା ଆଶା, ସମ୍ଭାବନା ଓ ସୃଜନଶୀଳତାର ଏକ ନୂଆ ଦ୍ୱାର ମଧ୍ୟ ଖୋଲିଥାଏ।

ଆଜିର ବ୍ୟସ୍ତବହୁଳ ଜୀବନରେ ମଣିଷ ନିଜର ଦୈନନ୍ଦିନ ଦୌଡ଼ରେ ଏତେ ମଗ୍ନ ହୋଇପଡ଼ିଛି ଯେ, ସକାଳର ଶାନ୍ତ ସୌନ୍ଦର୍ଯ୍ୟକୁ ଅନୁଭବ କରିବାର ସମୟ ମଧ୍ୟ ହରାଇ ବସିଛି। କିନ୍ତୁ ସକାଳର ନିରବତା ଓ ପବିତ୍ରତା ମନୁଷ୍ୟ ମନକୁ ଏକ ଅଲଗା ଶକ୍ତି ପ୍ରଦାନ କରେ। ପକ୍ଷୀମାନଙ୍କର କାକଳି, ଶିଶିରଭିଜା ଘାସ, ହାଲୁକା ପବନ ଓ ସୂର୍ଯ୍ୟକିରଣର ସ୍ପର୍ଶ ମନକୁ ଏକ ନୂତନ ଉତ୍ସାହରେ ଭରିଦିଏ। ଏହି ସମୟରେ ମନୁଷ୍ୟ ନିଜ ଭିତରକୁ ଦେଖିପାରେ ଏବଂ ଜୀବନର ମୂଲ୍ୟବୋଧକୁ ଅଧିକ ଗଭୀର ଭାବେ ଅନୁଭବ କରିପାରେ।

ସକାଳ ଆମକୁ ଏହି ଶିକ୍ଷା ଦିଏ ଯେ, ଅନ୍ଧକାର କେବେ ସ୍ଥାୟୀ ନୁହେଁ। ଯେପରି ରାତି ପରେ ସକାଳ ଆସେ, ସେହିପରି ଜୀବନର ଦୁଃଖ, ବିଫଳତା ଓ ସଂଘର୍ଷ ପରେ ମଧ୍ୟ ସଫଳତା ଓ ଖୁସିର ମୁହୂର୍ତ୍ତ ଆସିଥାଏ। ତେଣୁ ଜୀବନର କୌଣସି କଠିନ ପରିସ୍ଥିତିରେ ହତାଶ ହେବା ପରିବର୍ତ୍ତେ ଆଶାକୁ ଜୀବନ୍ତ ରଖିବା ଆବଶ୍ୟକ। ପ୍ରକୃତିର ଏହି ନିୟମ ଆମକୁ ଧୈର୍ଯ୍ୟ, ସାହସ ଓ ଅପେକ୍ଷାର ମହତ୍ତ୍ୱ ବୁଝାଇଥାଏ।

ବର୍ତ୍ତମାନ ସମାଜରେ ନାନା ପ୍ରକାର ସମସ୍ୟା ଦେଖିବାକୁ ମିଳୁଛି। ପାରିବାରିକ ସମ୍ପର୍କରେ ଦୂରତା, ସାମାଜିକ ଅସହିଷ୍ଣୁତା, ପରିବେଶ ପ୍ରଦୂଷଣ ଏବଂ ମାନସିକ ଚାପ ମଣିଷକୁ ଅସ୍ଥିର କରୁଛି। ଏଭଳି ସମୟରେ ସକାଳର ସକାରାତ୍ମକ ଚିନ୍ତାଧାରା ଆମକୁ ନୂତନ ଦିଗ ଦେଇପାରେ। ଯଦି ଦିନର ଆରମ୍ଭ ଏକ ଭଲ ଚିନ୍ତା, ଏକ ଭଲ କାର୍ଯ୍ୟ କିମ୍ବା ଏକ ଭଲ ସଙ୍କଳ୍ପ ସହିତ ହୁଏ, ତେବେ ସମଗ୍ର ଦିନଟି ଅଧିକ ଫଳପ୍ରଦ ଓ ସୁନ୍ଦର ହୋଇଥାଏ ।

ସକାଳ ଆମକୁ ଦାୟିତ୍ୱବୋଧର ମଧ୍ୟ ସ୍ମରଣ କରାଏ। ଆମେ କେବଳ ନିଜ ପାଇଁ ନୁହେଁ, ପରିବାର, ସମାଜ ଓ ଦେଶ ପାଇଁ ମଧ୍ୟ କିଛି କରିବାର ଆବଶ୍ୟକତା ରହିଛି। ଏକ ସଚେତନ ନାଗରିକ ଭାବେ ଆମର କର୍ତ୍ତବ୍ୟ ହେଉଛି ସତ୍ୟ, ନ୍ୟାୟ ଓ ମାନବିକତାର ପଥରେ ଚାଲିବା। ସମାଜରେ ସଦଭାବନା , ସହଯୋଗ ଓ ସହାନୁଭୂତିର ପରିବେଶ ଗଢ଼ି ତୋଳିବା ପାଇଁ ପ୍ରତ୍ୟେକ ମଣିଷଙ୍କର ଅବଦାନ ଅତ୍ୟନ୍ତ ଆବଶ୍ୟକ।

ଯୁବପିଢ଼ି ଦେଶର ଭବିଷ୍ୟତ। ସେମାନଙ୍କ ମନରେ ଯଦି ସକାଳର ସୂର୍ଯ୍ୟ ପରି ଉଜ୍ଜ୍ୱଳ ସ୍ୱପ୍ନ ଓ ସକାରାତ୍ମକ ଚିନ୍ତା ରହିବ, ତେବେ ଦେଶର ଉନ୍ନତି ନିଶ୍ଚିତ। ଶିକ୍ଷା, ପରିଶ୍ରମ ଓ ନୈତିକ ମୂଲ୍ୟବୋଧ ହିଁ ସେମାନଙ୍କୁ ସଫଳତାର ଶିଖରକୁ ନେଇଯିବ। ଆଜିର ଡିଜିଟାଲ ଯୁଗରେ ତଥ୍ୟର ଅଭାବ ନାହିଁ, କିନ୍ତୁ ସଠିକ୍ ଜ୍ଞାନ ଓ ବିବେକର ଆବଶ୍ୟକତା ଅଧିକ। ସେଥିପାଇଁ ପ୍ରତ୍ୟେକ ଯୁବକ-ଯୁବତୀଙ୍କୁ ସମୟର ସଦୁପଯୋଗ କରି ନିଜର କ୍ଷମତାକୁ ବିକଶିତ କରିବା ଦରକାର।

ସକାଳର ସମୟ କେବଳ ଶାରୀରିକ ସତେଜତା ପାଇଁ ନୁହେଁ, ବରଂ ଆଧ୍ୟାତ୍ମିକ ଜାଗରଣ ପାଇଁ ମଧ୍ୟ ସର୍ବୋତ୍ତମ ବୋଲି ବିବେଚିତ ହୁଏ। ପ୍ରାଚୀନ ଭାରତୀୟ ପରମ୍ପରାରେ ବ୍ରହ୍ମମୁହୂର୍ତ୍ତର ମହତ୍ତ୍ୱ ବିଶେଷ ଭାବେ ବର୍ଣ୍ଣିତ ହୋଇଛି। ଋଷିମୁନିମାନେ ବିଶ୍ୱାସ କରୁଥିଲେ ଯେ, ଏହି ସମୟରେ ମନ ଅଧିକ ଶାନ୍ତ, ଏକାଗ୍ର ଓ ଗ୍ରହଣଶୀଳ ଥାଏ। ସେଥିପାଇଁ ଧ୍ୟାନ, ପ୍ରାର୍ଥନା, ଯୋଗ ଓ ସ୍ୱାଧ୍ୟାୟ ପାଇଁ ଏହା ସର୍ବାଧିକ ଉପଯୁକ୍ତ ସମୟ। ଯେଉଁ ବ୍ୟକ୍ତି ଦିନର ଆରମ୍ଭ ଆତ୍ମଚିନ୍ତନ ଓ ଈଶ୍ୱର ସ୍ମରଣରେ କରେ, ସେ ଦିନସାରା ଏକ ଅଲଗା ଆତ୍ମବିଶ୍ୱାସ ଓ ମାନସିକ ସନ୍ତୁଳନ ଅନୁଭବ କରିଥାଏ।

ମହାତ୍ମା ଗାନ୍ଧୀ କହିଥିଲେ, "ପ୍ରତ୍ୟେକ ଦିନକୁ ଏପରି ଜୀବନ୍ତ କର, ଯେପରି ସେହି ଦିନଟି ତୁମ ଜୀବନର ଶେଷ ଦିନ।" ଏହି ବାକ୍ୟ ଆମକୁ ସକାଳର ଗୁରୁତ୍ୱ ସ୍ମରଣ କରାଏ। କାରଣ ପ୍ରତ୍ୟେକ ପ୍ରଭାତ ଆମକୁ ଏକ ନୂତନ ସୁଯୋଗ ଦିଏ— ନିଜକୁ ବଦଳାଇବାର, ସମ୍ପର୍କକୁ ମଜବୁତ କରିବାର ଏବଂ ସମାଜ ପାଇଁ କିଛି ଭଲ କରିବାର। ଯଦି ଆମେ ପ୍ରତ୍ୟେକ ସକାଳକୁ କୃତଜ୍ଞତା, ଶୃଙ୍ଖଳା ଓ ସକାରାତ୍ମକତା ସହିତ ଆରମ୍ଭ କରିପାରିବା, ତେବେ ଜୀବନର ଅନେକ ସମସ୍ୟା ଆମ ପାଇଁ ସହଜ ହୋଇଯିବ। ସକାଳର ଆଲୋକ କେବଳ ପୃଥିବୀକୁ ନୁହେଁ, ଆମ ଚିନ୍ତାଧାରା ଓ ଚେତନାକୁ ମଧ୍ୟ ଆଲୋକିତ କରିବାର ଶକ୍ତି ରଖେ।

ପରିବେଶ ସୁରକ୍ଷା ମଧ୍ୟ ଆଜିର ସମୟର ଏକ ବଡ଼ ଆହ୍ୱାନ। ସକାଳର ନିର୍ମଳ ବାୟୁ ଓ ପ୍ରକୃତିର ସୌନ୍ଦର୍ଯ୍ୟ ଆମକୁ ଏହା ସ୍ମରଣ କରାଏ ଯେ, ପୃଥିବୀକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ। ଗଛ ଲଗାଇବା, ଜଳ ସଂରକ୍ଷଣ କରିବା ଏବଂ ପ୍ରଦୂଷଣ କମାଇବା ଭଳି ଛୋଟ ଛୋଟ ପଦକ୍ଷେପ ଆଗାମୀ ପିଢ଼ି ପାଇଁ ଏକ ସୁନ୍ଦର ପୃଥିବୀ ଗଢ଼ିପାରିବ। ଆମ ଜୀବନର ସଫଳତା କେବଳ ବଡ଼ ବଡ଼ ଉପଲବ୍ଧିରେ ନୁହେଁ, ବରଂ ପ୍ରତିଦିନର ଛୋଟ ଛୋଟ ସକାରାତ୍ମକ ପ୍ରୟାସରେ ନିର୍ଭର କରେ। ପ୍ରତ୍ୟେକ ସକାଳ ଆମକୁ ଏହି ସୁଯୋଗ ଦିଏ ଯେ, ଆମେ ଗତକାଲିର ଭୁଲରୁ ଶିକ୍ଷା ନେବା, ନୂତନ ଲକ୍ଷ୍ୟ ନିର୍ଦ୍ଧାରଣ କରିବା ଏବଂ ନିଜକୁ ଏକ ଉତ୍ତମ ମଣିଷରେ ପରିଣତ କରିବା। ଏକ ସକାରାତ୍ମକ ଚିନ୍ତା, ଏକ ଭଲ କାର୍ଯ୍ୟ ଏବଂ ଏକ ଉତ୍ତମ ସଙ୍କଳ୍ପ ଅନେକ ସମୟରେ ସମଗ୍ର ଜୀବନର ଦିଗ ପରିବର୍ତ୍ତନ କରିଦିଏ।

ପ୍ରଭାତର ପ୍ରଥମ କିରଣ ଯେପରି ଅନ୍ଧକାରକୁ ଦୂର କରେ, ସେହିପରି ଆଶା, ବିଶ୍ୱାସ ଓ ସକାରାତ୍ମକ ଚିନ୍ତାଧାରା ମଣିଷ ଜୀବନର ସମସ୍ତ ନିରାଶାକୁ ଦୂର କରି ଏକ ନୂତନ ଭବିଷ୍ୟତର ପଥ ପ୍ରଶସ୍ତ କରେ।

ଶେଷରେ ଏତିକି କୁହାଯାଇପାରେ, ପ୍ରତ୍ୟେକ ସକାଳ ଆମ ଜୀବନରେ ଏକ ନୂତନ ସୁଯୋଗ ନେଇ ଆସେ। ଗତକାଲିର ଭୁଲକୁ ସୁଧାରିବା, ନୂତନ ଲକ୍ଷ୍ୟ ସ୍ଥିର କରିବା ଏବଂ ଉତ୍ତମ ମଣିଷ ହେବାର ପ୍ରେରଣା ଦିଏ। ତେଣୁ ଆସନ୍ତୁ, ପ୍ରତ୍ୟେକ ସକାଳକୁ କେବଳ ଏକ ଦୈନନ୍ଦିନ ଘଟଣା ଭାବେ ନୁହେଁ, ବରଂ ଜୀବନକୁ ସୁନ୍ଦର କରିବାର ଏକ ଅମୂଲ୍ୟ ସୁଯୋଗ ଭାବେ ଗ୍ରହଣ କରିବା। ନୂତନ ଦିନ, ନୂତନ ଆଶା ଓ ନୂତନ ସଙ୍କଳ୍ପ ସହିତ ଆଗକୁ ବଢ଼ିବା | ଏହାହିଁ ହେଉ ଆମର ପ୍ରତ୍ୟେକ ସକାଳର ପ୍ରାର୍ଥନା।

**କୋଣାର୍କ, ମୋବାଇଲ୍:୯୬୬୮୧୧୯୬୧୦**

# ସେଲୁନ୍‌ରେ ବେଲୁନ୍



**ଡ. ସୀତାକାନ୍ତ ତ୍ରିପାଠୀ**

ପିଲାମାନଙ୍କର ବିଶ୍ଳେଷଣାତ୍ମକ ଜ୍ଞାନ ପରୀକ୍ଷା କରିବା ପାଇଁ ସେମାନଙ୍କୁ ଗୋଟିଏ ଅଭିନବ ପ୍ରସଙ୍ଗ ଦିଆଗଲା ; 'ସେଲୁନ୍ ଭିତରେ ବେଲୁନ୍'। ଏଥିରେ କାହାରି କାହାର ସାଙ୍ଗରେ ସମ୍ପର୍କ ନଥିଲେ ମଧ୍ୟ ନିଜେ କେମିତି ଭିଡିଭାଡି ନେଇ ଗୋଟିଏ ସମ୍ପର୍କର ସେତୁ ଗଢ଼ି ପାରିବେ ସେଥିପାଇଁ ପିଲାମାନେ ନିଜ ନିଜର କଳା କୌଶଳ ଚିନ୍ତା, ଚେତନା ଲଗାଇବା ଆରମ୍ଭ କରିଦେଲେ। ଶେଷରେ ତିନି ଜଣ ଛାତ୍ର-ଛାତ୍ରୀଙ୍କର ବିଶେଷ ଲେଖା ସାମ୍ନାକୁ ଆସିଲା। ପ୍ରଥମଟିରେ ପିଲାଟି ଲେଖିଥିଲା ସେଲୁନ୍‌ଟି ନୂତନ ଭାବରେ ଖୋଲାଯାଇଥିଲା ତେଣୁ ତାହା ବେଲୁନ୍‌ରେ ସଜା ଯାଇଥିଲା। ଲୋକମାନେ ଅନ୍ତତଃ ଜାଣିବେ ଯାହାହେଉ ଆମ ଘରପାଖରେ ଏକ ନୂଆ ସେଲୁନ୍ ଖୋଲଗଲା। ଇଚ୍ଛା ଥାଉ କିମ୍ବା ନଥାଉ ସେ ଆଡ଼କୁ ଆଖି ଆପେ ଆପେ ଚାଲିଯିବ। ଏହା ହିଁ ତ' ଗ୍ରାହକ ମାନଙ୍କୁ ଆକୃଷ୍ଟ କରିବାର ଉପାୟ। ଯଦି ଏହି ବେଲୁନ୍ ସାଜସଜ୍ଜାକୁ ଦେଖି କେହି ଆସି କିଛି ପଚାରେ ତାହେଲେ ସେଲୁନ୍‌ବାଲାଙ୍କୁ ତାଙ୍କ ସାଙ୍ଗରେ ସମ୍ପର୍କର ସେତୁ ବାନ୍ଧିବା ପାଇଁ ଅନ୍ତତଃ ଏକ ସୁଯୋଗ ଏବଂ ଅବସର ମିଳିଯିବ। ଦ୍ୱିତୀୟ ଛାତ୍ର ଜଣକ ଲେଖିଥିଲା ପିଲାମାନେ ସାଧାରଣତଃ ବାଳ କାଟିବା ପାଇଁ ରାଜି ହୋଇ ନଥାନ୍ତି। ଯଦି କେବେ କେମିତି ବାପା ମା' ବୁଝାଇ ଶୁଝାଇ ପିଲାଟିକୁ ସେଲୁନ୍ ପାଖକୁ ନେଇ ଯାଆନ୍ତି ସେଠାରେ ପିଲାଟିର ପୁଣି ଥରେ କାନ୍ଦ ଆରମ୍ଭ ହୋଇଯାଏ। ଏ ପ୍ରକାର ପରିସ୍ଥିତିକୁ ସହଜ ଓ ସରଳ ଭାବରେ ସାମ୍ନା କରିବା ପାଇଁ ସେଲୁନ୍‌ରେ ବେଲୁନ୍ ରଖାଯାଇଥାଏ। ଯାହା ଫଳରେ ପିଲାଟି ଏଥିରେ ଆକୃଷ୍ଟ ହୋଇଯାଇ ଖେଳିବା ଆରମ୍ଭ କରିଥାଏ ଯାହାର ସୁଯୋଗ ନେଇ ପିଲାଟିର ବାଳ କାଟିବାରେ କୌଣସି ଅସୁବିଧା ହେବା ତ ଦୂରର କଥା ବରଂ ଖୁସି ହୋଇ ଅଧିକ କିଛି ସମୟ ରହିବା ପାଇଁ ପିଲାଟି ଜିଦି କରିଥାଏ। ସେଲୁନ୍‌ବାଲାର ଏ ପ୍ରକାର ବ୍ୟବହାର, ଆଚାର ଏବଂ ଆଦବ କାଇଦାରେ ଖୁସି ହୋଇ ଅନେକ ବାପା ମା' ସେଠାକୁ ଆସିବା ପାଇଁ ଉଚିତ୍ ମନେ କରିଥାଆନ୍ତି। ଯାହା ଫଳରେ ଉକ୍ତ ସେଲୁନ୍‌ର ନାଁ ହୋଇଯାଏ। ଭଲ ଦୁଇପଇସା ରୋଜଗାର ହେବାର ସୁବିଧା ସୁଯୋଗ ମିଳିବାର ସମ୍ଭାବନା ସୃଷ୍ଟି ହୋଇଥାଏ। ତୃତୀୟ ଜଣକର ଉତ୍ତର ଥିଲା ସେଲୁନ୍ ମାଲିକ କେବଳ ବେଲୁନ୍ ରଖି ନଥିଲେ ବରଂ ତାଙ୍କ ପାଖରେ ଏକ ବନ୍ଧୁକ ମଧ୍ୟ ଥିଲା ଯିଏ ବେଲୁନ୍‌କୁ ଲକ୍ଷ୍ୟ କରି ଗୁଳି ମାରି ତାକୁ ଫୁଟାଇ ପାରିବ ତା ପାଇଁ ପୁରସ୍କାରର ବ୍ୟବସ୍ଥା ମଧ୍ୟ ଥିଲା। ପିଲାମାନଙ୍କୁ ଆକୃଷ୍ଟ କରିବା ପାଇଁ ତାଙ୍କର ଏହି ପ୍ରୟାସ ସଫଳ ହେଲା ଏବଂ ଧିରେ ଧିରେ ଏହା ଆଖପାଖ ଅଞ୍ଚଳରେ ପ୍ରସିଦ୍ଧି ଲାଭ କଲା। ଏକା ସାଙ୍ଗରେ ଠାକୁର ଦେଖା ଓ କଦଳୀ ବିକାର ଏହି ପ୍ରୟାସ ଏକ ଉଦାହରଣ ସୃଷ୍ଟି କରିବାରେ ସମର୍ଥ ହେଲା କାରଣ' ସବୁବେଳେ ଲୋକମାନେ ବାଳ କଟାଇବା ପାଇଁ ସେଲୁନ୍‌କୁ ଆସିବେ ତା'ର ଯଥାର୍ଥତା ନାହିଁ ବରଂ ପିଲାମାନେ ଖେଳିବା ନାଁରେ ସେଠାକୁ ଆସିବେ। ଗହଳି ଲାଗିବ ଏବଂ ଏହି ଖେଳରୁ ଭଲ ଦୁଇ ପଇସା ରୋଜଗାର ହେବାର ବାଟ ଫିଟିଯିବ।




ଉପରୋକ୍ତ ତିନୋଟି ପ୍ରସଙ୍ଗ ସମ୍ପୂର୍ଣ୍ଣ କାଳ୍ପନିକ ଥିଲେ ମଧ୍ୟ ତାହା ପିଲାମାନଙ୍କର ଚିନ୍ତାଧାରାର ଏକ ଭିନ୍ନଦିଗନ୍ତକୁ ସୂଚୀତ କରୁଥିଲା। କାରଣ ବ୍ୟବସାୟିକ ମନୋବୃତ୍ତିକୁ କେମିତି ଏକ ହସଖୁସି ପରିବେଶ ମଧ୍ୟରେ ହାସଲ କରିହେବ ସେ ସବୁର ଫେଣ୍ଟାଫେଣ୍ଟି ଚିତ୍ର ଉଣାଅଧିକେ ଏସବୁ ଲେଖା ମଧ୍ୟରେ ସ୍ଥାନିତ ହୋଇଥିଲା। ହଠାତ୍ ଜଣେ ଛାତ୍ର ଏସବୁ କଥା ଶୁଣି କହିଲା ସାର୍! ବେଲୁନ୍‌କୁ ସେଲୁନ୍‌ରେ କେମିତି ଉପଯୋଗ କରାଯାଇ ପାରିବ ସେ କଥା ତ' ଆମେ ଶୁଣିଲେ, କିନ୍ତୁ ସେସବୁ ବେଲୁନ୍‌ରେ ଯେଉଁ ଗ୍ୟାସ୍ ଭର୍ତ୍ତି ହୋଇଥିଲା ତାହା ସୁରକ୍ଷିତ ଥିଲା ତ? କାରଣ ଆପଣ ଜାଣିଛନ୍ତି ପୂର୍ବରୁ ବିଭିନ୍ନ ସଭାସମିତି ତଥା ପୂଜାପର୍ବ ମାନଙ୍କରେ ଏହି ବେଲୁନ୍ କୌଣସି କାରଣରୁ ଫାଟିଯାଇ କେତେ ନିରୀହ ଜୀବନ ନେବା ସହିତ ଆହତ କରିଛି। ତେଣୁ ବେଲୁନ୍ ବାନ୍ଧିବା ସମୟରେ ସେଲୁନ୍ ବାଲା ଜଣକ ଯଥେଷ୍ଟ ସତର୍କତା ଅବଲମ୍ବନ କରିଥିଲେ କି ନାହିଁ ତାହା ମଧ୍ୟ ଚିନ୍ତା କରିବାର ଅଛି। ସେ ବିଷୟରେ କୌଣସି ଏକ ଲେଖାରେ ସ୍ଥାନିତ ନ ହେବା କ'ଣ ଠିକ୍ କଥା ? ଏକଥା ଶୁଣି ସମସ୍ତେ ତାଜୁବ। ପ୍ରକୃତରେ ଅନେକ କାର୍ଯ୍ୟ, ଯୋଜନା, ଆଇନ କଥା ଯେତେବେଳେ ମନକୁ ଆସେ ଆମେ କେବଳ ତା'ର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥାଉ। କିନ୍ତୁ କାର୍ଯ୍ୟକାରିତା ସମୟରେ କି' ପ୍ରକାର ସତର୍କତା ଅବଲମ୍ବନ କରାଯିବା ଜରୁରୀ ଏବଂ ଭବିଷ୍ୟତରେ ସେସବୁ କି ପ୍ରକାର ସମସ୍ୟା ଉପୁଜାଇବାର ସମ୍ଭାବନା ରହିଛି ସେ ସମ୍ପର୍କରେ ଖୁବ୍ କମ୍ ଆଲୋଚନା ହୋଇଥାଏ। ଉଦାହରଣ ସ୍ୱରୂପ; ଘରକୁ ଶୀତତାପ ନିୟନ୍ତ୍ରିତ କରିବା ସମୟରେ ଅଗ୍ନି ନିର୍ବାପନ ପ୍ରତି ଆଖି ବୁଜିଦେବା ଫଳରେ ଅନେକ ସମୟରେ ଅଗ୍ନିକାଣ୍ଡ ଘଟି ଧନଜୀବନ ହାନୀ ହେଉଛି। "ନିର୍ବାଣ ଦୀପେ କିମୁ ତୈଳ ଦାନମ" ନ୍ୟାୟରେ ସମସ୍ୟା ଘଟି ସାରିବା ପରେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାରେ କି ଲାଭ ! ତେଣୁ ମୂଳରୁ ସାବଧାନ ହୋଇ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ଦରକାର ନହେଲେ ଉପରକୁ ସୁନ୍ଦର ଦିଶୁଥିବା ଯୋଜନା ଏବଂ କାର୍ଯ୍ୟ ଗୁଡ଼ିକ ଯେ ଫମ୍ପା ସେ କଥା ବୁଝିବା ବେଳକୁ ନେଡ଼ିଗୁଡ଼ କହୁଣୀକୁ ବହି ସାରିଥିବ।

**ତଳଗୋପବିନ୍ଧା, ଅର୍ଣ୍ଣପାଳ, ଭଦ୍ରକ**
**ମୋବାଇଲ୍:୯୭୭୮୭୬୪୩୯୪**

### ବ୍ୟାବସାୟିକ ନେତୃବୃନ୍ଦଙ୍କୁ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# ୩୫,୦୦୦ କୋଟି ହେବ ଭାରତ-ନ୍ୟୁଜିଲାଣ୍ଡ ବାଣିଜ୍ୟ



### ନିବେଶ ସୁଯୋଗ ସୃଷ୍ଟି ନେଇ ଆଲୋଚନା

### ଆର୍ଥିକ ସଂସ୍କାର ଉପରେ ଗୁରୁତ୍ୱାରୋପ

ନୂଆଦିଲ୍ଲୀ, ୧୧।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଶନିବାର ପ୍ରମୁଖ କମ୍ପାନୀଗୁଡ଼ିକର ସିଇଓ ତଥା ବ୍ୟାବସାୟିକ ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିଛନ୍ତି। ଏହି ପାରସ୍ପରିକ ବାର୍ତ୍ତାଳାପ ସମୟରେ ଦୁଇ ଦେଶ ମଧ୍ୟରେ ବ୍ୟାବସାୟିକ ସମ୍ପର୍କକୁ ଅଧିକ ମଜଭୁତ କରିବା ଓ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶର ସୁଯୋଗ ସୃଷ୍ଟି କରିବା ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି।

ପ୍ରଧାନମନ୍ତ୍ରୀ ମୋଦୀ ଏହି ଅବସରରେ କହିଥିଲେ ଯେ, ଭାରତ ଓ ନ୍ୟୁଜିଲାଣ୍ଡ ଜନତା ଗଣତାନ୍ତ୍ରିକ ମୂଲ୍ୟବୋଧ, ଆଇନର ଶାସନ ପ୍ରତି ସମ୍ମାନ, ବିବିଧତା ଏବଂ ସ୍ଥାୟୀ ବିକାଶ ପ୍ରତି ପ୍ରତିବଦ୍ଧତା ଦ୍ୱାରା ପରସ୍ପର ସହ ଜଡ଼ିତ, ଯାହା ଏକ ମହତ୍ତ୍ୱାକାଂକ୍ଷୀ ଓ ପ୍ରଗତିଶୀଳ ଆର୍ଥିକ ଭାଗିଦାରୀ ପାଇଁ ଦୃଢ଼ ଭିତ୍ତିଭୂମି ପ୍ରଦାନ କରୁଛି। ସେ ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବ୍ୟବସାୟ ଚୁକ୍ତିକୁ ଏକ ମାଇଲଖୁଣ୍ଟ ଭାବରେ ବର୍ଣ୍ଣନା କରିଛନ୍ତି ଯାହା ଦ୍ୱିପାକ୍ଷିକ ଆର୍ଥିକ ସମ୍ପର୍କକୁ ଅଧିକ ଗଭୀର ଓ ଗତିଶୀଳ କରିବ ଏବଂ ବଜାର ପ୍ରବେଶ, ପୁଞ୍ଜିନିବେଶ, ସେବା, ପ୍ରଯୁକ୍ତିବିଦ୍ୟା ଏବଂ ପ୍ରତିଭା ସ୍ଥାନାନ୍ତର ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ।

ପ୍ରଧାନମନ୍ତ୍ରୀ ମୋଦି ଭାରତର ନିରନ୍ତର ଉଚ୍ଚ ଅଭିବୃଦ୍ଧି ସହିତ ଯୁବ ଓ ଦକ୍ଷ କାର୍ଯ୍ୟବଳ, ବିସ୍ତାରିତ ମଧ୍ୟବିତ୍ତ ଶ୍ରେଣୀ, ଡିଜିଟାଲ୍ ବିପ୍ଳବ, ପରବର୍ତ୍ତୀ ପିଢ଼ିର ଭିତ୍ତିଭୂମି ବିକାଶ ଏବଂ ନିରନ୍ତର ଆର୍ଥିକ ସଂସ୍କାର ସମ୍ପର୍କରେ ଗୁରୁତ୍ୱାରୋପ କରି ଏହା ନ୍ୟୁଜିଲାଣ୍ଡର କମ୍ପାନୀଗୁଡ଼ିକ ପାଇଁ ବାଣିଜ୍ୟ, ପୁଞ୍ଜିନିବେଶ ଏବଂ ନବୋନ୍ମେଷ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରୁଛି ବୋଲି କହିଥିଲେ। ସେ ଉଲ୍ଲେଖ କରିଛନ୍ତି ଯେ, ରାଜନୈତିକ ସ୍ଥିରତା ଓ ନିରନ୍ତର ଅଭିବୃଦ୍ଧି ପଥ ଭାରତକୁ ବିଶ୍ୱ ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକାରୀ ଭାବରେ ପ୍ରତିଷ୍ଠିତ କରିଛି। ସେ ନ୍ୟୁଜିଲ୍ୟାଣ୍ଡର ନିବେଶକ ଓ ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଭିତ୍ତିଭୂମି ବିକାଶ, ବେସାମରିକ ବିମାନ ଚଳାଚଳ, ଲଜିଷ୍ଟିକ୍ସ, ସ୍ୱଚ୍ଛ ଶକ୍ତି, ସହରୀ ଗତିଶୀଳତା, ଜଳ ପରିଚାଳନା, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଡିଜିଟାଲ୍ ଅର୍ଥନୀତି କ୍ଷେତ୍ରରେ ଭାରତ ସହ ଭାଗିଦାରୀ ହେବାକୁ ଆମନ୍ତ୍ରଣ କରିଛନ୍ତି। ଭାରତର ସୁଦୃଢ଼ ଷ୍ଟାର୍ଟ-ଅପ୍ ପରିବେଶ ବିଷୟରେ ଉଲ୍ଲେଖ କରି ସେ ନବୋନ୍ମେଷ, ଫିନଟେକ୍ ଏବଂ ବିକାଶମୁଖୀ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉଭୟ ଦେଶର ବେସରକାରୀ କ୍ଷେତ୍ର ମଧ୍ୟରେ ଅଧିକ ନିବିଡ଼ ସମ୍ପର୍କ ପାଇଁ ଆହ୍ୱାନ ଦେଇଛନ୍ତି। ଦୁଗ୍ଧ ବିଜ୍ଞାନ, ଉଦ୍ୟାନ କୃଷି ଏବଂ ବନୀକରଣ କ୍ଷେତ୍ରରେ ନ୍ୟୁଜିଲ୍ୟାଣ୍ଡର ଦକ୍ଷତା ଏବଂ ଭାରତର ଗ୍ରାହକ ବଜାର, ଫୁଡ୍ ପାର୍କ ଏବଂ ଏଗ୍ରି-ଟେକ୍ ପ୍ରତିଭା ଏକାଠି ହୋଇ ବିଶ୍ୱ ସ୍ତରୀୟ ଖାଦ୍ୟ ମୂଲ୍ୟ ଶୃଙ୍ଖଳା ସୃଷ୍ଟି କରିବା ଉଚିତ ବୋଲି ମୋଦି ଉଲ୍ଲେଖ କରିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ବ୍ୟବସାୟଗୁଡ଼ିକୁ ପୁଞ୍ଜିନିବେଶ ଏବଂ ବାଣିଜ୍ୟିକ ଭାଗିଦାରୀ ସମ୍ପ୍ରସାରଣ କରିବା ଏବଂ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟ ପରିମାଣକୁ ଦ୍ୱିଗୁଣିତ କରି ୭ ବିଲିୟନ ନ୍ୟୁଜିଲାଣ୍ଡ ଡଲାର ଅର୍ଥାତ୍ ପ୍ରାୟ ୩୫,୦୦୦ କୋଟି ଟଙ୍କାର ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବାକୁ ଉତ୍ସାହିତ କରିଛନ୍ତି। ଭାରତ-ନ୍ୟୁଜିଲାଣ୍ଡ ଆର୍ଥିକ ଭାଗିଦାରୀ ସମାବେଶୀ ଏବଂ ସ୍ଥାୟୀ ବାଣିଜ୍ୟ ପାଇଁ ଏକ ମଡେଲ୍ ଏବଂ ନବୋନ୍ମେଷ ଓ ସମୃଦ୍ଧି ପାଇଁ ଏକ ମଞ୍ଚ ହୋଇପାରିବ ବୋଲି ମୋଦି କହିଛନ୍ତି।

### ଟିଏମ୍‌ସିକୁ ଲାଗିପାରେ ଝଟକା

# ମମତାଙ୍କଠାରୁ ଅଲଗା ହେବେ ଅନୁବ୍ରତ



କୋଲକାତା,୧୧।୭: ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଘନିଷ୍ଠ ସହଯୋଗୀ ବୋଲି ବିବେଚିତ ଅନୁବ୍ରତ ମଣ୍ଡଳ ଏବେ ତାଙ୍କଠାରୁ ଅଲଗା ହୋଇ ରାତିବ୍ରତ ବାନାର୍ଜୀଙ୍କ ଶିବିରରେ ଯୋଗ ଦେଇପାରନ୍ତି। ସୂତ୍ର ଅନୁଯାୟୀ, ଏହି ପ୍ରସଙ୍ଗରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଶେଷ ହୋଇଛି। ଶୁକ୍ରବାର ବିଧାନସଭାରେ ରାଜନୈତିକ ଘଟଣାକ୍ରମ ପରେ, ରାତିବ୍ରତ ଶିବିରର ଜଣେ ବିଧାୟକ ଅନୁବ୍ରତ ମଣ୍ଡଳଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ଏହି ଆଲୋଚନା ସମୟରେ ହିଁ ତାଙ୍କୁ ନୂତନ ଶିବିରରେ ଯୋଗ ଦେବା ପାଇଁ ଏକ ଚୁକ୍ତି ହୋଇଥିଲା।

ଖବର ମିଳିଛି ଯେ ତାଙ୍କୁ ରାତିବ୍ରତଙ୍କ ସମର୍ଥିତ ତୃଣମୂଳ ଗୋଷ୍ଠୀର ବୀରଭୂମି ଜିଲା ସଭାପତି ପଦ ମଧ୍ୟ ପ୍ରଦାନ କରାଯାଇଛି, ଯାହାକୁ ସେ ଗ୍ରହଣ କରିଛନ୍ତି। ରାତିବ୍ରତ ଶିବିରର କାର୍ଯ୍ୟକାରୀ କମିଟିର ଏକ ବୈଠକ ଶନିବାର ଅନୁଷ୍ଠିତ ହେବାର ଅଛି। ବୈଠକ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁବ୍ରତ ମଣ୍ଡଳଙ୍କ ନୂତନ ଦାୟିତ୍ୱ ସମ୍ପର୍କରେ ଘୋଷଣା କରାଯାଇପାରେ। ଦୀର୍ଘ ସମୟ ଧରି ଅନୁବ୍ରତ ମଣ୍ଡଳଙ୍କୁ ମମତା ବାନାର୍ଜୀଙ୍କ ସବୁଠାରୁ ବିଶ୍ୱସ୍ତ ନେତାଙ୍କ ମଧ୍ୟରେ ଗଣନା କରାଯାଉଥିଲା। ରାଜନୈତିକ ଏବଂ ଆଇନଗତ ବିବାଦ ମଧ୍ୟରେ ମଧ୍ୟ ମମତା ତାଙ୍କୁ ଅନେକ ସମୟରେ ସାର୍ବଜନୀନ ଭାବରେ ସମର୍ଥନ କରିଥିଲେ। ଅନୁବ୍ରତ ମଧ୍ୟ ମମତାଙ୍କ ପ୍ରତି ନିରନ୍ତର ତାଙ୍କର ଆନୁଗତ୍ୟ ପ୍ରଦର୍ଶନ କରିଥିଲେ; ତଥାପି, ବିଧାନସଭା ନିର୍ବାଚନ ପରେ ତାଙ୍କ ମନରେ ପରିବର୍ତ୍ତନ ସ୍ପଷ୍ଟ ହୋଇଥିଲା। ସେ ଅନେକ ପ୍ରସଙ୍ଗରେ ଦଳର ରଣନୀତି ସହିତ ମତଭେଦ ପ୍ରକାଶ କରିଥିଲେ ଏବଂ ସମ୍ମାନର ଅଭାବ ଦର୍ଶାଇ ସଂଗଠନ ଛାଡିବାକୁ ଇଙ୍ଗିତ ଦେଇଥିଲେ।

# ଟ୍ରକ୍‌କୁ ପିଟିଲା କାର, ଚାଲିଗଲା ୪ ଜୀବନ

ନୂଆଦିଲ୍ଲୀ ୧୧।୭: ଗୁଜରାଟର ମଜେଭଡି ଗ୍ରାମ ନିକଟରେ ଏକ ଦ୍ରୁତଗାମୀ କାର ଗୋଟିଏ ଟ୍ରକ୍‌କୁ ଧକ୍କା ଦେବା ଫଳରେ ଚାରି ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଚାରିଜଣ ଗୁରୁତର ଆହତ ହୋଇଛନ୍ତି। କେବଳ ଜଣେ ଶିଶୁ ବଞ୍ଚି ଯାଇଛି। ବନାସକାଣ୍ଠା ଜିଲ୍ଲାର ଏକ ପରିବାର ସେମାନଙ୍କର କାରରେ ସୋମନାଥକୁ ଅସ୍ଥି ବିସର୍ଜନ କରିବାକୁ ଯାଉଥିଲେ। କାରଟି ମଜେଭଡି ଗ୍ରାମ ନିକଟରେ ପହଞ୍ଚିବା ମାତ୍ରେ ହାଇୱେରେ ଠିଆ ହୋଇଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରରେ ଥିଲା ଯେ କାରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଖଣ୍ଡ ଖଣ୍ଡ ହୋଇଗଲା।

### ଶ୍ରଦ୍ଧା ୱାଲକର ହତ୍ୟା ମାମଲା

# ପରୀକ୍ଷା ପାଇଁ ଶୁଣାଣି ସ୍ଥଗିତ



ନୂଆଦିଲ୍ଲୀ, ୧୧।୭: ବହୁ ଚର୍ଚ୍ଚିତ ଶ୍ରଦ୍ଧା ୱାଲକର ହତ୍ୟା ମାମଲାରେ ଦିଲ୍ଲୀର ଏକ ଅଦାଲତ ଜୁଲାଇ ୨୦ ତାରିଖରେ ହେବାକୁ ଥିବା ଶୁଣାଣି ପ୍ରକ୍ରିୟାକୁ ବାତିଲ କରିଛନ୍ତି। ଅଭିଯୁକ୍ତ ଆଫତାବ ଅମିନ ପୁନାୱାଲା ସେହି ଦିନ ତିହାର ଜେଲ ମଧ୍ୟରେ ତାର ଏମଏ ସୋସିଓଲୋଜିର ଚୂଡ଼ାନ୍ତ ପରୀକ୍ଷା ଦେବାକୁ ଥିବାରୁ କୋର୍ଟଙ୍କ ନିକଟରେ ଶୁଣାଣି ସ୍ଥଗିତ ରଖିବାକୁ ଆବେଦନ କରିଥିଲା। ଅତିରିକ୍ତ ସେସନ୍ସ ଜଜ୍ ହରଗୁରଭରିନ୍ଦର ସିଂହ ଜଗଗୀ ଏହି ଆବେଦନକୁ ଗ୍ରହଣ କରି ଜୁଲାଇ ୨୦ ର ଶୁଣାଣିକୁ ବାତିଲ କରିବା ସହ ଜୁଲାଇ ୨୧ ତାରିଖ ଅପରାହ୍ନ ୨ଟାରୁ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ପୁନର୍ବାର ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଆଦେଶ ଅନୁଯାୟୀ, ପରୀକ୍ଷା ଜୁଲାଇ ୧୧ ରୁ ଜୁଲାଇ ୨୦ ପର୍ଯ୍ୟନ୍ତ ତିହାର ଜେଲ୍‌ରେ ଥିବା ପରୀକ୍ଷା କେନ୍ଦ୍ରରେ ହେବ। ଜୁଲାଇ ୨୦ ତାରିଖ ଅପରାହ୍ଣ ୨ଟାରୁ ୫ଟା ପର୍ଯ୍ୟନ୍ତ ଆଫତାବର ଶେଷ ପରୀକ୍ଷା ଥିବାରୁ ସେ କୋର୍ଟରେ ହାଜିରା ଦେବାରୁ ମୁକ୍ତି ମାଗିଥିଲା।

# ମିରଟ ରୋଡ୍‌ରେ ସ୍କୁଲବସ୍ ପୋଡ଼ି ପାଉଁଶ



ଗାଜିଆବାଦ, ୧୧।୭: ଉତ୍ତରପ୍ରଦେଶର ଗାଜିଆବାଦର ନନ୍ଦଗ୍ରାମ ପୁଲିସ ଥାନା ଅଞ୍ଚଳର ମିରଟ ରୋଡରେ ଏକ ଡିପିଏସ ସ୍କୁଲବସ୍‌ରେ ଅଗ୍ନିକାଣ୍ଡ ଘଟିଛି। ଘଟଣା ସମୟରେ ବସ୍‌ରେ କୌଣସି ପିଲା ନଥିବାରୁ ଏକ ବଡ଼ ଦୁର୍ଘଟଣା ଟଳି ଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ହଠାତ୍ ବସ୍‌ଟିରେ ନିଆଁ ଲାଗିଯାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଅଗ୍ନିଶମ ବାହିନୀର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ପୂର୍ବାହ୍ଣ ପ୍ରାୟ ସାଢ଼େ ୯ଟା ବେଳେ କୋତୱାଲି ପୁଲିସ ଷ୍ଟେସନ ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇଥିଲେ। ସୂଚନା ପାଇ ଅଗ୍ନିଶମ କେନ୍ଦ୍ରର ୨ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ବସ୍‌ଟି ପୋଡ଼ି ପାଉଁଶ ହୋଇ ସାରିଥିଲା। ଅଗ୍ନିଶମ ବିଭାଗ ଅନୁଯାୟୀ, ବସ୍‌ରେ ସିଏନ୍‌ଜି କିଟ୍ ଲଗାଯାଇଥିଲା। ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ତଦନ୍ତ ଜାରି ରହିଛି।

# ଲାଲ୍‌କିଲ୍ଲାକୁ ଉଡ଼ାଇଦେବାକୁ ଧମକ

ନୂଆଦିଲ୍ଲୀ, ୧୧।୭: ରାଜଧାନୀ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାକୁ ବୋମା ମାଡ଼ କରି ଉଡ଼ାଇବାକୁ ଧମକ ମିଳିଛି। ଏହି ଧମକ ମୁମ୍ବାଇ ପୁଲିସକୁ ଫୋନ୍ କରି ଦିଆଯାଇଛି। ଜଣେ ବ୍ୟକ୍ତି ମୁମ୍ବାଇ ପୁଲିସ କଣ୍ଟ୍ରୋଲ ରୁମକୁ ଫୋନ୍ କରି ଲାଲକିଲ୍ଲା ଉପରେ ବୋମା ମାଡ଼ କରିବାକୁ ଧମକ ଦେଇଛନ୍ତି। ମୁମ୍ବାଇ ପୁଲିସ କଣ୍ଟ୍ରୋଲ ରୁମ ତୁରନ୍ତ ଏହି ଧମକ ବିଷୟରେ ଦିଲ୍ଲୀ ପୁଲିସ କଣ୍ଟ୍ରୋଲ ରୁମକୁ ଜଣାଇଥିଲେ। ତା'ପରେ ଦିଲ୍ଲୀ ପୁଲିସ କଣ୍ଟ୍ରୋଲ ରୁମ୍ ଉତ୍ତର ଜିଲ୍ଲା ପୁଲିସକୁ ଏନେଇ ସୂଚନା ପ୍ରଦାନ କରିଥିଲା। ଏହି ଘଟଣାର ତଦନ୍ତ ଆରମ୍ଭ କରାଯାଇଥିଲା। ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପରେ, ଉତ୍ତର ଜିଲ୍ଲା ପୁଲିସ ଏହି ଧମକକୁ ମିଥ୍ୟା ବୋଲି କହିଛି। ତେବେ ଏହି ଧମକ କିଏ ଦେଇଥିଲେ ସେ ନେଇ ତଦନ୍ତ ଜାରି ରହିଛି।

# ବାହାମାସ୍‌ରେ ବିମାନ ଦୁର୍ଘଟଣା, ୧୦ ମୃତ




ସାନ ଜୁଆନ, ୧୧।୭: ବାହାମାସରେ ଏକ ଛୋଟ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୧୦ ଜଣଙ୍କର ମୃତ୍ୟୁ ହୋଇଛି। ସରକାର ଫ୍ଲେମିଙ୍ଗୋ ଏୟାରର ଉଡ଼ାଣକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିଛନ୍ତି। ଏହି ଦୁର୍ଘଟଣା ଦ୍ୱୀପପୁଞ୍ଜର ରାଜଧାନୀ ନାସାଉର ପଶ୍ଚିମରେ ଅବସ୍ଥିତ ଉତ୍ତର ଆଣ୍ଡ୍ରୋସରେ ଘଟିଛି। ବାହାମାସର ପ୍ରଧାନମନ୍ତ୍ରୀ ଫିଲିପ୍ ବ୍ରେଭ୍ ଡେଭିସ୍ ପ୍ରଥମେ ଜଣେ ବ୍ୟକ୍ତି ବଞ୍ଚି ଯାଇଥିବା କହିଥିଲେ। କିନ୍ତୁ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ନିଶ୍ଚିତ କରିଥିଲେ ଯେ ସେହି ବ୍ୟକ୍ତି ତାଙ୍କ ଆଘାତରୁ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। କିନ୍ତୁ ୧୦ ଜଣଙ୍କର ମୃତ୍ୟୁ ହେବାର ଆଶଙ୍କା କରାଯାଉଛି। ସେ କହିଛନ୍ତି, ଯେଉଁ ଲୋକମାନେ ବାହାମାସର ସ୍ୱାଧୀନତାର ୫୩ତମ ବାର୍ଷିକୀ ପାଳନ କରୁଛନ୍ତି, ଆମେ ସେମାନଙ୍କର ମୃତ୍ୟୁରେ ଗଭୀର ଦୁଃଖ ପ୍ରକାଶ କରୁଛୁ। ଏହି ଦିନଟି ଶୋକର ଦିନରେ ପରିଣତ ହୋଇଛି। ଆମେ ସେହି ପରିବାର ପ୍ରତି ଆମର ଗଭୀର ସମବେଦନା ପ୍ରକାଶ କରୁଛୁ।

# ଦଳ ବଦଳାଇବାକୁ ଟଙ୍କା ଓ ପଦବୀ ଅଫର

### ବିଜେପି ବିରୋଧରେ ଓମର ଅବଦୁଲ୍ଲାଙ୍କ ଅଭିଯୋଗ




ଶ୍ରୀନଗର, ୧୧।୭: ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ତଥା ନ୍ୟାସନାଲ କନଫରେନ୍ସ(ଏନସି) ର ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ଶନିବାର ଅଭିଯୋଗ କରିଛନ୍ତି ଯେ, ବିଜେପି ଏନସି ବିଧାୟକମାନଙ୍କୁ ଦଳ ବଦଳାଇବା ପାଇଁ ୨୦ରୁ ୩୦ କୋଟି ଟଙ୍କାର ଅଫର ଦେଇଥିଲା। ଏହା ସହିତ ମନ୍ତ୍ରୀପଦ ଓ ରାଜ୍ୟ ପାହ୍ୟା ପ୍ରଦାନ କରିବାର ଲୋଭନୀୟ ପ୍ରସ୍ତାବ ପ୍ରଦାନ କରାଯାଇଥିଲା। କେନ୍ଦ୍ର ଓ ବିଜେପି ଆମର ଧର୍ଯ୍ୟ ଏବଂ ଶାଳୀନତା ପରୀକ୍ଷା ନ କରନ୍ତୁ ବୋଲି ସେ ଚେତାବନୀ ଦେଇଛନ୍ତି। ଯେତେବେଳେ ଟଙ୍କା ଲୋଭ କାମ କରିନଥିଲା, ମନ୍ତ୍ରୀ ପଦ ଲୋଭ କାମ କରିନଥିଲା ସେତେବେଳେ ସେମାନେ ବନ୍ଦ କୋଠରିରେ ଆମର ବିଧାୟକମାନଙ୍କୁ କହିଥିଲେ ତୁମେ ଆମ ପଟକୁ ଆସ। ଆମ ସହିତ ଯୋଗଦେଲେ ଆମେ ତୁମକୁ ରାଜ୍ୟ ମାନ୍ୟତା ଦେବୁ କହି ଲୋଭ ଦେଖାଇଥିଲେ। ମୋର ଜମ୍ମୁ ବିଧାୟକଙ୍କ ମଧ୍ୟରୁ ଜଣେ ମୋତେ ଆସି ଏ ବିଷୟରେ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଛନ୍ତି ଯେ ଜଣେ ସୁପ୍ରିମକୋର୍ଟ ଆଇନଜୀବୀ ଯିଏକି ଜଣେ ବିଜେପି ପଦାଧିକାରୀ ଆମର ଜଣେ ଜାମ୍ମୁ ବିଧାୟକଙ୍କ ସହ ଯୋଗାଯୋଗ କରି କହିଥିଲେ, ଆପଣ ଆମ ସହିତ ଯୋଗଦେଲେ ଆମେ ୨୦-୩୦ କୋଟି ଟଙ୍କା, ମନ୍ତ୍ରୀ ପଦ ଏବଂ ରାଜ୍ୟ ମାନ୍ୟତା ଦେବୁ। ସେମାନେ ଭାବୁଛନ୍ତି,ଆମ ଲୋକମାନଙ୍କର ବିଶ୍ୱାସ ବହୁ ଶସ୍ତା ବୋଲି ଓମାର କହିଛନ୍ତି।

# ପ୍ରଯୁକ୍ତିବିଦ୍ୟା ଯୁଦ୍ଧ କୌଶଳର ବିକଳ୍ପ ନୁହେଁ



ମୁମ୍ବାଇ, ୧୧।୭: ଭବିଷ୍ୟତର ଯୁଦ୍ଧଗୁଡ଼ିକ କୃତ୍ରିମ ବୁଦ୍ଧିମତା (ଏଆଇ) ଦ୍ୱାରା ଲଢ଼ାଯାଇପାରେ, କିନ୍ତୁ ଶେଷରେ ବିଜୟ କେବଳ ଦୃଢ଼ ଜାତୀୟ ସଂକଳ୍ପ, ସୁଶିକ୍ଷିତ ସୈନିକ ଓ ଶକ୍ତିଶାଳୀ ପାରମ୍ପରିକ ସାମରିକ ସାମର୍ଥ୍ୟ ଦ୍ୱାରା ହିଁ ହାସଲ ହେବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି। ଶନିବାର ମାଜଗାଓଁ ଡକ୍ ସିପବିଲ୍ଡର୍ସ ଲିମିଟେଡ୍ (ଏମଡିଏଲ୍) ଦ୍ୱାରା ନିର୍ମିତ 'ପ୍ରୋଜେକ୍ଟ ୧୭ଏ' ସିରିଜର ଷଷ୍ଠ ତଥା ଶେଷ ଷ୍ଟେଲ୍ଥ ଫ୍ରିଗେଟ୍ 'ଆଇଏନଏସ୍ ମହେନ୍ଦ୍ରଗିରି'ର ସାମରିକ ଅନ୍ତର୍ଭୁକ୍ତିକରଣ ଉତ୍ସବରେ ସେ ଏହି ସୂଚନା ଦେଇଛନ୍ତି। ରାଜନାଥ ସିଂହ କହିଛନ୍ତି ଯେ, ଆଧୁନିକ ପ୍ରଯୁକ୍ତିବିଦ୍ୟା ପାରମ୍ପରିକ ଯୁଦ୍ଧ କୌଶଳର ବିକଳ୍ପ ନୁହେଁ, ବରଂ ଏହା ତାର ପରିପୂରକ। ଏହି ଅବସରରେ ସେ ଆନ୍ଧ୍ରପ୍ରଦେଶର ପ୍ରତିରକ୍ଷା ଓ ଏରୋସ୍ପେସ୍ ଉତ୍ପାଦନ କ୍ଷେତ୍ରରେ ବଢ଼ୁଥିବା ଅବଦାନକୁ ପ୍ରଶଂସା କରିଥିଲେ।

# ଆମେରିକା ଉପରେ ଟିକେ ବି ବିଶ୍ୱାସ ନାହିଁ: ଗାଲିବାଫ

ତେହରାନ, ୧୧।୭: ଆମେରିକା ଉପରେ କୌଣସି ଭରସା ନାହିଁ ବୋଲି ଇରାନ ସ୍ପଷ୍ଟ କରିଛି। ଇରାନୀ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ କହିଛନ୍ତି, ଯଦି ଆମେରିକା ଚୁକ୍ତିର ଉଲ୍ଲଂଘନ କରେ କିମ୍ବା ବିଶ୍ୱାସଘାତକତା କରିବାକୁ ଚେଷ୍ଟା କରେ, ତେବେ ଇରାନ ନିଜର ପ୍ରତିରକ୍ଷା ପାଇଁ କଡ଼ା ଜବାବ ଦେବାକୁ ପ୍ରସ୍ତୁତ ରହିଛି। ଆମେ ଆମେରିକାକୁ ଦୃଢ଼ ଭାବରେ ସାମ୍ନା କରିବୁ ଓ ଇରାନ ଲୋକଙ୍କ ଅଧିକାରକୁ ରକ୍ଷା



କରିବୁ। ଇଣ୍ଡୋନେସିଆର ପିପୁଲ୍ସ କନସଲଟେଟିଭ୍ ଆସେମ୍ବଲି ବାଚସ୍ପତି ଅହମଦ ମୁଜାନିଙ୍କ ସହ ସାକ୍ଷାତ ପରେ ଏକ ସରକାରୀ ଟେଲିଗ୍ରାମ ପୋଷ୍ଟରେ ଗାଲିବାଫ କହିଛନ୍ତି ଯେ, ସମ୍ପ୍ରତି ଶାନ୍ତି ଆଲୋଚନା ସମୟରେ ସେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ସ୍ପଷ୍ଟ ଭାବରେ କହିଥିଲେ ଯେ, ଇରାନର ଆମେରିକା ଉପରେ ଆଦୌ ବିଶ୍ୱାସ ନାହିଁ। ଗାଲିବାଫଙ୍କ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି, ଇରାନ ଆମେରିକାକୁ ଆଲୋଚନା ଜାରି ରଖିବାକୁ ଅନୁରୋଧ କରିଛି, ଏବଂ ଆମେରିକା ଏଥିପାଇଁ ପ୍ରସ୍ତୁତ, କିନ୍ତୁ ମୁଁ ଇରାନକୁ ସ୍ପଷ୍ଟ ଭାବରେ କହିଛି ଯେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ଏବେ ଶେଷ ହୋଇଛି।

# ଇରାନ୍‌ମୁହାଁ ହୋଇ ରହିଛି ହଜାରେ କ୍ଷେପଣାସ୍ତ୍ର



ୱାଶିଂଟନ, ୧୧।୭: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର କହିଛନ୍ତି ଯେ, ଯଦି ତେହେରାନ ତାଙ୍କୁ ହତ୍ୟା କରିବାକୁ ଚେଷ୍ଟା କରେ, ତେବେ ଆମେରିକା ଇରାନ ବିରୋଧରେ ଏକ ବଡ଼ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପୂର୍ବରୁ ଅନୁମତି ଦେଇଛି । ସେ କହିଛନ୍ତି ଯେ, ୧,୦୦୦ କ୍ଷେପଣାସ୍ତ୍ରକୁ ଲକଡ୍ ଓ ଲୋଡ୍ କରି ଇରାନ ମୁହାଁ ରଖାଯାଇଛି।

ଟ୍ରମ୍ପ କହିଛନ୍ତି ଯେ, ସେ ବହୁତ ଦିନ ଧରି ଇରାନର ତାଲିକା ଶୀର୍ଷରେ ଅଛନ୍ତି। ତାଙ୍କୁ ହତ୍ୟା କରିବା ପାଇଁ ଇରାନର ନୂତନ ଯୋଜନା ବିଷୟରେ ପଚରାଯିବାରୁ ସେ କହିଛନ୍ତି ଯେ, କୌଣସି ନୂତନ ଯୋଜନା ନାହିଁ। ତେବେ ସେ ଦାବି କରିଛନ୍ତି ଯେ, ଇରାନ ତାଙ୍କୁ ବର୍ଷେ ହେଲା ହତ୍ୟା କରିବାକୁ ଚେଷ୍ଟା କରିଆସୁଛି। ଇସ୍ରାଏଲ ସମ୍ପ୍ରତି ଗୁପ୍ତଚର ସୂଚନା ପ୍ରଦାନ କରିଥିଲା ଯେ, ଟ୍ରମ୍ପ ଇରାନର ହିଟ୍ ଲିଷ୍ଟରେ ଅଛନ୍ତି। ମାତ୍ର ଟ୍ରମ୍ପ ଇସ୍ରାଏଲରୁ ଏହି ଇନପୁଟ୍ ପାଇଥିବା ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ନା, ନା ଇସ୍ରାଏଲ କିଛି ତଥ୍ୟ ଦେଇନାହିଁ। ମୁଁ ବହୁତ ଦିନ ଧରି ଇରାନର ହତ୍ୟା ତାଲିକାରେ ନମ୍ବର ୧ ହୋଇଆସିଛି, ଏବଂ ଏଇଟା ମୋ ଜୀବନ। ଏହା ପରେ ଟ୍ରମ୍ପ ଭାବପ୍ରବଣ ହୋଇ କହିଛନ୍ତି,ଦିନେ ମୁଁ ବି ଚାଲିଯିବି। ମୁଁ ଆଶା କରୁଛି ତୁମେ ମୋତେ ମନେ ପକାଇବ। ଇରାନୀ ସାମରିକ ଅଧିକାରୀ କାସେମ ସୋଲେମାନୀଙ୍କୁ ହତ୍ୟା କରିଥିବା ଆକ୍ରମଣର ନିର୍ଦ୍ଦେଶ ଦେବା ପରଠାରୁ ଟ୍ରମ୍ପ ଇସଲାମିକ ଗଣରାଜ୍ୟର ଟାର୍ଗେଟରେ ଅଛନ୍ତି। ଏହା ପ୍ରଥମ ଥର ନୁହେଁ ଯେ ଟ୍ରମ୍ପ ଇରାନର ହତ୍ୟା ତାଲିକାରେ ନମ୍ବର ଏକ ଟାର୍ଗେଟ ବୋଲି ଦାବି କରିଛନ୍ତି।

# ବିନା ପ୍ରେସ୍‌କ୍ରିପ୍ସନରେ ମିଳିବନି ଉଚ୍ଚ ଆଲ୍‌କୋହଲଯୁକ୍ତ ଔଷଧ



ନୂଆଦିଲ୍ଲୀ,୧୧।୭: ଆଲ୍‌କୋହଲଯୁକ୍ତ ଔଷଧର ଦୁରୁପଯୋଗ ହେଉଥିବାରୁ ଏହାକୁ ରୋକିବା ପାଇଁ କେନ୍ଦ୍ର ସରକାର ଔଷଧ ପ୍ରସ୍ତୁତି ନିୟମ ଡ୍ରଗ୍ସ ରୁଲ୍ସ, ୧୯୪୫ରେ ସଂଶୋଧନ ଆଣିଛନ୍ତି। ୧୨ ପ୍ରତିଶତରୁ ଊର୍ଦ୍ଧ୍ୱ ଇଥାଇଲ୍ ଆଲକୋହଲ ଥିବା ଏବଂ ୩୦ ମିଲିଲିଟରରୁ ବଡ଼ ବୋତଲରେ ବିକ୍ରି ହେଉଥିବା ଖାଇବା ଔଷଧକୁ ସରକାର ସିଡ୍ୟୁଲ ଏଚ୍-୧ ଅଧୀନକୁ ଆଣିଛନ୍ତି। ଏକ ଗେଜେଟ୍ ବିଜ୍ଞପ୍ତି ଜରିଆରେ ଉକ୍ତ ସଂଶୋଧନ ପ୍ରକାଶ ପାଇଛି। ଉକ୍ତ ଔଷଧଗୁଡ଼ିକ ଏଣିକି ପ୍ରେସ୍‌କ୍ରିପଶନ ଏବଂ କଡ଼ାକଡ଼ି ନିୟମାବଳୀ ଅନୁଯାୟୀ ବିକ୍ରି କରାଯିବ। ଉକ୍ତ ଔଷଧ ପ୍ରସ୍ତୁତି ପାଇଁ ଲାଇସେନ୍ସକୁ ବାଧ୍ୟତାମୂଳକ କରାଯାଇଛି।

ଅଧିକ ଆଲ୍‌କୋହଲ ଥିବା କେତେକ କଫ୍ ସିରପ୍, ଟନିକ୍ ଓ ଅନ୍ୟାନ୍ୟ ଖାଇବା ଔଷଧର ଦୁରୁପଯୋଗ ହେଉଥିବାରୁ ଏହାକୁ ନେଇ ଚିନ୍ତା ବଢ଼ିଥିଲା। ବିଶେଷକରି ଡାକ୍ତରଙ୍କ ବିନା ପରାମର୍ଶ ବା ପ୍ରେସ୍‌କ୍ରିପ୍‌ଶନ ଏବଂ ବିନା ଉପଯୁକ୍ତ ତଦାରଖରେ ବିକ୍ରି ହେଉଥିବା ଔଷଧଗୁଡ଼ିକର ଦୁରୁପଯୋଗ ହୋଇଥାଏ। ସେଗୁଡ଼ିକୁ ଏଚ୍-୧ ବର୍ଗରେ ରଖାଯାଇଥିବାରୁ ଏହା ଉପରେ ଅଧିକ ତଦାରଖ କରାଯିବ। ସରକାରଙ୍କ ଲକ୍ଷ୍ୟ ହେଉଛି ଔଷଧର ଅପବ୍ୟବହାରକୁ କମାଇବା, ସେଗୁଡ଼ିକର ଦାୟିତ୍ୱପୂର୍ଣ୍ଣ ବିତରଣ ବା ବିକ୍ରି ନିଶ୍ଚିତ କରିବା ଏବଂ ଔଷଧ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା। ଔଷଧ ବିକ୍ରି ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ଅର୍ଥ ରୋଗୀମାନଙ୍କ ପାଇଁ ଏହା ଅସୁରକ୍ଷିତ କି ନିଷିଦ୍ଧ ନୁହେଁ। ତେବେ ସେଗୁଡ଼ିକ ଉପଯୁକ୍ତ ଡାକ୍ତରୀ ତଦାରଖରେ ବ୍ୟବହାର ହେବା ଆବଶ୍ୟକ।

### ସଚେତନ ନାଗରିକ ହେବାକୁ ୱାଙ୍ଗଚୁକ୍‌ଙ୍କ ଆହ୍ୱାନ

# ୨୨ ଦିନରେ ଯନ୍ତରମନ୍ତର ଆନ୍ଦୋଳନ

ନୂଆଦିଲ୍ଲୀ, ୧୧।୭: ଦିଲ୍ଲୀର ଯନ୍ତରମନ୍ତରଠାରେ ଚାଲିଥିବା ଆନ୍ଦୋଳନ ୨୨ ଦିନରେ ପହଞ୍ଚିଛି। ଆନ୍ଦୋଳନରେ ସାମିଲ ହୋଇ ପ୍ରଖ୍ୟାତ ଶିକ୍ଷାବିତ୍ ତଥା ପରିବେଶ ପ୍ରେମୀ ସୋନମ ୱାଙ୍ଗଚୁକ୍ ତାଙ୍କର ଆମରଣ ଅନଶନର ୧୪ତମ ଦିନରେ ପ୍ରବେଶ କରିଛନ୍ତି। ଅନଶନ ଯୋଗୁଁ ତାଙ୍କ ଓଜନ ପ୍ରାୟ ୭.୫ କିଲୋଗ୍ରାମ ହ୍ରାସ ପାଇଛି।

ଏହି ସମୟରେ ଏକ ଭିଡିଓ ବାର୍ତ୍ତା ଜାରି କରି ସେ କହିଛନ୍ତି, ମୁଁ କୌଣସି ୨୧ତମ ଶତାବ୍ଦୀର ଗାନ୍ଧୀ ବା ହିରୋ ନୁହେଁ, ମୁଁ ଜଣେ ସାଧାରଣ ନାଗରିକ ଯିଏ ନିଜର ଦାୟିତ୍ୱ ତୁଲାଉଛି। ସେ ଲୋକମାନଙ୍କୁ ଅନ୍ୟ କାହା ମଧ୍ୟରେ ହିରୋ ନଖୋଜି ନିଜ ଜୀବନର ହିରୋ ନିଜେ ହେବାକୁ ଓ ଜଣେ ସଚେତନ ନାଗରିକ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି। ପରୀକ୍ଷା ଅନିୟମିତତା ଯୋଗୁଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପ୍ରସଙ୍ଗ ଉଠାଇ ୱାଙ୍ଗଚୁକ୍ ଲୋକଙ୍କୁ ନିଷ୍କ୍ରିୟ ନରହି ଆନ୍ଦୋଳନରେ ଯୋଗଦେବାକୁ ଅନୁରୋଧ କରିଛନ୍ତି।

# ୬ ଦିନରେ ଗଲାଣି ୫ ପ୍ରସୂତୀଙ୍କ ଜୀବନ

### ରାଜସ୍ଥାନରେ ପ୍ରସୂତୀ ମଡ଼କ



ନୂଆଦିଲ୍ଲୀ, ୧୧।୭: ରାଜସ୍ଥାନରେ ମାତୃସ୍ୱାସ୍ଥ୍ୟ ସେବା ସ୍ଥିତି ଚିନ୍ତାଜନକ ହୋଇଛି। ଓଟି ସଂକ୍ରମଣ ଗୋଟେ ପରେ ଗୋଟେ ଜୀବନ ନେଉଛି। କୋଟା, ବିକାନୋର ଓ ଯୋଧପୁର ପରେ ଏବେ ଭିଲୱାଡା ଓ ବାଂସୱାଡା ସରକାରୀ ଡାକ୍ତରଖାନାରେ ଲଗାତର ପ୍ରସୂତୀ ମୃତ୍ୟୁ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

ଭିଲୱାଡାର ମହାତ୍ମା ଗାନ୍ଧୀ ହସ୍ପିଟାଲ ସ୍ଥିତ ମାତୃ ଓ ଶିଶୁ ବିଭାଗରେ ଗତ ୬ ଦିନ ମଧ୍ୟରେ ୫ ଜଣ ପ୍ରସୂତୀଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଶିମଲା ଗୁର୍ଜର, ଫୋରି ଦେବୀ, ଈଶା ପାଣ୍ଡେ, ଦିବ୍ୟା ଓ ସଙ୍ଗୀତା ଜିନଗର ସାମିଲ ଅଛନ୍ତି। ଏହି ସମସ୍ତ ମହିଳାଙ୍କ ସିଜେରିଆନ ଡେଲିଭରି ହୋଇଥିଲା। ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ପ୍ରାରମ୍ଭିକ ତଦନ୍ତରୁ ହସ୍ପିଟାଲର ଅପରେସନ ଥିଏଟରର କଲଚର ଯାଞ୍ଚ ରିପୋର୍ଟରୁ ଆଶ୍ଚର୍ଯ୍ୟଜନକ ସତ ସାମ୍ନାକୁ ଆସିଛି। ଓଟି କଲଚର ରିପୋର୍ଟରେ ସଂକ୍ରମଣ ହୋଇଥିବା ଚିହ୍ନଟ କରାଯାଇଛି। ତେବେ ଏହି ପ୍ରସୂତୀଙ୍କ ମୃତ୍ୟୁ ସଂକ୍ରମଣ ପାଇଁ ହୋଇଛି ନା ଅନ୍ୟ କାରଣ ରହିଛି ତାହା ସ୍ପଷ୍ଟ ହୋଇନାହିଁ। ବିଶେଷଜ୍ଞ ଟିମ୍ ଯାଞ୍ଚ କରୁଥିବା ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି। ତେବେ ଭିଲୱାଡ଼ା ବ୍ୟତୀତ ଶୁକ୍ରବାର ଦିନ ବାଂସୱାଡ଼ାର ମହାତ୍ମା ଗାନ୍ଧୀ ହସ୍ପିଟାଲରେ ଦୁଇ ଘଣ୍ଟା ମଧ୍ୟରେ ଦୁଇଜଣ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ହେବା ଚିନ୍ତା ବଢ଼ାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉଭୟ ମହିଳା ପ୍ରଥମଥର ପାଇଁ ସନ୍ତାନ ପ୍ରସବ କରିଥିଲେ। ପ୍ରସବର ୨୪ ଘଣ୍ଟା ମଧ୍ୟରେ ସେମାନଙ୍କର ମୃତ୍ୟୁ ହୋଇଥିଲା।

ସୂଚନାଯୋଗ୍ୟ, ରାଜସ୍ଥାନରେ ପ୍ରସୂତୀଙ୍କ ମୃତ୍ୟୁ ଘଟଣା ପ୍ରଥମ ନୁହେଁ। ଗତ କିଛିମାସ ହେବ କୋଟା, ବିକାନୋର ଓ ଯୋଧପୁରରେ ପ୍ରସୂତୀଙ୍କ ମୃତ୍ୟୁ ମାମଲା ଲଗାତର ସାମ୍ନାକୁ ଆସୁଛି। ଏଥିରୁ ଜଣା ପଡୁଛି, ପୁରା ରାଜ୍ୟର ସ୍ୱାସ୍ଥ୍ୟସେବା ଏବେ ଭେଣ୍ଟିଲେଟରରେ ଅଛି।

# ଭାରତ,ଆଫଗାନ୍ ଡିଏନ୍ଏ ସମାନ



ନୂଆଦିଲ୍ଲୀ, ୧୧।୭: ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର ବାଣିଜ୍ୟିକ ଅଧିବେଶନରେ ଆଫଗାନିସ୍ତାନର କୃଷି, ଜଳସେଚନ ଓ ପଶୁପାଳନ ମନ୍ତ୍ରୀ ମୌଲବୀ ଅତାଉଲ୍ଲା ଓମାରୀ ଭାରତର ଆତିଥେୟତାକୁ ଭୂୟସୀ ପ୍ରଶଂସା କରିଛନ୍ତି। ସେ ଭାବପୂର୍ଣ୍ଣ ହୋଇ କହିଛନ୍ତି ଯେ, ଭାରତ ଆସିବା ପରେ ତାଙ୍କୁ ନିଜ ଦେଶରେ ଏବଂ ନିଜ ଲୋକଙ୍କ ଗହଣରେ ଥିବା ଭଳି ଅନୁଭବ ହେଉଛି। ଦୁଇ ଦେଶ ମଧ୍ୟରେ ଥିବା ପୁରାତନ ସାଂସ୍କୃତିକ ଓ ଐତିହାସିକ ସମ୍ପର୍କର ଉଦାହରଣ ଦେଇ ସେ କହିଛନ୍ତି ଯେ, 'ଆମର ଡିଏନଏ ଏକ'। ମନ୍ତ୍ରୀ ଓମାରୀ ନିଜ ଅଭିଭାଷଣରେ କହିଛନ୍ତି ଯେ, ଭାରତ ଓ ଆଫଗାନିସ୍ତାନର ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ନିବିଡ଼। ଏହା ଆମର ନିଜ ଦେଶ ଭଳି ମନେହୁଏ। ଓମାରୀଙ୍କ ମନ୍ତବ୍ୟରୁ ସ୍ପଷ୍ଟ ଆଫଗାନିସ୍ତାନ ଭାରତ ସହିତ ନିଜର ପୁରୁଣା ସମ୍ପର୍କକୁ ଆଗକୁ ବଢ଼ାଇବା ପାଇଁ ବେଶ୍ ଆଗ୍ରହୀ ଥିବା ଅନୁମାନ କରାଯାଉଛି।

ଭୁବନେଶ୍ୱର ରବିବାର, ୧୨ ଜୁଲାଇ ୨୦୨୬ ସଂଚାର SANCHAR

# ଭାରତ-ନ୍ୟୁଜିଲାଣ୍ଡ ୧୮ ଚୁକ୍ତି ସ୍ୱାକ୍ଷରିତ

- ଜାତିସଂଘ ସୁରକ୍ଷା ପରିଷଦରେ ଭାରତକୁ ସମର୍ଥନ
- ରୋଡମ୍ୟାପ୍ ୨୦୩୦ କୁ ଅନୁମୋଦନ
- ୨୦୩୦ ସୁଦ୍ଧା ବାଣିଜ୍ୟ ବୃଦ୍ଧିର ଲକ୍ଷ୍ୟ
- ମିଳିତ ବିବୃତିରେ ଆତଙ୍କବାଦକୁ ନିନ୍ଦା



ୱେଲିଂଟନ୍,୧୧।୭: ପ୍ରାୟ ଚାରି ଦଶନ୍ଧି ପରେ ପ୍ରଥମ ରାଷ୍ଟ୍ରମୁଖ୍ୟ ଭାବେ ନ୍ୟୁଜିଲାଣ୍ଡ ଗସ୍ତ କରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କରେ ଏକ ମଜଭୁତ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଓ କିୱି ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନଙ୍କ ମଧ୍ୟରେ ଶିଖର ସମ୍ମିଳନୀ ପରେ ଦୁଇ ଦେଶ ଆନୁଷ୍ଠାନିକ ଭାବରେ ସେମାନଙ୍କର ସମ୍ପର୍କକୁ ଏକ ରଣନୈତିକ ସହଭାଗୀତାକୁ ଉନ୍ନୀତ କରିଛନ୍ତି ଏବଂ 'ଭାରତ-ନ୍ୟୁଜିଲାଣ୍ଡ ରଣନୈତିକ ସହଭାଗୀତା: ରୋଡମ୍ୟାପ୍ ୨୦୩୦' କୁ ଅନୁମୋଦନ କରିଛନ୍ତି। ପ୍ରତିରକ୍ଷା, ବାଣିଜ୍ୟ, କ୍ରୀଡା, ପଶୁପାଳନ, ବିପର୍ଯ୍ୟୟ ପରିଚାଳନା, ସାମୁଦ୍ରିକ ସୁରକ୍ଷା ଏବଂ ଆତଙ୍କବାଦ ବିରୋଧୀ କ୍ଷେତ୍ରରେ ସହଯୋଗ ସମେତ ମୋଟ ୧୮ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି।

ବୈଠକରେ ୨୦୨୫ ମସିହାର ଭାରତ-ନ୍ୟୁଜିଲାଣ୍ଡ ପ୍ରତିରକ୍ଷା ସହଯୋଗ ଚୁକ୍ତିନାମାକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବାକୁ ଉଭୟ ଦେଶ ସହମତ ହୋଇଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ତିନୋଟି ସେବା ମଧ୍ୟରେ ନିୟମିତ ଭାବରେ ଯୋଗାଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏତଦବ୍ୟତୀତ, ମିଳିତ ଟାସ୍କ ଫୋର୍ସ ୧୫୦ ଅଧୀନରେ ସାମୁଦ୍ରିକ ସୁରକ୍ଷା, ଆତଙ୍କବାଦ ବିରୋଧୀ ଏବଂ ନିଶାଦ୍ରବ୍ୟ ଚାଲାଣରେ ଚାଲିଥିବା ସହଯୋଗକୁ ପ୍ରଶଂସା କରାଯାଇଛି। ଭାରତ ଏବଂ ନ୍ୟୁଜିଲାଣ୍ଡ ଆର୍ଥିକ ସହଯୋଗକୁ ଏକ ନୂତନ ଗତି ଦେଇ ୨୦୩୦ ସୁଦ୍ଧା ୭ ବିଲିୟନ ଡଲାରର ଦ୍ୱିପାକ୍ଷିକ ସାମଗ୍ରୀ ଏବଂ ସେବା ବାଣିଜ୍ୟ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଉଭୟ ଦେଶ ବ୍ୟବସାୟଗୁଡ଼ିକୁ ନିବେଶ ଏବଂ ବାଣିଜ୍ୟ ବିସ୍ତାର କରିବାକୁ ଉତ୍ସାହିତ କରିବା ପାଇଁ ସମ୍ପ୍ରତି ସମାପ୍ତ ହୋଇଥିବା ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫଟିଏ) କୁ ସ୍ୱାଗତ କରିଛନ୍ତି। ଦୁଇ ଦେଶର ମିଳିତ ବିବୃତିରେ ସମସ୍ତ ପ୍ରକାରର ଆତଙ୍କବାଦକୁ ନିନ୍ଦା କରାଯାଇଛି। ବିଶେଷକରି, ୨୨ ଏପ୍ରିଲ୍, ୨୦୨୫ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ୧୦ ନଭେମ୍ବର, ୨୦୨୫ରେ ନୂଆଦିଲ୍ଲୀର ଲାଲକିଲ୍ଲା ଅଞ୍ଚଳ ନିକଟରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି। ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି) ର ସ୍ଥାୟୀ ସଦସ୍ୟତା ପାଇଁ ଭାରତର ଦାବିକୁ ନ୍ୟୁଜିଲାଣ୍ଡ ନିଜର ସମର୍ଥନକୁ ଦୋହରାଇଛି। ଦୁଇ ଦେଶ ଆଞ୍ଚଳିକ ଏବଂ ବିଶ୍ୱ ସ୍ତରରେ ଶାନ୍ତି, ସୁରକ୍ଷା ଏବଂ ସ୍ଥିରତା ପାଇଁ ସମନ୍ୱୟ ବୃଦ୍ଧି କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।

● ଅନ୍ତିମ ମ୍ୟାଚ୍‌ରେ ବି ହାରିଲା ଭାରତ

## ଟି-୨୦ ସିରିଜ୍ ପୋଛିନେଲା ଇଂଲଣ୍ଡ

ସାଉଥାମ୍ପଟନ୍,୧୧।୭: ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ଅନ୍ତିମ ମ୍ୟାଚ୍‌ରେ ବି ତା'ର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖିବା ଫଳରେ ପ୍ରତିପକ୍ଷ ଘରୋଇ ଇଂଲଣ୍ଡ ୪-୦ରେ ସିରିଜ୍ ପୋଛିନେଇଛି। ପ୍ରଥମେ ବ୍ୟାଟିଂ ପାଇ ଇଂଲଣ୍ଡ ଦମ୍‌ଦାର ବ୍ୟାଟିଂ କରି ମାତ୍ର ୩ଟି ୱିକେଟ୍ ହରାଇ ୨୫୭ ରନ୍ କରିଥିଲା। ମ୍ୟାଚ୍‌ରେ ଭାରତୀୟ ବୋଲରଙ୍କୁ ଇଂଲିଶ୍ ବ୍ୟାଟ୍ସମ୍ୟାନ୍ ବିଶେଷକରି ଓପନର ଜୋଶ୍ ବଟଲର୍ ଓ ଅଧିନାୟକ ହ୍ୟାରୀ ବ୍ରୁକ୍ ଅତି ନିର୍ଦ୍ଦୟ ଭାବେ ଆକ୍ରମଣ କରିଚାଲିଥିଲେ। ଭାରତୀୟ ବୋଲରମାନେ ସମ୍ପୂର୍ଣ୍ଣ ଭାବେ ଅସହାୟ ନଜର ଆସିଥିଲେ। ଫଳତଃ ଇଂଲିଶ୍ ବ୍ୟାଟ୍‌ସମ୍ୟାନ୍‌ମାନେ ୧୭ଟି ଛକା ଲଗାଇଥିଲେ, ଯାହାକି ଭାରତ ବିରୋଧରେ ଦ୍ୱିତୀୟ ସର୍ବାଧିକ। ଏହାଛଡ଼ା ଭାରତ ବିରୋଧରେ ୨୫୭ ରନ୍ ହେଉଛି ସର୍ବାଧିକ। ଇଂଲଣ୍ଡ ପକ୍ଷରୁ ବଟଲର୍ ମାତ୍ର ୬୪ ବଲ୍‌ରେ ୧୨ଟି ଚୌକା ଓ ୮ଟି ଛକା ସହ ୧୩୧ ରନ୍ କରିଥିଲେ। ଏହାଛଡ଼ା ବ୍ରୁକ୍ ମାତ୍ର ୪୫ ବଲ୍‌ରେ ୪ ଚୌକା ଓ ୮ ଛକା ସହ ୯୫ ରନ୍‌ରେ ଅପରାଜିତ ଥିଲେ। ଉଭୟ ମଧ୍ୟ ଦଳ ପାଇଁ ୨୩୩ ରନ୍ ଯୋଡ଼ି ରେକର୍ଡ ପାର୍ଟନରଶିପ୍ କରିଥିଲେ। ଭାରତ ପକ୍ଷରୁ ଶିବମ୍ ଦୁବେ ୨ଟି ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳ ୮ ୱିକେଟ୍ ହରାଇ ୨୦୧ ରନ୍ କରି ୫୬ ରନ୍‌ରେ ପରାସ୍ତ ହୋଇଛି। ଦଳ ପକ୍ଷରୁ ଈଶାନ୍ କିଶନ୍ ଓ ତିଲକ ବର୍ମା ଅର୍ଦ୍ଧଶତକୀୟ ଇନିଂସ ଖେଳି ଯଥାକ୍ରମେ ୫୬ (୭ ଚୌକା, ୨ ଛକା) ଓ ୫୩ ରନ୍ (୩ ଚୌକା, ୪ ଛକା) କରିଥିଲେ। ଇଂଲଣ୍ଡ ପକ୍ଷରୁ ସାମ୍ କୁରାନ୍ ୩ଟି, ଆଦିଲ୍ ରଶିଦ୍ ୨ଟି ୱିକେଟ୍ ନେଇଥିଲେ। ସୂଚନାଯୋଗ୍ୟ ଯେ ପ୍ରଥମ ମ୍ୟାଚ୍‌ଟି ବର୍ଷା ଯୋଗୁଁ ବାତିଲ୍ ହୋଇଯାଇଥିଲା।

## ପାଞ୍ଚ ଦିନ ପରେ ମିଳିଲା ନିଖୋଜ ଟ୍ରଲର, ୧୫ ମତ୍ସ୍ୟଜୀବୀ ସୁରକ୍ଷିତ

କୋଲକାତା,୧୧।୭(ସଂଚାର ବ୍ୟୁରୋ): ଦୀର୍ଘ ପାଞ୍ଚଦିନ ପରେ ରାମନଗର ମାଛ ଧରିବା ପାଇଁ ବନ୍ଦରରୁ ବାହାରିଥିବା ଟ୍ରଲରଟିକୁ ଶେଷରେ ଠାବ କରାଯାଇଛି। ଶନିବାର ଦକ୍ଷିଣ ୨୪ ପ୍ରଗଣାର କାକଦ୍ୱୀପ ଅଞ୍ଚଳରେ ଏହା ମିଳିଛି। ୨ ଜୁଲାଇରେ 'ଜୟ ମା କାଳୀ' ଟ୍ରଲରରେ ୧୫ ଜଣ ମତ୍ସ୍ୟଜୀବୀ ଶଙ୍କରପୁରରୁ ମାଛ ଧରିବା ପାଇଁ ବନ୍ଦରରୁ ବାହାରିଥିଲେ। କିନ୍ତୁ ୬ ଜୁଲାଇ ଅପରାହ୍ଣ ପରେ ସେମାନଙ୍କ ସହ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ତଟରକ୍ଷୀ ବାହିନୀ, ଉପକୂଳ ପୁଲିସ ଓ ଅନ୍ୟାନ୍ୟ ଟ୍ରଲରକୁ ନେଇ ଗଠିତ ଉଦ୍ଧାରକାରୀ ଦଳ ମତ୍ସ୍ୟଜୀବୀଙ୍କୁ ଖୋଜି ପାଇପାରି ନଥିଲେ। ଅନ୍ୟପକ୍ଷରେ, ଟ୍ରଲରଟି ନିଖୋଜ ଥିବାରୁ କର୍ମଚାରୀଙ୍କ ପରିବାର ମଧ୍ୟରେ ଚିନ୍ତା ଏବଂ ଆତଙ୍କ ବୃଦ୍ଧି ପାଉଥିଲା। ସେମାନେ ବହୁ ସଂଖ୍ୟାରେ ବନ୍ଦରରେ ଏକାଠି ହୋଇ ସ୍ପଷ୍ଟ ଭାବରେ ଚିନ୍ତିତ ଥିଲେ। ଶେଷରେ ଶନିବାର ଟ୍ରଲରଟିର ଆବିଷ୍କାର ହେବା ପରେ ଟ୍ରଲରରେ ଥିବା ମତ୍ସ୍ୟଜୀବୀଙ୍କ ପରିବାର ପାଇଁ ଆଶ୍ୱସ୍ତି ଆଣିଛି। ଟ୍ରଲରରେ ଥିବା ସମସ୍ତ ୧୫ ଜଣ ମତ୍ସ୍ୟଜୀବୀ ସୁରକ୍ଷିତ ଏବଂ ଅକ୍ଷତ ଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, କାକଦ୍ୱୀପ ନିକଟସ୍ଥ ବାଘେରଚରରୁ ଦୁଇ କିଲୋମିଟର ଦୂରରେ ଶନିବାର ସକାଳ ପ୍ରାୟ ୭ଟା ସମୟରେ ଟ୍ରଲରର ସ୍ଥାନ ଚିହ୍ନଟ କରାଯାଇଥିଲା। ଇଞ୍ଜିନରେ ପାଣି ପ୍ରବେଶ କରିବା ଏବଂ ଆଙ୍କର କେବୁଲ ଛିଣ୍ଡିଯିବା ପରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ଏକ ଉଦ୍ଧାରକାରୀ ଦଳ ପଠାଯାଇଥିଲା। ସୂତ୍ର ଅନୁଯାୟୀ ବର୍ତ୍ତମାନ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି।

## ତୃଣମୂଳ ଛାଡ଼ି କଂଗ୍ରେସରେ ଯୋଗଦେଲେ ଯୁବ ନେତା

କୋଲକାତା,୧୧।୭ (ସଂଚାର ବ୍ୟୁରୋ): ମୁର୍ଶିଦାବାଦ ଜିଲ୍ଲା ଯୁବ ତୃଣମୂଳ କଂଗ୍ରେସର ସଭାପତି ଭୀଷ୍ମଦେବ କର୍ମକାର ଶନିବାର ବହରମପୁରରେ କଂଗ୍ରେସରେ ଯୋଗ ଦେଇଛନ୍ତି। ପୂର୍ବରୁ ଭୀଷ୍ମଦେବ ମୁର୍ଶିଦାବାଦ ଜିଲ୍ଲା ଛାତ୍ର ପରିଷଦର ନେତା ଥିଲେ। ସୌମିକ ହୋସେନ କଂଗ୍ରେସ ଛାଡ଼ିବା ପରେ ସେ ସଂଗଠନ ଛାଡିଥିଲେ। ସୌମିକଙ୍କ ଅନୁଗାମୀ ଭାବରେ ପରିଚିତ ଭୀଷ୍ମଦେବ ପରେ ବହରମପୁରରେ କାଉନସିଲର ହୋଇଥିଲେ। ସମ୍ପ୍ରତି ସେ ଅନ୍ୟ କାଉନସିଲରମାନଙ୍କ ସହିତ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।

## ଯୌନ ନିର୍ଯାତନା ଅଭିଯୋଗରେ ଯୁବକ ଗିରଫ

କୋଲକାତା, ୧୧।୭ (ସଂଚାର ବ୍ୟୁରୋ): ଗୁରୁବାର ହେଷ୍ଟିଂଗସ୍ ଥାନା ଅଞ୍ଚଳରେ ଜଣେ ଘରେ ପ୍ରବେଶ କରି ଜଣେ ୧୫ ବର୍ଷୀୟା ଝିଅକୁ ଯୌନ ଉତ୍ପୀଡ଼ନ ଦେବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋଲକାତାର ସିଟି ସିଭିଲ୍ କୋର୍ଟ କମ୍ପ୍ଲେକ୍ସରେ ଥିବା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ହାଜର କରାଯାଇଥିଲା। ଭାରପ୍ରାପ୍ତ ବିଚାରପତି ଦୀପ୍ତେନ୍ଦ୍ରନାଥ ମିତ୍ର ତାଙ୍କୁ ଜୁଲାଇ ୨୨ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତରେ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ସୂତ୍ର ଅନୁଯାୟୀ, ଘଟଣାଟି ୭ ଜୁଲାଇ ବିଳମ୍ବିତ ରାତିରେ ଘଟିଥିବା ଅଭିଯୋଗ ହୋଇଛି। ସେହି ସମୟରେ ୩୬ ବର୍ଷୀୟ ପଡ଼ୋଶୀ ଯୁବତୀଙ୍କ କୋଠରୀରେ ପ୍ରବେଶ କରି ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ଝିଅଟି ପାଟି କରିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ପଳାଇ ଯାଇଥିଲା। ୮ ଜୁଲାଇରେ ଯୁବକଙ୍କ ବିରୋଧରେ ଅଭିଯୋଗ ଦାଖଲ କରାଯାଇଥିଲା। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୁଲିସ ପୋକ୍ସୋ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରି ହେଷ୍ଟିଂଗସ୍ ଅଞ୍ଚଳରୁ ତାଙ୍କୁ ଗିରଫ କରିଥିଲା। ସରକାରୀ ଓକିଲ ସୈକତ ପାଣ୍ଡେ କହିଛନ୍ତି ଯେ ସରକାରୀ ପକ୍ଷରୁ କିଶୋରୀର ବୟାନ କ୍ୟାମେରାରେ ରେକର୍ଡ କରିବା ପାଇଁ କୋର୍ଟରେ ଆବେଦନ କରାଯାଇଥିଲା, ଯାହାକୁ ବିଚାରପତି ମଞ୍ଜୁର କରିଛନ୍ତି।

## ୫ ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍

କୋଲକାତା, ୧୧।୭ (ସଂଚାର ବ୍ୟୁରୋ): ମେଦିନୀପୁର ମେଡିକାଲ କଲେଜରେ ଜଣେ ରୋଗୀଙ୍କୁ ଅବଧି ସମାପ୍ତ ସାଲାଇନ୍ ପ୍ରଦାନ ଦିଆଯିବା ନେଇ ଅଭିଯୋଗ ଉଠିଥିଲା। ଗୁରୁତର ଅସୁସ୍ଥ ରୋଗୀ ବର୍ତ୍ତମାନ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ପରିବାର ଦାବି କରିଛନ୍ତି ଯେ ମାର୍ଚ୍ଚ ମାସରେ ସାଲାଇନ୍ ଶେଷ ହୋଇଯାଇଥିଲା। ଏହା ପରେ ହସ୍ପିଟାଲ କର୍ତ୍ତୃପକ୍ଷ ପାଞ୍ଚ ଜଣ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି।

## ପରିଚୟ ଜାଣି ଭିଡ଼ହିଂସା

କୋଲକାତା, ୧୧।୭ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଅଭିଯୋଗ କରିଛନ୍ତି ଯେ ଅଟୋ-ରିକ୍ସା ଚାଳକ ଇନ୍ଦ୍ରଜିତ ମଣ୍ଡଳଙ୍କ ପରିଚୟ ପ୍ରକାଶ ପାଇବା ପରେ ତାଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା। ଶନିବାର ସୂର୍ଯ୍ୟପୁରରେ ଏକ ସ୍ଥାୟୀ ପୁଲିସ ଫାଣ୍ଡି ଉଦଘାଟନ କରିବା ସମୟରେ ସେ କହିଥିଲେ, ତାଙ୍କ ନାମ-ପରିଚୟ ଜଣାପଡିବା ପରେ ତାଙ୍କୁ ନିର୍ମମ ଭାବରେ ପିଟି ପିଟି ହତ୍ୟା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏହା ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି ଯେ ଏହି ଘଟଣାକୁ ଉସୁକାଇଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସୋମବାର ଯାଏ ବର୍ଷା ପୂର୍ବାନୁମାନ

କୋଲକାତା, ୧୧।୭ (ସଂଚାର ବ୍ୟୁରୋ): ମୌସୁମୀ ବାୟୁ ପ୍ରଭାବରେ ସାରା ରାଜ୍ୟରେ ମୌସୁମୀ ସକ୍ରିୟ ରହିଛି। ଆଲିପୁର ପାଣିପାଗ କାର୍ଯ୍ୟାଳୟ ପୂର୍ବାନୁମାନ କରିଛି ଯେ ଆସନ୍ତା ସୋମବାର ପର୍ଯ୍ୟନ୍ତ କୋଲକାତା ଓ ଏହାର ଉପକଣ୍ଠରେ ଝଡ଼ ଏବଂ ବର୍ଷା ଜାରି ରହିବ। କୋଲକାତା, ହାଓଡ଼ା, ହୁଗୁଳି, ଉତ୍ତର ୨୪ ପ୍ରଗଣା, ଦକ୍ଷିଣ ୨୪ ପ୍ରଗଣା, ପୂର୍ବ ଓ ପଶ୍ଚିମ ମେଦିନୀପୁର, ନଦିଆ, ମୁର୍ଶିଦାବାଦ ଏବଂ ପୂର୍ବ ବର୍ଦ୍ଧମାନ ପାଇଁ ଆଗାମୀ କିଛି ଦିନ ମଧ୍ୟରେ ପ୍ରବଳ ବର୍ଷା ପାଇଁ ଚେତାବନୀ ଜାରି କରାଯାଇଛି। ଉତ୍ତରବଙ୍ଗରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

## ବାରୁଇପୁରରେ ସ୍ଥାୟୀ ପୁଲିସ ଫାଣ୍ଡି ଉଦ୍‌ଘାଟିତ

କୋଲକାତା,୧୧।୭ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବାରୁଇପୁରର ସୂର୍ଯ୍ୟପୁରରେ ଏକ ନୂତନ ପୁଲିସ ଫାଣ୍ଡି ଉଦ୍‌ଘାଟନ କରିଛନ୍ତି। ଜଣେ ନାବାଳିକାକୁ ବଳାତ୍କାର ଏବଂ ହତ୍ୟା କରିବା ପରେ, ପୀଡିତାଙ୍କ ପରିବାର ଏବଂ ସ୍ଥାନୀୟ ବାସିନ୍ଦାମାନେ ଏହି ଅଞ୍ଚଳରେ ଏକ ନୂତନ ଫାଣ୍ଡି ପ୍ରତିଷ୍ଠା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହା ପରେ ତୁରନ୍ତ ପ୍ରସ୍ତୁତି ଆରମ୍ଭ ହୋଇଥିଲା ଏବଂ ଶେଷରେ, ଶନିବାର ଶୁଭେନ୍ଦୁ ନୂତନ ପୁଲିସ ଫାଣ୍ଡି ଉଦଘାଟନ କରିଥିଲେ। ଉଦ୍‌ଘାଟନ ପୂର୍ବରୁ ସେ ବାରୁଇପୁରରେ ଭିଡ ହିଂସାରେ ହତ୍ୟା ହୋଇଥିବା ଇନ୍ଦ୍ରଜିତ ମଣ୍ଡଳଙ୍କ ଘରକୁ ଯାଇଥିଲେ। ସେ ଇନ୍ଦ୍ରଜିତଙ୍କ ପରିବାର ସହିତ ସାକ୍ଷାତ କରି ଇନ୍ଦ୍ରଜିତଙ୍କ ବଡ଼ ଭାଇଙ୍କୁ ସିଭିକ ଭଲେଣ୍ଟିୟର ଚାକିରି ପାଇଁ ନିଯୁକ୍ତି ପତ୍ର ପ୍ରଦାନ କରିବା ସହିତ ପରିବାରକୁ ରାଜ୍ୟ ସରକାର ପକ୍ଷରୁ ୨୫ ଲକ୍ଷ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମୃତକଙ୍କ ପରିବାରକୁ ଚେକ୍ ପ୍ରଦାନ କରିଥିଲେ। ବାରୁଇପୁରରେ ହତ୍ୟା କରାଯାଇଥିବା ନାବାଳିକାର ପରିବାରକୁ ଭେଟିବା ପରେ, ଶୁଭେନ୍ଦୁ ଅଧିକାରୀ ସେମାନଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯିବ। ସେ କହିଛନ୍ତି, ପରିବାର ଚାରି ଜଣଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଛି। ଚାରି ଜଣଙ୍କୁ ଗିରଫ କରାଯାଇଛି। ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯିବ।



କେନ୍ଦ୍ରାପଡ଼ା ଜିଲ୍ଲା ଉନ୍ନୟନ ବୋର୍ଡ ନିର୍ବାଚନରେ ବିଜୟ ପରେ ବୋର୍ଡର ବିଜୟୀ ସଭ୍ୟ ଓ ଜିଲ୍ଲାର ନେତୃବର୍ଗ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି।

ଓଡ଼ିଶା ପୁଲିସକୁ ବଡ଼ ସଫଳତା

## ଗଞ୍ଜେଇ ବିକ୍ରି ରାକେଟର ମାଷ୍ଟରମାଇଣ୍ଡ ଗିରଫ

କୋଲକାତା, ୧୧।୭ (ସଂଚାର ବ୍ୟୁରୋ): ଶନିବାର ସକାଳେ ଓଡ଼ିଶା ଏସ୍‌ଟିଏଫ୍ ଓ ସିଆଇଡିର ଏକ ମିଳିତ ଟିମ୍ ପୂର୍ବ ମେଦିନୀପୁର ଜିଲ୍ଲାର ମାରିଶଦା ଥାନା ଅନ୍ତର୍ଗତ ଯଶବିଶା ଗ୍ରାମରୁ ଜଣେ ନିଶା ଚାଲାଣକାରୀଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତଙ୍କୁ ଯଶବିଶା ଗ୍ରାମର ସ୍ଥାନୀୟ ବାସିନ୍ଦା ରତନ ମଣ୍ଡଳ ଭାବରେ ଚିହ୍ନଟ କରାଯାଇଛି। ଓଡ଼ିଶା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ସେ ଓଡ଼ିଶାରେ କାର୍ଯ୍ୟ କରୁଥିବା ଏକ ଗଞ୍ଜେଇ ଚାଲାଣ ଦଳର ମୁଖ୍ୟ ନାୟକ। ଏସ୍‌ଟିଏଫ୍ ତାଙ୍କ ବିରୁଦ୍ଧରେ ୨୦୧୫ ମସିହା ଜାନୁଆରୀ ୨୧ ତାରିଖରେ ଏକ ମାମଲା ରୁଜୁ କରିଥିଲା ଏବଂ ଶେଷରେ ଶନିବାର ତାଙ୍କୁ ଗିରଫ କରାଯାଇଛି। ଶନିବାର ସକାଳେ ପଡ଼ୋଶୀ ରାଜ୍ୟର ଏସ୍‌ଟିଏଫ୍ ଏବଂ ସିଆଇଡି ଟିମ୍ ମାରିଶଦା ଥାନାର ପୁଲିସ ସହାୟତାରେ ଅଭିଯୁକ୍ତଙ୍କ ବାସଭବନରେ ଚଢ଼ାଉ କରିଥିଲେ। ତଦନ୍ତକାରୀମାନେ ଜଣାଇଛନ୍ତି ଯେ, ପ୍ରାରମ୍ଭିକ ଚଢ଼ାଉ ସମୟରେ ରତନ ଘରେ ନଥିଲେ। ପରବର୍ତ୍ତୀ ସମୟରେ ତଦନ୍ତକାରୀମାନେ ଅଞ୍ଚଳକୁ ଘେରାବନ୍ଦୀ କରିଥିଲେ ଏବଂ ଶେଷରେ ତାଙ୍କୁ ପଡ଼ୋଶୀ ଘରୁ ଗିରଫ କରାଯାଇଥିଲା। ତାଙ୍କୁ ଏସିଜେଏମ୍ କୋର୍ଟରେ ହାଜର କରାଯାଇଥିଲା ଏବଂ ପରେ ଓଡ଼ିଶା ପୁଲିସ ତାଙ୍କୁ ଟ୍ରାନଜିଟ୍ ରିମାଣ୍ଡରେ ଭୁବନେଶ୍ୱର ନେଇଯାଇଛି।

## ୫୦ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କଲା ବେଦାନ୍ତ



ଝାରସୁଗୁଡ଼ା,୧୧।୭(ସଂଚାର ବ୍ୟୁରୋ): ପରିବର୍ତ୍ତନଶୀଳ ସାମୁଦାୟିକ ବିକାଶ ପ୍ରୟାସ ପ୍ରତି ଏହାର ପ୍ରତିବଦ୍ଧତାର ସଫଳତାକୁ ପ୍ରତିଫଳିତ କରି ବେଦାନ୍ତ ଆଲୁମିନିୟମର ଶୁଭଲକ୍ଷ୍ମୀ ସମବାୟ ସମ୍ପ୍ରତି ଝାରସୁଗୁଡ଼ାର ୫୦ ଜଣ ମେଧାବୀ ଦଶମ ଛାତ୍ରଛାତ୍ରୀଙ୍କୁ ସଦ୍ୟତମ ବୋର୍ଡ ପରୀକ୍ଷାରେ ସେମାନଙ୍କର ଉତ୍ତମ ପ୍ରଦର୍ଶନ ପାଇଁ ସମ୍ମାନିତ କରିଛି। ମହିଳା କଲ୍ୟାଣ ପାଣ୍ଠି ଅଧୀନରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା, ଯାହା ଶୁଭଲକ୍ଷ୍ମୀ ସମବାୟ ଦ୍ୱାରା ଏକ ଅନନ୍ୟ ପଦକ୍ଷେପ ଯାହାକି ବ୍ୟକ୍ତିଗତ ସଦସ୍ୟଙ୍କ ଯୋଗଦାନକୁ ସିଧାସଳଖ ବିଭିନ୍ନ ସାମୁଦାୟିକ କଲ୍ୟାଣ ପଦକ୍ଷେପରେ ପରିଚାଳିତ କରିଥାଏ। ଝାରସୁଗୁଡ଼ା ଜିଲ୍ଲା ସାଂସ୍କୃତିକ କାର୍ଯ୍ୟାଳୟରେ ଆୟୋଜିତ ଏହି ସମାରୋହରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ଶୈକ୍ଷିକ ଉତ୍କର୍ଷତା ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଗ୍ରାମୀଣ ବିକାଶ ଓ ମାର୍କେଟିଂ ସୋସାଇଟି (ଓରମାସ)ର ସିଇଓ ଯୁବରାଜ ସିଂହ, ଆଇଡିବିଆଇ ବ୍ୟାଙ୍କର ଶାଖା ପରିଚାଳକ ଆଦିତ୍ୟ ପରିଡ଼ା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ବେଦାନ୍ତ ଆଲୁମିନିୟମ ପ୍ରତିନିଧି ଓ ଛାତ୍ରଛାତ୍ରୀମାନେ ତାଙ୍କ ପରିବାର ସହ ଉପସ୍ଥିତ ଥିଲେ। ଶୁଭଲକ୍ଷ୍ମୀ ସମବାୟ ହେଉଛି ଓଡ଼ିଶାର ସର୍ବବୃହତ ମହିଳା ନେତୃତ୍ୱାଧୀନ ସ୍ୱୟଂ ସହାୟକ ସମବାୟ ମଧ୍ୟରୁ ଗୋଟିଏ। ସମବାୟର ଅନନ୍ୟ ମହିଳା କଲ୍ୟାଣ ପାଣ୍ଠି ଦ୍ୱାରା ଏହି ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ବର୍ଷ ବର୍ଷ ଧରି ଏହା ୩୫ ଲକ୍ଷ ଟଙ୍କାରୁ ଅଧିକ ଆର୍ଥିକ ସହାୟତା ମାଧ୍ୟମରେ ୧୭୦୦ରୁ ଅଧିକ ସଦସ୍ୟ ଓ ସେମାନଙ୍କ ପରିବାରକୁ ଲାଭ ଦେଇଛି।

## କଟକରେ ସଙ୍ଗଠନ ସଜାଡ଼ିବାକୁ ବିଜେଡିର ପ୍ରୟାସ



କଟକ,୧୧।୭(ସଂଚାର ବ୍ୟୁରୋ): ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ବିଜେପିରେ ଯୋଗ ଦେବା ପୂର୍ବରୁ ଦଳକୁ ସଂଗଠିତ କରି ରଖିବା ପାଇଁ ବିଜେଡିର ପ୍ରୟାସ। ଆଜି ସଂଧ୍ୟାରେ କଟକରେ ବିଜେଡିର ବରିଷ୍ଠ ନେତା ସନ୍ତୃପ୍ତ ମିଶ୍ର, ଦେବୀ ମିଶ୍ର ଓ ପ୍ରତାପ ଜେନା ଦଳୀୟ ନେତା ଓ କର୍ପୋରେଟମାନଙ୍କୁ ନେଇ ବୈଠକ କରି ଦଳକୁ ମଜବୁତ କରିବା ପାଇଁ ରଣକୌଶଳ ତିଆରି କରିଛନ୍ତି। ତେବେ ଏହି ବୈଠକରେ ଚୌଦ୍ୱାର-କଟକ ବିଧାନସଭା ଆସନ ଅଞ୍ଚଳରୁ ନିର୍ବାଚିତ କର୍ପୋରେଟରମାନଙ୍କ ମଧ୍ୟରୁ ୫ ଜଣ ଯୋଗ ଦେଇ ନ ଥିଲେ। ଅନ୍ୟମାନଙ୍କ ସହ ବିଜେଡିର କେତେକ ବରିଷ୍ଠ ଓ ପୂର୍ବତନ କର୍ପୋରେଟର ଏହି ବୈଠକରେ ଯୋଗଦେଇ କିପରି ଭାବେ ଜିଲ୍ଲାରେ ଦଳୀୟ ସଂଗଠନକୁ ମଜବୁତ କରିହେବ, ସେନେଇ ମତାମତ ଦେଇଥିଲେ।

## ଫଳ ବଜାର, ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ

ଭୁବନେଶ୍ୱର,୧୧।୭: ରାଜ୍ୟରେ ବାର୍ଷିକ ୨୭ଲକ୍ଷ ମେଟ୍ରିକ ଟନରୁ ଅଧିକ ବିଭିନ୍ନ କିସମର ଫଳ ଉତ୍ପାଦନ ହେଉଥିବାବେଳେ ଓଡ଼ିଶାର ଫଳ ବଜାର କିନ୍ତୁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ଏପରିକି ଅନ୍ୟ ରାଜ୍ୟର ଅମୃତଭଣ୍ଡା ଓ ଆମ୍ବ ଓଡ଼ିଶା ବଜାରକୁ ଦଖଲ କରୁଥିବାବେଳେ ଓଡ଼ିଶାରୁ ଉତ୍ପାଦିତ ଫଳ ପ୍ରତି ଲୋକେ ସେଭଳି ଆଗ୍ରହ ଦେଖାଉ ନାହାନ୍ତି। ଓଡ଼ିଶାରେ ପାଚିଲା ଅମୃତଭଣ୍ଡାର ବେଶ୍ ଚାହିଦା ଥିବାବେଳେ ରାଜ୍ୟରେ ପ୍ରାୟ ୧ଲକ୍ଷ ୨୦ହଜାର ମେଟ୍ରିକ ଟନ୍ ଅମୃତଭଣ୍ଡା ଉତ୍ପାଦନ ହେଉଛି। ତେବେ ଓଡ଼ିଶାର ଫଳ ବଜାରକୁ ଦୈନିକ ଟ୍ରକ ଟ୍ରକ ଅମୃତଭଣ୍ଡା କର୍ଣ୍ଣାଟକ ଓ ମହାରାଷ୍ଟ୍ରରୁ ଆସୁଛି। ବ୍ୟବସାୟୀମାନଙ୍କ କହିବାକଥା ଯେ ଓଡ଼ିଶା ଅମୃତଭଣ୍ଡା ତୁଳନାରେ ସେହିସବୁ ରାଜ୍ୟରୁ ଆସୁଥିବା ଅମୃତଭଣ୍ଡାର ମାନ ଭଲ ରହୁଥିବାରୁ ଗ୍ରାହକମାନେ ସେଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ସେହିଭଳି ଓଡ଼ିଶାରେ ଡାଳିମ୍ବର ବେଶ୍ ଚାହିଦା ଥିବାବେଳେ ଉତ୍ପାଦନ ଅତି ନଗଣ୍ୟ। ଉତ୍ପାଦନ ହେଉଛି ମାତ୍ର ୩୩୨୪ ମେଟ୍ରିକ ଟନ୍। ତେଣୁ ଅଧିକାଂଶ ବ୍ୟବସାୟୀ ଏଥିପାଇଁ ମହାରାଷ୍ଟ୍ର ଉପରେ ନିର୍ଭର କରୁଛନ୍ତି। ଓଡ଼ିଶାରେ ଯେତିକି ବି ଡାଳିମ୍ବ ଉତ୍ପାଦନ ହେଉଛି ତାହାକୁ ନେବାକୁ ଗ୍ରାହକ ରାଜି ହେଉନାହାନ୍ତି। ରାଜ୍ୟରେ ଷ୍ଟ୍ରବେରୀର ଚାହିଦା ଥିବାବେଳେ ଏହାର ଉତ୍ପାଦନ କିନ୍ତୁ ୨୦ ମେଟ୍ରିକ ଟନ୍ ଛୁଇଁ ପାରୁନାହିଁ। ସମସ୍ତ ପ୍ରକାର ଅନୁକୂଳ ପାଣିପାଗ ଓ କୃଷି ବିଭାଗର ସହାୟତା ସତ୍ତ୍ୱେ ରାଜ୍ୟର ଚାଷୀମାନେ ଅଧିକ ଉତ୍ପାଦନ ନକରିବା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଅନ୍ୟ ରାଜ୍ୟର ଚାଷୀଙ୍କ ଉତ୍ପାଦିତ ଷ୍ଟ୍ରବେରୀ ଫଳ ରାଜ୍ୟର ଫଳ ଦୋକାନ ଓ ମଲ୍‌ଗୁଡିକରେ ଚଢ଼ା ଦରରେ ବିକ୍ରି ହେଉଛି। ତେବେ ଓଡ଼ିଶାରେ ଡ୍ରାଗନ୍ ଫ୍ରୁଟ୍‌ର ଉତ୍ପାଦନ ବୃଦ୍ଧି ପାଇବା ସହିତ ଏହା ବିଦେଶକୁ ରପ୍ତାନି ହେବାରେ ଲାଗିଛି। ଏକଦା ଏହି ଫଳ ସଂକ୍ରାନ୍ତରେ ଅଜ୍ଞ ଥିବା ଓଡ଼ିଶାର ଚାଷୀମାନେ ୭ଶହ ମେଟ୍ରିକ ଟନରୁ ଅଧିକ ଡ୍ରାଗନଫ୍ରୁଟ ଉତ୍ପାଦନ କରୁଛନ୍ତି। ସେହିଭଳି ଓଡ଼ିଶାରେ ଆମ୍ବ ଉତ୍ପାଦନ ପରିମାଣ ୯ଲକ୍ଷ ମେଟ୍ରିକ ଟନ୍‌କୁ ଟପିଥିବାବେଳେ ଏହାର ରପ୍ତାନି ପରିମାଣ ବଢ଼ିବାରେ ଲାଗିଛି। ଢେଙ୍କାନାଳର ଆମ୍ବ ମଧ୍ୟପ୍ରାଚ୍ୟ ଓ ୟୁରୋପରେ ବେଶ୍ ଆଦରଲାଭ କରିଛି। କିନ୍ତୁ ସଂରକ୍ଷଣ ଅଭାବରୁ ଏବେ ଅନ୍ୟ ରାଜ୍ୟର ଆମ୍ବ ଓଡ଼ିଶା ବଜାରରେ ଚଢ଼ା ଦରରେ ବିକ୍ରି ହେବାରେ ଲାଗିଛି। ଓଡ଼ିଶାର ଆମ୍ବ ଋତୁ ପରେ ଏବେ ଅନ୍ୟ ରାଜ୍ୟର ଶୀତଳଭଣ୍ଡାରରେ ଥିବା ଆମ୍ବଗୁଡ଼ିକ ଓଡ଼ିଶା ବଜାରରେ ଆଧିପତ୍ର ବିସ୍ତାର କରିଛନ୍ତି। ଋତୁଭିତ୍ତିକ ଫଳ ଲିଚୁର ଚାହିଦା ବି ଓଡ଼ିଶା ବଜାରରେ ବେଶ ରହିଛି। ଓଡ଼ିଶାର କୋରାପୁଟ ସମେତ ଅନ୍ୟ କେତେକ ଜିଲ୍ଲାରେ ଲିଚୁ ଚାଷ ହେବା ସହି ବାର୍ଷିକ ୨୮ହଜାର ମେଟ୍ରିକ ଟନ୍ ଲିଚୁ ଫଳୁଛି। ତେବେ ଓଡ଼ିଶା ଖାଉଟିଙ୍କ ପାଇଁ ଏହା ପର୍ଯ୍ୟାପ୍ତ ହେଉନଥିବାରୁ ବିହାରରେ ଫଳୁଥିବା ଲିଚୁ ଉପରେ ହିଁ ଓଡ଼ିଶାର ଫଳ ବ୍ୟବସାୟୀମାନେ ନିର୍ଭର କରୁଛନ୍ତି। ବିଭିନ୍ନ ପ୍ରକାର ଫଳ ଉତ୍ପାଦନ ପାଇଁ ଓଡ଼ିଶାର ଜଳବାୟୁ ବେଶ୍ ଅନୁକୂଳ ହୋଇଥିବାବେଳେ ଚାଷୀମାନଙ୍କ ଅନାଗ୍ରହ ଯୋଗୁଁ ଅନ୍ୟ ରାଜ୍ୟର ଚାଷୀମାନେ ଏହାର ବେଶ୍ ଫାଇଦା ଉଠାଉଛନ୍ତି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଲଟିଲା ଭାରତୀୟ...

ରୁମ୍ ଖୋଲାଯାଇଛି। ସେହିଭଳି ରାଜଧାନୀ ହାନୋଇରେ ମଧ୍ୟ ଆଉ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିବା ସ୍ଥାନୀୟ ଗଣମାଧ୍ୟମଗୁଡ଼ିକ ସୂଚନା ଦେଇଛନ୍ତି। ଭିଏତନାମ ପ୍ରଧାନମନ୍ତ୍ରୀ ଲେ ମିନ୍ ହୁନ୍ କେନ୍ଦ୍ର ଓ ଆଞ୍ଚଳିକ ସ୍ତରର ଅଧିକାରୀମାନଙ୍କୁ ପ୍ରାଥମିକତା ଭିତ୍ତିରେ ତଲାସୀ ଓ ଉଦ୍ଧାର ଅଭିଯାନ ଜାରି ରଖିବା ସହ ପୀଡ଼ିତ ଓ ସେମାନଙ୍କ ପରିବାରକୁ ଆବଶ୍ୟକତା ସହାୟତା ପ୍ରଦାନ କରିବାକୁ ଏକ ଜରୁରୀକାଳୀନ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହି ଏହାକୁ ଅତ୍ୟନ୍ତ ଦୁଃଖଦାୟକ ବୋଲି କହିଛନ୍ତି। ମୃତକଙ୍କ ନିମନ୍ତେ ଶୋକ ପ୍ରକାଶ କରିବା ସହ ଡଙ୍ଗାବୁଡ଼ି ଦୁର୍ଘଟଣାରେ ନିଜର ପ୍ରିୟଜନଙ୍କୁ ହରାଇଥିବା ପରିବାରଗୁଡ଼ିକୁ ମଧ୍ୟ ସେ ସମବେଦନା ଜଣାଇଛନ୍ତି।

## ଓଡ଼ିଶା ହେବ ଧାତବ...

ପ୍ରତିଯୋଗିତାମୂଳକ ଇକୋସିଷ୍ଟମ ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। କଂଶାରୀଗୁଡ଼ା ରିଫାଇନରୀ ପ୍ରକଳ୍ପର ସମ୍ପ୍ରସାରଣ ଓଡ଼ିଶାକୁ ମେଟାଲ ଓ ମେଟାଲର୍ଜି ଶିଳ୍ପର ହବରେ ପରିଣତ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପ୍ରସ୍ତାବିତ ପ୍ରକଳ୍ପର ଅଗ୍ରଗତି ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବା ପାଇଁ ରାଜ୍ୟ ସରକାର ନିୟମିତ ସହଯୋଗ ଦେବାକୁ ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ଏଥିସହ ଜମି, ଭିତ୍ତିଭୂମି ସାଙ୍ଗକୁ ଅନ୍ୟାନ୍ୟ ଆଇନଗତ ଅନୁମୋଦନ ପ୍ରକ୍ରିୟାରେ ସରକାର ସହଯୋଗ କରିବେ। ବୈଠକରେ ଆଗାମୀ ଦିନରେ ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ଆଲୁମିନିୟମ, ଆଲୁମିନା ସହ ରସାୟନ, ସିମେଣ୍ଟ, ଅକ୍ଷୟ ଶକ୍ତି, ଟେକ୍ସଟାଇଲ ଓ ପୋଷାକ ଶିଳ୍ପରେ ନିବେଶ ନେଇ ମଧ୍ୟ ଆଲୋଚନା ହୋଇଛି। ସେହିଭଳି କପର୍ ରିଫାଇନରୀ, କପର୍ ପ୍ରିଣ୍ଟେଡ୍ ସର୍କିଟ ବୋର୍ଡ, ରଙ୍ଗ, ଗହଣା ଉତ୍ପାଦନ ଓ ଅତ୍ୟାଧୁନିକ ଆଲୁମିନିୟମ ଉତ୍ପାଦ ସମ୍ପର୍କିତ ଶିଳ୍ପ ନେଇ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି।

## କିମ୍ବଦନ୍ତି ଗାୟିକା ଏସ ...

ପାଇଁ ତାଙ୍କୁ ୪ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଓ ୩୩ଟି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଆ, ହିନ୍ଦୀ ସମେତ ସେ ୨୦ଟି ଭାଷାରେ ଗୀତ ଗାଇଥିବା ବେଳେ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତର ଅନ୍ୟତମ ସଫଳ ସଙ୍ଗୀତ ନିର୍ଦ୍ଦେଶକ ଇଲେୟା ରାଜା ଓ ଦିବଂଗତ ଗାୟକ ଏସପି ବାଲାସୁବ୍ରମଣ୍ୟମ୍‌ଙ୍କ ସହ ଅନେକ ଅପାସୋରା ଗୀତ ଗାଇଛନ୍ତି। ୧୯୫୭ରେ ଗାୟିକା ଭାବେ କ୍ୟାରିଅର୍ ଆରମ୍ଭ କରିଥିବା ଜାନକୀ ଦୁଇ ବର୍ଷ ପରେ ଭି. ରାମପ୍ରସାଦଙ୍କୁ ବିବାହ କରିଥିଲେ।

## ତିନି ରଥ ଦାୟିତ୍ୱ...

ନିଆଯିବ, ତାହା ଏବେ ସ୍ୱତନ୍ତ୍ର ଟିମ୍ ଦ୍ୱାରା କରାଯିବ। ବଡ଼ଦାଣ୍ଡରେ ରଥ ରହିବା ମାତ୍ରେ ତାହାକୁ ସଙ୍ଗେ ସଙ୍ଗେ ଜର୍ଜନ କରାଯାଇ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯିବ। ନିର୍ଦ୍ଧାରିତ ସମୟରେ ସମସ୍ତ ନୀତିକାନ୍ତି ଶେଷ କରାଯିବା ପାଇଁ ଚେଷ୍ଟା କରାଯିବ। ଆସନ୍ତା ୧୪ ତାରିଖ ନବଯୌବନ ଦର୍ଶନ ଅପରାହ୍ଣ ୨ଟାରେ ଆରମ୍ଭ ହେବ। ଚଳିତବର୍ଷ ସୀମିତ ତଥା କମ୍ ସମୟ ପାଇଁ ଭକ୍ତମାନେ ନବଯୌବନ ଦର୍ଶନ କରିବେ। ମହାପ୍ରଭୁଙ୍କ ନୀତି ବହୁଳତା ପାଇଁ କମ୍ ସମୟ ଦର୍ଶନ ବ୍ୟବସ୍ଥା ରହିବ। ସେହିପରି ନେତ୍ରୋତ୍ସବ ପରଦିନ ଉଭା ଅମାବାସ୍ୟାରେ ମହାପ୍ରଭୁଙ୍କର ଦର୍ଶନ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ପୁରୀ ଜିଲ୍ଲାପାଳ, ଏସପି, ଶ୍ରୀମନ୍ଦିର ପରିଚାଳନା କମିଟି ସେବାୟତ ସଦସ୍ୟ, ଛତିଶା ନିଯୋଗ ନାୟକଙ୍କ ସହ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

## ନେତାଙ୍କ ଆଚରଣ ପାଇଁ...

ଶିକ୍ଷା ବଞ୍ଚାଅ ଆନ୍ଦୋଳନରେ 'ଠୁମକା' ଲଗାଇବା ଓ ସ୍କୁଲ ପିଲାଙ୍କୁ ସାମିଲ କରିବାର ଆବଶ୍ୟକତା କ'ଣ ରହିଥିଲା ଏବଂ ଏଥିପାଇଁ କାହାର ଅନୁମତି ନିଆଯାଇଥିଲା, ତା'ର ଖୋଲାଖୋଲି ତଦନ୍ତ ଉଚ୍ଚସ୍ତରରେ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଦଳର ଛାତ୍ର ଶାଖା ସଭାପତିଙ୍କ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥାଇ ଇପସିତା ଜିଲ୍ଲା ଗସ୍ତରେ ଯାଇ ଏଭଳି ସମ୍ବେଦନହୀନ ଆଚରଣ ପ୍ରଦର୍ଶନ କରିଛନ୍ତି, ଯେଉଁଥିପାଇଁ ବିଜେଡି ସୁପ୍ରିମୋଙ୍କୁ ନୋଟିସ ସମ୍ମୁଖୀନ ହେବାକୁ ପଡ଼ିଛି। ଇପସିତାଙ୍କ ଏଭଳି ଆଚରଣକୁ ଦଳର ବରିଷ୍ଠ ନେତାମାନେ ପସନ୍ଦ କରିନଥିବା ସୂଚନା ମିଳିଛି। ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ଗଣମାଧ୍ୟମ ପ୍ରକାଶିତ ଖବର ଓ ଶ୍ରୀମୟ ମହାପାତ୍ରଙ୍କ ଅଭିଯୋଗ ଓ ତତ୍‌ସଙ୍ଗ୍ଲଗ୍ନ ଭିଡିଓ ଫଟୋଚିତ୍ର ଆଧାରରେ ଏହି ନୋଟିସ ଜାରି କରିଛନ୍ତି। ଏକ ରାଜନୀତିକ ଦଳର ପ୍ରତିବାଦ ସଭାରେ ସ୍କୁଲ ୟୁନିଫର୍ମ ପିନ୍ଧିଥିବା କୁନି କୁନି ପିଲାମାନଙ୍କୁ ଖରା, ନିଆଁ ଓ ଧୂଆଁ ମଧ୍ୟରେ ଦୀର୍ଘ ସମୟ ଛିଡ଼ା କରାଇ ରଖାଯିବା ସହ ସେମାନଙ୍କ ସାମ୍ନାରେ ଛାତ୍ର ସଭାନେତ୍ରୀ ଇପସିତା ଓ ପୂର୍ବତନ ବିଧାୟିକା ଦୀପାଳି ଲେଙ୍କା ଅଶ୍ଳୀଳ ଭାବେ ନାଚିବା ଖୁଲମଖୁଲା ବିଜେଡିର ସମ୍ବେଦନହୀନତାକୁ ପ୍ରମାଣିତ କରିଛି। ଆୟୋଗ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି ଯେ ରାଜନୈତିକ କାର୍ଯ୍ୟକଳାପରେ ଶିଶୁମାନଙ୍କୁ ଏଭଳି ଅସୁରକ୍ଷିତ ଭାବେ ବ୍ୟବହାର କରିବା ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା, ମର୍ଯ୍ୟାଦା କ୍ଷୁଣ୍ଣ ହେବା ସହ ସେମାନଙ୍କ ଶିକ୍ଷା ଗ୍ରହଣର ଅଧିକାର ବାଧାପ୍ରାପ୍ତ ହୋଇଛି, ଯାହା ଜୁଭେନାଇଲ ଜଷ୍ଟିସ ଆକ୍ଟ ଓ ଭାରତୀୟ ନ୍ୟାୟ ସଂହିତା ଅନୁସାରେ ଅପରାଧିକ ମାମଲା। ସ୍କୁଲ ପାଠ୍ୟପୁସ୍ତକରେ ତ୍ରୁଟି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜିଲ୍ଲା ସ୍ତରରେ ପ୍ରତିବାଦ କରି ସରକାରଙ୍କ ଉପରେ ଚାପ ପକାଇବାକୁ ଦଳ ଲକ୍ଷ୍ୟ ରଖିଥିବା ବେଳେ ଇପସିତା ଲେଙ୍କା ପରି ନିଜେ ଠୁମକା ଲଗାଇବା ସହ ଦୀପାଳି ଓ ସ୍କୁଲ ପିଲାମାନଙ୍କ ମଧ୍ୟ ଏଭଳି ଠୁମକା ଲଗାଇବାକୁ ଉତ୍ସାହିତ କରୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେଣୁ ଦଳ ଯେଉଁ ଉଦ୍ଦେଶ୍ୟରେ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ କରିଥିଲା, ଏବେ ତାହା ଲକ୍ଷ୍ୟଭ୍ରଷ୍ଟ ହୋଇଥିବା ଭଳି ଲାଗୁଛି।

## ଅପରାଧିକ ତଦନ୍ତ ପାଇଁ...

୫୫ଟି ପାଠ୍ୟପୁସ୍ତକରେ ପ୍ରାୟ ଦୁଇ ହଜାରରୁ ଅଧିକ ସାଙ୍ଘାତିକ ଭୁଲ ସାମ୍ନାକୁ ଆସିଥିଲା। ପ୍ରାୟ ୩ କୋଟି ପାଠ୍ୟପୁସ୍ତକ ପ୍ରକାଶିତ ହୋଇଥିଲା। ଏବେ ସରକାର ସମସ୍ତ ଛାତ୍ରଛାତ୍ରୀଙ୍କୁ ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

## ନାମଲେଖା ନେଇ ଆସିବ...

କଲେଜରେ ପିଲାମାନେ ଚଳିତ ଶିକ୍ଷା ବର୍ଷରେ ପଇସା ଦେଇ ଆଡମିଶନ କରିସାରିଛନ୍ତି, ସେମାନଙ୍କ ଅର୍ଥ ଫେରସ୍ତ ପାଇଁ ଏକ ପୋର୍ଟାଲ ପ୍ରସ୍ତୁତ ହେଉଛି। ଏହି ପୋର୍ଟାଲରେ ଆବେଦନ କଲେ ବିଭାଗ ପଇସା ଫେରସ୍ତ କରିବ। ରି-ଆଡମିଶନ ଫି' ବି ପିଲାଙ୍କ ପାଇଁ ଛାଡ଼ ହେବ। କେବଳ ପରୀକ୍ଷା ଫି' ଦେବାକୁ ପଡ଼ିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି। ସେପଟେ ବିଭିନ୍ନ କଲେଜ ସଂଗଠନର ଦାବି, ସରକାର କଲେଜ ପରିଚାଳନା ପାଇଁ କିପରି ଅର୍ଥ ନଦେଇ ଏକକାଳୀନ ଅନୁଦାନ ଦିଅନ୍ତୁ। ରାଜ୍ୟ ସରକାର କଲେଜଗୁଡ଼ିକୁ ୮୯୫ କୋଟି ଦେବାକୁ କ୍ୟାବିନେଟରେ ଅନୁମୋଦନ କରିଥିଲେ। କଲେଜ ଫଣ୍ଡରେ ଏବେ କିଛି ପଇସା ନ ଥିବାରୁ ସେହି ଅର୍ଥ ତୁରନ୍ତ ଦିଆଯାଉ ବୋଲି ଦାବି କରିଛି କଲେଜ ଶିକ୍ଷକ ସଂଘ।

## ଏକା ସୁବାସ ଧରିଛନ୍ତି...

କରାଇବାରେ ତାଙ୍କର ବଡ଼ ଅବଦାନ ଥିଲା। ହେଲେ ମାତ୍ର କିଛି ବର୍ଷ ଭିତରେ କଟକର ବିଜେଡି ଗଡ଼ ଭୁଶୁଡ଼ି ପଡ଼ିଛି। ଜଣେ ପରେ ଜଣେ ନେତା ବିଜେଡିରୁ ମୁହଁ ମୋଡ଼ି ଏବେ ବିଜେପିମୁହାଁ ହେଉଛନ୍ତି। ଆସନ୍ତାକାଲି ପ୍ରଭାତ ବିଶ୍ୱାଳ ନିଜର ସମର୍ଥକଙ୍କ ସହ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହେବେ ବୋଲି ଚର୍ଚ୍ଚା ହେଉଛି। ଏବେ କହିବାକୁ ଗଲେ ଏକା ମେୟର ସୁବାସ ସିଂ କଟକ ବିଜେଡିର ମଙ୍ଗ ଧରିଛନ୍ତି। ୨୦୨୪ ନିର୍ବାଚନ ପରେ ପରେ ବାରବାଟି-କଟକ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ମଧ୍ୟ ଦଳ ଛାଡ଼ିଥିଲେ। ପ୍ରଭାତ ବିଶ୍ୱାଳ ଦଳ ଛାଡ଼ିବା ପରେ ଅନେକ କର୍ପୋରେଟର ମଧ୍ୟ ଦଳ ଛାଡ଼ିବାର ସମ୍ଭାବନା ରହିଛି। ସେହିଭଳି ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ମଧ୍ୟ ଦଳ ଛାଡ଼ିବାକୁ ବାଧ୍ୟ କରାଯିବ ବୋଲି ଚର୍ଚ୍ଚା ହେଉଛି। ଦଳ ଛାଡ଼ିଛନ୍ତି, ସଭାପତି ସେମାନଙ୍କର ବିକଳ୍ପ ତିଆରି କରିପାରିନାହାନ୍ତି, ଯାହା ତୃଣମୂଳ ସ୍ତରର କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି।

## ଅପରାଧୀଙ୍କ କବଜାରେ...

କରିବାକୁ ସାହସ କଲେ ଓ ସାମ୍ନାରେ ଥିବା କମିଶନରେଟ ଦପ୍ତରର ବାବୁମାନେ କିଭଳି ଏମାନଙ୍କୁ ସୁଯୋଗ ଦେଲେ, ତାହା ଏବେ ରାଜଧାନୀବାସୀଙ୍କ ଚର୍ଚ୍ଚାର ବିଷୟ ପାଲଟିଛି। ସବୁଠାରୁ ବଡ଼କଥା ହେଲା ଏଭଳି ଘଟଣ ପ୍ରତି ଆନ୍ଦୋଳନ ଯୋଗୁଁ ଯେଉଁମାନଙ୍କର ନିର୍ମାଣ ସୌଧରେ କିଛି କ୍ଷତି ହୋଇନି, ସେମାନେ ଭିତରକୁ ପ୍ରବେଶ କରିପାରୁନାହାନ୍ତି। କର୍ମଚାରୀମାନେ ବି ଆତଙ୍କିତ ହୋଇ ପଡ଼ିଛନ୍ତି ବୋଲି ଜଣାପଡ଼ିଛି। ତେଣୁ ସରକାର ଏଥିରେ ଦୃଢ଼ ହସ୍ତକ୍ଷେପ କରି ପ୍ରଥମେ ସଚିବାଳୟ ଓ ପୁଲିସ କମିଶନରେଟ ନିକଟରେ ଘଟିଥିବା ଆନ୍ଦୋଳନକୁ ବନ୍ଦ କରନ୍ତୁ। ଆନ୍ଦୋଳନ କରୁଥିବା ବ୍ୟକ୍ତିଙ୍କ ସଂକ୍ରାନ୍ତରେ ଖୋଲାଖୋଲି କରାଯିବା ସହ ସେମାନଙ୍କ ଦାବି ସବୁ କ'ଣ ରହିଛି, ତାହାର ତର୍ଜମା କରି ସେମାନଙ୍କ ଦାବି ପୂରଣ କରନ୍ତୁ। ଏବେ ଜାଣିବାର କଥା ସରକାର କେବଳ ସରକାର ବଦନାମ ହେଉଛି ତାହା ନୁହେଁ, ଯେଉଁମାନେ ସଚ୍ଚୋଟ ଉପାୟରେ ଠିକାଦାରୀ କରୁଛନ୍ତି ସେମାନେ ବି ବଦନାମ ହେଲେ। ଏଭଳି ଆନ୍ଦୋଳନ ଯୋଗୁଁ ଯନ୍ତ୍ରୀମାନଙ୍କର ମନୋବଳ ଭାଙ୍ଗିବା ସହ ସରକାରୀ ବାବୁମାନେ ବି କାମରେ ହାତ ଦେବେ ନାହିଁ। ଏହା ଫଳରେ ଅନ୍ୟ ସ୍ଥାନ ତ ଦୂରର କଥା, ଖୋଦ ରାଜଧାନୀରେ ଅଧିକାଂଶ ନିର୍ମାଣ କାର୍ଯ୍ୟ ଅଧାପଡ଼ିଯିବ ବୋଲି ଜଣାପଡ଼ିଛି। ଏଥିପାଇଁ ବାଧ୍ୟବାଧକତାରେ ଆନ୍ଦୋଳନରେ ସାମିଲ ହୋଇଥିବା କିଛି ଠିକାଦାର ନାମ ଗୋପନ ରଖିବା ସର୍ତ୍ତରେ ମତ ଦେଇଛନ୍ତି।

## ରାଣୀ ବଗିଚା ବାଇପାସ୍ ନିକଟରୁ ଦୁଇ ଗଞ୍ଜେଇ ମାଫିଆ ଗିରଫ



ସୁନ୍ଦରଗଡ଼,୧୧।୭ (ସଂଚାର ବ୍ୟୁରୋ): ଜୁଲାଇ ୧୧ ତାରିଖ ଶନିବାର ଦିନ ଅବକାରୀ ବିଭାଗକୁ ଏକ ବଡ଼ ସଫଳତା ମିଳିଛି। ସକାଳୁ ସକାଳୁ ଦୁଇ ଜଣ ଗଞ୍ଜେଇ ଚାଲାଣକାରୀ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୫୫ କେଜି ଓଜନର ଗଞ୍ଜେଇ ଜବତ କରିଛି ଅବକାରୀ ବିଭାଗ। ଗିରଫ ଦୁଇ ଅଭିଯୁକ୍ତ ହେଲେ - ପ୍ରବୀର ବିଶ୍ୱାସ ଓ ଇର୍ଷାଦ ଅଲ୍ଲି ମୋଲ୍ଲା। ଏହି ଅଭିଯୁକ୍ତଙ୍କ ଘର ପଶ୍ଚିମ ବଙ୍ଗ ରାଜ୍ୟ। ପ୍ରବୀରର ଘର ନଦିଆ ଜିଲ୍ଲା କୃଷ୍ଣ ଗଞ୍ଜ ଥାନା ଅନ୍ତର୍ଗତ ହରିଶ ନଗର ହୋଇଥିବା ବେଳେ ଇର୍ଷାଦ ର ଘର ମୁର୍ଷିଦା ବାଦ ଜିଲ୍ଲା ରାଣୀ ନଗର -୨ ଥାନା ଅନ୍ତର୍ଗତ କାଳୀ ନଗର। ଏମାନେ ଫୁଲବାଣୀରୁ ଏହି ଗଞ୍ଜେଇ ଆଣିଥିଲେ ବୋଲି ଅବକାରୀ ବିଭାଗର ତଦନ୍ତରେ ଜଣା ପଡିଛି ବୋଲି ଡେପୁଟି ସୁପେରଟେଣ୍ଡେଣ୍ଟ ଏକ୍ସାଇଜ ପ୍ରମୋଦ କୁମାର ପଣ୍ଡା କହିଛନ୍ତି।

## ମଦ ଦୋକାନ ଉପରକୁ ବୋମା ମାଡ଼



କାକଟପୁର / ଅସ୍ତରଙ୍ଗ,୧୧।୭ (ସଂଚାର ବ୍ୟୁରୋ): ବିଶ୍ୱ ପ୍ରସିଦ୍ଧ ଅର୍କକ୍ଷେତ୍ର କୋଣାର୍କରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡିଛି। ରଥଯାତ୍ରାକୁ ଆଉ ମାତ୍ର କିଛି ଦିନ ଥିବା ବେଳେ ଦିନ ଦ୍ୱିପ୍ରହରେ ବୋମା ମାଡ଼ ଭଳି ଘଟଣା ଘଟିବା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ସବୁଠୁ ବଡ କଥା ହେଲା ପୋଲିସ ଓ ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁଁ ଦୁର୍ବୃତ୍ତମାନେ ବେଧଡକ ହୋଇ ଉଠିଛନ୍ତି।

ସୂଚନା ଅନୁସାରେ ଶନିବାର ଦିନ ଦ୍ୱିପ୍ରହରେ କୋଣାର୍କ-କାକଟପୁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏକ ନୂତନ ବିଦେଶୀ ମଦ ଦୋକାନ ଉପରକୁ ଦୁର୍ବୃତ୍ତଆସି ୨ଟି ବୋମା ଫୋପଡିଥିଲେ। ଉଭୟ ବୋମା ଫୁଟିଯାଇ ଦୋକାନର ସାମନା ଆଂଶିକ ଭାଙ୍ଗି ଚୂରମାର ହୋଇଯାଇଛି। ସୌଭାଗ୍ୟକ୍ରମେ ଏଥିରେ କୌଣସି ପ୍ରାଣହାନି ହୋଇନାହିଁ। ଘଟଣା ସମୟରେ ଦୋକାନରେ କର୍ମଚାରୀ ଓ କିଛି ଗ୍ରାହକ ଉପସ୍ଥିତ ଥିଲେ। ବୋମା ଫୁଟିବା ଶବ୍ଦ ଶୁଣି ସେମାନେ ଆତଙ୍କିତ ହୋଇ ଦୌଡି ପଳାଇଥିଲେ। ଘଟଣା ପରେ ତୁରନ୍ତ କୋଣାର୍କ ପୁଲିସ ସହ ପୁରୀରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ଘଟଣା ସ୍ଥଳରୁ ଗୋଡି, ପେପର, ସୁତୁଲି ଓ ବାରୁଦ ଜବତ କରିଛନ୍ତି। ଏହି ସାମଗ୍ରୀକୁ ଯାଞ୍ଚ ପାଇଁ ପଠାଯାଇଛି।

ବୋମା ମାଡ଼ ଘଟଣା ଘଟିବାର ୮ଘଣ୍ଟା ମଧ୍ୟରେ କୋଣାର୍କ ପୁଲିସର ସ୍ୱତନ୍ତ୍ର ଟିମ ଘଟଣା ଘଟାଇଥିବା ମୁଖ୍ୟ ଅଭିଯୁକ୍ତକୁ କାବୁ କରିଛି। ପୁରୀ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଚଢାଉ ଜାରି ରଖିବା ପରେ କୁରୁଜଙ୍ଗ ଜଙ୍ଗଲରୁ କୁରୁଜଙ୍ଗ ଗ୍ରାମର ସାହିଲ ପଣ୍ଡା(୨୪) ଙ୍କୁ ଗିରଫ କରାଯାଇଛି। ତାଙ୍କୁ କୋଣାର୍କ ଥାନାକୁ ଅଣାଯାଇ ପଚରାଉଚରା ଜାରି ରହିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେ ଏହି ଆକ୍ରମଣ କରିଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି।

## ମୋବାଇଲ ଚୋରି କରି ଯୁବକ ଗିରଫ



ମାଲକାନଗିରି,୧୧।୭ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ଓରକେଲ ପୁଲିସ ମୋବାଇଲ ଫୋନ ଚୋରି କରିଥିବା ଜଣେ ଯୁବକକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ମୁତାବକ ବାଲିମେଳା ସହରରେ ଗତ କିଛିଦିନ ହେବ ଲଗାତାର ମୋବାଇଲ ଚୋରି ହେଉଥିବା ବେଳେ ଏନେଇ ଓରକେଲ ଥାନାରେ ପୃଥକ ପୃଥକ ୩ଟି ମାମଲା ରୁଜୁ ହୋଇଥିଲା। ପୁଲିସ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରିବା ପରେ ସହର ସ୍ଥିତ ମେଡିକାଲ ସାହିର ଜଣେ ଯୁବକ ଚୋରି କରିଥିବା ଜଣାପଡିଥିଲା। ଆଜି ଉକ୍ତ ଯୁବକକୁ ଓରକେଲ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବା ଯୁବକଙ୍କ ନାମ ସନ୍ତୋଷ ନାଗ(୨୨) ଏବଂ ତା ନିକଟରୁ ଭିଭୋ, ମୋଟରଲା ଏବଂ ରିଅଲ ମି ନାରଜୋ ଏହିପରି ୩ଟି ମୋବାଇଲ ଜବତ କରିଥିବା ଓରକେଲ ଥାନାଧିକାରୀ ଦେୱଦତ୍ତ ମଲ୍ଲିକ ସୂଚନା ଦେଇଛନ୍ତି।

# ବାଲିଆପାଳ ବ୍ଲକକୁ ଘାରିଛି ଦାଦନ ଚିନ୍ତା

### ଭିଟାମାଟି ଛାଡୁଛନ୍ତି ଯୁବପିଢ଼ି

### କାର୍ଯ୍ୟକ୍ଷମ ହେଲାନି ଗୋପୀନାଥ ସୂତାକଳ

### କେବେ ହେବ ସୁବର୍ଣ୍ଣରେଖା ବନ୍ଦର ?



ବାଲିଆପାଳ,୧୧।୭ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ୍‌ର ୨୮ଟି ପଞ୍ଚାୟତରେ ଦେଢ଼ଶହରୁ ଅଧିକ ଗ୍ରାମର ହଜାର ହଜାର ଯୁବକ ଏବେ ଗାଁ ମାଟି ଛାଡ଼ି ବାହାର ରାଜ୍ୟରେ ଯାଇ ଖଟୁଛନ୍ତି । ସେଥିରୁ ଅଧିକାଂଶ ହେଲେ ଦାଦନ ଶ୍ରମିକ। ବାଲିଆପାଳ ମାଟିରେ ଆବଶ୍ୟକ କର୍ମସଂସ୍ଥାନ ସୃଷ୍ଟି ହେଉନଥିବାରୁ ଏଭଳି ପରିସ୍ଥିତି ଉପୁଜିଛି ସରକାର ବଦଳିବା ପରେ ରାଜ୍ୟରେ କାରଖାନା ହେବ, ନୂତନ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହେବ। ଆଉ ଦାଦନ ଖଟିବାକୁ ଘର, ପରିବାର ଛାଡ଼ି ଅନ୍ୟ ରାଜ୍ୟକୁ ଯିବାକୁ ପଡ଼ିବନି ବୋଲି ଯେଉଁମାନେ ଆଶା କରିଥିଲେ ସେ ଆଶା ମଉଳି ଗଲାଣି ।

ନିଯୁକ୍ତି ସୃଷ୍ଟି କରିବା ପାଇଁ ବାଲିଆପାଳରେ ସବୁଠାରୁ ବଡ଼ ସମ୍ଭାବନା ଥିଲା ଗୋପୀନାଥ ସୂତାକଳ। ଏହି କାରଖାନାଟି ଦୀର୍ଘ ବର୍ଷ ଧରି ଅଚଳ ହୋଇପଡ଼ିଛି। ଯଦି ଏହା କାର୍ଯ୍ୟକ୍ଷମ ହୁଅନ୍ତା ତେବେ ହଜାରେ ଶ୍ରମିକ ଏଠାରେ ନିଯୁକ୍ତି ପାଇଥାନ୍ତେ। ଦ୍ୱିତୀୟତଃ ଏଠାରେ ଚାଷ ଜମି ଅଛି କିନ୍ତୁ କୋଷ୍ଟ କେନାଲର ଦକ୍ଷିଣକୁ ଲୁଣି ଅଞ୍ଚଳ ବୋଲି ନାବାର୍ଡ ଭୁଲ ସର୍ଭେ ରିପୋର୍ଟ ଦେଇଥିବାରୁ ଏଠାରେ ଉଠା ସରକାର ଜଳସେଚନ ସୁବିଧା କରୁନାହାନ୍ତି କିମ୍ବା ଘରୋଇ ଉଠା ଜଳସେଚନ ପ୍ରକଳ୍ପ କରିବାକୁ କୌଣସି ପ୍ରୋତ୍ସାହନ ଦେଉନାହାନ୍ତି। ଫଳରେ ସାଧାରଣ କୃଷିର ମଧ୍ୟ ସୁବିଧା ନାହିଁ।ଯଦିଓ ଦକ୍ଷିଣ ବାଲିଆପାଳର ପାନ ଚାଷ ଏକ ଅର୍ଥକାରୀ ଓ ଲାଭଦାୟକ ଚାଷ କିନ୍ତୁ ସରକାର ଏହି ଚାଷକୁ ଉଦ୍ୟାନ କୃଷିର ମାନ୍ୟତା ଦେଉନାହାନ୍ତି କିମ୍ବା ପାନଚାଷ ପାଇଁ କିଛି ସ୍ୱତନ୍ତ୍ର ପ୍ରୋତ୍ସାହନ ନାହିଁ। ତେଣୁ ଏଥିରେ ବି କର୍ମନିଯୁକ୍ତି ବଢୁନି। ଅନ୍ୟ ଉପାୟ ନ ପାଇ ବହୁ ଯୁବକ ଗାଁ ଛାଡ଼ି ଅନ୍ୟ ରାଜ୍ୟକୁ ଖଟିବା ପାଇଁ ଯିବାକୁ ବାଧ୍ୟ ହେଉଛନ୍ତି।

ସେହିପରି ଦକ୍ଷିଣ ବାଲିଆପାଳର ୬ଟି ପଞ୍ଚାୟତକୁ ଛୁଇଁ ବଙ୍ଗୋପସାଗର ଥିବାରୁ ଏଠାରେ ହଜାର ହଜାର ମତ୍ସ୍ୟଜୀବୀ ଅଛନ୍ତି। ହେଲେ ମତ୍ସ୍ୟଜୀବୀଙ୍କୁ ଡଙ୍ଗା, ଜାଲ, ମାଛମଣ୍ଡି ଇତ୍ୟାଦି କ୍ଷେତ୍ରରେ କୌଣସି ପ୍ରୋତ୍ସାହନ ଯୋଗାଇ ଦିଆଯାଉନି। ଫଳରେ ସମସ୍ତ ସମ୍ଭାବନା ଥାଇ ବି ନିଯୁକ୍ତି ସୁଯୋଗ ସୃଷ୍ଟି ହେଉନି।

### ଅଙ୍ଗନବାଡ଼ି ଛାତରୁ ଗଳୁଛି ପାଣି

## ଅସୁବିଧାର ସମ୍ମୁଖୀନ ହେଉଛନ୍ତି କୋମଳମତି ଶିଶୁ



ଫୁଲବାଣୀ,୧୧।୭ (ସଂଚାର ବ୍ୟୁରୋ): କାମ ସାରିବାର ତିନି ବର୍ଷ ମଧ୍ୟ ହୋଇନି କିନ୍ତୁ ସାମାନ୍ୟ ବର୍ଷା ହେଲେ ଛାତରୁ ଗଳୁଛି ବର୍ଷା ପାଣି। ଶ୍ରେଣୀ କୋଠରୀ ମଧ୍ୟରେ ଜମି ରହୁଛି ଆଣ୍ଠୁଏ ପାଣି। ଯାହାଫଳରେ ପାଠ ପଢିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି କୋମଳମତି ଶିଶୁ। ସେପଟେ ମରାମତି ପାଇଁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗୀୟ ଅବହେଳା ପାଇଁ ହୋଇ ପାରୁନି ମରାମତି। ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ପବିଙ୍ଗିଆ ପଞ୍ଚାୟତର ଲାମ୍ପପଦର ଗାଁରେ।

ଏହି ଲାମ ପଦର ଗାଁରେ ଥିବା ଅଙ୍ଗନବାଡି କେନ୍ଦ୍ର ଏବେ ଅସୁରକ୍ଷିତ ଅବସ୍ଥାରେ ଥିବା ବେଳେ କେନ୍ଦ୍ରର ଛାତରୁ ପାଣି ଗଳୁଥିବା ଯୋଗୁଁ ଅସରାଏ ବର୍ଷା ହେଲେ ମଧ୍ୟ ପାଣି ଜମା ହୋଇଯାଉଛି। ସେପଟେ ଏହି କେନ୍ଦ୍ରରେ ସମୁଦାୟ ୧୨ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ କେନ୍ଦ୍ର ଭିତରେ ପାଣି ଜମି ରହୁଥିବାରୁ ଛାତ୍ରଛାତ୍ରୀମାନଙ୍କୁ ଶ୍ରେଣୀ କୋଠରୀରେ ବସି ପାଠ ପଢିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

ଏହି ଅଙ୍ଗନବାଡ଼ି କେନ୍ଦ୍ରର ମରାମତି ପାଇଁ ସ୍ଥାନୀୟ ସରପଞ୍ଚ ଲାଲମୋହନ କହଁରଙ୍କ ଠାରୁ ଆରମ୍ଭ କରି ଅଙ୍ଗନବାଡି କର୍ମୀ ଓ ଗ୍ରାମବାସୀ ବାରମ୍ବର ଅଭିଯୋଗ କରି ଆସୁଥିଲେ ମଧ୍ୟ ପ୍ରଶାସନ ଶୁଣୁନଥିବାରୁ ଏହାକୁ ନେଇ ଅଭିଭାବକ ଓ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେପଟେ ଦାୟିତ୍ୱରେ ଥିବା ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ସୁମନ୍ତ କୁମାର ମାଝୀଙ୍କୁ ପଚାରିବାରୁ ଛାତରୁ ପାଣି ଗଳୁଥିବା ନେଇ ସୂଚନା ରହିଛି। ବର୍ଷା ଲାଗିରହିଥିବାରୁ ମରାମତି ହୋଇପାରିନାହିଁ। ବର୍ଷା କମିଲେ ମରାମତି କରାଯିବ ବୋଲି କହିଛନ୍ତି।

## ଗଣମାଧ୍ୟମ ପ୍ରତିନିଧି ଓ ବିଧାୟକଙ୍କ ମଧ୍ୟରେ ଭେଟଘାଟ୍ କାର୍ଯ୍ୟକ୍ରମ



ନବରଙ୍ଗପୁର / ଝରିଗାଁ,୧୧।୭ (ସଂଚାର ବ୍ୟୁରୋ): ଝରିଗାଁ ବ୍ଲକ ମାଆ ବିଡିରୀ ଠାକୁରାଣୀଙ୍କ ପୀଠରେ ଝରିଗାଁ ନିର୍ବାଚନ ମଣ୍ଡଳୀର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ଏବଂ ମାନ୍ୟବର ବିଧାୟକ ନରସିଂହ ଭତ୍ରାଙ୍କ ମଧ୍ୟରେ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ସମୟ ଧରି ଚର୍ଚ୍ଚା ମଧ୍ୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରୁ ନଳିନୀକାନ୍ତ ମିଶ୍ର, ହରିହର ଶତପଥୀ, ତ୍ରିନାଥ ଧରୁଆ ଏବଂ ବିଧାୟକ ମିଡ଼ିଆ ସଂଯୋଜକ ଗିରି ମାଝୀ ଖବର ପ୍ରସାରଣ ଲାଗି ଜଣେ ପ୍ରତିନିଧି ନିଜର ଭୂମିକା ତୁଲେଇବା ସମୟରେ କିଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ ସେକଥା ବିଧାୟକଙ୍କ ନଜରକୁ ଆଣିଥିଲେ। ଯାହାକୁ ନେଇ ମାନ୍ୟବର ବିଧାୟକ ମଧ୍ୟ ଗଣମାଧ୍ୟମର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ, ତୃଣମୂଳ ସ୍ତରକୁ ଯାଇ ତୃଣମୂଳ ସ୍ତରରୁ ଖବର ସଂଗ୍ରହ କରୁଥିବାରୁ ଏହା ବିକାଶ କ୍ଷେତ୍ରରେ ଅନେକ ସହାୟତା ହେଉଥିବା ଏବଂ ଅଂଚଳର ବିକାଶ କ୍ଷେତ୍ରରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଥିବା କହିଥିଲେ। ଏହି ଭେଟଘାଟ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଗଣମଧ୍ୟମ ପ୍ରତିନିଧିଙ୍କୁ ମାନ୍ୟବର ବିଧାୟକ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ।

## ସ୍କୁଲ ପରିଚାଳନା କମିଟି ଗଠନକୁ ନେଇ ଉତ୍ତେଜନା

### ପୁଲିସ ଉପସ୍ଥିତିରେ କମିଟି ଚୟନ / ଗାଁରେ ବୁଲିଲା ଡିଜେ ଗାଡ଼ି



ହିଞ୍ଜିଳିକାଟୁ,୧୧।୭ (ସଂଚାର ବ୍ୟୁରୋ): ବିଦ୍ୟାଳୟ ପରିସରରେ ରାଜନୀତି। ଯାହା ପାଠପଢାର ମୁଖ୍ୟ ପ୍ରତିବନ୍ଧକ ଭାବେ ଉଭା ହେଉଛି। ଛୋଟବଡ଼ ଅନେକ ରାଜନୀତିକୁ ନେଇ ସ୍କୁଲ ପରିଚାଳନା କମିଟିକୁ ନେଇ ସୃଷ୍ଟି ହୋଇଛି ଗମ୍ଭୀର ବିବାଦ | ଏହି ଘଟଣା ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ନନ୍ଦିକ ଗ୍ରାମର ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି ।

ସୂଚନା ଅନୁସାରେ, ଜୁଲାଇ ୧ରୁ ରାଜ୍ୟର ସବୁ ସ୍କୁଲରେ ନୂତନ ସ୍କୁଲ ପରିଚାଳନା କମିଟି ଗଠନ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର "ସ୍କୁଲ ମ୍ୟାନେଜମେଣ୍ଟ ଗାଇଡ଼ଲାଇନ -୨୦୨୬" ଆଧାରରେ ମାର୍ଗଦର୍ଶିକା କରାଯାଇଛି | ଏହି ପରିପ୍ରେକ୍ଷୀରେ ଆଜି ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ନନ୍ଦିକର ସରକାରୀ ଉଚ୍ଚ ବିଦ୍ୟାଳୟରେ ନୂତନ କମିଟି ଗଠନ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା | ବିଦ୍ୟାଳୟ ପରିସରରେ ସମସ୍ତ ଛାତ୍ରଛାତ୍ରୀଙ୍କ ଅଭିଭାବକକୁ ନେଇ ସକାଳ ୮ଟାରେ କମିଟି ଗଠନ ପାଇଁ ଆରମ୍ଭ ହୋଇଥିଲା ବୈଠକ | ବୈଠକର କିଛି ସମୟ ପରେ ହଠାତ କିଛି ଅଭିଭାବକ କମିଟି ଗଠନକୁ ନେଇ ପକ୍ଷପାତ ଦର୍ଶାଇ ପାଟିତୁଣ୍ଡ କରି ବିଦ୍ୟାଳୟରୁ ରାଗିକି ଚାଲିଯାଇଥିଲେ | କିଛି ବ୍ୟକ୍ତି ନିଜର ପରିବାରବର୍ଗଙ୍କୁ ଏକାଠି କରି ଅବୈଧ ଭାବରେ ସ୍କୁଲର ମ୍ୟାନେଜମେଣ୍ଟକୁ ନିଜ ଅକ୍ତିଆରକୁ ନେବାକୁ ଚେଷ୍ଟା କରୁଥିବା ବେଳେ ଏହି ଉତ୍ତେଜନା ଦେଖିବାକୁ ମିଳିଥିଲା।

ପରେ ଖବର ପାଇଁ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଂଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା | ପରେ ପୁଲିସର ଉପସ୍ଥିତିରେ ୧୫ ଜଣିଆ କମିଟି ଚୟନ କରାଯାଇଥିଲା। ଏକ ଗୋଷ୍ଠୀର କମିଟି ସଦସ୍ୟଙ୍କୁ ଚୟନ କରାଯାଇଥିବା କୁହାଯାଉଥିବା ବେଳେ ସେଇ ଗୋଷ୍ଠୀ ପକ୍ଷରୁ ଗାଁରେ ସନ୍ଧ୍ୟା ସମୟରରେ ଡିଜେ ଲଗାଯାଇ ଗାଁ ପରିଭ୍ରମଣ କରାଯାଇଥିଲା। ତେବେ ବିଦ୍ୟାଳୟ ପରିସରରେ ଏହି ଘଟଣା ଘଟିଥିବା ବେଳେ ଆଗାମୀ ଭବିଷ୍ୟତରେ ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ପଡ଼ିବା ଆଶଙ୍କା ସୃଷ୍ଟି କରୁଛି |

## ବୋରିଗୁମ୍ମା ରଥଯାତ୍ରା ପ୍ରସ୍ତୁତି ବୈଠକ



ବୋରିଗୁମ୍ମା,୧୧।୭ (ସଂଚାର ବ୍ୟୁରୋ): ରଥଯାତ୍ରା ପାଇଁ ଶେଷ ତଥା ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି ବିଧାୟକ ତାରାପ୍ରସାଦ ବାହିନୀପତି। ଶୁକ୍ରବାର ଜଗନ୍ନାଥ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ କରି ବିଧାୟକ ରଥଯାତ୍ରା ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସହଯୋଗ କାମନା କରିଛନ୍ତି। ଆସନ୍ତା ୧୬ ତାରିଖରେ ହେବାକୁ ଥିବା ଶ୍ରୀ ଗୁଣ୍ଡିଚାଯାତ୍ରା ଓ ୨୪ ତାରିଖରେ ଥିବା ବାହୁଡ଼ାଯାତ୍ରାକୁ ନେଇ ଏହି ବୈଠକରେ ଶାନ୍ତି ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ନୀତିକାନ୍ତିରେ ସମୟାନୁବର୍ତ୍ତିତା, ରଥ ଓ ଯାତ୍ରୀଙ୍କ ସୁରକ୍ଷା, ଭିଡ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏହା ବ୍ୟତୀତ ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ଗାଡ଼ି ପାର୍କିଂ ବ୍ୟବସ୍ଥା ଓ ଯାତ୍ରା ଦିନ ମଦ ଦୋକାନ ବନ୍ଦ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି |

## ନୀଳଗିରି ସହରରେ ବୁଲୁଛି ଭାଲୁ, ଅଳ୍ପକେ ବର୍ତ୍ତିଲେ ସାଇକେଲ ଆରୋହୀ



ନୀଳଗିରି,୧୧।୭ (ସଂଚାର ବ୍ୟୁରୋ): ନୀଳଗିରି ସହରରେ ବୁଲୁଛି ଭାଲୁ। ଏନେଇ ସହରବାସୀ ହୋଇପଡିଛନ୍ତି ଆତଙ୍କିତ। ଶୁକ୍ରବାର ସ୍ୱର୍ଣ୍ଣଚୁଡ଼ ଜଙ୍ଗଲରୁ ଏକ ଭାଲୁ ଆସି ନୀଳଗିରି ସହ ସହରରେ ବୁଲୁଥିବା ଦେଖିବାକୁ ମିଳିଛି। ଭାଲୁ ଆକ୍ରମଣରେ ଡ୍ରେନରେ ପଡି ଦୁଇ ଯୁବକ ଆହତ ହୋଇ ଅଳ୍ପକେ ବର୍ତ୍ତିଛନ୍ତି। ଆକ୍ରମଣର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ବଜାରରୁ ରାତିରେ ସାଇକଲ ଯୋଗେ ଘାଟଘରସାହି ଅଞ୍ଚଳର ଦୁଇ ଯୁବକ ରାହୁଲ ସିଂ ଓ ସନ୍ତୋଷ ସିଂ ୨ଯୁବକ ଘରକୁ ଫେରୁ ଥିବାବେଳେ ଭାଲୁ ଗର୍ଜନ କରି ରାସ୍ତା ପାର ହେଉଥିଲା ସେହି ସମୟରେ ଜଗନ୍ନାଥ ମନ୍ଦିର ପଛ ପଟ ଗଳିରେ ଯାଉଥିବା ସମୟରେ ଭାଲୁ ତାଙ୍କ ଉପରକୁ ଲମ୍ଫ ମାରିଥିଲା। ଫଳରେ ଦୁଇ ଜଣ ଡ୍ରେନରେ ପଡ଼ିଯାଇଥିଲେ। ରାହୁଲଙ୍କ ଗୋଡ଼ରେ ଆଘାତ ଲାଗିଥିବାବେଳେ ସନ୍ତୋଷଙ୍କର କାନରେ ଆଘାତ ଲାଗିଛି। ପାଖ ଲୋକଙ୍କ ପାଟି ଶୁଣି ଭାଲୁଟି ଗର୍ଜନ ଛାଡ଼ି ପଳାଇଯାଇଥିଲା।

### ରିଲ୍ସ କରିବା ମହଙ୍ଗା ପଡ଼ିଲା

## ୨ନର୍ସ ସହ ଜଣେ ଫାର୍ମାସିଷ୍ଟଙ୍କୁ କାରଣ ଦର୍ଶାଅ ନୋଟିସ



ନୀଳଗିରି, ୧୧।୭ (ସଂଚାର ବ୍ୟୁରୋ): ଡାକ୍ତରଖାନାରେ ରୋଗୀ କଲବଲ ହେଉଥିବା ବେଳେ ଟିକଟ କାଉଣ୍ଟର ଭିତରେ ଗୋଡ଼କୁ ଝରକା ଉପରକୁ ଟେକି ମୋବାଇଲରେ ଭିଡ଼ିଓ ଦେଖି ଚାଲିଥିଲେ ଜଣେ ଫାର୍ମାସିଷ୍ଟ। ଅପରପକ୍ଷରେ ନିଜ ଡ୍ୟୁଟିରେ ଅବହେଳା କରି ୨ଜଣ ନର୍ସ ଡାକ୍ତରଖାନା ଭିତରେ ଥିବା ଡ୍ୟୁଟି ରୁମରେ ରିଲ୍ସ କରୁଥିଲେ । ଆଉ ଜଣେ ମୋବାଇଲରେ ଗପି ଚାଲିଥିଲେ ବୋଲି ଅଭିଯୋଗ ଆସିଥିଲା। ବାହାର ଚଟାଣରେ ରୋଗୀମାନେ ପଡ଼ି କଲବଲ ହେଉଥିବା ସମୟରେ ନୀଳଗିରି ଡାକ୍ତରଖାନାରେ ଏଭଳି ବିଚିତ୍ର ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା।

ଏହି ଘଟଣାରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ମଧ୍ୟ ସମ୍ପୃକ୍ତ କର୍ମଚାରୀଙ୍କ ଏପରି କାର୍ଯ୍ୟକୁ ନେଇ ବିଗିଡିଥିଲେ। ଯଦି ଡ୍ୟୁଟି କରିବାର ଅଛି ଠିକ ଢ଼ଙ୍ଗରେ ଡ୍ୟୁଟି କର, ନଚେତ ବିଦା କରାଯିବା ପୂର୍ବରୁ ସ୍ୱଇଛାରେ ଚାକିରି ଛାଡ଼ି ପଳାଅ ବୋଲି ମଧ୍ୟ ଚେତାବନୀ ଦେଇଥିଲେ। ଏହି ଫାର୍ମାସିଷ୍ଟଙ୍କ ଘର ମୟୂରଭଞ୍ଜ ଅଞ୍ଚଳର ହୋଇଥିବା ବେଳେ ତାଙ୍କ ଡ୍ୟୁଟି ନଥିବା ସମୟରେ ରୋଗୀ ପଞ୍ଜିକରଣ କେନ୍ଦ୍ରରେ ମୋବାଇଲ ଦେଖୁଥିଲେ ବୋଲି କହିଥିଲେ। ସେପଟେ ନୀଳଗିରି ବ୍ଲକ ମାଟିଆଳି ଓ ବାଲେଶ୍ୱର ଅଞ୍ଚଳର ଦୁଇ ନର୍ସଙ୍କ ସମେତ ଫାର୍ମାସିଷ୍ଟଙ୍କୁ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଉତ୍ତର ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୀଳଗିରି ଏସଡିଏମଓ ଡା. ସତ୍ୟନାରାୟଣ ନାୟକ କହିଛନ୍ତି।

## ଜାତୀୟସ୍ତରୀୟ ଖୋଖୋରେ ଭାଗନେବେ କେନ୍ଦ୍ରୀୟ ବିଦ୍ୟାଳୟର ୪ ଖେଳାଳି

ବାରିପଦା, ୧୧।୭ (ସଂଚାର ବ୍ୟୁରୋ): ଚଣ୍ଡିଗଡ ସ୍ଥିତ ଭାଗୱାରା ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବାକୁ ଥିବା ୫୫ତମ ଆଞ୍ଚଳିକ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଲକ୍ଷ୍ମୀପୋଷିର ୪ ଖେଳାଳି। ଏହି ପ୍ରତିଯୋଗିତାରେ ଅନୁଷ୍ଠିତ ହେବାକୁଥିବା ୧୭ ବର୍ଷରୁ କମ ଖୋ - ଖୋ ପ୍ରତିଯୋଗିତାରେ ୧୦ମ ଶ୍ରେଣୀର ଆୟୁଷ ମୁଣ୍ଡା, ୯ମ ଶ୍ରେଣୀର ଲବ ମୁର୍ମୁ, କୁଶ ମୁର୍ମୁ ଓ ଚନ୍ଦନ ମାଣ୍ଡି ଅଂଶଗ୍ରହଣ କରିବେ ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ଏଲଡିଏସ ଯାଦବ ଜଣାଇଛନ୍ତି। ପ୍ରକାଶଥାଉକି ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଖୋର୍ଦ୍ଧା ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଖୋ-ଖୋ ପ୍ରତିଯୋଗିତାରେ ଚମ୍ପିୟାନ ହୋଇ ଏହି ପ୍ରତିଯୋଗୀମାନେ ଚଳିତ ମାସ ୨୨ରୁ ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରରେ ଭାଗ ନେବାର ସୌଭାଗ୍ୟ ଅର୍ଜନ କରିଛନ୍ତି।



## ରୋଟାରୀ କ୍ଲବର ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର



ଖୋରଧା, ୧୧।୭ (ସଂଚାର ବ୍ୟୁରୋ): ଚକ୍ଷୁ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି, ବରିଷ୍ଠ ନାଗରିକଙ୍କୁ ଗୁଣାତ୍ମକ ଚକ୍ଷୁ ସେବା ଯୋଗାଇବା ଏବଂ ଚକ୍ଷୁଦାନ ଭଳି ମହତ ସାମାଜିକ ଅଭିଯାନକୁ ଆହୁରି ବ୍ୟାପକ କରିବା ଉଦ୍ଦେଶ୍ୟରେ ଖୋରଧା ରୋଟାରୀ କ୍ଲବ ପକ୍ଷରୁ ବରିଷ୍ଠ ନାଗରିକ ମଞ୍ଚ ସଭାଗୃହରେ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଶିବିରରେ ୩୪ ଜଣ ବରିଷ୍ଠ ନାଗରିକଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ ଆବଶ୍ୟକତା ଅନୁଯାୟୀ ନିଶୁଳ୍କ ଚଷମା ବଣ୍ଟନ କରାଯାଇଥିଲା। ସେହିପରି ମୋତିଆବିନ୍ଦୁରେ ପୀଡ଼ିତ ରୋଗୀଙ୍କ ପାଇଁ ଭୁବନେଶ୍ୱରରେ ନିଶୁଳ୍କ ଅସ୍ତ୍ରୋପଚାର ସୁବିଧା ଉପଲବ୍ଧ କରାଯିବ ବୋଲି ରୋଟାରୀ କ୍ଲବ ପକ୍ଷରୁ ସୂଚନା ଦିଆଯାଇଥିଲା।

ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଡା. ଦେବବ୍ରତ ଶ୍ରୀଚନ୍ଦନ ଶିବିରରେ ଉପସ୍ଥିତ ରହି ଅଂଶଗ୍ରହଣକାରୀଙ୍କ ଚକ୍ଷୁ ପରୀକ୍ଷା କରିବା ସହ ବୟସ୍କମାନଙ୍କ ମଧ୍ୟରେ ବଢୁଥିବା ମୋତିଆବିନ୍ଦୁ, ଦୃଷ୍ଟିଶକ୍ତି ହ୍ରାସ ଓ ଅନ୍ୟାନ୍ୟ ଚକ୍ଷୁ ରୋଗର ସମୟୋପଯୋଗୀ ଚିକିତ୍ସା ଉପରେ ପରାମର୍ଶ ଦେଇଥିଲେ। ଅନେକ ରୋଗୀଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ ପରାମର୍ଶ ମଧ୍ୟ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ରତ୍ନାକର ରଣସିଂହ, ସମ୍ପାଦକ ରାମଶଙ୍କର, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଦାସ ପ୍ରମୁଖ ଖୋରଧା ରୋଟାରୀ କ୍ଲବର ସଭାପତି ସଞ୍ଜୟ ବର୍ମନ, ସମ୍ପାଦିକା ଶୁଚିସ୍ମିତା ପରିଜା ଏବଂ ଖୋରଧା ପୌର ପରିଷଦର ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତିଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

# କଳାହାଣ୍ଡିରେ ବଢୁଛି ଦେଶୀ ମଦ ବିକ୍ରି

### ବିପଦରେ ଯୁବପିଢ଼ି ଓ ନାବାଳକ | ପ୍ରଶାସନ କଡ଼ା ପଦକ୍ଷେପ ନେବାକୁ ଦାବି

କଳାହାଣ୍ଡି,୧୧।୭ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ଦେଶୀ ମଦ ବିକ୍ରିକୁ ନେଇ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲାର ଅନେକ ଅଞ୍ଚଳରେ ଲାଇସେନ୍ସପ୍ରାପ୍ତ ଦେଶୀ ମଦ ଭାଟିଗୁଡ଼ିକ ନିୟମକୁ ଅବମାନନା କରି ଗାଁ ଗାଁ ବୁଲି କୁଟିଆ ଓ ଅନ୍ୟାନ୍ୟ ଯାନବାହନ ମାଧ୍ୟମରେ ମଦ ବିକ୍ରି କରୁଥିବା ଅଭିଯୋଗ ସାମ୍ନାକୁ ଆସୁଛି। ଏହାର ପ୍ରଭାବରେ ଗ୍ରାମାଞ୍ଚଳର ସାମାଜିକ ପରିବେଶ ଦିନକୁ ଦିନ ଅବନତି ଆଡ଼କୁ ଯାଉଥିବାବେଳେ ଯୁବପିଢ଼ି ଏବଂ ନାବାଳକମାନେ ମଧ୍ୟ ଏହି ନିଶା କବଳରେ ପଡୁଥିବା ଦେଖିବାକୁ ମିଳୁଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଅନେକ ଗ୍ରାମରେ ପ୍ରତିଦିନ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ କୁଟିଆ ଯୋଗେ ମଦ ପାଉଚ ଓ ବୋତଲ ବିକ୍ରି କରାଯାଉଛି। ଫଳରେ ଗ୍ରାମର ଲୋକମାନେ ସହଜରେ ମଦ ପାଇଯାଉଥିବାରୁ ମଦ୍ୟପାନର ପ୍ରବୃତ୍ତି ବଢ଼ିଚାଲିଛି। ବିଶେଷକରି ଦିନମଜୁରିଆ ଓ ଆର୍ଥିକ ଭାବେ ଦୁର୍ବଳ ପରିବାରମାନଙ୍କ ମଧ୍ୟରେ ଏହାର ପ୍ରଭାବ ଅଧିକ ଦେଖାଯାଉଛି। ଘରର ଆୟର ବଡ଼ ଅଂଶ ମଦ ପଛରେ ଖର୍ଚ୍ଚ ହେଉଥିବାରୁ ଅନେକ ପରିବାର ଆର୍ଥିକ ସଂକଟର ସମ୍ମୁଖୀନ ହେଉଛନ୍ତି।

ଏହାଠାରୁ ଅଧିକ ଚିନ୍ତାଜନକ ବିଷୟ ହେଲା, କିଛି ସ୍ଥାନରେ ଛୋଟ ଛୋଟ ପିଲା ଏବଂ ନାବାଳକମାନେ ମଧ୍ୟ ମଦ ପାଉଚ ସେବନ କରୁଥିବା ଅଭିଯୋଗ ଉଠୁଛି। ଏହା ଶିଶୁ ଏବଂ କିଶୋରମାନଙ୍କ ଶାରୀରିକ ଓ ମାନସିକ ବିକାଶ ଉପରେ ଗୁରୁତର ପ୍ରଭାବ ପକାଉଛି। ଅତ୍ୟଧିକ ମଦ୍ୟପାନ ଯୋଗୁଁ ଅନେକେ ମତିଭ୍ରମ, ସ୍ୱାସ୍ଥ୍ୟ ସମସ୍ୟା ଏବଂ ଅସାମାଜିକ କାର୍ଯ୍ୟକଳାପରେ ଜଡିତ ହେଉଥିବା ମଧ୍ୟ ସାଧାରଣ ଲୋକଙ୍କ ମଧ୍ୟରେ ଚିନ୍ତାର କାରଣ ହୋଇଛି।

ଗ୍ରାମାଞ୍ଚଳରେ ମଦର ସହଜ ଉପଲବ୍ଧତା ଯୋଗୁଁ ପାରିବାରିକ କଳହ, ମହିଳା ନିର୍ଯାତନା, ଘରୋଇ ହିଂସା, ଚୋରି, ମାରପିଟ ଏବଂ ସଡ଼କ ଦୁର୍ଘଟଣା ପରି ଘଟଣା ବୃଦ୍ଧି ପାଉଥିବା ବୋଲି ସ୍ଥାନୀୟ ବାସିନ୍ଦାମାନେ ଅଭିଯୋଗ କରୁଛନ୍ତି। ଅନେକ ପରିବାରରେ ଶିଶୁମାନଙ୍କ ଶିକ୍ଷା ଓ ଭବିଷ୍ୟତ ମଧ୍ୟ ଏହାର ପ୍ରଭାବରେ ବିପର୍ଯ୍ୟସ୍ତ ହେଉଛି।

ସାଧାରଣ ଲୋକଙ୍କ ମତ ହେଉଛି ଯେ, ଏହି ଅବୈଧ ଓ ଅନିୟନ୍ତ୍ରିତ ମଦ ବିକ୍ରି ଉପରେ ଜିଲ୍ଲା ପ୍ରଶାସନ, ଆବକାରୀ ବିଭାଗ ଏବଂ ପୋଲିସ ବିଭାଗ ତୁରନ୍ତ କଡ଼ା ପଦକ୍ଷେପ ନେବା ଆବଶ୍ୟକ। ଗାଁ ଗାଁ ବୁଲି ମଦ ବିକ୍ରି କରୁଥିବା ବ୍ୟକ୍ତି ଓ ସଂସ୍ଥାଙ୍କ ବିରୋଧରେ ଚଢ଼ାଉ କରାଯିବା ସହିତ ନିୟମ ଉଲ୍ଲଂଘନକାରୀଙ୍କ ଲାଇସେନ୍ସ ବାତିଲ କରିବାକୁ ମଧ୍ୟ ଦାବି ହେଉଛି। ଏହାସହ ଗ୍ରାମାଞ୍ଚଳରେ ମଦ୍ୟପାନର କୁପ୍ରଭାବ ସମ୍ପର୍କରେ ଜନସଚେତନତା ଅଭିଯାନ ଚାଲାଇବା ପାଇଁ ମଧ୍ୟ ଦାବି ଉଠୁଛି।

## ଆସ୍ଥା ବସ୍ତିଆଙ୍କ ସ୍ମୃତିରେ ଚାରାରୋପଣ



ସୁନ୍ଦରଗଡ଼, ୧୧।୭ (ସଂଚାର ବ୍ୟୁରୋ): ଜୀବନର ଅବଧି ଛୋଟ ହୋଇପାରେ, କିନ୍ତୁ ମଣିଷର ସ୍ୱପ୍ନ, ଆଦର୍ଶ ଓ କର୍ମ ସମାଜରେ ଦୀର୍ଘଦିନ ପର୍ଯ୍ୟନ୍ତ ବଞ୍ଚି ରହେ। ରାଉରକେଲାର ପ୍ରତିଭାବାନ ଯୁବତୀ ଆସ୍ଥା ବସ୍ତିଆଙ୍କ ସ୍ମୃତିକୁ ଚିରସବୁଜ କରି ରଖିବା ପାଇଁ 'ଗ୍ରୀନ୍ ମେମୋରୀ କ୍ୟାମ୍ପେନ୍' ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲାର ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ ଗମ୍ଭାରିଡିହି (ବଡ଼ବାହାଲପଡ଼ା) ମେମୋରୀ ଗାର୍ଡେନ୍‌ରେ ତାଙ୍କ ୨୧ ବର୍ଷର ଜୀବନକୁ ସ୍ମରଣ କରି ୨୧ଟି ବୃକ୍ଷରୋପଣ କରାଯାଇଛି। ଏହି ବୃକ୍ଷଗୁଡ଼ିକ ଆଜି କେବଳ ପ୍ରକୃତିର ସବୁଜ ସମ୍ପଦ ନୁହେଁ, ବରଂ ଜଣେ ଝିଅର ଅଧୂରା ସ୍ୱପ୍ନ ଓ ମା'-ବାପାଙ୍କ ଅସୀମ ସ୍ନେହର ଜୀବନ୍ତ ପ୍ରତୀକ।

ଆସ୍ଥା ବସ୍ତିଆ ଅତ୍ୟନ୍ତ ମେଧାବୀ, ସୃଜନଶୀଳ ଓ ସମାଜସଚେତନ ଯୁବତୀ ଥିଲେ। ଦିଲ୍ଲୀ ପବ୍ଲିକ୍ ସ୍କୁଲରେ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ବିଭାଗର ଶ୍ରେଷ୍ଠ ଛାତ୍ରୀ ଭାବେ ସମ୍ମାନିତ ହେବା ପରେ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠିତ ନର୍ଥ କ୍ୟାମ୍ପସରେ ଉଚ୍ଚଶିକ୍ଷା ଅଧ୍ୟୟନ କରିଥିଲେ। ତାଙ୍କର ସବୁଠାରୁ ବଡ଼ ସ୍ୱପ୍ନ ଥିଲା ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇ ସମାଜ ଓ ଦେଶର ସେବା କରିବା। ଭାଗ୍ୟର ନିଷ୍ଠୁର ପରିହାସରେ ଅସୁସ୍ଥତା ଯୋଗୁଁ ଆସ୍ଥାଙ୍କ ଅକାଳ ବିୟୋଗ ଘଟିଥିଲା। ଏହି ଅପୂରଣୀୟ କ୍ଷତି ପରିବାରକୁ ଗଭୀର ଆଘାତ ଦେଇଥିଲେ ମଧ୍ୟ, ତାଙ୍କ ପିତା ଦିବ୍ୟଲୋଚନ ବସ୍ତିଆ ଓ ମାତା ଲୀନା ବସ୍ତିଆ ନିଜ ଦୁଃଖକୁ ସମାଜ ପାଇଁ ସକାରାତ୍ମକ ବାର୍ତ୍ତାରେ ପରିଣତ କରିଛନ୍ତି।

## ଝାରସୁଗୁଡ଼ାରେ ରାଜସ୍ୱମନ୍ତ୍ରୀଙ୍କୁ ବିରୋଧ

# ଗୋ-ବ୍ୟାକ୍ ନାରା ଦେଲେ ଦଳୀୟ କର୍ମୀ

ଝାରସୁଗୁଡ଼ା,୧୧।୭(ସଂଚାର ବ୍ୟୁରୋ): ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଝାରସୁଗୁଡ଼ା କନ୍ଧାଗଡ଼ରେ ଦଳୀୟ କର୍ମୀଙ୍କ ଦ୍ୱାରା ଜୋରଦାର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। କନ୍ଧାଗଡ଼ ମନ୍ଦିରକୁ ଦର୍ଶନ ପାଇଁ ଯାଉଥିବା ବେଳେ ମନ୍ତ୍ରୀଙ୍କୁ ବିରୋଧ କରିଛନ୍ତି ଦଳୀୟ କର୍ମୀ। ଗୋ-ବ୍ୟାକ ନାରା ଦେଇ ମନ୍ତ୍ରୀଙ୍କୁ ଗାଁକୁ ଯିବା ପାଇଁ ମନା କଲେ ଲୋକେ। ଏହାରି ଭିତରେ କିଛି ଲୋକ ସୁରେଶ ପୂଜାରୀ ଜିନ୍ଦାବାଦ କହୁଥିବା ବେଳେ ଅନ୍ୟମାନେ ବିରୋଧ କରୁଥିଲେ।

ମନ୍ତ୍ରୀ ଗାଁ ଭିତରକୁ ପଶିବା ପାଇଁ ଚେଷ୍ଟା କରୁଥିବା ବେଳେ କିଛି ମହିଳା ଓ ପୁରୁଷ କର୍ମୀ ଗାଡ଼ି ସାମ୍ନାକୁ ପଳାଇ ଆସିଥିଲେ। ତେବେ ଦଳୀୟ କର୍ମୀ କାହିଁକି ବିରୋଧ କରୁଥିଲେ, ତାହା ସ୍ପଷ୍ଟ ହୋଇନାହିଁ। ଶେଷରେ ମନ୍ତ୍ରୀ ନିଜ କାରକେଡ଼ରେ ପୁଣି ଫେରିଯାଇଥିଲେ। ଏହି ସମୟରେ ବିଜେପି ଜିଲ୍ଲା ସଭାପତି ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଦଳୀୟ କର୍ମୀମାନେ କହିଛନ୍ତି ଯେ ମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସେମାନଙ୍କୁ ଅବଗତ କରାଯାଉନାହିଁ। ଏହାଦ୍ୱାରା ଦଳୀୟ କର୍ମୀଙ୍କୁ ଅପମାନିତ କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ମନ୍ତ୍ରୀଙ୍କୁ ବିରୋଧ କରୁଥିବା ଲୋକେ ବିଜେପି ପତାକା ହଲାଇ 'ସୁରେଶ ପୂଜାରୀ ଗୋ-ବ୍ୟାକ୍' ନାରା ଦେଉଥିଲା ବେଳେ ଭିଡ଼ରୁ ମନ୍ତ୍ରୀଙ୍କ ସମର୍ଥନରେ କିଛି ଯୁବକ ବାହାରି 'ସୁରେଶ ପୂଜାରୀ ଜିନ୍ଦାବାଦ' ଧ୍ୱନି ଦେଇଥିଲେ। ପ୍ରବଳ ନାରାବାଜି ଭିତରେ ମନ୍ତ୍ରୀ ଗାଡ଼ିରୁ ଓହ୍ଲାଇ ତାଙ୍କୁ ବିରୋଧ କରୁଥିବା ଦଳୀୟ କର୍ମୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ମାତ୍ର ତାହା ବୃଥା ହୋଇଥିଲା। କେହି ତାଙ୍କ କଥା ଶୁଣି ନ ଥିଲେ। ଶେଷରେ ପୁଲିସ ହେପାଜତରେ ମନ୍ତ୍ରୀ ସେଠାରୁ ଫେରି ଆସିଥିଲେ। ଏ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



## ୫୫ କେଜି ଗଞ୍ଜେଇ ଜବତ, ୨ ଗିରଫ

ସୁନ୍ଦରଗଡ଼, ୧୧।୭ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ରେ ଅବକାରୀ ବିଭାଗକୁ ବଡ଼ ସଫଳତା। ରାଣୀବଗିଚା ଛକରୁ ପ୍ରାୟ ୫୫ କିଲୋଗ୍ରାମ ଗଞ୍ଜେଇ ଜବତ । ପଶ୍ଚିମବଙ୍ଗର ଦୁଇ ଜଣ ଚୋରାଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଫୁଲବାଣୀରୁ ଗଞ୍ଜେଇ ଆଣି ବସ୍ ଯୋଗେ ବାହାର ରାଜ୍ୟକୁ ଚାଲାଣ କରିବାକୁ ଯୋଜନା କରିଥିଲେ। ପରେ ସେମାନେ ଅବକାରୀ ବିଭାଗ ହାତରେ ଧରାପଡ଼ିଛନ୍ତି । ସୁନ୍ଦରଗଡ଼ ସହର ରାଣୀବଗିଚା ଛକରେ ଅବକାରୀ ବିଭାଗର ଚଢ଼ାଉ ବେଳେ ଧରାପଡ଼ିଛି ଏକ ବଡ଼ ଗଞ୍ଜେଇ ଚୋରାଚାଲାଣ ରାକେଟ୍। ପେଟ୍ରୋଲିଂ ସମୟରେ ସଦର ଅବକାରୀ ଇନ୍ସପେକ୍ଟର ନିରଞ୍ଜନ ସାହୁ ଦୁଇ ଜଣ ଯୁବକଙ୍କୁ ଏକ ବସ୍ତା ଉପରେ ବସିଥିବାର ଦେଖି ସନ୍ଦେହ କରିଥିଲେ । ଯାଞ୍ଚ କରାଯିବାରୁ ବସ୍ତା ଭିତରୁ ପ୍ରାୟ ୫୫ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଥିଲା । ଗିରଫ ଦୁଇ ଅଭିଯୁକ୍ତ ପଶ୍ଚିମବଙ୍ଗର ବାସିନ୍ଦା ବୋଲି ଜଣାପଡ଼ିଛି । ହେଲେ ବସ୍ ଧରିବା ପୂର୍ବରୁ ଅବକାରୀ ବିଭାଗ ସେମାନଙ୍କୁ କାବୁ କରିଥିଲା।



## ଆସୁଛି ଲଘୁଚାପ:୩ ଜିଲ୍ଲାରେ ପ୍ରବଳ ବର୍ଷିବ



ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ): ଟ୍ରପ ଲାଇନ ପ୍ରଭାବରେ ବର୍ଷା ସମ୍ଭାବନା ଥିବା ବେଳେ ଆଗାମୀ ୫ ଦିନ ଯାଏ ବର୍ଷା ଲାଗିରହିବ। ରାଜ୍ୟରେ ମୌସୁମୀ ବର୍ଷା ମଧ୍ୟ ସକ୍ରିୟ ରହିଛି। ଫଳରେ ଆସନ୍ତା ୫ ଦିନଯାଏ କିଛି କିଛି ଜିଲ୍ଲାରେ ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଏପରିକି ଗୋଟେ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତାକାଲି ମୟୂରଭଞ୍ଜ ଓ କେନ୍ଦୁଝରରେ ପ୍ରବଳ ବର୍ଷା ସମ୍ଭାବନା ଥିବା ବେଳେ ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର ଓ ବାଲେଶ୍ୱର ପରି ୧୧ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବ। ତେଣୁ ଏଥିସକାଶେ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୧୫ ତାରିଖ ଯାଏ ରାଜ୍ୟରେ କେତେକ ଅଞ୍ଚଳରେ ବର୍ଷା ସହ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି।

ସେହିପରି ଘୂର୍ଣ୍ଣିବଳୟ ଆସୁଥିବାରୁ ଏହା ପ୍ରଭାବରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୧୩ରୁ ସାରା ରାଜ୍ୟରେ ବର୍ଷା ହୋଇପାରେ। ରଥଯାତ୍ରା ସମୟରେ ଯଦିଓ ପ୍ରବଳ ବର୍ଷା ହୋଇ ନ ପାରେ, କିନ୍ତୁ ମଧ୍ୟମ ଧରଣର ବର୍ଷା ଲାଗି ରହିବ। ବର୍ତ୍ତମାନ ବାୟୁମଣ୍ଡଳର ଉପରି ଭାଗରେ ଜଳୀୟବାଷ୍ପର ମାତ୍ରା ଅଧିକ ଥିବା ବେଳେ ଦକ୍ଷିଣ ପଶ୍ଚିମ ଦିଗରୁ ପବନ ବହୁଛି। ପ୍ରଭାବରେ ତାତି ସାଙ୍ଗକୁ ସନ୍ଧ୍ୟାରେ କେତେକ ସ୍ଥାନରେ ବର୍ଷା ହେଉଛି ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି। ଏହାଛଡ଼ା ୧୩ଟି ସ୍ଥାନରେ ବର୍ଷା ରେକର୍ଡ ହୋଇଥିବା ବେଳେ ୨ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସର୍ବାଧିକ ବର୍ଷା ଖୋର୍ଦ୍ଧା ବାଲିପାଟଣାରେ ୯୦ ମିମି ରେକର୍ଡ ହୋଇଛି। ସେପଟେ ଚଳିତ ମୌସୁମୀ ଅର୍ଥାତ ଗତ ଜୁନ ୧ରୁ ଏଯାବତ ରାଜ୍ୟରେ ୩୪୭.୫ ମିମି ବର୍ଷା ରେକର୍ଡ ହୋଇଛି, ଯାହାକି ସ୍ୱାଭାବିକ ବର୍ଷାଠାରୁ ୧୧ ପ୍ରତିଶତ ଅଧିକ ବର୍ଷା ରାଜ୍ୟରେ ହୋଇଛି।

## ରେଙ୍ଗାଲି ବାମ କେନାଲରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର

କାମାକ୍ଷାନଗର ୧୧।୭ (ସଂଚାର ବ୍ୟୁରୋ): ଘର ସମ୍ମୁଖରୁ ନିଖୋଜ ଛାତ୍ରଙ୍କ ମୃତଦେହ ରେଙ୍ଗାଲି ବାମ କେନାଲରୁ ଉଦ୍ଧାର କରାଯାଇଛି। ମୃତ ଛାତ୍ର ଜଣକ ହେଲେ କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସପ୍ତମ ଶ୍ରେଣୀର ଛାତ୍ର ବିଷ୍ଣୁ ପ୍ରସାଦ ବରାଳ। ତାଙ୍କ ଘର ହେଲା ଅନନ୍ତପୁର ରାମ ମନ୍ଦିର ପଛପାଖ ସାହିରେ। ବିଷ୍ଣୁ ଶୁକ୍ରବାର ସକାଳ ପ୍ରାୟ ୬ଟା ଠାରୁ ଘର ସମ୍ମୁଖରେ ଦାନ୍ତ ବ୍ରସ କରୁଥିବା ବେଳେ କେଉଁ ଆଡେ ଚାଲିଯାଇଥିଲେ। ପରିବାରର ଲୋକେ ବହୁ ଖୋଜାଖୋଜି କରି କୌଣସି ସନ୍ଧାନ ନପାଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ପରିବାର ଲୋକଙ୍କ କହିବା ମୁତାବକ କିଛି ଦିନ ପୂର୍ବେ ବିଦ୍ୟାଳୟର ପ୍ରାର୍ଥନା ସଭାରେ ବଷ୍ଣୁଙ୍କ ପାଟି ଶୁଭିବାରୁ ବିଷ୍ଣୁଙ୍କୁ ଗୁରୁଜୀ ଠିଆ ହେବାକୁ କହିଥିଲେ। ମାତ୍ର ବିଷ୍ଣୁ ଠିଆ ହୋଇନଥିଲେ। ପରେ ଏହି ବିଷୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଫୋନ ଯୋଗେ ଅବଗତ କରାଇଥିଲେ। ପରିବାର ଲୋକେ ବିଷ୍ଣୁଙ୍କୁ ଗୁରୁଜୀଙ୍କୁ ଭୁଲ ମାଗିବାକୁ କହିଥିଲେ। ମାତ୍ର ସେ କୌଣସି ଭୁଲ କରିନଥିବାରୁ ଭୁଲ ମାଗିବେ ନାହିଁ ବୋଲି କହିଥିଲେ। ଏହାପରେ ବିଷ୍ଣୁ ଶୁକ୍ରବାର ସକାଳ ୬ଟା ଠାରୁ ଘରୁ କେଉଁଆଡେ ଚାଲି ଯାଇଥିଲେ। ତେବେ ଶନିବାର ତାଙ୍କ ମୃତଦେହ କାନପୁରା ଗ୍ରାମ ନିକଟ ରେଙ୍ଗାଲି ବାମ ପାର୍ଶ୍ୱ କେନାଲରେ ଭାସୁଥିବା ଦେଖି ସ୍ଥାନୀୟ ଲୋକ ମାନେ କାମାକ୍ଷାନଗର ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ ଜାରି ରଖିଛି।

## ପାଇଖାନା ଟାଙ୍କିରେ ପଡ଼ି ୨ ଶ୍ରମିକ ମୃତ



ଭୁବନେଶ୍ୱର,୧୧।୭ (ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରର ବିଜେବି ନଗରରେ ଶନିବାର ଏକ ଅଘଟଣ ଘଟିଛି। କାମ କରୁଥିବା ବେଳେ ଏକ ପାଇଖାନା (ସେପ୍ଟିକ୍) ଟାଙ୍କି ଭିତରେ ପଡ଼ି ଦୁଇ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଅଗ୍ନିଶମ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟାଙ୍କି ଭିତରୁ ୨ ଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ସେପ୍ଟିକ୍ ଟାଙ୍କି ନିକଟରେ କାମ କରୁଥିବା ବେଳେ ଦୁଇ ଶ୍ରମିକ ଟାଙ୍କି ଭିତରେ ପଡ଼ିଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଟାଙ୍କି ଭିତରୁ ଉଭୟଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ସେତେବେଳକୁ ସେମାନଙ୍କର ମୃତ୍ୟୁ ହୋଇସାରିଥିଲା। ପୁଲିସ ଉଭୟ ମୃତଦେହକୁ ଜବତ କରିଛି। ତେବେ ମୃତ ଶ୍ରମିକମାନଙ୍କର ପରିଚୟ ମିଳି ପାରି ନ ଥିବା ବେଳେ ପୁଲିସ ଘଟଣାର ତଦନ୍ତ କରୁଛି।

## ଦୟାନଦୀରୁ ମିଳିଲା ନିଖୋଜ ମତ୍ସ୍ୟଜୀବୀଙ୍କ ମୃତଦେହ

କଣାସ, ୧୧।୭ (ସଂଚାର ବ୍ୟୁରୋ): ଦୀର୍ଘ ୨୪ ଘଣ୍ଟାର ବ୍ୟାପକ ସର୍ଚ୍ଚ ଅପରେସନ ପରେ ଶେଷରେ ଦୟାନଦୀରୁ ନିଖୋଜ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ହେଉଛନ୍ତି କଣାସ ବ୍ଲକ ଜାଗୁଲାଇପଦର ଗ୍ରାମର ୨୪ ବର୍ଷୀୟ ଦିବାନା ବେହେରା। ଆଜି ନଦୀରୁ ତାଙ୍କର ଗଳିତ




ଶବ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଗତକାଲି ଦିବାନା ତାଙ୍କ ବାପାଙ୍କ ସହ ଦୟା ନଦୀକୁ ମାଛ ଧରିବାକୁ ଯାଇଥିଲେ। ମାଛ ଧରି ଘରକୁ ଫେରିବା ସମୟରେ ଦିବାନା ନଦୀ ସ୍ରୋତରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ। ପୁଅକୁ ବଞ୍ଚାଇବାକୁ ବାପା ଚେଷ୍ଟା କରିଥିଲେ ମଧ୍ୟ ନଦୀର ପ୍ରଖର ସ୍ରୋତ ଯୋଗୁଁ ତାହା ସମ୍ଭବ ହୋଇନଥିଲା। ଘଟଣା ସମ୍ପର୍କରେ ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଦୁଇଟି ଅଗ୍ନିଶମ ଟିମ୍ ଗତକାଲିଠାରୁ ନଦୀରେ କ୍ରମାଗତ ଭାବେ ଖୋଜାଖୋଜି ଜାରି ରଖିଥିଲେ। ଶେଷରେ ଆଜି ଜାଗୁଲାଇପଦର ଗାଁ ବ୍ରିଜ ନିକଟ ଦୟା ନଦୀ ଗର୍ଭରୁ ଦିବାନାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଦିବାନାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଜାଗୁଲାଇପଦର ଗାଁରେ ଶୋକର ଛାୟା ଖେଳିଯାଇଛି। ପ୍ରାପ୍ତ ସୂଚନା ମୁତାବକ, କିଛିଦିନ ତଳେ ଦିବାନାଙ୍କ ବିବାହ ହୋଇଥିଲା। ବର୍ତ୍ତମାନ ତାଙ୍କ ସ୍ତ୍ରୀ ଗର୍ଭବତୀ ଅଛନ୍ତି। ପରିବାରର ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ବୃଦ୍ଧ ବାପା-ମାଆ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି।

● ଚୋରା ପୀରତି କରି ହରଡ଼ଘଣାରେ ପୁଲିସ ଏଏସ୍ଆଇ

## ରାତି ଅଧରେ ମହିଳାଙ୍କ ଘରେ ପଶି ଛେଚା ଖାଇଲେ



ନୟାଗଡ଼,୧୧।୭(ସଂଚାର ବ୍ୟୁରୋ): ଖାକିରେ କଳଙ୍କ ଲଗାଇଲେ ଏଏସ୍ଆଇ। ଚୋରାପୀରତି କରି ହରଡ଼ଘଣାରେ ପଡ଼ିଛନ୍ତି। ଗତକାଲି ବିଳମ୍ବିତ ରାତିରେ ଜଣେ ମହିଳାଙ୍କ ଘରେ ପଶିଥିବା ବେଳେ ପରିବାର ଓ ସ୍ଥାନୀୟ ଲୋକେ ଧରିବା ସହ ପୁଲିସ ବାବୁଙ୍କୁ ଉତ୍ତମମଧ୍ୟମ ମଧ୍ୟ ଦେଇଛନ୍ତି। ଏଭଳି ଚକିତ କରିଦେଲା ଭଳି ଘଟଣା ରଣପୁର ଥାନା ଅଞ୍ଚଳରେ ଘଟିଛି, ଯାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ନୟାଗଡ଼ ପୁଲିସ ପିଛା ଛାଡୁନି ଚୋରାପୀରତି ବିବାଦ। ଖଣ୍ଡପଡ଼ା ଏସଡିପିଓ ଶରଣକୂଳ ଥାନାଧିକାରୀଙ୍କ ପରେ ଏବେ ରଣପୁର ଥାନାର ଏଏସ୍ଆଇ ପ୍ରଶାନ୍ତ ପରିଡ଼ା ବିବାଦକୁ ଆସିଛନ୍ତି। ଗତକାଲି ବିଳମ୍ବିତ ରାତିରେ ଥାନାଠାରୁ ମାତ୍ର ୨ ଶହ ମିଟର ଦୂରରେ ଥିବା ସାନକୂଆ ସାହିର ଜଣେ ମହିଳାଙ୍କ ଘରେ ଏଏସ୍ଆଇ ବାବୁ ଜଣଙ୍କ ପଶିଥିଲେ। ପରିବାର ଲୋକେ ପ୍ରଶାନ୍ତଙ୍କୁ ଧରି ଉତ୍ତମ ମଧ୍ୟମ ଦେଇଥିବା ଜଣାପଡ଼ିଛି। ସମ୍ପୃକ୍ତ ମହିଳାଙ୍କ ଘରେ ପୂର୍ବରୁ ପ୍ରଶାନ୍ତ ଭଡ଼ାରେ ରହୁଥିଲେ। ଏବେ କିଛିଦିନ ତଳେ ଘର ଛାଡ଼ି ସେ ଅନ୍ୟତ୍ର ରହୁଥିଲେ। ସେଠାରେ ରହୁଥିବା ସମୟରେ ପରିବାରର ଜଣେ ମହିଳାଙ୍କ ଉପରେ ପ୍ରଶାନ୍ତଙ୍କର ଖରାପ ନଜର ପଡ଼ିଥିଲା। ଗତକାଲି ରାତି ପ୍ରାୟ ଦୁଇଟା ସମୟରେ ପ୍ରଶାନ୍ତ ସମ୍ପୃକ୍ତ ମହିଳାଙ୍କ ଘରେ ପଶିଥିବା ସମୟରେ ପରିବାର ଲୋକେ ତାଙ୍କୁ ଧରି ପ୍ରବଳ ମାଡ଼ ମାରିଥିଲେ। ପ୍ରଶାନ୍ତ କ୍ଷମା ମାଗିବା ପରେ ପରିବାର ଲୋକେ ଓ ସାହି ଲୋକ ପ୍ରଶାନ୍ତଙ୍କୁ ଛାଡ଼ିଥିବା ଜଣାପଡ଼ିଛି। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ କରାଯାଇନାହିଁ। କିନ୍ତୁ ପୁଲିସ ବାବୁ ଧରାପଡ଼ିବା ସମୟର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।

## ମା'କୁ ମୃତ ଦର୍ଶାଇ ଘର ଓ ଜମି ନେଇଗଲେ ପୁଅ



ବଞ୍ଚିଥିବା ପ୍ରମାଣ ପାଇଁ ଅଫିସ୍ ଚକ୍କର କାଟୁଛନ୍ତି ମହିଳା

ଭଦ୍ରକ, ୧୧।୭ (ସଂଚାର ବ୍ୟୁରୋ): ମୁଁ ବଞ୍ଚିଛି ବାବୁ। ମୋ ଆଧାର କାର୍ଡ, ପାସପୋର୍ଟ ଦେଖନ୍ତୁ। କିନ୍ତୁ ମୋର ନାଁରେ ଥିବା ଘର ଓ ଜମି ପୁଅ ଦୁଇଜଣ ନେଇ ମୋତେ ଘରୁ ତଡ଼ି ଦେଇଛନ୍ତି। ଆଉ ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ କହୁଛି ଯେ ମୁଁ କୁଆଡ଼େ ୪୦ ବର୍ଷ ପୂର୍ବରୁ ମରି ଯାଇଛି। ଏମିତି କାଗଜ ଦେଖିବା ପରେ ମା' ଜଣକ ନିଜେ ମଧ୍ୟ ତାଜୁବ ହୋଇଯାଇଛନ୍ତି। ଦୁଇ ପୁଅଙ୍କ ନାଁରେ ହୋଇଥିବା ଘର ଓ ଜମି ଫେରାଇବା ସହ ନିଜେ ବଞ୍ଚିଥିବା ନେଇ ପ୍ରମାଣ ପାଇଁ ସରକାରୀ ଅଫିସ ଚକ୍କର କାଟୁଛନ୍ତି। ଭଦ୍ରକ ଜିଲ୍ଲାରୁ ଏମିତି ଏକ ଘଟଣା ସାମ୍ନାକୁ ଆସିଛି, ଯେଉଁଠି ପୁଅମାନଙ୍କ ଅମାନବୀୟ କାଣ୍ଡକୁ କେମିତି ସହଯୋଗ କରି ରାଜସ୍ୱ ନିରୀକ୍ଷକ ଜୀବିତ ମହିଳାଙ୍କୁ ମୃତ ଘୋଷଣା କରିଛନ୍ତି।

୬୪ ବର୍ଷୀୟ ମହିଳା ଜଣକ ହେଉଛନ୍ତି ଭଦ୍ରକ ଜିଲ୍ଲା ଧାମନଗର ତହସିଲ ଅଧୀନ ଜୟନଗରର ବାସିନ୍ଦା ଆଇସା ବିବି। ଦୁଇ ପୁଅ ଓ ୬ ଝିଅ ଅଛନ୍ତି। ସେ ହଜ୍ କରିବା ପାଇଁ ସାଉଦି ଯାଇଥିଲେ। ସେଠାରୁ ଫେରିବା ପରେ ଦୁଇ ପୁଅ ଓ ବୋହୂ ନିସ୍ତୁକ ମାଡ଼ ମାରି ଘରୁ କାଢ଼ିଦେଲେ। ନିଜ ନାମରେ ଥିବା ୧୪ ଡିସିମିଲ ଘର ବାଡ଼ି ଜମି ସହ କୋଠା ଘରେ ଦୁଇ ପୁଅଙ୍କ ପରିବାର ରହୁଛନ୍ତି। କିନ୍ତୁ ତାଙ୍କ ଅଜାଣତରେ ଜମି ଓ ଘର ଏବେ ଦୁଇ ପୁଅଙ୍କ ନାମରେ ହୋଇଯାଇଥିବା ସେ ଜାଣିବାକୁ ପାଇଛନ୍ତି।

ଏହି ଘଟଣା ପରେ ଭଦ୍ରକର ସୂଚନାଧିକାର କର୍ମୀ ସୂଚନା ଅଧିକାର ବଳରେ ଯାହା ତଥ୍ୟ ପାଇଲେ ତାହା ଆପଣଙ୍କୁ ଆଶ୍ଚର୍ଯ୍ୟ କରିଦେବ। କାରଣ ୨୦୨୫ ମସିହାରେ ଆଇସାଙ୍କ ଦୁଇ ପୁଅ ଏକ ଘୋଷଣାନାମା ଦେଇଥିଲେ ଯେ, ତାଙ୍କ ମାଆ ୪୦ ବର୍ଷ ପୂର୍ବରୁ ମରି ଯାଇଛନ୍ତି। ସେମାନଙ୍କର ଅନ୍ୟ କୌଣସି ଅଂଶୀଦାର ନାହାନ୍ତି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମଧ୍ୟ କେମିତି କ୍ଷେତ୍ରୀୟ ତଦନ୍ତ କଲେ ଯେ ଘୋଷଣାନାମାକୁ ସତ ବୋଲି ରିପୋର୍ଟ କରିଦେଲେ ଓ ଜମି ସହ ଘର ଏବେ ଦୁଇ ପୁଅଙ୍କ ନାମରେ ହୋଇଗଲା।

ଏହି ଘଟଣା ସାମ୍ନାକୁ ଆସିବା ପରେ ଆଇଶା ବିବି ଏବେ ତହସିଲରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବୁଲୁଛନ୍ତି। ନିଜ ଜମି ଓ ଘର ଏବେ ଦୁଇ ପୁଅଙ୍କ ନାମରେ ହୋଇଥିବା ବେଳେ ମାଡ ଖାଇବା ସହ ଘରୁ ବାହାରି ଏବେ ଝିଅ ଘରେ ରହୁଛନ୍ତି। ତେବେ ଏବେ ଆଇସା ବିବିଙ୍କୁ ମୃତ ଘୋଷଣାନାମାକୁ ସତ ଦର୍ଶାଇଥିବା ରାଜସ୍ୱ ନିରୀକ୍ଷକ ସେହି କାର୍ଯ୍ୟାଳୟରୁ ବଦଳି ହେବା ପୂର୍ବରୁ ତରବରିଆ ଭାବେ ପୁଣି ଏବେ ତଦନ୍ତ ରିପୋର୍ଟ ଦେଇଛନ୍ତି। ଯେଉଁଥିରେ ଦର୍ଶାଇଛନ୍ତି ଯେ ଆଇଶା ବିବି ତୀର୍ଥ ଯାଇଥିବା ବେଳେ ହଜି ଯାଇଥିଲେ ଓ ତାଙ୍କ ପୁଅମାନେ ମିଥ୍ୟା ତଥ୍ୟ ଦେଇଛନ୍ତି।

(ଏଟିଏମ୍ କାର୍ଡ ବଦଳାଇ ଲୁଟ୍ ଗ୍ୟାଙ୍ଗର ପର୍ଦ୍ଦାଫାସ)

## ୨୩୨ ଏଟିଏମ୍ ଜବତ, ୪ ଗିରଫ




କେନ୍ଦୁଝର, ୧୧।୭ (ସଂଚାର ବ୍ୟୁରୋ) : ୨୩୨ ଡେବିଟ ଓ କ୍ରେଡିଟ କାର୍ଡ ଜବତ କରିଛି କେନ୍ଦୁଝର ଟାଉନ ପୁଲିସ। ଏହି କାର୍ଡ ଗୁଡିକ ସାହାଯ୍ୟରେ ବୟସ୍କ ବୃଦ୍ଧ ଓ ବୃଦ୍ଧା ଏବଂ ନୀରିହ ସରଳ ଲୋକଙ୍କ ଏଟିଏମ୍ କାର୍ଡକୁ ବଦଳାଇ ଅନ୍ୟ ଏଟିଏମରୁ ଟଙ୍କା ଲୁଟ୍ ହେଉଥିଲା। ଏବେ ଏହି ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି କେନ୍ଦୁଝର ଟାଉନ ଥାନା ପୁଲିସ। ସୂଚନା ମୁତାବକ ଏହି ଘଟଣା ସାମ୍ନାକୁ ଆସିବା ପରେ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥଲା। ସେବେଠାରୁ ପୁଲିସ ଏହାର ତଦନ୍ତ ଆରମ୍ଭ କରିଥିଲା। ପରେ ଜଣାପଡ଼ିଲା କଟକ ଜିଲ୍ଲା ନେମାଳର ବଳରାମ ସାହୁ ଏହି ଏଟିଏମ୍ ଲୁଟ୍ ଗ୍ୟାଙ୍ଗର ମୁଖ୍ୟ ଓ ଚାରି ଜଣ ମିଶି ଏହି ଗ୍ୟାଙ୍ଗକୁ ଚଳାଉଛନ୍ତି। ଏମାନେ ହେଲେ କଟକ ନେମାଳର ବଳରାମ ସାହୁ ମୁଖ୍ୟ ଅଭିଯୁକ୍ତ, ମୃତ୍ୟୁଞ୍ଜୟ ମହାପାତ୍ର, ମାନସ ରଞ୍ଜନ ପାଣି ଓ କେନ୍ଦ୍ରାପଡ଼ାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ। ଏମାନଙ୍କ ନାଁରେ ରାଜ୍ୟର ବିଭିନ୍ନ ଥାନାରେ ୧୦୦ରୁ ଉର୍ଦ୍ଧ୍ୱ ମାମଲା ରହିଛି। ଗିରଫ ସମୟରେ ଏମାନଙ୍କ ନିକଟରୁ ୨୩୨ ଟି ଏଟିଏମ୍ କାର୍ଡ, ୯ ଟି ମୋବାଇଲ, ୧୨ହଜାର ଟଙ୍କା ଓ ଏକ ମାରୁତି ଫୋନିକ୍ସ କାର ଟାଉନ ପୁଲିସ ଜବତ୍ କରିଥିବା ସଦର ଏସଡିପିଓ ସୁଦର୍ଶନ ଗାଙ୍ଗୋଇ ଏକ ସାମ୍ବାଦିକ ସମ୍ମିଳନୀ ପ୍ରକାଶ କରିଛନ୍ତି।

● କବାଟ ତାଡ଼ି ସଶସ୍ତ୍ର ଡକାୟତି

## ସୁନା ଗହଣା ସହ ୧୫ ଲକ୍ଷରୁ ଅଧିକ ଟଙ୍କାର ଲୁଟ୍



ଝରିଗାଁ,୧୧।୭(ସଂଚାର ବ୍ୟୁରୋ): ଶିକ୍ଷକଙ୍କ ଘରେ ସଶସ୍ତ୍ର ଡକାୟତି। ଘରେ କବାଟ ଭାଙ୍ଗି ପଶିଲେ ୪ ଡକାୟତ। ଶିକ୍ଷକ ଓ ତାଙ୍କ ପତ୍ନୀଙ୍କୁ ମାରିବାକୁ ଧମକ ଦେଇ ଲୁଟିଲେ ନେଲେ ସୁନା ଅଳଙ୍କାର ସହ ପ୍ରାୟ ୧୫ ଲକ୍ଷରୁ ଅଧିକ ଟଙ୍କା। ଡକାୟତମାନେ ମୁଖା ପିନ୍ଧିବା ସହ ଏକ ଗାଡ଼ିରେ ଆସିଥିବା ଅଭିଯୋଗ ହୋଇଛି। ଏଭଳି ଲୁଟ୍ ଝରିଗାଁ ଥାନା ଅଧୀନ ବାଣୁଆ ଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ରାଜାମୁଣ୍ଡା ଗ୍ରାମରେ ଘଟିଛି। ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଛି।

ମିଳିଥିବା ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ମୁଖା ପିନ୍ଧା ୪ ଜଣ ଡକାୟତ ମାରଣାସ୍ତ୍ର ସହ ଶିକ୍ଷକଙ୍କ ଘରେ ପ୍ରବେଶ କରିଥିଲେ। ଶୋଇବା ଘର, ରୋଷେଇ ଘର ଓ ଷ୍ଟୋର ରୁମରେ କବାଟ ଭାଙ୍ଗି ସେମାନେ ଭିତରକୁ ପଶିଥିଲେ। ନିଦରେ ଶୋଇଥିବା ସ୍ୱାମୀ-ସ୍ତ୍ରୀଙ୍କୁ ଉଠାଇ ଟଙ୍କା ସୁନା ରଖିଥିବା ଆଲମାରୀ ଚାବି ମାଗିଥିଲେ। ବିରୋଧ କରିବାରୁ ଛୁରୀ, ଭୁଜାଲି, ଫାର୍ସା ଆଦି ମାରଣାସ୍ତ୍ର ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଭୟରେ ଶିକ୍ଷକ ଲୁଟେରାଙ୍କୁ ଚାବି ଦେଇଦେଇଥିଲେ। ଚାବି ନେଇ ଆଲମାରୀ ଖୋଲି ଘରେ ଥିବା ନଗଦ ଟଙ୍କା ଓ ସୁନା ଅଳଙ୍କାର ଆଦି ଲୁଟ୍ କରିଥିଲେ। ପରେ ଲୁଟ୍ ସାମଗ୍ରୀକୁ ଧରି ଡକାୟତମାନେ ଚମ୍ପଟ ମାରିଥିଲେ। ସେତେବେଳକୁ ମଧ୍ୟରାତ୍ରି ପ୍ରାୟ ୨ଟା ହେବ ବୋଲି ଶିକ୍ ଲଛମନ ଠାକୁର କହିଛନ୍ତି।

ଦୃବୃର୍ତ୍ତମାନେ ଯିବା ପରେ ଘରୁ ପରିବାରର ସମସ୍ତେ ବାହାରକୁ ଆସିଥିଲେ। ଘର ସମ୍ମୁଖରେ ଚାରିଚକିଆ ଗାଡ଼ି ଚକର ଚିହ୍ନ ରହିଥିବା ଦେଖିବାକୁ ପାଇଥିଲେ। ଘଟଣା ନେଇ ଝରିଗାଁ ଥାନାରେ ଏତଲା ଦେବା ପରେ ଘଟଣାସ୍ଥଳରେ ଥାନାଧିକାରୀ ରଚିତା ମାଡ଼କାମୀଙ୍କ ନେତୃତ୍ୱରେ ପୁଲିସ ଟିମ୍ ପହଞ୍ଚିଥିଲା। ପରେ ପୁଲିସ ଟିମ୍ ପାରିପାର୍ଶ୍ୱିକ ପରିସ୍ଥିତି ଅନୁଧ୍ୟାନ କରି ସାଇଣ୍ଟି ଫିକ୍ ଟିମ୍‌ର ସହାୟତା ନେଇଥିଲା। ଏନେଇ ନବରଙ୍ଗପୁର ଏସ୍‌ପି କଶ୍ୟପ ପାର୍ଥ ଜଗଦୀଶ, ଏସଡିପିଓ ଶୁଭେନ୍ଦୁ କୁମାର ଶବର ଓ ସାଇଣ୍ଟି ଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

ଡିଜିପିଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

# ଅଘଟଣମୁକ୍ତ ରଥଯାତ୍ରା ପରିଚାଳନାକୁ ଗୁରୁତ୍ୱ




ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ): ଆସନ୍ତା ୧୬ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ଏହି ରଥଯାତ୍ରାକୁ ତ୍ରୁଟିଶୂନ୍ୟ, ଶୃଙ୍ଖଳିତ ଓ ସୁପରିଚାଳନା ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି ପୂର୍ବାହ୍ନରେ ପୁରୀସ୍ଥିତ ଟାଉନ୍ ହଲ୍ ପରିସରରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ପୁଲିସ୍ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଛି ବୋଲି ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମତ ବ୍ୟକ୍ତ କରିଛନ୍ତି। ଚଳିତ ବର୍ଷ ଲକ୍ଷାଧିକ ଭକ୍ତ ପୁରୀକୁ ଆସିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ୮ଟି ସ୍ଥାନରେ ନୂତନ ପାର୍କିଂସ୍ଥଳ ପ୍ରସ୍ତୁତ କରାଯାଇଛି। ଭକ୍ତଙ୍କୁ ଉପଯୁକ୍ତ ସେବା ଓ ସୁରକ୍ଷା ଉପରେ ପ୍ରାଧାନ୍ୟ ଦିଆଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି। ଏଥିସହ ଭକ୍ତଙ୍କ ପ୍ରତି ସହନଶୀଳ ମନୋଭାବ ପ୍ରଦର୍ଶନ କରିବା ଉପରେ ଡିଜିପି ଗୁରୁତ୍ୱ ଦେଇଛନ୍ତି। ଶୃଙ୍ଖଳିତ ଦର୍ଶନ ଓ ରଥଯାତ୍ରାର ସୁପରିଚାଳନା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ରଥଯାତ୍ରା ଡ୍ୟୁଟିରେ ଅଭିଜ୍ଞତାସମ୍ପନ୍ନ ପୁଲିସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଅଘଟଣମୁକ୍ତ ରଥଟଣା ଓ ରଥଯାତ୍ରା ପରିଚାଳନା ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି। ଉତ୍ତରା ଛକରୁ ଆରମ୍ଭ କରି ପୁରୀ, ପୁରୀ -କୋଣାର୍କ ରୋଡ ସହ ସହରର ବିଭିନ୍ନ ଛକରେ ମଧ୍ୟ କ୍ୟାମେରା ବ୍ୟବସ୍ଥା କରାଯାଇଛି। ଫଳରେ ଭକ୍ତଙ୍କୁ ଟ୍ରାଫିକ ପରିଚାଳନାରେ ସହଯୋଗ ଓ ସୁବିଧା ମିଳିପାରିବ ବୋଲି ଡିଜିପି ଆଶା ବ୍ୟକ୍ତ କରିଛନ୍ତି।

ନିର୍ଦ୍ଦେଶକ (ଗୁଇନ୍ଦା) ଆର୍‌ପି କୋଚେ ଟ୍ରାଫିକ୍ ନିୟନ୍ତ୍ରଣ, ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଗମନାଗମନ, ଭିଡ଼ ନିୟନ୍ତ୍ରଣ ଓ କର୍ଡନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସମନ୍ୱିତ କରିବା ପାଇଁ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କୁ ନିଜ ନିଜ ମଧ୍ୟରେ ନିରନ୍ତର ଯୋଗାଯୋଗ ରକ୍ଷା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ ସମସ୍ତ କର୍ମଚାରୀଙ୍କୁ ସେବା ମନୋବୃତ୍ତି ନେଇ କାର୍ଯ୍ୟ ସମ୍ପାଦନ କରିବା ସହ ଭକ୍ତମାନଙ୍କ ପ୍ରତି ସୌହାର୍ଦ୍ଦ୍ୟପୂର୍ଣ୍ଣ, ଭଦ୍ର ବ୍ୟବହାର ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କର୍ତ୍ତବ୍ୟର ନିଷ୍ଠାପୂର୍ଣ୍ଣ ସମ୍ପାଦନକୁ ସର୍ବୋଚ୍ଚ ଦାୟିତ୍ୱ ଭାବେ ଗ୍ରହଣ କରିବା ସହ କୌଣସି ପରିସ୍ଥିତିରେ ମଧ୍ୟ ନିଜ ନିର୍ଦ୍ଧାରିତ ଡ୍ୟୁଟି ସ୍ଥଳ ଛାଡ଼ି ନ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରାନ୍ସପୋର୍ଟ କମିଶନର ଅମିତାଭ ଠାକୁର କହିଥିଲେ ଯେ ଟ୍ରାଫିକ ପରିଚାଳନା, ଭିଡ଼ ନିୟନ୍ତ୍ରଣ, ଭିଆଇପି ଗସ୍ତ ଓ ଜନସାଧାରଣଙ୍କ ସୁରକ୍ଷା ପରସ୍ପର ସହ ଜଡ଼ିତ। ସେଥିପାଇଁ ସମସ୍ତ ଅଧିକାରୀଙ୍କୁ ସମର୍ପଣର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ କରିଥିଲେ।

ବୈଠକରେ ଏସ୍‌ଏପି ରାଜେଶ କୁମାର, ଆଇଜିପି ଡ. ସାର୍ଥକ ଷଡ଼ଙ୍ଗୀ, ଆଇଜିପି ଡ. ଦୀପକ କୁମାର, ଆଇଜିପି ଅନୂପ କୁମାର ସାହୁ, ଆଇଜି (ଉତ୍ତର-କେନ୍ଦ୍ରାଞ୍ଚଳ) ସତ୍ୟବ୍ରତ ଭୋଇ, ଡିଆଇଜିପି ଚରଣ ସିଂ ମିନା, ଡିଆଇଜିପି କେ. ବିଶାଲ ସିଂହ, ଡିଆଇଜିପି ପିନାକ ମିଶ୍ର, ଡିଆଇଜିପି ବି. ଗଙ୍ଗାଧରଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ବୈଠକର ପ୍ରାରମ୍ଭରେ ପୁରୀ ଏସ୍‌ପି ପ୍ରତୀକ ସିଂ ଡିଜିପି ଓ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ସ୍ୱାଗତ କରିଥିବା ବେଳେ ଶେଷରେ ଆଇଜିପି (କେନ୍ଦ୍ରାଞ୍ଚଳ) ଡଃ ସତ୍ୟଜିତ ନାଏକ ଧନ୍ୟବାଦ ଦେଇଥିଲେ।

## ରୋଗୀ ସାଜି ଡାକ୍ତରଙ୍କୁ ଲୁଟିନେଲେ



ଧର୍ମଗଡ଼, ୧୧।୭ (ସଂଚାର ବ୍ୟୁରୋ) : ଧର୍ମଗଡ଼ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତର ଅଜିତ କୁମାର ଦାସଙ୍କ ସରକାରୀ କ୍ୱାର୍ଟରରେ ପଶି ୪ ମୁଖାପିନ୍ଧା ଡକାୟତ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ସୂଚନା ଅନୁସାରେ ରୋଗୀ ଦେଖାଇବା ବାହାନାରେ ଡକାୟତମାନେ ଡାକ୍ତରଙ୍କ କବାଟ ବାଡ଼େଇଥିଲେ। ଡାକ୍ତର ଦାସ କବାଟ ଖୋଲିବା ମାତ୍ରେ ସେମାନେ ଜୋରଜବରଦସ୍ତ ଘର ଭିତରକୁ ପଶି ଡାକ୍ତରଙ୍କ ହାତ-ଗୋଡ଼ ବାନ୍ଧିବା ସହ ମୁହଁରେ ସେଲୋଟେପ୍ ଲଗାଇ ଦେଇଥିଲେ। ଡାକ୍ତର ଦାସ ସାହସ ସଂଚୟ କରି ଜଣେ ଦୁର୍ବୃତ୍ତଙ୍କ ପକେଟରୁ ବନ୍ଧୁକ ଛଡ଼ାଇ ଗୁଳି ଚଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେଥିରୁ ଗୁଳି ଫୁଟି ନ ଥିଲା। ତିନିଜଣ ଡକାୟତ ତାଙ୍କୁ ପୂଜାଘରେ ଜଗି ରହିଥିବା ବେଳେ ଅନ୍ୟ ଜଣେ ଆଲମିରା ଭାଙ୍ଗି ନଗଦ ପ୍ରାୟ ୮୨ ହଜାର ଟଙ୍କା, ସୁନା ଚେନ୍ ଓ ଦୁଇଟି ମୁଦି ଲୁଟି ନେଇଛନ୍ତି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ରବିବାର ୧୨ ଜୁଲାଇ ୨୦୨୬
BUSINESS

# ରୁଷରୁ ତେଲ କିଣିବା ପଡ଼ିବ ମହଙ୍ଗା



ୱାସିଂଟନ,୧୦।୭: ରୁଷରୁ ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ କିଣୁଥିବା ଦେଶଗୁଡ଼ିକ ଉପରେ ଚାପ ବୃଦ୍ଧି କରିବା ପାଇଁ ଆମେରିକା ଏକ ବଡ଼ ପଦକ୍ଷେପ ନେଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ସହିତ ସହମତ ହୋଇ ଚାରି ଜଣ ପ୍ରଭାବଶାଳୀ ଆମେରିକୀୟ ସିନେଟ୍ ସଦସ୍ୟ ରୁଷ ବିରୋଧୀ କଟକଣା ନେଇ ଏକ ନୂତନ ବିଲ୍ ଆଗକୁ ବଢ଼ାଇବାକୁ ଘୋଷଣା କରିଛନ୍ତି। ଏହି ପ୍ରସ୍ତାବିତ ଆଇନ ଭାରତକୁ ମଧ୍ୟ ପ୍ରଭାବିତ କରିବ ବୋଲି କୁହାଯାଉଛି। କାରଣ ଭାରତ ମଧ୍ୟ ରୁଷରୁ ଶକ୍ତି ଆମଦାନି ଜାରି ରଖିଛି।ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ରିପବ୍ଲିକାନ୍ ସେନେଟର ଲିଣ୍ଡସେ ଗ୍ରାହାମ୍, ରିପବ୍ଲିକାନ୍ ସେନେଟର ରୋଜର ୱିକର ଏବଂ ଡେମୋକ୍ରାଟିକ୍ ସେନେଟର ରିଚାର୍ଡ ବ୍ଲୁମେନ୍ଥଲ୍ ଏବଂ ଜିନ୍ ଶାହିନ ଏକ ମିଳିତ ବିବୃତିରେ ଏହି ଘୋଷଣା କରିଛନ୍ତି। ସେମାନେ କହିଛନ୍ତି ଯେ, ୟୁକ୍ରେନରେ ସାଧାରଣ ନାଗରିକଙ୍କ ଉପରେ ରୁଷ ଆକ୍ରମଣ ଜାରି ରଖିଥିବାରୁ, ରୁଷୀୟ ତୈଳ ଏବଂ ଗ୍ୟାସ୍ କ୍ରୟ କରି ରୁଷର ଅର୍ଥନୀତିକୁ ସହାୟତା କରୁଥିବା ଦେଶଗୁଡ଼ିକ ଉପରେ ଆର୍ଥିକ ଚାପ ପ୍ରୟୋଗ କରିବା ଅତ୍ୟନ୍ତ ଜରୁରୀ।

୨୦୨୫ ମସିହାର ଋଷିଆ ପ୍ରତିବନ୍ଧକ ଆଇନ ଅନୁଯାୟୀ, ଯେଉଁ ଦେଶଗୁଡ଼ିକ ରୁଷରୁ ତେଲ, ପ୍ରାକୃତିକ ଗ୍ୟାସ୍, ୟୁରାନିୟମ କିମ୍ବା ଅନ୍ୟାନ୍ୟ ପେଟ୍ରୋଲିୟମ ଉତ୍ପାଦ କ୍ରୟ କରୁଛନ୍ତି ସେମାନଙ୍କ ସାମଗ୍ରୀ ଏବଂ ସେବା ଉପରେ ଆମେରିକା ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଦିଆଯାଇଛି। ପ୍ରାରମ୍ଭିକ ଡ୍ରାଫ୍ଟରେ ଏହି ପ୍ରକାରର ଦେଶଗୁଡ଼ିକ ଉପରେ ୫୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବାକୁ କୁହାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ପ୍ରସ୍ତାବରେ କିଛି ପରିବର୍ତ୍ତନ କରାଯାଇଥିଲା ଏବଂ ଶୁଳ୍କ ବ୍ୟବସ୍ଥାକୁ କିଛିଟା କୋହଳ କରାଯାଇଛି।

ଏହି ସଂଶୋଧିତ ବିଲ୍‌ର ଚୂଡ଼ାନ୍ତ ସଂସ୍କରଣ ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇନାହିଁ। ତେବେ ଆମେରିକାର ଜାତୀୟ ସୁରକ୍ଷା ସ୍ୱାର୍ଥରେ ଥିବା କ୍ଷେତ୍ରରେ କୌଣସି ଦେଶକୁ ୧୮୦ ଦିନ ପର୍ଯ୍ୟନ୍ତ ପ୍ରତିବନ୍ଧକ ଛାଡ଼ ପ୍ରଦାନ କରିବାକୁ ଏହି ବିଲ୍ ଆମେରିକା ରାଷ୍ଟ୍ରପତିଙ୍କୁ କ୍ଷମତା ପ୍ରଦାନ କରିବ।

ଏହି ବିଲ୍ ସମ୍ପର୍କରେ ପୂର୍ବରୁ ଭାରତର ନାମ ଖୋଲାଖୋଲି ଭାବରେ ଉଲ୍ଲେଖ କରାଯାଇଛି। ଜୁନ୍ ୨୦୨୫ରେ, ସେନେଟର ଲିଣ୍ଡସେ ଗ୍ରାହାମ, ସୋସିଆଲ ମିଡିଆରେ ଭାରତ ଏବଂ ଚୀନ୍ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ, ଯଦି ଉଭୟ ଦେଶ ରୁଷର ତୈଳ ଏବଂ ଗ୍ୟାସ୍ କିଣି ରୁଷକୁ ସହାୟତା ଜାରି ରଖନ୍ତି, ତେବେ ସେମାନଙ୍କୁ ଏହାର ପରିଣାମ ଭୋଗିବାକୁ ପଡିବ।

ୟୁକ୍ରେନ ଯୁଦ୍ଧ ପରେ ପାଶ୍ଚାତ୍ୟ ପ୍ରତିବନ୍ଧକ ଲାଗିବା ସତ୍ତ୍ୱେ ଭାରତ ରୁଷଠାରୁ ରିହାତି ଦରରେ ଯଥେଷ୍ଟ ପରିମାଣର ଅଶୋଧିତ ତୈଳ କ୍ରୟ କରିଆସୁଛି। ଇରାନ ବିବାଦ ପରେ ଯୁକ୍ତରାଷ୍ଟ୍ର ରୁଷଠାରୁ ଶକ୍ତି କ୍ରୟ ପାଇଁ ଏକ ସାଧାରଣ ଲାଇସେନ୍ସ ସଂକ୍ଷେପରେ ଜାରି କରିଥିଲା, ଏହାକୁ ପ୍ରତିବନ୍ଧକରୁ ମୁକ୍ତ କରିଥିଲା, କିନ୍ତୁ ଏହି ଛାଡ଼ ଜୁନ୍ ୧୭ ତାରିଖରେ ଶେଷ ହୋଇଥିଲା। ଏହି ବିଲ୍‌କୁ ଆମେରିକାର ସିନେଟରେ ୮୪ ଜଣ ସଦସ୍ୟଙ୍କର ସମର୍ଥନ ମିଳିଛି। ଟ୍ରମ୍ପ ମଧ୍ୟ ପୂର୍ବରୁ ସୂଚାଇ ଦେଇଛନ୍ତି ଯେ, ଏହି ଆଇନକୁ ରୁଷ ଉପରେ ଚାପ ବୃଦ୍ଧି କରିବା ପାଇଁ ବିଚାର କରାଯାଇପାରେ। ତେବେ ଗୋଟିଏ ବର୍ଷରୁ ଅଧିକ ସମୟ ବିତିଗଲା ପରେ ମଧ୍ୟ ଆଇନଟି ପାରିତ ହୋଇ ପାରିନାହିଁ।

ଯଦି ଏହି ବିଲ୍ ପାରିତ ହୁଏ, ତେବେ ରୁଷରୁ ଶକ୍ତି ଆମଦାନୀ କରୁଥିବା ଦେଶଗୁଡ଼ିକ ମଧ୍ୟରେ ବିଶେଷକରି ଭାରତ ଏବଂ ଚୀନ୍ ପାଇଁ ନୂତନ କୂଟନୈତିକ ଏବଂ ଆର୍ଥିକ ଚ୍ୟାଲେଞ୍ଜ ସୃଷ୍ଟି ହେବ। ତେବେ ଏହାର ଚୂଡ଼ାନ୍ତ ପ୍ରଭାବ ଆଇନର ଚୂଡ଼ାନ୍ତ ଖସଡ଼ା ଏବଂ ଆମେରିକା ପ୍ରଶାସନର ରିହାତି ବ୍ୟବସ୍ଥାଗୁଡ଼ିକୁ କିପରି ବ୍ୟବହାର କରାଯିବ ତାହା ଉପରେ ନିର୍ଭର କରିବ।

# ବିଦେଶୀ ମୁଦ୍ରା ଭଣ୍ଡାରରେ ୭.୨୬ ବିଲିଅନ ଡଲାର ବୃଦ୍ଧି

ମୁମ୍ବାଇ,୧୧।୭:ଜୁଲାଇ ୩ରେ ଶେଷ ହୋଇଥିବା ସପ୍ତାହରେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ୭.୨୬ ବିଲିଅନ ଡଲାର ବୃଦ୍ଧି ପାଇ ୬୭୪.୧୯ ବିଲିଅନ ଡଲାରରେ ପହଞ୍ଚିଛି। ବିଦେଶୀ ମୁଦ୍ରା ଭଣ୍ଡାର ପ୍ରତି ସର୍ବାଧିକ ଯୋଗଦାନ ରଖୁଥିବା ବିଦେଶୀ ମୁଦ୍ରା ପରିସମ୍ପତ୍ତି ୪.୫୧ ବିଲିଅନ ଡଲାର ବୃଦ୍ଧି ଘଟି ୫୪୫.୫୭୮ ବିଲିଅନ ଡଲାରରେ ପହଞ୍ଚିଛି। ଗଚ୍ଛିତ ସୁନା ମୂଲ୍ୟ ୨.୬୬୯ ବିଲିଅନ ଡଲାର ବୃଦ୍ଧି ପାଇ ୧୦୫.୨୦୫ ବିଲିଅନ ଡଲାର ହୋଇଛି। ସ୍ପେସାଲ ଡ୍ରଇଂ ରାଇଟ୍‌ସ (ଏସ୍‌ଡିଆର୍)ରେ ୬୫ ନିୟୁତ ଡଲାର ବୃଦ୍ଧିଘଟି ୧୮.୬୨୩ ବିଲିଅନ ଡଲାରରେ ପହଞ୍ଚିଛି। ସେହିଭଳି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)ରେ ଭାରତର ଗଚ୍ଛିତ ରାଶି ୧୫ ନିୟୁତ ଡଲାର ବୃଦ୍ଧି ଘଟି ୪.୭୮୭ ବିଲିଅନ ଡଲାର ହୋଇଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାଯାଇଛି। ଏହା ପୂର୍ବ ସପ୍ତାହରେ ବିଦେଶୀ ମୁଦ୍ରା ଭଣ୍ଡାରରେ ୫.୬୫୪ ବିଲିଅନ ଡଲାରର ହ୍ରାସ ଘଟି ୬୬୬.୯୩୩ ବିଲିଅନ ଡଲାରରେ ରହିଥିଲା। ଚଳିତବର୍ଷ ଫେବ୍ରୁଆରି ଶେଷବେଳକୁ ବିଦେଶୀ ମୁଦ୍ରା ଭଣ୍ଡାର ରେକର୍ଡ ୭୨୮.୪୯୪ ବିଲିଅନ ଡଲାରରେ ରହିଥିଲା। ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଟଙ୍କାର ବିନିମୟ ମୂଲ୍ୟ ଉପରେ ଚାପ ସୃଷ୍ଟି ହୋଇଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଏଥିରେ ହସ୍ତକ୍ଷେପ କରିବାକୁ ପଡ଼ିବାରୁ ଦେଶର ମୁଦ୍ରା ଭଣ୍ଡାର ହ୍ରାସ ପାଇଥିଲା।



# ଶସ୍ତା ହୋଇପାରେ ବିନା ଡାଟାବାଲା ରିଚାର୍ଜ ପ୍ଲାନ

ନୂଆଦିଲ୍ଲୀ,୧୧।୭:ବିନା ଡାଟାବାଲା ମୋବାଇଲ ରିଚାର୍ଜ ପ୍ଲାନ ଶସ୍ତା ହୋଇପାରେ। ଭାରତୀୟ ଦୂରସଞ୍ଚାର ନିୟାମକ ପ୍ରାଧିକରଣ (TRAI) ଏହା ଉପରେ କାମ ଆରମ୍ଭ କରିଛି। ଏଥିପାଇଁ ଟ୍ରାଇ ଦୂରସଞ୍ଚାର ଉପଭୋକ୍ତା ସୁରକ୍ଷା ବିନିୟମ, ୨୦୨୬'ର ଏକ ନୂଆ ଖସଡ଼ା ପ୍ରକାଶ କରିଛି। ଯଦି ଗ୍ରାହକଙ୍କୁ ଡାଟା ଦରକାର ନାହିଁ, ତେବେ ସେ ଡାଟା ପାଇଁ କାହିଁକି ଟଙ୍କା ଦେବେ ? ଏହା ହିଁ ଏହି ଖସଡାର ମୂଳ ଉଦ୍ଦେଶ୍ୟ। ଏହି ପ୍ରସ୍ତାବ ଉପରେ ଟ୍ରାଇ ସମସ୍ତ ସମ୍ପୃକ୍ତ ପକ୍ଷଙ୍କଠାରୁ ମତାମତ ଓ ପରାମର୍ଶ ଆହ୍ୱାନ କରିଛି। ପରେ ଏହାକୁ ଚୂଡ଼ାନ୍ତ ରୂପ ଦିଆଯିବ। ବର୍ତ୍ତମାନ ଟେଲିକମ କମ୍ପାନିମାନେ ସୀମିତ ସମୟ ପାଇଁ ମାତ୍ର 'କେବଳ କଲ୍ ଓ ଏସଏମଏସ' ପ୍ଲାନ ଉପଲବ୍ଧ କରାଉଛନ୍ତି। ଫଳରେ ଅନେକ ଗ୍ରାହକ ବାଧ ହୋଇ ଡାଟାଥିବା ଦାମୀ ରିଚାର୍ଜ ପ୍ଲାନ କିଣୁଛନ୍ତି। ହେଲେ ଟ୍ରାଇର ନୂଆ ପ୍ରସ୍ତାବ ଅନୁସାରେ, ଟେଲିକମ କମ୍ପାନିମାନେ ଯେତେ ଦିନର ବୈଧତା ସହ ଡାଟା ପ୍ଲାନ ଦେଉଛନ୍ତି, ସେହି ସମାନ ଅବଧି ଯଥା ୭ ଦିନ, ୨୮ ଦିନ, ୫୬ ଦିନ କିମ୍ବା ୮୪ ଦିନ ପାଇଁ ସେମାନେ କେବଳ କଲ୍ ଓ ଏସଏମଏସ ସୁବିଧା ଥିବା ଅଲଗା ପ୍ଲାନ ଆଣିବେ। ମୋବାଇଲ ରିଚାର୍ଜ ପ୍ଲାନର ମୋଟ ଖର୍ଚ୍ଚର ୫୦ରୁ ୭୦ ପ୍ରତିଶତ ଅଂଶ ଡାଟା ସେବା ପାଇଁ ହୋଇଥାଏ। ତେଣୁ ନୂଆ ନିୟମ ଲାଗୁ ହେଲେ କେବଳ କଲ୍ ଓ ଏସଏମଏସ ଥିବା ପ୍ଲାନର ଦାମ ବର୍ତ୍ତମାନ ତୁଳନାରେ ଅଧାରୁ ମଧ କମ୍ ହୋଇପାରେ। ଉଦାହରଣ ସ୍ୱରୂପ, ବର୍ତ୍ତମାନ ୩୦୦ ଟଙ୍କାରେ ମିଳୁଥିବା ଏକ ପ୍ଲାନ ନୂଆ ବ୍ୟବସ୍ଥାରେ ୧୦୦ରୁ ୧୫୦ ଟଙ୍କା ମଧ୍ୟରେ ଉପଲବ୍ଧ ହୋଇପାରେ। ତେଣୁ ଏଠିରେ ଗ୍ରାହକଙ୍କର ପୂରା ୧୫୦ ଟଙ୍କା ଶସ୍ତା ହେବ। ନୂଆ ପ୍ରସ୍ତାବ ଲାଗୁ ହେଲେ ବିଭିନ୍ନ ବର୍ଗର ଗ୍ରାହକଙ୍କୁ ବିଭିନ୍ନ କ୍ଷେତ୍ରରେ ଲାଭ ହେବ। ଯେଉଁ ଗ୍ରାହକମାନେ କେବଳ ଫିଚର ଫୋନ ବ୍ୟବହରା କରୁଛନ୍ତି ସେମାନେ ଏଥିରେ ଲାଭବାନ ହେବେ। ସେହିପରି ବୟସ୍କ ନାଗରିକ, ଯେଉଁମାନେ ଡାଟା ବ୍ୟବହାର କରୁନାହାନ୍ତି ସେମାନଙ୍କୁ ଏହି କଲ୍ ପ୍ଲାନ୍ ବେଶ୍ ସୁହାଇବ। ବଡ଼ କଥା ହେଲା ଯେଉଁମାନେ ନିଜର ଦ୍ୱିତୀୟ ସିମକୁ କେବଳ କଲ୍ ପାଇଁ ବ୍ୟବହାର କରୁଛନ୍ତି କମ୍ବା ଆକ୍ଟିଭ ରଖିବା




ପାଇଁ ଚାହୁଁଛନ୍ତି ସେମାନେ ମଧ ଏଥିରେ ଉପକୃତ ହେବେ। ଯେଉଁ ପରିବାରରେ ୱାଇ-ଫାଇ ସୁବିଧା ରହିଛି ଏବଂ ମୋବାଇଲ ଡାଟାର ଆବଶ୍ୟକତା କମ୍ ସେମାନଙ୍କ ପଇସା ବି ବଞ୍ଚିବ।

ଟ୍ରାଇ ସ୍ପଷ୍ଟ କରିଛି ଯେ ଟ୍ରୁକଲର ପରି କଲ୍ ମ୍ୟାନେଜମେଣ୍ଟ ଆପଗୁଡ଼ିକ ୧୬୦୦ ଓ ୧୪୦ ସିରିଜ୍ର ନମ୍ବରରୁ ଆସୁଥିବା କଲ୍‌କୁ ବ୍ଲକ୍ କରିପାରିବେ ନାହିଁ। କାରଣ ୧୬୦୦ ସିରିଜରୁ ବ୍ୟାଙ୍କ, ଆର୍ଥିକ ସଂସ୍ଥା (RBI, SEBI ଆଦି) ଏବଂ ସରକାରୀ କାର୍ଯ୍ୟ ପାଇଁ ଏହି ସିରିଜ୍ ନିର୍ଦ୍ଧାରିତ। ଏହାଦ୍ୱାରା ନାଗରିକମାନେ ଜରୁରୀ ଆର୍ଥିକ କାରବାର କିମ୍ବା ସରକାରୀ ସୂଚନା ସମ୍ବନ୍ଧୀୟ କଲକୁ ସହଜରେ ଚିହ୍ନଟ କରିପାରିବେ। ସେହିପରି ୧୪୦ ସିରିଜ ନମ୍ବରକୁ କମ୍ପାନିଗୁଡ଼ିକର ପ୍ରଚାରମୂଳକ କଲ୍ ପାଇଁ ନିର୍ଦ୍ଧାରିତ କରାଯାଇଛି। ଗ୍ରାହକମାନେ ଇଚ୍ଛା କଲେ ଡିଏନଡି (ଡୁ ନଟ୍ ଡିଷ୍ଟର୍ବ) ସେବା ମାଧ୍ୟମରେ ଏହି କଲ୍‌ଗୁଡ଼ିକୁ ବ୍ଲକ୍ କରିପାରିବେ। ଏହି ପ୍ଲାନଗୁଡ଼ିକର ଅନ୍ତିମ ମୂଲ୍ୟ ଟେଲିକମ କମ୍ପାନିମାନେ ନିଜେ ନିର୍ଦ୍ଧାରଣ କରିବେ। ନିୟମ ଚୂଡ଼ାନ୍ତ ହେବା ପରେ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ କମ୍ପାନିମାନଙ୍କୁ ପର୍ଯ୍ୟାପ୍ତ ସମୟ ଦିଆଯିବ। ଏହା ଫଳରେ ଟେଲିକମ କମ୍ପାନିମାନଙ୍କ ମଧ୍ୟରେ ପ୍ରତିଯୋଗିତା ବଢ଼ିବ ଏବଂ ଗ୍ରାହକମାନେ ଅଧିକ ଶସ୍ତା ଓ ଉପଯୋଗୀ ରିଚାର୍ଜ ବିକଳ୍ପ ପାଇପାରିବେ।

ଟ୍ରାଇର ଏହି ଖସଡ଼ାରୁ ସ୍ପଷ୍ଟ ହେଉଛି ଯେ ଗ୍ରାହକମାନେ ନିଜ ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ ରିଚାର୍ଜ ବିକଳ୍ପ ପାଉନଥିଲେ। ସେଥିପାଇଁ ସରକାର ଓ ନିୟାମକ ସଂସ୍ଥାକୁ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ପଡ଼ିଛି। ବର୍ତ୍ତମାନ ଅନେକ ଟେଲିକମ କମ୍ପାନି ଗ୍ରାହକଙ୍କୁ ଦୀର୍ଘ ଅବଧି ଓ ଅଧିକ ଦାମର ଡାଟା ପ୍ଲାନ କିଣିବାକୁ ବାଧ କରୁଥିବା ଅଭିଯୋଗ ରହିଛି। କିନ୍ତୁ ନୂଆ ନିୟମ ଲାଗୁ ହେଲେ ବିଶେଷକରି ବୟସ୍କ ଓ ଗ୍ରାମାଞ୍ଚଳର ଗ୍ରାହକଙ୍କ ଉପରେ ଅନାବଶ୍ୟକ ଆର୍ଥିକ ବୋଝ କମିଯିବ। ଟ୍ରାଇ ମଧ କହିଛି ଯେ ନୂଆ ନିୟମ କାର୍ଯ୍ୟକାରୀ ହେବାର ୬ ମାସ ପରେ ଟେଲିକମ କମ୍ପାନିମାନଙ୍କ କାର୍ଯ୍ୟପ୍ରଣାଳୀ ଓ ନିୟମ ପାଳନର ସମୀକ୍ଷା କରାଯିବ।

# ଇ୨୦ରୁ ପ୍ରିମିୟମ ପେଟ୍ରୋଲ ଆଡ଼କୁ ମୁହାଁଉଛନ୍ତି ଖାଉଟି

ନୂଆଦିଲ୍ଲୀ,୧୧।୭: ଇଥାନଲ ମିଶ୍ରିତ ଇ୨୦ ପେଟ୍ରୋଲ ବ୍ୟବହାରକୁ ନେଇ ଖାଉଟି ସ୍ତରରେ ଚିନ୍ତା ବଢ଼ିବା ପରେ ଏବେ ଦିଲ୍ଲୀ ସମେତ ବିଭିନ୍ନ ସହରରେ ଗାଡ଼ି ମାଲିକମାନେ ବିକଳ୍ପ ଇନ୍ଧନ ଭାବେ ପ୍ରିମିୟମ ପେଟ୍ରୋଲ ଆଡ଼କୁ ମୁହାଁଉଛନ୍ତି। ଫଳରେ ରିଟେଲ ଆଉଟଲେଟ୍‌ଗୁଡ଼ିକରେ ହାଇ-ଅକ୍ଟେନ ଇନ୍ଧନର ଚାହିଦା ଯଥେଷ୍ଟ ବୃଦ୍ଧି ପାଇଥିବା ଏକ ବିଶେଷ ସର୍ଭେରୁ ଜଣାପଡ଼ିଛି। ଦିଲ୍ଲୀର ବିଭିନ୍ନ ପେଟ୍ରୋଲ ପମ୍ପରେ ସାଧାରଣ ପେଟ୍ରୋଲ ବଦଳରେ ଇଣ୍ଡିଆନ ଅଏଲର ଏକ୍ସପି୯୫ ଓ ଏକ୍ସପି୧୦୦, ଭାରତ ପେଟ୍ରୋଲିୟମର ସ୍ପିଡ୍ ୯୭ ଏବଂ ଅନ୍ୟାନ୍ୟ ହାଇ-ପରଫରମାନ୍ସ ପ୍ରିମିୟମ ଇନ୍ଧନ ପ୍ରତି ଲୋକଙ୍କ ଚାହିଦା ବଢୁଥିବା ଦେଖିବାକୁ ମିଳୁଛି। ଏଠାକାର କେତେକ ରିଟେଲ ଆଉଟଲେଟ୍‌ରେ ପ୍ରିମିୟମ ପେଟ୍ରୋଲର ଚାହିଦା ଦ୍ୱିଗୁଣିତ ହୋଇଥିବାବେଳେ ଅନ୍ୟ ଇଲାକାରେ ଏହି ଶ୍ରେଣୀର ପେଟ୍ରୋଲ ଚାହିଦା ୫ଗୁଣ ବୃଦ୍ଧିପାଇଛି। ଇ୨୦ ପେଟ୍ରୋଲକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ଅନେକ ଗ୍ରାହକ ଅଧିକ ଅକ୍ଟେନଯୁକ୍ତ ଇନ୍ଧନକୁ ପସନ୍ଦ କରୁଥିବାରୁ ଏହି ଚାହିଦା ବୃଦ୍ଧି ପାଇଛି। ବହୁ ଅଟୋମୋବାଇଲ ନିର୍ମାତା ଏବଂ ତୈଳ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ଇ୨୦-ଅନୁକୂଳ ଗାଡ଼ିଗୁଡ଼ିକ ଏହି ମିଶ୍ରିତ ଇନ୍ଧନରେ ଚାଲିବା ପାଇଁ ଡିଜାଇନ କରାଯାଇଥିବା ବିଷୟ କୁହାଯାଉଥିଲେ ମଧ୍ୟ ଅନେକ ଗାଡ଼ି ଚାଳକ ପ୍ରିମିୟମ ପେଟ୍ରୋଲକୁ ବିକଳ୍ପ କରିଛନ୍ତି। ବିଶେଷକରି ଦାମୀ ଏବଂ ହାଇ-ପର୍‌ଫରମାନ୍ସ ଗାଡ଼ିଗୁଡ଼ିକ ପାଇଁ ସେମାନେ ପ୍ରିମିୟମ ପେଟ୍ରୋଲ ବ୍ୟବହାରକୁ ଗୁରୁତ୍ୱ ଦେଉଛନ୍ତି। ଉଲ୍ଲେଖଯୋଗ୍ୟ, ଇ୨୦ ପେଟ୍ରୋଲ ବ୍ୟବହାର ଦ୍ୱାରା ଇଞ୍ଜିନ ଶୀଘ୍ର ଖରାପ ହେବା ଏବଂ ମାଇଲେଜ୍ କମିବା ବିଷୟକୁ ନେଇ ଏବେ ସାଧାରଣରେ ବିତର୍କ ବଢ଼ିଥିଲାବେଳେ ସାଧାରଣ ପେଟ୍ରୋଲ ତୁଳନାରେ ଇ୨୦ ପେଟ୍ରୋଲ ମୂଲ୍ୟ କାହିଁକି ଅଧିକ ରହୁଛି ବୋଲି ପ୍ରଶ୍ନ ଉଠିଛି। ତେବେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଶୁକ୍ରବାର କୁହାଯାଇଛି,ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ପ୍ରାୟ ୭୦ ଡଲାର ଥିବା ବେଳେ ପାରମ୍ପରିକ ପେଟ୍ରୋଲ ତୁଳନାରେ ଇ୨୦ ପେଟ୍ରୋଲ ଉତ୍ପାଦନ ମୂଲ୍ୟ ସାମାନ୍ୟ ମହଙ୍ଗା ରହିଛି। ଇ୨୦ ପେଟ୍ରୋଲ କିଛି ଗାଡ଼ିରେ ଇନ୍ଧନ ଦକ୍ଷତା ୩-୫ ପ୍ରତିଶତ ପର୍ଯ୍ୟନ୍ତ କମାଇ ଦେଇପାରେ । କିନ୍ତୁ ଏହାର ପ୍ରଭାବ ତୁଳନାରେ ଖାଉଟିମାନଙ୍କୁ ଉଚ୍ଚ ଅକ୍ଟେନ ରେଟିଂ, ଉତ୍କୃଷ୍ଟ ଆଣ୍ଟି-ନକ୍ ବୈଶିଷ୍ଟ୍ୟ, ଦ୍ରୁତ ଦହନ, ଉତ୍ତମ ପିକ୍‌ଅପ୍, ସହଜ ଗତିଶୀଳତା(ଆକ୍ସିଲରେଶନ), ସ୍ୱଚ୍ଛ ଇଞ୍ଜିନ କାର୍ଯ୍ୟକାରିତା ଏବଂ କମ୍ ଲାଇଫସାଇକେଲ କାର୍ବନ ନିର୍ଗମନଜନିତ ଲାଭ ମିଳିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।






## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୪,୮୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୨,୭୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୪,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୨,୭୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୪,୮୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୨,୭୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୪,୯୫୦ ଟଙ୍କା ଓ ୨୨ କ୍ୟାରଟେ ୧,୩୨,୯୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୫,୬୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୩,୫୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୪,୮୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୨,୭୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପାଇଁ ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୯.୭୮ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୧.୪୬ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

# ଗ୍ରାମ୍ୟ ଉନ୍ନୟନ ବିଭାଗରେ କୋଟି କୋଟି ଟଙ୍କା ଘୋଟାଲା ଅଭିଯୋଗ

## ବିନା ଟେଣ୍ଡରରେ କାର୍ଯ୍ୟ ବଣ୍ଟନ

## ମିଥ୍ୟା ବିଲ୍ ଜରିଆରେ ସରକାରୀ ଅର୍ଥ ହେରଫେର

## ଅବସର ପୂର୍ବରୁ ଠିକାଦାରଙ୍କ ଘରୁ କାର୍ଯ୍ୟ ପରିଚାଳନା ଅଭିଯୋଗ



**ଆନନ୍ଦପୁର,୧୧।୭ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନେଇ ଏବେ ବଢ଼ିଛି ବିବାଦ। କୋଟି କୋଟି ଟଙ୍କାର ସରକାରୀ ଅନୁଦାନ ହେରଫେର, ବିନା ଟେଣ୍ଡରରେ କାର୍ଯ୍ୟ ବଣ୍ଟନ ଏବଂ ମିଥ୍ୟା ବିଲ୍ ଜରିଆରେ ଅନିୟମିତତା ହୋଇଥିବା ନେଇ ସଙ୍ଗୀନ ଅଭିଯୋଗ ଉଠିଛି। ଏହି ଘଟଣାରେ ତତ୍କାଳୀନ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗରେ କୋଟି କୋଟି ଟଙ୍କାର ସରକାରୀ ଅନୁଦାନ ହେରଫେର ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଛି।

ଅଭିଯୋଗ ଅନୁସାରେ, ବିନା ଟେଣ୍ଡରରେ ପ୍ରିୟାପ୍ରୀତି ତୋଷଣ କରି କାର୍ଯ୍ୟ ବଣ୍ଟନ ସହ ସରକାରୀ ଅର୍ଥର ବ୍ୟାପକ ଅନିୟମିତତା କରାଯାଇଛି। ତତ୍କାଳୀନ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ୧୮ ଜୁନ ୨୦୨୫ରେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ୩୦ ଜୁନ ୨୦୨୬ରେ ଅବସର ଗ୍ରହଣ କରିଛନ୍ତି। ତାଙ୍କ କାର୍ଯ୍ୟକାଳରେ ଅନେକ ପ୍ରକଳ୍ପରେ ମିଥ୍ୟା ବିଲ୍ ପ୍ରସ୍ତୁତ, ଅଧାରୁ କମ୍ କାମ କରି ପୂର୍ଣ୍ଣ ବିଲ୍ ଉଠାଣ ଏବଂ ବିଭିନ୍ନ ପାଣ୍ଠିର ଅର୍ଥ ହେରଫେର ହୋଇଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ, ଚାକିରିର ଶେଷ ସମୟରେ ଦୁଇ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୪୦ଟି ପ୍ରକଳ୍ପ ମନଇଚ୍ଛା କେତେକ ବ୍ୟକ୍ତିଙ୍କୁ ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ ପ୍ରକଳ୍ପ ପିଛା ଏକ ଲକ୍ଷ ଟଙ୍କା ହାତଗୁଞ୍ଜା ନିଆଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଏହାଛଡ଼ା, ଅବସର ପୂର୍ବରୁ ଶେଷ ଦୁଇ ଦିନ ଅଧିକାରୀ ଜଣକ କାର୍ଯ୍ୟାଳୟକୁ ନ ଆସି ଜଣେ ଠିକାଦାରଙ୍କ ଘରୁ କାର୍ଯ୍ୟ ପରିଚାଳନା କରିଥିବା ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଛି।

ଏହି ସମସ୍ତ ଅଭିଯୋଗକୁ ନେଇ ସାଧାରଣରେ ତୀବ୍ର ଚର୍ଚ୍ଚା ଚାଲିଥିବା ବେଳେ, ତତ୍କାଳୀନ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟକାଳରେ ହୋଇଥିବା ସମସ୍ତ ସରକାରୀ ଖର୍ଚ୍ଚର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ତେବେ ଏହି ସମସ୍ତ ଅଭିଯୋଗକୁ ନେଇ ସମ୍ପୃକ୍ତ ଅଧିକାରୀଙ୍କ ପକ୍ଷରୁ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ।

## ସରସ୍ୱତୀ ଶିଶୁମନ୍ଦିରରେ ଚାରାରୋପଣ କାର୍ଯ୍ୟକ୍ରମ



**ବୋରିଗୁମ୍ମା,୧୧।୭ (ସଂଚାର ବ୍ୟୁରୋ):** ଶନିବାର ଦିନ ସରସ୍ୱତୀ ଶିଶୁ ମନ୍ଦିର ବୋରିଗୁମ୍ମା ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ପରିଚାଳନା ସମିତି ସଭାପତି ଶ୍ରୀମତୀ ବନ୍ଦନା ବିଶ୍ୱାଳ ଓ ସମ୍ପାଦକ ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ପଣ୍ଡା ଦ୍ୱୀପ ପ୍ରଜ୍ୱଳନ ଓ ବନ୍ଦନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରାୟ ୧୫୦ ଟି ବୃକ୍ଷ ଶିଶୁମନ୍ଦିରର ନୂତନ ବିଦ୍ୟାଳୟ ପ୍ରାଙ୍ଗଣରେ ରୋପଣ କରାଯାଇଥିଲା। ଏଥିରେ କୁନି କୁନି ଛାତ୍ରଛାତ୍ରୀ ଅତି ଉତ୍ସାହର ସହିତ ଗଛ ଲଗାଇଥିଲେ। ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ମମତା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା।

# ଘର ତିଆରି କରିପାରୁନାହାନ୍ତି କୁନିଲତା



## ବାଧକ ସାଜିଛନ୍ତି ଦିଅର

## ନ୍ୟାୟ ଅପେକ୍ଷାରେ ୭୦ ବର୍ଷୀୟା ବୃଦ୍ଧା

**ବାଲିକୁଦା,୧୧।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଇଛାପୁର ଗ୍ରାମପଞ୍ଚାୟତର ବଖାରବାଦ ଗ୍ରାମର ଜଣେ ୭୦ ବର୍ଷୀୟା ଅସହାୟ ବିଧବା ମହିଳା କୁନୀଲତା ମହାନ୍ତିଙ୍କ ଦୁଃଖଦ କାହାଣୀ ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି। ସରକାରଙ୍କ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପାଇଥିଲେ ମଧ୍ୟ ପାରିବାରିକ ବିବାଦ ଓ ଅଭିଯୋଗ ଅନୁସାରେ ଦିଅରମାନଙ୍କ ବିରୋଧ ଯୋଗୁଁ ସେ ଆଜି ପର୍ଯ୍ୟନ୍ତ ନିଜର ଘର ନିର୍ମାଣ କରିପାରୁନାହାନ୍ତି।

ସୂଚନା ଅନୁଯାୟୀ, କୁନୀଲତାଙ୍କ ସ୍ୱାମୀ ସ୍ୱର୍ଗତ ବଟକୃଷ୍ଣ ମହାନ୍ତି ପ୍ରାୟ ୩୮ ବର୍ଷ ପୂର୍ବେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ସେହି ଦିନଠାରୁ କୁନୀଲତା ସଂଘର୍ଷମୟ ଜୀବନ ବିତାଉଛନ୍ତି। ପୁଅ ନଥିବାରୁ ସେ ଦୀର୍ଘଦିନ ଧରି ନିଜ ଝିଅ ଓ ଜ୍ୱାଇଁଙ୍କ ଘରେ ଆଶ୍ରୟ ନେଇ ଜୀବନ କାଟୁଥିଲେ। ଗତ ୧୨ ଜୁନ ୨୦୨୬ ତାରିଖରେ ଅନ୍ତୋଦୟ ଗୃହ ଯୋଜନା ଅଧୀନରେ କାର୍ଯ୍ୟାଦେଶ ନମ୍ବର ଓଆର-୧୯-୦୦୮/୦୧୨-ଓ୍ୱାଇ-୨୦୩ପି୪ ପାଇବା ପରେ ସେ ନିଜର ପୈତୃକ ଜମିରେ ଏକ ଛୋଟ ଘର ନିର୍ମାଣ କରିବାକୁ ଆଶା ବାନ୍ଧିଥିଲେ। ଝିଅ ଓ ଜ୍ୱାଇଁଙ୍କ ସହଯୋଗରେ ଘର ନିର୍ମାଣ କାମ ଆରମ୍ଭ କରିବାକୁ ଯାଉଥିବାବେଳେ, ତାଙ୍କ ତିନିଜଣ ଦିଅର ବିରୋଧ କରିଥିବା ଅଭିଯୋଗ ହୋଇଛି।

କୁନୀଲତାଙ୍କ ଅଭିଯୋଗ ଅନୁସାରେ, ଦିଅରମାନେ ସେହି ଜାଗାରେ ବଳପୂର୍ବକ ପଲା ପକାଇ ଦଖଲ କରିବା ସହ ତାଙ୍କୁ ମାଡ଼ ମାରିଥିଲେ। ଏନେଇ କୁନୀଲତା ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରିବା ସହ ଜଗତସିଂହପୁର ଆରକ୍ଷୀ ଅଧିକ୍ଷକ ଏବଂ ବାଲିକୁଦା ତହସିଲଦାରଙ୍କ ନିକଟରେ ମଧ୍ୟ ନ୍ୟାୟ ପାଇଁ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ବାଲିକୁଦା ପୁଲିସ ତାଙ୍କ ଅଭିଯୋଗ ଆଧାରରେ ୨୬୯/୨୦୨୬ ନମ୍ବରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସରକାରଙ୍କ ପକ୍ଷରୁ ଘର ମଞ୍ଜୁର ହେବା ପରେ ମଧ୍ୟ ଜଣେ ବୟସ୍କ ବିଧବା ମହିଳା ନିଜ ଅଧିକାର ପାଇଁ ଏଭଳି ସଂଘର୍ଷ କରିବାକୁ ପଡୁଥିବା ଘଟଣା ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି।

## ଚାରାରୋପଣ କାର୍ଯ୍ୟକ୍ରମ



**ରାଜକନିକା,୧୧।୭ (ସଂଚାର ବ୍ୟୁରୋ):** ବଢୁଥିବା ତାପମାତ୍ରା ଏବଂ ଗ୍ରୀଷ୍ମପ୍ରଭାବରୁ ଲୋକମାନଙ୍କୁ ରକ୍ଷା କରିବା ସହ ପରିବେଶକୁ ସବୁଜ କରିବା ଲକ୍ଷ୍ୟରେ ଶ୍ରୀ ଦଶରଥ ନନ୍ଦନ ସେବା ଟ୍ରଷ୍ଟ ତରଫରୁ ରାଜକନିକା କୋଠସାହି, ପରୋଳ ଅଞ୍ଚଳରେ ଆଜି ଏକ ବୃହତ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ତରଫରୁ ଏହା ପୂର୍ବରୁ ମଧ୍ୟ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରାୟ ଦଶ ହଜାରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରାଯାଇ ସାରିଛି। ଆଗାମୀ ଦିନରେ ଏକ ଲକ୍ଷ ବୃକ୍ଷ ରୋପଣ କରିବାର ମହତ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସମୟରେ କଡା ଖରା ଏବଂ ଗ୍ରୀଷ୍ମପ୍ରଭାବ ସାଧାରଣ ଲୋକଙ୍କ ଜୀବନକୁ ଅତିଷ୍ଠ କରିଦେଉଥିବା ବେଳେ ଟ୍ରଷ୍ଟ ଏଭଳି ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରି ସମସ୍ତ ମହଲରେ ପ୍ରଶଂସିତ ହୋଇଛି। ଚାରାରୋପଣ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମସ୍ତ ପଦାଧିକାରୀ ଓ ସଦସ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ବୃକ୍ଷ ରୋପଣ କରିଥିଲେ।

# କେଗାଁ ବିଦେଶୀ ମଦ ଦୋକାନ ସ୍ଥାନାନ୍ତରଣ ଦାବି

## ଲିଖିତ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**କଳାହାଣ୍ଡି,୧୧।୭ (ସଂଚାର ବ୍ୟୁରୋ):** ଗତ ୭ ତାରିଖଠାରୁ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁଠାରେ ଚଳିତ ବର୍ଷ ବେଆଇନ ଭାବେ ଆରମ୍ଭ ହୋଇଥିବା ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତରଣ କରିବା ଦାବୀରେ ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀ ଓ ଗ୍ରାମବାସୀ ବିଦେଶୀ ମଦ ଦୋକାନ ସମ୍ମୁଖରେ ଧାରଣରେ ବସିଥିବା ବେଳେ ଗତକାଲି ସମ୍ପୃକ୍ତ ବିଦେଶୀ ମଦ ଦୋକାନ ତରଫରୁ ଦୁଇ ମାସ ମଧ୍ୟରେ ସ୍ଥାନାରନ୍ତଣ ଲିଖିତ ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି ।

ଉକ୍ତ ବିଦେଶୀ ମଦ ଦୋକାନ ଗ୍ରାମ ମଧ୍ୟରେ ଥିବା ବେଳେ ଅତି ନିକଟରେ କେଗାଁ ନୋଡାଲ ଉଚ୍ଚ ବିଦ୍ୟାଳୟ,ମୁଖ୍ୟ ରାସ୍ତା,କେଗାଁ ବଜାର ଓ ସପ୍ତାହିକ ହାଟ ଅଛି । ବିଗତ ଦିନରେ ଉକ୍ତ ଅଞ୍ଚଳରେ ମଦୁଆମାନଙ୍କ ପ୍ରାଦୁର୍ଭାବ ଅଧିକ ଥିବା ବେଳେ ଗାଁ ମଧ୍ୟରେ ଉକ୍ତ ମଦ ଦୋକାନ ଆରମ୍ଭ ହୋଇଥିବାରୁ ଧିରେ ଧିରେ ମଦୁଆମାନଙ୍କ ପ୍ରାଦୁର୍ଭାବ ବଢ଼ି ମୁଖ୍ୟ ରାସ୍ତା ଦେଇ ଯିବା ଆସିବା ମୁସ୍କିଲ ହେବା ସହିତ ସ୍ଥାନୀୟ ଲୋକେ ଓ ଛାତ୍ରଛାତ୍ରୀ ସୁରକ୍ଷୀତ ମଣୁନଥିବାରୁ ଗ୍ରାମବାସୀ ଏନେଇ କଳାହାଣ୍ଡି ଜିଲ୍ଲାପାଳ,ଅବକାରୀ ଅଧିକ୍ଷକ,ଧର୍ମଗଡ ଉପଜିଲ୍ଲାପାଳ,ଗୋଲାମୁଣ୍ଡା ତହସିଲଦାର,ଧର୍ମଗଡ ଅବକାରୀ ବିଭାଗ,କେଗାଁ ଥାନାରେ ଉକ୍ତ ବିଦେଶୀ ମଦ ଦୋକାନ ସ୍ଥାନାନ୍ତରଣ ଦାବୀରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ଫଳପ୍ରଦ ନହେବାରୁ ଗତ ୭ ତାରିଖରୁ ଧାରଣା ଆରମ୍ଭ ହୋଇଥିଲା ।

# ବିଜେପିର ମାସିକ ବୃତ୍ତ ବୈଠକ ଅନୁଷ୍ଠିତ




**ସୁନ୍ଦରଗଡ଼,୧୧।୭ (ସଂଚାର ବ୍ୟୁରୋ):** ଆଜି ଭାରତୀୟ ଜନତା ପାର୍ଟି, ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲାର ଜୁଲାଇ ମାସର ମାସିକ ବୃତ୍ତ ବୈଠକ ଜିଲ୍ଲା ସଭାପତି ଶ୍ରୀ ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।

ଏହି ବୈଠକରେ ମଣ୍ଡଳ, ଶକ୍ତିକେନ୍ଦ୍ର ଓ ବୁଥ ସ୍ତରୀୟ ମାସିକ ବୃତ୍ତ ବୈଠକ, ମନ କି ବାତ କାର୍ଯ୍ୟକ୍ରମ, ଡିଜିଟାଲ ଲର୍ଣ୍ଣିଂ ପ୍ଲାଟଫର୍ମ (ଡିଏଲ୍‌ପି) ଅଭିଯାନ, ଏସ୍‌ଆଇଆର୍‌ର ଦ୍ୱିତୀୟ ପର୍ଯ୍ୟାୟ ସହ ବିଭିନ୍ନ ସାଙ୍ଗଠନିକ ଓ ଦଳୀୟ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଜିଲ୍ଲା ସଭାପତିଙ୍କ ସମେତ ମଞ୍ଚାସୀନ ଜିଲ୍ଲା ପଦାଧିକାରୀମାନେ ବିଭିନ୍ନ କାର୍ଯ୍ୟକ୍ରମର ଗୁରୁତ୍ୱ, ସଫଳ ରୂପାୟନ ଏବଂ ସାଙ୍ଗଠନିକ ସୁଦୃଢ଼ୀକରଣ ସମ୍ପର୍କରେ ନିଜ ମତାମତ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

ବୈଠକରେ ଉପସ୍ଥିତ ସମସ୍ତ ମଣ୍ଡଳ ସଭାପତି ନିଜ ନିଜ ମଣ୍ଡଳର ମାସିକ ବୃତ୍ତ ବୈଠକ, ମନ କି ବାତ, ଏସ୍‌ଆଇଆର, ଡିଜିଟାଲ ଲର୍ଣ୍ଣିଂ ପ୍ଲାଟଫର୍ମ ଅଭିଯାନ ଏବଂ ଅନ୍ୟାନ୍ୟ ଦଳୀୟ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କିତ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ସାଙ୍ଗଠନିକ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ପାଇଁ ନିଜ ନିଜ କାର୍ଯ୍ୟଯୋଜନା ମଧ୍ୟ ଜିଲ୍ଲା ସଭାପତିଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ।

ଏହି ବୈଠକରେ ଜିଲ୍ଲା ପଦାଧିକାରୀ, ଜିଲ୍ଲା ମୋର୍ଚ୍ଚା ସଭାପତି, ଜିଲ୍ଲା ମୋର୍ଚ୍ଚା ସାଧାରଣ ସମ୍ପାଦକ, ଜିଲ୍ଲା ସେଲ ସଂଯୋଜକ, ମଣ୍ଡଳ ପ୍ରଭାରୀ ଏବଂ ମଣ୍ଡଳ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

## କାହ୍ନୁପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କମିଟି ଗଠନ ନିମନ୍ତେ ପିଟିଏ ବୈଠକ



**ମାହାଙ୍ଗା,୧୧।୭ (ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ମାହାଙ୍ଗା ବ୍ଲକ ଗୋତରା ପଞ୍ଚାୟତ କାହ୍ନୁପୁର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ ନିମନ୍ତେ ଏକ ଅଭିଭାବକ ଶିକ୍ଷକ ସଂଘ(ପିଟିଏ) ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ଗୋତରା ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀଯୁକ୍ତ ସୂର୍ଯ୍ୟକାନ୍ତ ପଣ୍ଡା, ଆଲୁମିନି ମେମ୍ବର ପ୍ରକାଶଚନ୍ଦ୍ର ନାୟକ, ପୂର୍ବତନ ସହକାରୀ ଶିକ୍ଷକ ମାଧବ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ପ୍ରାକ୍ତନ ସଭାପତି କିଶୋରଚନ୍ଦ୍ର ନାୟକ, ପ୍ରଧାନଶିକ୍ଷକ ଅମରପ୍ରସାଦ ଦେଉରୀ, ସିଆରସିସି ଭାଗବତ ପ୍ରସାଦ ବେହେରା, ସହକାରୀ ଶିକ୍ଷକ ହରପ୍ରିୟା ମହତାବ୍, କିଶୋର ପ୍ରଧାନ, ସୁଚିସ୍ମିତା ମହାନ୍ତିଙ୍କ ସମେତ ବହୁ ଅଭିଭାବକ, ଆଶା, ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ରହି ବିଦ୍ୟାଳୟର ଏକ ନୂତନ କମିଟି ଗଠନ କରାଯିବ ସେ ସମ୍ପର୍କରେ ଆଲୋଚନା କରିବା ସହିତ କିଭଳି ଭାବେ ଆଗାମୀ ଦିନରେ ଛାତ୍ର ଛାତ୍ରୀଙ୍କ ଶିକ୍ଷା, ଆଚରଣ, ଉପସ୍ଥାନ ଏବଂ ମୁଖ୍ୟତଃ ସର୍ବାଙ୍ଗୀନ ଉନ୍ନତି ପାଇଁ କି କି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଅଗ୍ରଗତି, ଉପସ୍ଥାନ ବୃଦ୍ଧି, ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ଓ ବିକାଶକୁ ଆଗାମୀ ଦିନରେ ତ୍ୱରାନ୍ୱିତ କରିବା ପାଇଁ ଉକ୍ତ ବୈଠକରେ ମୋଟ୍ ୫୩ଜଣ ଅଭିଭାବକଙ୍କ ଉପସ୍ଥିତିରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ପାଇଁ ୧୫ଜଣ ସଭ୍ୟଙ୍କୁ ବଛାଯାଇ ସ୍ୱାଗତ କରାଯାଇଥିଲା।

# ସାମ୍ବାଦିକଙ୍କ ସୁରକ୍ଷା ଓ କଲ୍ୟାଣ ଦାବିରେ ଭଏସ୍ ଅଫ୍ ମିଡ଼ିଆର ଦାବିପତ୍ର



**ଫୁଲବାଣୀ,୧୧।୭ (ସଂଚାର ବ୍ୟୁରୋ):** ସାମ୍ବାଦିକ ମାନଙ୍କ ସୁରକ୍ଷା ଓ କଲ୍ୟାଣ ସମ୍ବନ୍ଧୀୟ ବିଭିନ୍ନ ଦାବିକୁ ନେଇ ଭଏସ୍ ଅଫ୍ ମିଡିଆ ପକ୍ଷରୁ ଗୁରୁବାର କନ୍ଧମାଳ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଭଏସ୍ ଅଫ୍ ମିଡିଆର ରାଜ୍ୟ ଓ କନ୍ଧମାଳ ଜିଲ୍ଲା ଶାଖାର ପଦାଧିକାରୀ ଏବଂ ସଦସ୍ୟମାନେ ଉପସ୍ଥିତ ରହିଥିଲେ ।ଦାବିପତ୍ରରେ ସାମ୍ବାଦିକ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ଆଇନ ପ୍ରଣୟନ, ମାସିକ ଭତ୍ତା ପ୍ରଦାନ, ସ୍ୱାସ୍ଥ୍ୟ ଓ ଦୁର୍ଘଟଣା ଜନିତ ବୀମା ସୁବିଧା, କର୍ତ୍ତବ୍ୟ ପାଳନ ସମୟରେ ଆକ୍ରମଣ ଘଟିଲେ ତ୍ୱରିତ ଆଇନଗତ ପଦକ୍ଷେପ, ସାମ୍ବାଦିକ କଲ୍ୟାଣ ପାଣ୍ଠିକୁ ସୁଦୃଢ଼ କରିବା ଏବଂ ଗ୍ରାମାଞ୍ଚଳର ସାମ୍ବାଦିକେ ମାନଙ୍କୁ ସମାନ ସୁବିଧା ପ୍ରଦାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସାମିଲ ରହିଛି।

ଭଏସ୍ ଅଫ୍ ମିଡିଆ ପକ୍ଷରୁ କୁହାଯାଇଛି ଯେ ସାମ୍ବାଦିକ ମାନେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ନିରପେକ୍ଷ ଓ ସତ୍ୟ ସୂଚନା ଲୋକଙ୍କ ନିକଟରେ ପହଞ୍ଚାଇଥାନ୍ତି। ତେଣୁ ସେମାନଙ୍କୁ ସୁରକ୍ଷା, ସମ୍ମାନ ଓ ସାମାଜିକ ସୁରକ୍ଷା ପ୍ରଦାନ କରିବା ସରକାରଙ୍କ ଦାୟିତ୍ୱ ବୋଲି ସଂଗଠନ ଦାବି କରିଛି।

## ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

# ରୟାଲ ତ୍ରିପାଠୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ



**ଫୁଲବାଣୀ,୧୧।୭ (ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ନୂତନ ପିଢ଼ିଙ୍କ ଆଗ୍ରହ ବୃଦ୍ଧି କରିବା ସହ ସେମାନଙ୍କ ସୃଜନଶୀଳ ଓ ବୌଦ୍ଧିକ ପ୍ରତିଭାର ବିକାଶ ଉଦ୍ଦେଶ୍ୟରେ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ୨୦୨୬ ପାଳନ ଅବସରରେ କନ୍ଧମାଳରେ ଜିଲ୍ଲାସ୍ତରୀୟ ପ୍ରବନ୍ଧ, ବିତର୍କ, କବିତା ଆବୃତ୍ତି ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଜିଲ୍ଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ହୋଇଯାଇଛି।

ଏହି ଉତ୍ସବରେ ପ୍ରକଳ୍ପ ନିର୍ଦ୍ଦେଶକ, ସହରାଞ୍ଚଳ ଉନ୍ନୟନ ସଂସ୍ଥା, ଫୁଲବାଣୀ ପ୍ରବୀଣ କୁମାର ବାଣୁଆ ମୁଖ୍ୟ ଅତିଥି ଏବଂ ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ, ଫୁଲବାଣୀ ଯୁଧିଷ୍ଠିର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ସ୍ମାରକ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରବନ୍ଧ, ବିତର୍କ, କବିତା ଆବୃତ୍ତି ଓ ସାଧାରଣ ଜ୍ଞାନ ବିଭାଗରେ ବରିଷ୍ଠ ଓ କନିଷ୍ଠ ବର୍ଗର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବରିଷ୍ଠ ବର୍ଗର କବିତା ଆବୃତ୍ତି ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଫୁଲବାଣୀର ଅଷ୍ଟମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ରୟାଲ ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରି ଆସନ୍ତା ରାଜ୍ୟସ୍ତରୀୟ ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର- ୨୦୨୬ ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲାର ପ୍ରତିନିଧିତ୍ୱ କରିବେ।

# ଝରିଗାଁ ସାମ୍ବାଦିକ ସଂଘ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ




**ଝରିଗାଁ,୧୧।୭ (ସଂଚାର ବ୍ୟୁରୋ):** ଝରିଗାଁ ବ୍ଲକ କୁଟ୍ରି ଛାପର ପଞ୍ଚାୟତ ଅନ୍ତର୍ଗତ କଲେ ଗାଁ (୫ ଟି ) ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଝରିଗାଁ ସାମ୍ବାଦିକ ସଂଘ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ନରସିଂହ ଭତରା ଯୋଗ ଦେଇଥିଲେ। ବନବିଭାଗ ପକ୍ଷରୁ ଚାରା ଓ ବନ ବିଭାଗ କର୍ମଚାରୀଙ୍କ ସହାୟତାରେ ବିଦ୍ୟାଳୟ ପରିସରରେ ବିଭିନ୍ନ ବୃକ୍ଷ ଚାରା ରୋପଣ କରାଯାଇଥିଲା। ବର ଗଛ, ପିପଳ,ଆମ୍ବ ,ପିଜୁଳି ,ନିମ୍ବ , ପଣସ, ଏହି ସବୁ ଚାରା ରୋପଣ କରାଯାଇଥିଲା। ଏଥିରେ ବିଧାୟକ ମଧ୍ୟ ଏକାଧିକ ଚାରା ରୋପଣ କରିଥିଲେ। ବିଦ୍ୟାଳୟ ପରିସରକୁ ଫୁଲ ଫଳ ଓ ଔଷଧୀୟ ଗୁଳ୍ମ ଲତା ଆଦି ଲଗାଇ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

ସାମ୍ପ୍ରାତିକ ପରିସ୍ଥିତିରେ ବିଶ୍ୱ ପରିବେଶ ସ୍ଥିତି ଉତ୍ତପ୍ତ ବାୟୁମଣ୍ଡଳ ପ୍ରଦ୍ୟୁଷଣକୁ ଦୃଷ୍ଟିରେ ରଖି ବୃକ୍ଷ ରୋପଣ କରିବା ସମସ୍ତଙ୍କ ଏକ ନୈତିକ ଦାୟୀତ୍ୱ ରହିଛି। ତେଣୁ ଲଗାଯାଇଥିବା ଚାରା ଗୁଡିକର ଯତ୍ନ ସୁରକ୍ଷା ଓ ବୃଦ୍ଧି ନିମନ୍ତେ ଯତ୍ନବାନ ହେବାର ଆବଶ୍ୟକ ରହିଛି ବୋଲି ସାମ୍ବାଦିକ ସଂଘ ସହ ଆଲୋଚନା କରିଥିଲେ।

# କୁଶିଆପାଳ ସମବାୟ ସମିତିରେ ଖୋଲିଲା ନାଫେଡ଼ ଖାଉଟି ଦ୍ରବ୍ୟ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ



**ଡେରାବିଶ,୧୧।୭ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ କୁଶିଆପାଳ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତିରେ ନାଫେଡ୍ (ନ୍ୟାସ୍‌ନାଲ୍ ଏଗ୍ରିକଲଚର ମାର୍କେଟିଂ ଫେଡେରେସନ୍ ଅଫ୍ ଇଣ୍ଡିଆ)ପକ୍ଷରୁ ପ୍ରସ୍ତୁତି ଖାଉଟି ସାମଗ୍ରୀର ବିକ୍ରୟ ଭଣ୍ଡାର ଉଦ୍‌ଘାଟିତ ହୋଇଛି। କେନ୍ଦ୍ରାପଡ଼ା ସମବାୟ ସମୂହ ସହକାରୀ ନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଲୋକମାନଙ୍କ ମଧ୍ୟରେ କୃଷକମାନଙ୍କ ଦ୍ୱାରା ଉତ୍ପାଦିତ ଓ ପ୍ରସ୍ତୁତ ଖାଉଟି ସାମଗ୍ରୀର ଚାହିଦା ବଢ଼ାଇବା ଲକ୍ଷ୍ୟରେ ନାଫେଡ୍ ପକ୍ଷରୁ ନିଆଯାଇଥିବା ଐତିହାସିକ ପଦକ୍ଷେପର କିପରି ସମସ୍ତଙ୍କ ପାଖରେ ପହଞ୍ଚାଯାଇ ପାରିବ ଏହାକୁ ଦୃଷ୍ଟିରେ ରଖି କୁଶିଆପାଳ ସମବାୟ ସମିତି ପରିସରରେ ଆଜି ପ୍ରଥମ କରି ଏହି ବିକ୍ରୟ କେନ୍ଦ୍ର ଖୋଲାଯାଇଛି।

ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସମବାୟ ସମିତିର ସଭାପତି ନାରାୟଣ ପ୍ରସାଦ ପାତ୍ର ଅଧ୍ୟକ୍ଷତା କରି ସମବାୟ ଆନ୍ଦୋଳନକୁ ଚାଷୀମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଏବଂ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଏହି ସମବାୟ ସମିତି ସବୁ ସମୟରେ ତାର ପ୍ରୟାସ ଜାରି ରଖିଛି। ତେବେ ନାଫେଡ଼ ପ୍ରସ୍ତୁତି ଖାଉଟି ଦ୍ରବ୍ୟ ସାମଗ୍ରୀର ବିକ୍ରୟ କେନ୍ଦ୍ର ଖୋଲାଯିବା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିବା ଶ୍ରୀ ପାତ୍ର କହିଥିଲେ। ସମିତିର ସମ୍ପାଦକ ମୃତ୍ୟୁଞ୍ଜୟ ଦାସ ଉତ୍ସବରେ ଏହି ବିକ୍ରୟ କେନ୍ଦ୍ରର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଉପସଭାନେତ୍ରୀ ସସ୍ମିତା ପାତ୍ର, ଅଗ୍ରଣୀ ଚାଷୀ ତଥା ସମିତିସଭ୍ୟ ଫଗୁ ଚରଣ ସାହୁ, କେଲୁ ଚରଣ ନାଥ, ଗୋଲଖ ଚନ୍ଦ୍ର ସାହୁ, ନିର୍ମଳ କୁମାର ସେଠୀ, ଧ୍ରୁବ ଚରଣ ବିହାରୀ ପ୍ରମୁଖ ଯୋଗଦେଇ ସମିତିର ସଫଳତା ଉପରେ ଆଲୋକପାତ କରିଥିଲେ।

# କଲେଜର ମର୍ଯ୍ୟାଦାରୁ ବଞ୍ଚିତ ପାଷ୍ଟିକୁଡ଼ି ଏସ୍‌ଏସ୍‌ଡି ସ୍କୁଲ




**କଳାହାଣ୍ଡି,୧୧।୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ଶିକ୍ଷା ଇତିହାସରେ ପାଷ୍ଟିକୁଡ଼ି ଏସ୍‌ଏସ୍‌ଡ଼ି ବିଦ୍ୟାଳୟର ନାମ ଏକ ସ୍ୱର୍ଣ୍ଣାକ୍ଷରରେ ଲେଖାଯିବା ଉଚିତ। ଜିଲ୍ଲାର ମୁଖଦ୍ୱାର ଭାବେ ପରିଚିତ ଏହି ଅଞ୍ଚଳରେ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟ ଆଜି ତାହାର ୫୦ ବର୍ଷର ଗୌରବମୟ ଯାତ୍ରା ପୂରଣ କରିଛି। କଳାହାଣ୍ଡି ଜିଲ୍ଲାର ପ୍ରଥମ ଏସ୍‌ଏସ୍‌ଡ଼ିବିଦ୍ୟାଳୟ ଭାବେ ପାଷ୍ଟିକୁଡ଼ି ବିଦ୍ୟାଳୟ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ଆଦିବାସୀ ଓ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଜ୍ଞାନର ଏକ ପବିତ୍ର ପୀଠସ୍ଥାନ ଭାବେ ପରିଚିତ ହୋଇଆସିଛି।

ପାଞ୍ଚ ଦଶକ ଧରି ଏହି ବିଦ୍ୟାଳୟ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେଇ ସମାଜ ଓ ରାଷ୍ଟ୍ର ଗଠନରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ଦୁର୍ଗମ ଅଞ୍ଚଳର ଅନେକ ଗରିବ ଓ ଆଦିବାସୀ ପରିବାରର ପିଲାମାନେ ଏହି ବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରି ଆଜି ଦେଶ ଓ ରାଜ୍ୟର ବିଭିନ୍ନ ଉଚ୍ଚ ପଦପଦବୀରେ କାର୍ଯ୍ୟରତ ଅଛନ୍ତି। ଏହି ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଅନେକେ ପ୍ରଶାସନିକ ସେବା, ଶିକ୍ଷା, ସ୍ୱାସ୍ଥ୍ୟ, ପୁଲିସ, ବ୍ୟାଙ୍କିଙ୍ଗ ଓ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି।

ଏହି ବିଦ୍ୟାଳୟର ପୂର୍ବତନ ଛାତ୍ରମାନେ ଆଜି ଆଇଏଏସ୍, ଆଇପିଏସ୍, ଓଏଏସ୍, ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକ, ଡାକ୍ତର, ଇଞ୍ଜିନିୟର ଏବଂ ସମାଜର ପ୍ରତିଷ୍ଠିତ ବ୍ୟକ୍ତି ଭାବେ କାର୍ଯ୍ୟ କରୁଛନ୍ତି। ଏହା ପାଷ୍ଟିକୁଡ଼ି ଏସ୍‌ଏସ୍‌ଡ଼ିବିଦ୍ୟାଳୟର ଶିକ୍ଷାର ମାନ ଓ ଏହାର ଐତିହ୍ୟର ଜୀବନ୍ତ ପ୍ରମାଣ।

କିନ୍ତୁ ଏତେ ଗୌରବମୟ ଇତିହାସ ଓ ସଫଳତା ସତ୍ତ୍ୱେ ମଧ୍ୟ ଏହି ବିଦ୍ୟାଳୟ ଆଜି ଉପେକ୍ଷାର ଶିକାର ହୋଇଥିବା ଭଳି ଲାଗୁଛି। ପାଷ୍ଟିକୁଡ଼ି ଏସ୍‌ଏସ୍‌ଡ଼ିବିଦ୍ୟାଳୟ ପରେ ସ୍ଥାପିତ ହୋଇଥିବା ଅନେକ ଏସ୍‌ଏସ୍‌ଡ଼ି ବିଦ୍ୟାଳୟ ଆଜି ଅପଗ୍ରେଡ୍ ହୋଇ କଲେଜରେ ପରିଣତ ହୋଇସାରିଛି। ସେଠାରେ ଉଚ୍ଚଶିକ୍ଷାର ସୁବିଧା ଉପଲବ୍ଧ ହୋଇଛି, ଛାତ୍ରଛାତ୍ରୀମାନେ ନିଜ ଅଞ୍ଚଳରେ ରହି ଉଚ୍ଚଶିକ୍ଷା ଗ୍ରହଣ କରିପାରୁଛନ୍ତି। କିନ୍ତୁ ଜିଲ୍ଲାର ପ୍ରଥମ ଏସ୍‌ଏସ୍‌ଡ଼ି ବିଦ୍ୟାଳୟ ହୋଇଥିବା ସତ୍ତ୍ୱେ ପାଷ୍ଟିକୁଡ଼ି ଆଜି ପର୍ଯ୍ୟନ୍ତ କଲେଜର ମର୍ଯ୍ୟାଦା ପାଇପାରିନାହିଁ।

ଏହା କେବଳ ପାଷ୍ଟିକୁଡ଼ି ଅଞ୍ଚଳର ନୁହେଁ, ସମଗ୍ର କଳାହାଣ୍ଡି ଜିଲ୍ଲାର ଶିକ୍ଷାପ୍ରେମୀ ଓ ପୂର୍ବତନ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଦୁଃଖଦ ବିଷୟ। ଯେଉଁ ଶିକ୍ଷାନୁଷ୍ଠାନ ଦେଶକୁ ଅନେକ ଦକ୍ଷ ଓ ସଫଳ ଅଧିକାରୀ ଦେଇଛି, ସେହି ଅନୁଷ୍ଠାନ ନିଜେ ଆଜି ଉଚ୍ଚଶିକ୍ଷାର ସୁବିଧାରୁ ବଞ୍ଚିତ ରହିବା ନିଶ୍ଚିତ ଭାବରେ ପ୍ରଶ୍ନ ସୃଷ୍ଟି କରୁଛି।

ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ମତ ହେଉଛି, ଯଦି ପାଷ୍ଟିକୁଡ଼ି SSD ବିଦ୍ୟାଳୟକୁ କଲେଜରେ ଉନ୍ନୀତ କରାଯାଏ, ତେବେ କେବଳ ପାଷ୍ଟିକୁଡ଼ି ନୁହେଁ ବରଂ ଆଖପାଖ ଅଞ୍ଚଳର ଶତାଧିକ ଗରିବ ଓ ଆଦିବାସୀ ପରିବାରର ପିଲାମାନେ ଉଚ୍ଚଶିକ୍ଷାର ସୁଯୋଗ ପାଇପାରିବେ। ଅର୍ଥାଭାବ କିମ୍ବା ଦୂରତା କାରଣରୁ ଯେଉଁ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ଛାଡ଼ି ଦେଉଛନ୍ତି, ସେମାନଙ୍କ ପାଇଁ ଏହା ଏକ ବଡ଼ ଆଶୀର୍ବାଦ ସାବ୍ୟସ୍ତ ହେବ।

୫୦ ବର୍ଷର ଏହି ସୁବର୍ଣ୍ଣ ଜୟନ୍ତୀ ଅବସରରେ ସରକାରଙ୍କ ପାଖରେ ସ୍ଥାନୀୟ ଜନସାଧାରଣ, ପୂର୍ବତନ ଛାତ୍ରଛାତ୍ରୀ ଏବଂ ଶିକ୍ଷାପ୍ରେମୀମାନଙ୍କର ଏକମାତ୍ର ଦାବି ହେଉଛି ଯେ, ପାଷ୍ଟିକୁଡ଼ିଏସ୍‌ଏସ୍‌ଡ଼ି ବିଦ୍ୟାଳୟର ଐତିହ୍ୟ, ଅବଦାନ ଓ ଗୌରବକୁ ସମ୍ମାନ ଜଣାଇ ଏହାକୁ ଶୀଘ୍ର କଲେଜରେ ଉନ୍ନୀତ କରାଯାଉ।




# ଇଟିଙ୍ଗ୍ ଡିସ୍ଅର୍ଡର୍ର କାରଣ ବାରମ୍ବାର ଖାଇବା



ଆପଣଙ୍କ ସହ ଏମିତି ହେଉଛି କି? ଭୋକ ନ ଲାଗିବା ସତ୍ତ୍ୱେ ଖାଇବାକୁ ମନ ଚାହୁଁଛି। ଅନେକ ସମୟରେ ଆମେ ଜାଣିପାରି ନଥାଉ ଏପରି କାହିଁକି ହେଉଛି। ଏହା ହୁଏତ ଅତ୍ୟଧିକ ଖାଦ୍ୟ ଲୋଭର କାରଣ ହୋଇପାରେ, ଯାହା ଆପଣଙ୍କ ପାଇଁ କ୍ଷତିକାରକ। ଚାଲନ୍ତୁ ଜାଣିବା ଇଟିଙ୍ଗ୍ ଡିସଅର୍ଡର୍ କଣ? ଇଟିଙ୍ଗ୍ ଡିସ୍ଅର୍ଡର୍ ଅର୍ଥାତ୍ କମ୍ ସମୟ ଅନ୍ତରରେ ବା ଜଲ୍ଦୀ ଜଲଦୀ ଅଧିକ ମାତ୍ରାରେ ଖାଇବା। ଏଥିରେ ବ୍ୟକ୍ତି ଖାଦ୍ୟରେ ନିୟନ୍ତ୍ରଣ ରଖି ପାରିନଥାନ୍ତି। ଏହି ଖାଇବା ଭିତରେ ପ୍ରାୟ ଲୋକ ମିଠା କିମ୍ବା ଜଙ୍କ୍ ଫୁଡ୍ ହିଁ ଖାଇଥାନ୍ତି, ଯାହାର ନକାରାତ୍ମକ ପ୍ରଭାବ ଶରୀର ଉପରେ ପଡିଥାଏ।

ସେଥିପାଇଁ ଏହି ଅଭ୍ୟାସକୁ ଭଲ ବିକଳ୍ପ ବୋଲି ଗ୍ରହଣ କରାଯାଇ ନଥାଏ। ବରଂ ଏକ ରୋଗ ବୋଲି ଧରି ନିଆଯାଇଥାଏ। ଏଭଳି ଲୋଭରେ ଖାଦ୍ୟ ଖାଇବା ପରେ ବ୍ୟକ୍ତି ଭୁଲ୍ କରିଛି ବୋଲି ଭାବେ ଅବସୋସ୍ କରିଥାଏ। ଏଭଳି ବ୍ୟବହାରିକ ଓ ମାନସିକ ସ୍ଥିତିକୁ ନେଇ ଲୋକମାନେ ଜାଣିପାରି ନଥାନ୍ତି, ଯେ ସେମାନେ କୌଣସି ରୋଗର ଶିକାର ହୋଇସାରିଛନ୍ତି ଏହାଦ୍ୱାରା ସ୍ନାୟୁ ବ୍ୟବସ୍ଥା ଅନିୟମିତ ହୋଇଚାଲେ, ଯାହାଦ୍ୱାରା ବ୍ୟକ୍ତି ସକ୍ରିୟ ରହିଥାଏ, କିନ୍ତୁ ମସ୍ତିଷ୍କର ଅନ୍ୟ ଏକ ଭାଗରେ ଆଟେନସନ୍ର ଆବଶ୍ୟକତା ଅନୁଭବ କରିଥାଏ। ଫଳରେ ନିଜର ଇମୋସନ୍କୁ ନିଜ ଶରୀରରୁ ବାହାରକୁ ଆଣିବାକୁ ଚାହିଁଥାଏ। ପରିଣାମସ୍ୱରୂପ ତା' ଭିତରେ ଖାଦ୍ୟକୁ ନେଇ ଆକର୍ଷଣ ବଢିଥାଏ। ଫଳରେ ସେ ଶୀଘ୍ର ଶୀଘ୍ର ଅଧିକ ମାତ୍ରାରେ ଖାଦ୍ୟ ଖାଇଥାଏ। ଏହି ଖାଇବାର ଉଦ୍ଦେଶ୍ୟ ପେଟ ଭରିବା ନୁହେଁ। ଏହା କେବଳ ନିଜ ପାଇଁ ଲୋଭ କୁହାଯାଇପାରେ।

ପେଟ ପୁରିବା ପରେ ମଧ୍ୟ ଖାଇଚାଲେ। ବ୍ୟକ୍ତି ପେଟ ସହିତ ମନ ପୁରିବା ଯାଏ ଖାଇଚାଲେ। କୌଣସି ସମସ୍ୟା ନଉପୁଜିବା ଯାଏ ଖାଇଚାଲେ। କୌଣସି ମାନସିକ ଚିନ୍ତାରେ ଥିବା ବେଳେ ବ୍ୟକ୍ତି ଏପରି ଖାଇଚାଲେ।

- ଜଲ୍ଦୀ ଜଲ୍ଦୀ ଖାଇବା
- ଦିନର ରୁଟିନ୍ ପ୍ଲାନକୁ ଖାଦ୍ୟର ଆଖାପାଖରେ ରଖିବା
- ଅଧିକ ଖାଇବା ଦ୍ୱାରା ଅନ୍ୟ ଆଗରେ ଖାଇବାକୁ ଖରାପ ଲାଗିବାଙ୍କ ଖାଇବା ପରେ ଖରାପ ଲାଗିବା ସହ ଅପରାଧରେ ଭରି ଯାଇଥାଏ କିଛି ଲୋକଙ୍କଠାରେ

ଏଭଳି ଲକ୍ଷଣ ନିୟମିତ ଦେଖାଯାଇ ନଥାଏ। ବରଂ କେବେ କେବେ ଦେଖାଯାଇଥାଏ। ସମ୍ପର୍କରେ ଷ୍ଟ୍ରେସ୍ କିମ୍ବା ଇମୋସନ୍ରେ ଷ୍ଟ୍ରେସ୍ କାରଣରୁ ତୀବ୍ର ଇଚ୍ଛା ବଢ଼ିଯାଇଥାଏ। ଫଳରେ ପ୍ରଥମ ସମସ୍ୟା ହୋଇଥାଏ ମୋଟାପଣ। ଏହା ଅନ୍ୟ ରୋଗ ପାଇଁ ବାଟ ଖୋଲି ଦେଇଥାଏ। ଯେପରିକି ମଧୁମେହ, ହାଇପର୍ଟେନସନ୍, ଫ୍ୟାଟି ଲିଭର୍ ଓ ଆର୍ଥ୍ରାଇଟିସ୍ ଆଦି। ସାଇକୋଥେରାପୀ ଦ୍ୱାରା ଏହାର ଚିକିତ୍ସା କରାଯାଇପାରିବ। ଏହାର ଚିକିତ୍ସା ପାଇଁ ଆଙ୍ଗ୍ଜାଇଟି ଔଷଧ ମଧ୍ୟ ଦିଆଯାଇଥାଏ। ଉପଯୁକ୍ତ ଡାଏଟ୍ ପ୍ଲାନ୍ ମଧ୍ୟ ଲକ୍ଷଣକୁ କମ୍ କରିଥାଏ। କିନ୍ତୁ କିଛି ଲୋକ ଡାଏଟିଂ କରିବା ଦ୍ୱାରା ବାରମ୍ବାର ଖାଇବା ଲକ୍ଷଣ ବଢ଼ିଯାଇଥାଏ। ତେଣୁ ଏହାର ଚିକିତ୍ସା କରିବା ସମୟରେ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ୍।

# ଶରୀରରେ ପ୍ରୋଟିନ୍ ଅଭାବର କାରଣ



ପ୍ରୋଟିନ୍ ମାଂସପେଶୀକୁ ମରାମତି କରିବା, କୋଷ ନିର୍ମାଣ କରିବାଓ ହର୍ମୋନ୍ ପାଇଁ ଖୁବ୍‌ଜରୁରି। ଏହାର ଅଭାବରେଶରୀରରେ ଅନେକ ଲକ୍ଷଣଦେଖା ଦେଇଥାଏ। ପ୍ରୋଟିନ୍ ଶରୀର ପାଇଁ 'ବିଲ୍ଡିଂ ବ୍ଲକ୍ସ' ପରି କାମ କରିଥାଏ। ଅବଶ୍ୟ ଲୋକଙ୍କ ଧାରଣା ଯେ ଜିମ୍ ଯାଉଥିବା ଲୋକମାନଙ୍କ ପାଇଁ ପ୍ରୋଟିନ୍ ଜରୁରି ହୋଇଥାଏ। କିନ୍ତୁ ମାଂସପେଶୀର ନିର୍ମାଣଠାରୁ ଆରମ୍ଭ କରି ହର୍ମୋନାଲ୍ ସନ୍ତୁଳନ ଏବଂ କୋଷିକାର ମରାମତି ଯାଏ ଶରୀରର ପ୍ରତ୍ୟେକ ଫଙ୍କସନ୍ ପାଇଁ ପ୍ରୋଟିନ୍ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ବୟସର ବ୍ୟକ୍ତିଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ମାତ୍ରାର ପ୍ରୋଟିନ୍ ଆବଶ୍ୟକ ହୋଇଥାଏ। ଚାଲନ୍ତୁ ଜାଣିବା ଦିନକୁ ଜଣେ ବ୍ୟକ୍ତି କେତେ ପ୍ରୋଟିନ୍ ଖାଇବା ଜରୁରି? ସେହିପରି ଶରୀରରେ ପ୍ରୋଟିନ୍ ଅଭାବରେ କି କି ଲକ୍ଷଣ ଦେଖିବାକୁ ମିଳିଥାଏ? ପ୍ରୋଟିନ୍ର ମାତ୍ରା ବ୍ୟକ୍ତିର ବୟସ, ଓଜନ, ଲିଙ୍ଗ ଓଶାରୀରିକ ସକ୍ରିୟତା ଉପରେ ନିର୍ଭର କରିଥାଏ।ଚାଲନ୍ତୁ ଏହାକୁ ବୁଝିବା। ଯଦି ଆପଣନିୟମିତ ଭାବେ ବ୍ୟାୟାମ କରୁ ନଥାନ୍ତି, ତେବେଶରୀର ଓଜନର ଏକ କିଲୋ ପ୍ରତି .୮ ଗ୍ରାମ୍‌ପ୍ରୋଟିନ୍ ନେବା ଉଚିତ୍। ଯଦି ଆପଣ ମଧ୍ୟମଧରଣର ବ୍ୟାୟାମ କରୁଛନ୍ତି କିମ୍ବା ଚାଲିବା ପରିଗତିବିଧି କରୁଥାନ୍ତି, ତେବେ ୧.୧ ଗ୍ରାମରୁ ୧.୩ଗ୍ରାମ୍ ପ୍ରତି କିଲୋ ପିଚ୍ଛା ପ୍ରୋଟିନ୍ ଖାଇବା ଜରୁରି। ଆଥ୍ଲେଟ୍ ବା ବଡି ବିଲଡିଂ: ଅଧିକବ୍ୟାୟାମ କରୁଥିବା ଲୋକମାନଙ୍କ ପାଇଁ ୧.୬ରୁ୨.୨ ଗ୍ରାମ୍ ପ୍ରତି କିଲୋ ହିସାବରେ ପ୍ରୋଟିନ୍ ନେବା ଜରୁରି। ଗର୍ଭବତୀ ବା ସ୍ତନ୍ୟପାନ କରାଉଥିବା ମହିଳା: ଏମାନେ ସାମାନ୍ୟ ଅଧିକ ୨୦ରୁ ୨୫ ଗ୍ରାମର ପ୍ରୋଟିନ୍ ନେବା ଆବଶ୍ୟକ। ପ୍ରୋଟିନ୍ ଅଭାବର ଲକ୍ଷଣ ବାରମ୍ବାର ଭୋକ ଲାଗିବା, ମିଠା ଖାଇବାକୁ ଇଚ୍ଛା ହେବା, ପ୍ରୋଟିନ୍ ରକ୍ତରେ ଶର୍କରା ସ୍ତରକୁ ସ୍ଥିର ରଖିଥାଏ। ଏହାର ଅଭାବରେ ରକ୍ତରେ ଶର୍କରା ସ୍ତର ତୀବ୍ର ବେଗରେ କମିଚାଲେ।ଫଳରେ ବାରମ୍ବାର ଭୋକ ଲାଗିବା ସହ ଉଚ୍ଚ କ୍ୟାଲୋରୀଯୁକ୍ତ ସ୍ନାକ୍ସ ଖାଇବାକୁ ଇଚ୍ଛା ହୋଇଥାଏ। ମାଂସପେଶୀ ଏବଂ ଗଣ୍ଠି ଦୁର୍ବଳ: ମାଂସପେଶୀ ସୁସ୍ଥ ରହିବା ପାଇଁ ପ୍ରୋଟିନ୍ ଆବଶ୍ୟକ। ଏହାର ଅଭାବରେ ମାଂସପେଶୀ ଢିଲା ହେବା ସହ ଶରୀର ଦୁର୍ବଳ ଲାଗିବା ଓ ଗଣ୍ଠିରେ ଯନ୍ତ୍ରଣା ଅନୁଭବ ହୋଇଥାଏ। କେଶ, ତ୍ୱଚା ଓ ନଖ ସମସ୍ୟା: ନଖ, କେଶ ଓ ତ୍ୱଚା ମୁଖ୍ୟତଃ ପ୍ରୋଟିନ୍ରେ ତିଆରି ହୋଇଥାଏ। ପ୍ରୋଟିନ୍ର ଅଭାବ ହେଲେ କେଶ ଝଡିବା, ନଖଭାଙ୍ଗିବା ଓ ତ୍ୱଚା ରୁକ୍ଷ ଲାଗିଥାଏ। ବାରମ୍ବାର ରୋଗରେ ପଡିବା: ରୋଗପ୍ରତିରୋଧକ ଶକ୍ତି ବଢାଇବା ପାଇଁ ପ୍ରୋଟିନ୍ରଆବଶ୍ୟକତା ରହିଥାଏ। ଯଦି ବାରମ୍ବାର ଥଣ୍ଡାକାଶ ବା ସଂକ୍ରମଣ ହେଉଥାଏ, ତେବେ ରୋଗପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଥାଇପାରେ। ପ୍ରୋଟିନ୍ର ଅଭାବ ଏହାର ଅନ୍ୟତମ କାରଣ। ଭରପୂର ପ୍ରୋଟିନ୍ନ ମିଳିବା ଯୋଗୁ ଶରୀରରେ ଶକ୍ତି ସ୍ତର କମିଚାଲେ। ଫଳରେ ଥକ୍କାପଣ ସାଙ୍ଗକୁ ମୁଡ୍ ଖରାପ ରହିଥାଏ।

# ଅଧିକ ସମୟ ପରିସ୍ରା ଚାପି ରଖିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ



ଆଜିକାଲିର ବ୍ୟସ୍ତବହୁଳ ଜୀବନରେ, ଆମେ ଆମ ନିଜକୁ ବହୁତ୍ ଅବହେଳା କରୁଛନ୍ତି। ଅଫିସ୍ ହେଉ, ସ୍କୁଲ୍ କିମ୍ବା କଲେଜ କ୍ଲାସ ହେଉ, ଲମ୍ବା ଯାତ୍ରା ହେଉ, କିମ୍ବା ପାଖରେ କୌଣସି ଶୌଚାଳୟର ଅଭାବ ହେଉ, ଏପରି ଅନେକ ପରିସ୍ଥିତି ଅଛି ଯେଉଁଠାରେ ଆମେ ପରିସ୍ରାକୁ ଅଟକାଇ ରଖୁ। କେତେବେଳେ, ଆମେ ଜାଣିଶୁଣି ପରିସ୍ରାକୁ ଅଟକାଇ ରଖିଥାଉ, ଭାବିଥାଉ ଯେ ଆମେ ଆହୁରି ଟିକିଏ ସମୟ ଧରି ରଖିବୁ। କିନ୍ତୁ ଆପଣ କେବେ ଚିନ୍ତା କରିଛନ୍ତି କି ଏହି ଅଭ୍ୟାସ ବାରମ୍ବାର ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ପରିସ୍ରାକୁ ଅଟକାଇ ରଖିବା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ କ'ଣ ପ୍ରଭାବ ପକାଇପାରେ? ଏହା କିଡନୀ, ମୂତ୍ରାଶୟ ଏବଂ ସମଗ୍ର ମୂତ୍ର ପ୍ରଣାଳୀ ପାଇଁ ବିଶେଷ କ୍ଷତିକାରକ ହୋଇପାରେ। ତେଣୁ ଆସନ୍ତୁ ଜାଣିବା କିପରି ବହୁତ୍ ସମୟ ଧରି ପରିସ୍ରା କରିବା କିଡନୀକୁ କ୍ଷତି ପହଞ୍ଚାଇପାରେ ଏବଂ ଏହା ଦ୍ୱାରା କେଉଁ ରୋଗ ହୋଇପାରେ। ବିଶେଷଜ୍ଞଙ୍କ ମତରେ, ବୃକକ୍ ନିରନ୍ତର ରକ୍ତ ସଫା କରେ ଏବଂ ପରିସ୍ରା ଉତ୍ପାଦନ କରେ। ଯେତେବେଳେ ଆମେ ପରିସ୍ରା ଧରି ରଖୁ, ମୂତ୍ର ମୂତ୍ରାଶୟରେ ପରିସ୍ରା ଜମା ହୁଏ। ଯଦି ଏହି ଚାପ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ, ତେବେ ଏହା ବୃକକ୍ କୁ ଫେରିବାକୁ ଆରମ୍ଭ କରେ, ଯାହା ଫଳରେ ଏହା ଉପରେ ଚାପ ପଡ଼ି ଧୀରେ ଧୀରେ ସେମାନଙ୍କର କାର୍ଯ୍ୟ ହ୍ରାସ ପାଏ। ପରିସ୍ରା ଶରୀରରୁ ବିଷାକ୍ତ ପଦାର୍ଥ, ବ୍ୟାକ୍ଟେରିଆ ଏବଂ ଅତିରିକ୍ତ ଲୁଣ ବାହାର କରିଦିଏ। ପରିସ୍ରା ଧରି ରଖୁ, ଏହି ଅପରିଷ୍କାର ପଦାର୍ଥ ବାହାର ହୋଇପାରେ ନାହିଁ ଏବଂ ଶରୀରରେ ଜମା ହୁଏ। ଏହା ବୃକକ୍ କୁ ଅଧିକ କାମ କରିବାକୁ ବାଧ୍ୟ କରେ, ଏବଂ ବୃକକ୍ କୋଷଗୁଡ଼ିକ ଧୀରେ ଧୀରେ ଦୁର୍ବଳ ହୋଇଯାଏ। ଯେତେବେଳେ ଆମେ ଆମର ପରିସ୍ରାକୁ ଅଧିକ ସମୟ ଧରି ରଖୁ, ପରିସ୍ରାରେ ଥିବା ବ୍ୟାକ୍ଟେରିଆ ବାହାର କରିହୁଏ ନାହିଁ। ଏହି ବ୍ୟାକ୍ଟେରିଆ ମୂତ୍ରନଳୀରେ ବହୁଗୁଣିତ ହୁଏ, ଯାହା ଫଳରେ ମୂତ୍ରନଳୀ ସଂକ୍ରମଣ ହୁଏ। ୟୁଟିଆଇ ର ଲକ୍ଷଣଗୁଡ଼ିକ ହେଉଛି ପରିସ୍ରା ସମୟରେ ଜଳାପୋଡ଼ା, ବାରମ୍ବାର ପରିସ୍ରା କରିବାକୁ ଇଚ୍ଛା, କ୍ୱଚିତ୍ ପରିସ୍ରା, ଦୁର୍ଗନ୍ଧଯୁକ୍ତ ପରିସ୍ରା ଏବଂ ପେଟ କିମ୍ବା ପିଠି ଯନ୍ତ୍ରଣା। ମହିଳାମାନେ ୟୁଟିଆଇ ର ଅଧିକ ସମ୍ଭାବନା ଥାଆନ୍ତି, କିନ୍ତୁ ପୁରୁଷମାନେ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇପାରନ୍ତି। ଯେତେବେଳେ ଆପଣ କମ୍ ପାଣି ପିଅନ୍ତି ଏବଂ ପରିସ୍ରାକୁ ରୋକି ରଖନ୍ତି, ପରିସ୍ରା ଅଧିକ ଘନୀଭୂତ ହୋଇଯାଏ। ଏହା ଖଣିଜ ପଦାର୍ଥ ଜମା କରିଥାଏ, ଯାହା କିଡ୍ନିରେ ପଥର ସୃଷ୍ଟି କରିପାରେ। ବୃକକ୍ ପଥର ଯୋଗୁଁ ପ୍ରବଳ ଯନ୍ତ୍ରଣା, ବାନ୍ତି ଏବଂ ପରିସ୍ରାରେ ରକ୍ତ ପଡ଼ିପାରେ। ଅନେକ କ୍ଷେତ୍ରରେ, ଅସ୍ତ୍ରୋପଚାର ମଧ୍ୟ ଆବଶ୍ୟକ ହୋଇପାରେ। ଲଗାତାର ପରିସ୍ରା ଧରି ରଖିବା ଦ୍ୱାରା ମୂତ୍ରାଶୟ ମାଂସପେଶୀ ଉପରେ ଅଧିକ ଚାପ ପଡ଼େ। ଏହା ପରିଶ୍ରା ନିୟନ୍ତ୍ରଣ କରିବାରେ ଅସୁବିଧା ହୋଇଥାଏ। ପରିସ୍ରା ଅସନ୍ତୁଳନ ଏବଂ ବାରମ୍ବାର ପରିସ୍ରା ହେବାର କାରଣ ମଧ୍ୟ ହୋଇପାରେ। ଏହାକୁ ମୂତ୍ରାଶୟ ଡିସଫଙ୍କସନ୍ ମଧ୍ୟ କୁହାଯାଏ।

# ଜୀବନଶୈଳୀରେ ପରିବର୍ତ୍ତନ ଆଣିବ ଫିଟ୍



ପ୍ରତ୍ୟେକ ମଣିଷ ଫିଟ୍ ରହିପାରିବେ। ସେଥିପାଇଁ ଅଳ୍ପ ବୟସରୁ ଜୀବନଶୈଳୀରେ ପରିବର୍ତ୍ତନ ନ ଆଣିଲେ ବୟସ ବଢ଼ିବା ପରେ ତା'ର କୁପରିଣାମ ଭୋଗିବାକୁ ପଡିପାରେ। ତେଣୁ ବେଳହୁଁ ସାବଧାନ ହେବା ଉଚିତ୍। ଏଥିପାଇଁ ମାତ୍ର ୫ଟି ଦିଗ ପ୍ରତି ଧ୍ୟାନ ଦେଲେ ଯଥେଷ୍ଟ। ଆମେ ନିୟମିତ ଜୀବନରେ କିଛି ନା କିଛି ଭୁଲ୍ କରିଥାଉ। କିନ୍ତୁ ଏହା ଫିଟ୍ନେସ୍ ଜୀବନରେ ବାଧକ ବୋଲି ଭାବିନଥାଉ। ଏହା କ୍ରମଶଃ ଜୀବନରେ ଖୁବ୍ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ଏସବୁରେ ପରିବର୍ତ୍ତନ ଆଣିବା ସହ ଫିଟ୍ ରହିବାର ରାସ୍ତାକୁ ପ୍ରଶସ୍ତ କରିବା ପାଇଁ ପ୍ରୟାସ କରିବା ଉଚିତ୍।

## ପ୍ୟାକେଜ୍ଡ ଓ ପ୍ରୋସେସ୍ଡ ଖାଦ୍ୟକୁ ନା

ପ୍ରୋସେସ୍ଡ ଖାଦ୍ୟରେ ଅସ୍ୱାସ୍ଥ୍ୟକର ଫ୍ୟାଟ୍ ଓ ଅତ୍ୟଧିକ ଚିନି ବ୍ୟବହାର ହୋଇଥାଏ, ଯାହା ଶରୀର ପାଇଁ ଖୁବ୍ ହାନିକାରକ। ଯଦିଓ ଏହି ଖାଦ୍ୟକୁ ସ୍ୱାସ୍ଥ୍ୟକର ବୋଲି ଦାବି କରାଯାଏ, ତେବେ ଏଥିରେ ଅତିରିକ୍ତ ଚିନି ମିଶାଯାଉଥିବା କଥାକୁ ଅସ୍ୱୀକାର କରାଯାଇପାରିବନି। ଏହା ହିଁ ଶରୀର ପାଇଁ କ୍ଷତିକାରକ। ତେଣୁ ଏଭଳି ଖାଦ୍ୟଠାରୁ ଦୂରତା ବଜାୟ ରଖିବା ଜରୁରି। ଏହା ପରିବର୍ତ୍ତେ ଡାଏଟ୍ରେ ବିଭିନ୍ନ ଶସ୍ୟଜାତୀୟ ଖାଦ୍ୟ, ଫଳ ଓ ପନିପରିବା ଆଦିକୁ ସାମିଲ୍ କରନ୍ତୁ। ଫଳରେ ଶରୀରକୁ ସ୍ୱାସ୍ଥ୍ୟକର ଫ୍ୟାଟ୍ସ, ଫାଇବର, ପ୍ରୋଟିନ୍, ଭିଟାମିନ୍ ଓ ଖଣିଜ ପଦାର୍ଥ ମିଳିପାରିବ, ଯାହାଦ୍ୱାରା ଆପଣ ଫିଟ୍ ରହିପାରିବେ।

## ଅଧିକ ରାତି ଯାଏ ଅନିଦ୍ରା ରୁହନ୍ତୁନି

ପ୍ରାୟ ୟଙ୍ଗଷ୍ଟାର୍ ରାତିରେ ଶୋଇବା ପରିବର୍ତ୍ତେ ଫିଲ୍ମ ଦେଖିବା କିମ୍ବା ପାର୍ଟି ଆଦିରେ ସମୟ ବିତାଇବାକୁ ପସନ୍ଦ କରିଥାନ୍ତି। ସେମାନଙ୍କୁ ଲାଗିଥାଏ ଯେ ଏପରି କରିବା ଦ୍ୱାରା ନିଜକୁ ସତେଜ ରଖିବା ସହଜ। କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଓଲଟା। ରାତିରେ ଡେରି ଯାଏ ଅନିଦ୍ରା ରହିବା ଦ୍ୱାରା ନିଦ ପୁରା ହୋଇପାରେନା। ଏହା ସହିତ ସର୍କିଡିୟନ୍ ରିଦିମ୍ ଅର୍ଥାତ୍ କାଳାନୁକ୍ରମିକ। ମଣିଷର ମସ୍ତିଷ୍କ ଆଲୋକ ଓ ଅନ୍ଧାର ଦ୍ୱାରା ହିଁ ବାହାର ବାତାବରଣ ସହ ମିଶି ତାଳମେଳ ପକାଇଥାଏ। ତେଣୁ ସର୍କିଡିଆନ୍ ରିଦିମ୍ ବିଗିଡିବା ଦ୍ୱାରା ମାନସିକ ଓ ଶାରିରୀକ ସ୍ୱାସ୍ଥ୍ୟ ମଧ୍ୟ ପ୍ରଭାବିତ ହୋଇଥାଏ। ଫଳରେ ଓଜନ ବଢ଼ିବା ଓ କମିବା ପରି ସମସ୍ୟା ସୃଷ୍ଟି ହୋଇଥାଏ।

## ଖାଇବା ଅଭ୍ୟାସରେ ପରିବର୍ତ୍ତନ

କ'ଣ ଖାଉଛନ୍ତି, ତା' ସହିତ କେମିତି ଓ କେତେବେଳେ ଖାଉଛନ୍ତି। ତାହା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଏସବୁ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଖାଇବା ସମୟ ଓ ଆଗ୍ରହ ବ୍ୟକ୍ତିର ଫିଟ୍ନେସ୍ ଉପରେ ଖୁବ୍ ପ୍ରଭାବ ପକାଇଥାଏ। ସେଥିପାଇଁ ଖାଇବା ସମୟକୁ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସହ ମ୍ୟାଚ୍ କରିବାକୁ ଚେଷ୍ଟା କରନ୍ତୁ। ଏହାବ୍ୟତୀତ ନିଜ ଖାଇବା ଆଗ୍ରହକୁ ନିୟନ୍ତ୍ରଣ କରିବା ଉଚିତ୍। ଏକାଥରକେ ଅଧିକ ନ ଖାଇ ସେତିକି ଖାଦ୍ୟକୁ ଦୁଇଥରରେ ଖାଇବା ଉଚିତ୍। ଏହା ଫିଟ୍ ରହିବାରେ ଖୁବ୍ ସହାୟତା କରିଥାଏ।

## ସର୍ଟକର୍ଟ ଆପଣାନ୍ତୁ ନାହିଁ

ଅଧିକାଂଶ ଲୋକ ଓଜନକୁ କମ୍ କରିବା ପାଇଁ ହେଉ ଅବା ବଢାଇବା ପାଇଁ ସହଜ ବାଟ ଆପଣାଇଥାନ୍ତି। କିନ୍ତୁ ଏହା କ୍ଷତିକାରକ ହୋଇପାରେ। ସେଥିପାଇଁ ଓଜନ ବଢାଇବା କିମ୍ବା କମାଇବା ପାଇଁ କୌଣସି ପାନୀୟ ବା ସପ୍ଲିମେଣ୍ଟର ସହାୟତା ନିଅନ୍ତୁ ନାହିଁ। ବରଂ ଏହା ପରିବର୍ତ୍ତେ ଦୀର୍ଘସ୍ଥାୟୀ ଅଭ୍ୟାସ ଆପଣାଇବାକୁ ଦ୍ୱାରା ବିନା ସମସ୍ୟାରେ ମଧ୍ୟ ଫିଟ୍ ରହିପାରିବେ। ନିୟମିତ ବ୍ୟାୟାମକୁ ଗୁରୁତ୍ୱ ବ୍ୟାୟାମ କରିବା ଦ୍ୱାରା ଉଭୟ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଠିକ୍ ରହିଥାଏ। ଏହା ଆପଣଙ୍କୁ ଫିଟ୍ ସହ ସୁସ୍ଥ ରଖିଥାଏ। ଏଥିପାଇଁ ନିୟମିତ ବ୍ୟାୟାମ କରିବାକୁ ଗୁରୁତ୍ୱ ଦେବା ଆବଶ୍ୟକ।

କାମରେ ଆସୁନି ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ର

# ଚିକିତ୍ସା ପାଇବାରୁ ବଞ୍ଚିତ ରୋଗୀ




କୋରାପୁଟ,୧୧।୭(ସଂଚାର ବ୍ୟୁରୋ): ଜିଲ୍ଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ମାଛପୁଟ ଗାଁରେ ଥିବା ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ରକୁ ନେଇ ଏବେ ଉଠିଛି ପ୍ରଶ୍ନ। ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ଏହି ଉପକେନ୍ଦ୍ର ଗଠନ କରାଯାଇଥିଲେ ମଧ୍ୟ। ଡାକ୍ତର କିମ୍ବା ସ୍ୱାସ୍ଥ୍ୟକର୍ମୀ ରହୁନଥିବାରୁ ଚିକିତ୍ସାରେ ସୃଷ୍ଟି ହେଉଛି ବାଧା। ଫଳରେ ହନ୍ତସନ୍ତ ହେଉଛନ୍ତି ରୋଗୀ। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ମାଛପୁଟ ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ର। ଏହା ଉପରେ ପ୍ରାୟ ଆଠ ଖଣ୍ଡ ଗାଁର ଲୋକ ନିର୍ଭରଶୀଳ। ଦୈନିକ ଜ୍ୱର, ସର୍ଦ୍ଦି, କାଶ, ରକ୍ତଚାପ, ମଧୁମେହ ଭଳି ରୋଗରୁ ଆରମ୍ଭ କରି ଗର୍ଭବତୀଙ୍କ ପ୍ରାଥମିକ ଚିକିତ୍ସା ପାଇଁ ଏହା ହେଉଛି ଏକମାତ୍ର ଭରସା। କିନ୍ତୁ ଏବେ ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ରଟି ଲୋକଙ୍କ କାମରେ ଆସୁନି। ଅଧିକାଂଶ ସମୟରେ ଉପକେନ୍ଦ୍ରରେ ଡାକ୍ତର କିମ୍ବା ସ୍ୱାସ୍ଥ୍ୟକର୍ମୀ ରହୁନାହାନ୍ତି। ଫଳରେ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି ରୋଗୀ। ବୃଦ୍ଧବୃଦ୍ଧା ସବୁଠାରୁ ଅଧିକ ହଇରାଣ ହେଉଛନ୍ତି। ଅସୁସ୍ଥ ଅବସ୍ଥାରେ ଦୂର ହସ୍ପିଟାଲକୁ ଯିବା ସେମାନଙ୍କ ପକ୍ଷରେ ସମ୍ଭବ ହେଉନାହିଁ ଫଳରେ ସାମାନ୍ୟ ରୋଗ ଗୁରୁତର ରୂପ ନେଉଥିବା ଅଭିଯୋଗ ହୋଇଛି। ଲକ୍ଷଲକ୍ଷ ଟଙ୍କାରେ ନିର୍ମିତ ଏହି ଭବନ ଯଦି ନିୟମିତ ସେବା ନଯୋଗାଇବେ, ତେବେ ଏଭଳି ଉପକେନ୍ଦ୍ରର ଉଦ୍ଦେଶ୍ୟ କ'ଣ? ପ୍ରଶ୍ନ କରିଛନ୍ତି ଲୋକେ। ଅନ୍ୟପଟେ ଦଶମନ୍ତପୁର୍ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଦାୟିତ୍ୱରେ ଥିବା ମେଡିକାଲ୍ ଅଫିସର କହିଛନ୍ତି, ଦାୟିତ୍ୱରେ ଥିବା ଏଏନଏମ୍ଙ୍କ ଅନ୍ୟତ୍ର ବଦଳି ହୋଇଥିବାରୁ ଏଭଳି ସମସ୍ୟା ଦେଖାଦେଇଛି। ଖୁବଶୀଘ୍ର ଉପକେନ୍ଦ୍ରକୁ ଜଣେ ଏଏନଏମ୍ଙ୍କୁ ଆମେ ପଠାଇବୁ। ଉପକେନ୍ଦ୍ରକୁ ଆବଶ୍ୟକ ସ୍ୱାସ୍ଥ୍ୟକର୍ମୀ ଯୋଗାଇବା ସହ ଔଷଧ ବ୍ୟବସ୍ଥା କରାଯାଉ। ଏହା ସହିତ ଜରୁରୀ ସ୍ୱାସ୍ଥ୍ୟସେବା ସବୁବେଳେ ଉପଲବ୍ଧ କରାଇବାକୁ ଦାବି ହୋଇଛି।

ବାଲିପାଟଣାରେ ଏକ୍ସପାୟାର୍ଡ ଖାଦ୍ୟ କାରବାରର ପର୍ଦ୍ଦାଫାସ

## ନୂଆ ପ୍ୟାକିଂରେ ବିକ୍ରି ହେଉଥିଲା ମିଆଦସରା ବିସ୍କୁଟ



ବାଲିପାଟଣା,୧୧।୭(ସଂଚାର ବ୍ୟୁରୋ): ବାଲିପାଟଣା ଅଞ୍ଚଳରେ ଚାଲିଥିଲା ଏକ ବଡ଼ଧରଣର ଖାଦ୍ୟ ଜାଲିଆତି।ବର୍ଷ ବର୍ଷ ଧରି ମିଆଦ ସରିଯାଇଥିବା ବିଭିନ୍ନ ଦାମୀ କମ୍ପାନୀର ବିସ୍କୁଟକୁ ନୂଆ ପ୍ୟାକିଂ କରି ବଜାରକୁ ଛାଡୁଥିଲେ ଅସାଧୁ ବ୍ୟବସାୟୀ।ଶନିବାର ସ୍ଥାନୀୟ ଲୋକଙ୍କ ସତର୍କତା ଯୋଗୁଁ ଏହି ଚାଞ୍ଚଲ୍ୟକର ଘଟଣାର ପର୍ଦ୍ଦାଫାଶ ହୋଇଛି।ବାଲିପାଟଣା ପୁଲିସ ଏହି ମାମଲାରେ ଘଟଣାର ମୁଖ୍ୟ କାର୍ପଟାଦାର କୃଷ୍ଣ ଚନ୍ଦ୍ର ସାହୁଙ୍କ ସମେତ ଟ୍ରକ ଡ୍ରାଇଭର ଓ ହେଲପରକୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁସାରେ ବାଲିପାଟଣା ଛକ ଠାରେ ରହୁଥିବା କୃଷ୍ଣ ଚନ୍ଦ୍ର ସାହୁ ଦୀର୍ଘ ଦିନ ହେଲା ଏହି ଅବୈଧ କାରବାର ଚଳାଇ ଆସୁଥିଲେ। ଶନିବାର ସକାଳେ ଏକ ଆଇଚର ଗାଡିରେ ବିପୁଳ ପରିମାଣର ବିସ୍କୁଟ କୃଷ୍ଣଙ୍କ ଘରେ ଖାଲି କରାଯାଉଥିଲା। କିଛି ଗଣମାଧ୍ୟମ ପ୍ରତିନିଧି ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସନ୍ଦେହ ଉପୁଜିବାରୁ ସେମାନେ ଏହାକୁ ବିରୋଧ କରିବା ସହ ପୋଲିସକୁ ଜଣାଇଥିଲେ। ପୁଲିସ ଆସୁଥିବା ଖବର ପାଇ ଅଭିଯୁକ୍ତମାନେ ତତ୍କ୍ଷଣାତ୍ ବିସ୍କୁଟ ବୋଝେଇ ଟ୍ରକକୁ ନେଇ ଗାରେଡିପାଞ୍ଚଣ ନିକଟସ୍ଥ ଏକ ଜଙ୍ଗଲିଆ ଅଞ୍ଚଳରେ ଥିବା ଇଟା ଭାଟି ରାସ୍ତା ଆଡ଼କୁ ଫେରାର ହୋଇଯାଇଥିଲେ। କିନ୍ତୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ପୁଲିସ ପିଛା କରି ଉକ୍ତ ଟ୍ରକକୁ ଜବତ କରିବା ସହ ତିନି ଜଣଙ୍କୁ କାବୁ କରିଛି। ଉପଭୋକ୍ତାଙ୍କ ସ୍ୱାସ୍ଥ୍ୟ ସହ ସିଧାସଳଖ ଖେଳ ଖେଳୁଥିବା ଏହି ରାକେଟର ଜାଲ କେତେ ଦୂର ବ୍ୟାପିଛି, ତାହାକୁ ନେଇ ସାଧାରଣରେ ଆତଙ୍କ ଖେଳିଯାଇଛି। ଏତେ ବଡ଼ ଖାଦ୍ୟ ନିରାପତ୍ତା ଜନିତ ଅବହେଳା ସତ୍ତ୍ୱେ ଖବର ପାଇ କୌଣସି ଯୋଗାଣ ଅଧିକାରୀ କିମ୍ବା ଖାଦ୍ୟ ସୁରକ୍ଷା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନଥିବା ଜଣାପଡ଼ିଛି। ସାଧାରଣ ଲୋକଙ୍କ ଜୀବନ ସହ ଜଡ଼ିତ ଏଭଳି ସମ୍ବେଦନଶୀଳ ମାମଲାରେ ବିଭାଗୀୟ ଅଧିକାରୀଙ୍କ ଏଭଳି ଉଦାସୀନତାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଦୁଇ ବାଇକ୍ ମୁହାଁମୁହିଁ, ୨ ମୃତ ଓ ୧ ଆହତ

କୋରାପୁଟ,୧୧।୭(ସଂଚାର ବ୍ୟୁରୋ): ବିଳମ୍ବିତ ରାତିରେ ଭାରତମାଳା ଓଭର ବ୍ରିଜ୍ ନିକଟରେ ଘଟିଛି ଭୟାବହ ସଡ଼କ ଦୁର୍ଘଟଣା । ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ମୃତକ ଦୁଇ ଜଣ ହେଲେ ମାଛରା ଗାଁର ଜହନ କୁଲଦୀପ(୨୦) ଓ ନର୍ସିଂ ନାଉରୀୟା(୩୪) ବୋଲି ଜଣାପଡ଼ିଛି । ସେହିପରି ମୋହଦେଇପୁଟ ଗାଁର ମାଧବ ଗୁଣ୍ଡା(୨୮) ଗୁରୁତର ଆହତ ହୋଇ ଏସ ଏଲ ଏନ୍ ସି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ଦୁର୍ଘଟଣାଟି ମଧ୍ୟରାତ୍ରରେ ଘଟିଥିବାରୁ ପ୍ରଥମେ କେହି ଏହାର ସୂଚନା ପାଇପାରି ନଥିଲେ । ତେବେ ଆହତ ଯୁବକ ଫୋନ୍ ଯୋଗେ ନିଜ ଗ୍ରାମବାସୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ।

## ତିର୍ତ୍ତୋଲ ବିଡିଓଙ୍କୁ ନେଇ ଜନଅସନ୍ତୋଷ



ଜଗତସିଂହପୁର,୧୧।୭(ସଂଚାର ବ୍ୟୁରୋ): ଜିଲ୍ଲା ତିର୍ତ୍ତୋଲ ବ୍ଲକ ବିଡ଼ିଓ ଙ୍କ କାର୍ଯ୍ୟ କଳାପ କୁ ନେଇ ଦୀନକୁ ଦିନ ଜନ ଅସନ୍ତୋଷ ଦେଖିବାକୁ ମିଳୁଛି । ଦୈନିକ ବ୍ଲକ ପରିସରରେ ସାଧାରଣ ଲୋକେ ମହାଶୟ ଙ୍କୁ ଦେଖା କରିବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ନିରାଶ ହୋଇ ଘରକୁ ଫେରୁଛନ୍ତି, କାରଣ ଜିଲ୍ଲାପାଳ ତାଙ୍କୁ ଅତିରିକ୍ତ ପି.ଡି. ଦାୟିତ୍ୱ ଦେଇଛନ୍ତି। ତିର୍ତ୍ତୋଲ ବ୍ଲକ ଏକ ବୃହତ୍ ବ୍ଲକ ହୋଇଥିବାରୁ କିଭଳି ଜିଲ୍ଲାପାଳ ଏଭଳି ଦାୟିତ୍ୱ ତାଙ୍କୁ ଦେଲେ ତାହାକୁ ନେଇ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ସେତିକି ନୁହେଁ, ମହାଶୟ ନିଜେ କଳେ ସ୍ଥାନୀୟ ଏକ ଭେଣ୍ଡର କୁ ଧରି ବ୍ଲକ ରେ କାମ କରୁଥିବା ଚର୍ଚ୍ଚା କୁ ଖୋରାକ୍ ଯୋଗାଇଛି। ବିକେପି ସରକାର ରେ ଲୋକଙ୍କ ପାଇଁ ବିକଶିତ ଗ୍ରାମ ବିକଶିତ ଓଡିଶା ମାଧ୍ୟମ ରେ ଯେଉଁ ପ୍ରକଳ୍ପ ଆସୁଛି ମହାଶୟ କାଳେ ନିଜେ କାମ ବାଣ୍ଟୁଥିବା ଚର୍ଚ୍ଚା ହେଉଛି । ସ୍ଥାନୀୟ ବିଧାୟକ, ମନ୍ତ୍ରି ଓ ସାଂସଦଙ୍କ କର୍ମୀ ଙ୍କୁ ପୃଥକ୍ ପୃଥକ୍ ସମୟର ଅଣଦେଖା କରିବା ଖବର ଏବେ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। କିଛି ସ୍ଥାନୀୟ ଗରିବ ଶ୍ରେଣୀ ଲୋକ ଗଲେ ବ୍ଲକ ଅଫିସ୍ ରେ ତାଙ୍କୁ ଖରାପ୍ ବ୍ୟବହାର ହେଉଥିବା ଚର୍ଚ୍ଚା ହେଉଛି। ନିକଟର ଏହି ବ୍ଲକରେ ସେହିଭଳି ପ୍ରଧନମନ୍ତ୍ରୀ ଆବାସ ଯୋଜନାରେ ଦୂନିତି ହୋଇଥିବା ଖବର ସାମ୍ନାକୁ ଆସିଥିଲା। ଏହି ବାବଦରେ ବିଭିନ୍ନ ସମୟରେ ସାଧାରଣ ଲୋକମାନେ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପଛେଇ ନାହାନ୍ତି । କେବଳ ଏତିକି ରେ ସୀମିତ ନୁହେଁ ସାଧାରଣ ଲୋକଙ୍କ କାମ ହେବାରେ ବାଧା ସୃଷ୍ଟି ହେଉଥିବା ବେଳେ କିଛି ଦଳୀୟ ନେତା ବିଭିନ୍ନ ସମୟର ସାଂସଦ ଓ ମନ୍ତ୍ରୀ ଙ୍କ ଦ୍ୱାରସ୍ତ ହୋଇ ବିଡିଓ ଙ୍କୁ ଏଠାରୁ ବଦଳି କରିବାକୁ ଦାବି ରଖିଛନ୍ତି ବୋଲି ଜଣାପଡ଼ିଛି।

## ଆକ୍ସନ ମୋଡ୍‌ରେ ଗୁଡାରି ପୁଲିସ

ଗୁଡାରି,୧୧।୭(ସଂଚାର ବ୍ୟୁରୋ): ରାୟଗଡ଼ା ଜିଲା ପୁଲିସ ସୁପରିଣ୍ଟେଣ୍ଡେଣ୍ଟ (ଏସ୍‌ପି) ରାଜ ପ୍ରସାଦଙ୍କ ନିର୍ଦ୍ଦେଶକ୍ରମେ ଗୁଡାରି ଥାନା ଅଧିକାରିଣୀ ବିଶ୍ୱବନ୍ଦିନୀ ବାଗଙ୍କ ନେତୃତ୍ୱରେ ଶନିବାର ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ଗାଡ଼ି ଯାଞ୍ଚ ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ ବିଭିନ୍ନ ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ଚାଳକଙ୍କଠାରୁ ମୋଟ ୭ ହଜାର ଟଙ୍କାର ଚାଲାଣ ଆଦାୟ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ପ୍ରାୟ ୫୦ଟି ଗାଡ଼ି ଯାଞ୍ଚ କରାଯାଇଥିଲା। ଏଥିରେ ୨ ଜଣ କାର ଚାଳକ ସିଟ୍ ବେଲ୍ଟ ପିନ୍ଧି ନ ଥିବାରୁ ସେମାନଙ୍କଠାରୁ ମୋଟ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ୪ ଜଣ ମୋଟରସାଇକେଲ ଚାଳକ ହେଲମେଟ୍ ପିନ୍ଧି ନ ଥିବାରୁ ସେମାନଙ୍କଠାରୁ ୪ ହଜାର ଟଙ୍କା ଚାଲାଣ କାଟାଯାଇଥିଲା। ଏଥିସହ ସହରରେ ରାସ୍ତା ଉପରେ ଅବୈଧ ଭାବେ ମୋଟରସାଇକେଲ ପାର୍କିଂ କରିଥିବା ୨ ଜଣ ଚାଳକଙ୍କଠାରୁ ଜଣପିଛା ୫୦୦ ଟଙ୍କା ହିସାବରେ ମୋଟ ୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଅନ୍ୟପକ୍ଷରେ, ହେଲମେଟ୍ ପିନ୍ଧି ନିୟମ ମାନି ଗାଡ଼ି ଚଳାଉଥିବା ବାଇକ୍ ଚାଳକମାନଙ୍କୁ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ପ୍ରଶଂସା କରିଥିଲେ। ଏନେଇ ଗୁଡାରି ଥାନା ଅଧିକାରିଣୀ ବିଶ୍ୱବନ୍ଦିନୀ ବାଗ କହିଛନ୍ତି ଯେ, ଟ୍ରାଫିକ୍ ନିୟମ ପାଳନ ସୁନିଶ୍ଚିତ କରିବା ପାଇଁ ଏଭଳି ଯାଞ୍ଚ ନିୟମିତ ଜାରି ରହିବ। ହେଲମେଟ୍ ବିନା ବାଇକ୍ ଚଳାଇଲେ କିମ୍ବା ସିଟ୍ ବେଲ୍ଟ ବ୍ୟବହାର ନକଲେ ନିୟମ ଅନୁଯାୟୀ ଚାଲାଣ କାଟାଯିବ। ଏହାସହ ସହରରେ ନିର୍ଦ୍ଧାରିତ ପାର୍କିଂ ସ୍ଥାନ ବଦଳରେ ରାସ୍ତା ଉପରେ ଗାଡ଼ି ପାର୍କିଂ କଲେ ମଧ୍ୟ ଜରିମାନା ଆଦାୟ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହି ଯାଞ୍ଚ ଅଭିଯାନରେ ଏଏସ୍‌ଆଇ ଶ୍ୟାମସୁନ୍ଦରଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ଓ ହୋମଗାର୍ଡମାନେ ସାମିଲ ଥିଲେ।

## ବୁଦାରୁ ମିଳିଲା ଯୁବକଙ୍କ ରକ୍ତାକ୍ତ ମୃତଦେହ: ହତ୍ୟା ସନ୍ଦେହ




ବିନିକା,୧୧।୭(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ଅଇଁଲାସାରି ଗାଁ ନିକଟ ରାସ୍ତାକଡ଼ରୁ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହେବା ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତଦେହଟି ଏକ ବୁଦା ଭିତରେ ପଡ଼ିଥିବା ଅବସ୍ଥାରେ ଥିଲା। ପ୍ରାଥମିକ ତଦନ୍ତରୁ ଯୁବକଙ୍କୁ ହତ୍ୟା କରି ଦୁର୍ବୃତ୍ତମାନେ ମୃତଦେହକୁ ବୁଦା ଭିତରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକେ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି ଡୁଙ୍ଗୁରିପାଲି ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ପରେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ପଠାଇବା ସହ ଘଟଣାସ୍ଥଳରୁ ବିଭିନ୍ନ ସାକ୍ଷ୍ୟ ପ୍ରମାଣ ସଂଗ୍ରହ କରାଯାଇଛି। ମୃତ ଯୁବକଙ୍କ ପରିଚୟ ଓ ହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୁଲିସ ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଏବଂ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ସୂଚନା ଦେଇଛି।

● ପେଟ୍ରୋଲ ଢାଳି ମହିଳାଙ୍କ ଆତ୍ମାହୁତି ଉଦ୍ୟମ

## ବାପାଙ୍କୁ ଗିରଫ କଲା ପୁଲିସ; ଆସିଛି ସାଂଘାତିକ ଅଭିଯୋଗ

ବ୍ରହ୍ମପୁର ,୧୧।୭(ସଂଚାର ବ୍ୟୁରୋ): ୩ ଦିନ ତଳେ ବ୍ରହ୍ମପୁର ଲୋଚାପଡ଼ା ବାସୁଦେବ ନଗରରେ ଜଣେ ବିବାହିତା ମହିଳା ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିବା ଘଟଣାରେ ପୁଲିସ ତାଙ୍କ ବାପାଙ୍କୁ ଗିରଫ କରିଛି। ପୁଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ପରେ ତାଙ୍କ ବାପାଙ୍କୁ ଗିରଫ କରିଛି। ମହିଳା ଜଣଙ୍କ ତାଙ୍କ ବାପାଙ୍କ ବିରୋଧରେ ଆଣିଛନ୍ତି ସାଂଘାତିକ ଅଭିଯୋଗ। ମହିଳା ଜଣଙ୍କ ତାଙ୍କ ବାପାଙ୍କ ବିରୋଧରେ ଯୌନ ନିର୍ଯାତନା ଭଳି ସାଂଘାତିକ ଅଭିଯୋଗ କରିଛନ୍ତି। ତାଙ୍କର ଶିକ୍ଷକ ବାପାଙ୍କୁ ସେ ସୈତାନ ବୋଲି ପୁଲିସକୁ ଦେଇଥିବା ବୟାନରେ କହିଛନ୍ତି। ବ୍ରହ୍ମପୁର ଅତିରିକ୍ତ ଏସପିଙ୍କ କହିବା କଥା, କିଛି ଦିନ ତଳେ ନିଜ ଏହି ମହିଳା ସୋଶାଲ ମିଡ଼ିଆରେ ଏକ ଭିଡିଓ ପୋଷ୍ଟ କରି ତାଙ୍କ ବାପାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ସେହି ଆଧାରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ବୟାନ ବି ରେକର୍ଡ କରାଯାଇଛି। ପ୍ରାଥମିକ ତଦନ୍ତରୁ ଏବଂ ଝିଅ ସହ କରିଥିବା ଚାଟିଂରୁ ବାପାଙ୍କ ବିରୋଧରେ ପ୍ରମାଣ ବି ମିଳିଛି। ସେସବୁ ଆଧାରରେ ପୁଲିସ ନିଜ ଆଡୁ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି।

## ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କଲେ ବିଇଓ

ଲାଞ୍ଜିଗଡ଼,୧୧।୭(ସଂଚାର ବ୍ୟୁରୋ): ଲାଞ୍ଜିଗଡ଼ ବ୍ଲକର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସୁଧାର ଆଣିବା ପାଇଁ ପ୍ରୟାସ ଜାରି ରହିଛି।ଏହି କ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ରୁଷିଆ ମେହେର ବିଭିନ୍ନ ବିଦ୍ୟାଳୟ ଗସ୍ତ କରି ଶିକ୍ଷାଦାନ ସହିତ ଅନ୍ୟାନ୍ୟ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ,ଶ୍ରୀଯୁକ୍ତ ମେହେର ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ହାତିମୁଣ୍ଡା,କାରକଟା ଏବଂ କିଡିଙ୍ଗ ବିଦ୍ୟାଳୟ ହଠାତ୍ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ



ସମୟରେ ସେ ବିଦ୍ୟାଳୟ ଗୁଡ଼ିକରେ ଚାଲିଥିବା ଶିକ୍ଷାଦାନ ଶୈଳୀର ପ୍ରତ୍ୟକ୍ଷ ସମୀକ୍ଷା କରିବା ସହ ଛାତ୍ରଛାତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ।ଏହା ସହିତ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ (ଏମ୍‌ଡିଏମ୍)ର ଗୁଣବତ୍ତା ଏବଂ ସ୍ୱଚ୍ଛତାର ମଧ୍ୟ ବିଧିବଦ୍ଧ ତଦନ୍ତ କରିଛନ୍ତି।ଉଲ୍ଲେଖ ଯୋଗ୍ୟ ଯେ' ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ରୁଷିଆ ମେହେର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଲାଞ୍ଜିଗଡ଼ ବ୍ଲକର ଶିକ୍ଷା ବ୍ୟବସ୍ଥାରେ ଉଲ୍ଲେଖନୀୟ ସୁଧାର ଆସିଥିବା ଦେଖିବାକୁ ମିଳିଛି। ତାଙ୍କର ନିୟମିତ ବିଦ୍ୟାଳୟ ପରିଦର୍ଶନ ଏବଂ କଡ଼ା ଆଭିମୁଖ୍ୟ ଯୋଗୁଁ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ସମୟାନୁବର୍ତ୍ତିତା ଓ ଦାୟିତ୍ୱବୋଧ ବୃଦ୍ଧି ପାଇଛି।

# ବରଗଡ଼ରେ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କଲା ଏମ୍‌ସିଏଲ୍



ସମ୍ବଲପୁର,୧୧।୭(ସଂଚାର ବ୍ୟୁରୋ): ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଗୁଣାତ୍ମକ ଶିକ୍ଷା ଏବଂ ସାମଗ୍ରିକ ସାମାଜିକ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ, ନିଜର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର) କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ବରଗଡ଼ ଜିଲ୍ଲାରେ ଦୁଇଟି ଶିକ୍ଷା ଭିତ୍ତିଭୂମି ପ୍ରକଳ୍ପକୁ ଉତ୍ସର୍ଗ କରିଛି। ମୋଟ ୯୯.୦୩ ଲକ୍ଷର ପୁଞ୍ଜିନିବେଶରେ, ଏମ୍.ସି.ଏଲ୍ ତୋରା ଜୁନିଅର କଲେଜରେ ଏକ ପ୍ରେକ୍ଷାଳୟ (ଅଡିଟୋରିୟମ୍) ଓ ଛାତ୍ରୀ କମନ୍ ରୁମ୍ ଏବଂ ବରଗଡ଼ ସ୍ଥିତ ବାପୁଜୀ ସ୍ପେଶାଲ ସ୍କୁଲରେ ନୂତନ ଶ୍ରେଣୀଗୃହ ପ୍ରକଳ୍ପକୁ ଲୋକାର୍ପିତ କରିଛି। ଓଡ଼ିଶା ସରକାରଙ୍କ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ; ମାନ୍ୟବର ସାଂସଦ (ଲୋକସଭା), ବରଗଡ଼ ପ୍ରଦୀପ ପୁରୋହିତ ଏବଂ ବରଗଡ଼ର ମାନ୍ୟବର ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ବରଗଡ଼ରେ ଆୟୋଜିତ ଏହି ସମାରୋହ ରେ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଏମ୍.ସି.ଏଲର ସି.ଏସ୍.ଆର୍ ମହାପ୍ରବନ୍ଧକ ଶ୍ରୀ ଜ୍ୟୋତିର୍ମୟ ସିହ୍ନା, ଜିଲ୍ଲା ପ୍ରଶାସନର ଅଧିକାରୀ, ଅନୁଷ୍ଠାନର ପ୍ରତିନିଧି, ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦା ମଧ୍ୟ ଉପସ୍ଥିତ ରହିଥିଲେ। କଲେଜରେ ନିର୍ମିତ ଏହି ନୂତନ ସୁବିଧାଗୁଡ଼ିକ ଶିକ୍ଷାଗତ କାର୍ଯ୍ୟକଳାପ, ସାଂସ୍କୃତିକ କାର୍ଯ୍ୟକ୍ରମ, ସେମିନାର ଏବଂ ଅନ୍ୟାନ୍ୟ ସହ-ପାଠ୍ୟକ୍ରମ କାର୍ଯ୍ୟକ୍ରମ ପାଇଁ ଉନ୍ନତ ଭିତ୍ତିଭୂମି ପ୍ରଦାନ କରିବ, ଯାହା ଦ୍ୱାରା ୧, ୫୦୦ ଛାତ୍ରଛାତ୍ରୀ ଉପକୃତ ହେବେ। ଅନ୍ୟପକ୍ଷରେ, ନବନିର୍ମିତ ଶ୍ରେଣୀଗୃହଗୁଡ଼ିକ ପ୍ରାୟ ୫୦୦ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଶିକ୍ଷାଗତ ଏବଂ ବିକାଶମୂଳକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ସୁରକ୍ଷିତ, ଅଧିକ ସୁଗମ ଏବଂ ସାମଗ୍ରିକ ଶିକ୍ଷା ପରିବେଶ ସୃଷ୍ଟି କରିବାରେ ସହାୟକ ହେବ।

## ଆର୍‌ଆଇ କାର୍ଯ୍ୟାଳୟର ପାଚେରି ଭାଙ୍ଗିଲା, ସୁରକ୍ଷା ନେଇ ଚିନ୍ତା



କର୍ଲାମୁଣ୍ଡା,୧୧।୭(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ରାଜସ୍ୱ ନିରୀକ୍ଷକ (ଆର୍.ଆଇ.) କାର୍ଯ୍ୟାଳୟର ପାଚେରିର ଏକ ବଡ଼ ଅଂଶ ଭାଙ୍ଗିପଡ଼ିଛି। ଫଳରେ କାର୍ଯ୍ୟାଳୟ ପରିସରର ସୁରକ୍ଷା ବ୍ୟବସ୍ଥା ପ୍ରଭାବିତ ହୋଇଥିବା ସହ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ଲୋକଙ୍କ କହିବା ଅନୁସାରେ, ପାଚେରି ଦୀର୍ଘଦିନ ଧରି ଦୁର୍ବଳ ଅବସ୍ଥାରେ ଥିଲା। ବର୍ଷା ଯୋଗୁ ମାଟି ଧସିବା ଏବଂ ପାଚେରିର ଭିତ୍ତି ଦୁର୍ବଳ ହୋଇଯିବାରୁ ଏହା ଭାଙ୍ଗିପଡ଼ିଥିବା ସନ୍ଦେହ କରାଯାଉଛି। ପାଚେରି ଭାଙ୍ଗିଯିବା ଫଳରେ କାର୍ଯ୍ୟାଳୟ ପରିସରରେ ଅବାଧ ପ୍ରବେଶର ଆଶଙ୍କା ସୃଷ୍ଟି ହୋଇଛି। ସେହିଭଳି ଏହି କାର୍ଯ୍ୟାଳୟର ଅନ୍ୟ ପାର୍ଶ୍ୱରେ ଥିବା ପାଚେରିଗୁଡ଼ିକ ମଧ୍ୟ ଭଗ୍ନ ଅବସ୍ଥାରେ ଥିବାବେଳେ କାର୍ଯ୍ୟାଳୟକୁ ଯିବା ପାଇଁ ସ୍ଥାୟୀ ରାସ୍ତାଟି ମଧ୍ୟ ନାହିଁ। ଏନେଇ ତହସିଲଦାର ଅରୁଣ କୁମାର ବାର୍ଗେଙ୍କୁ ପଚାରିବାରୁ ପାଚେରି ନିର୍ମାଣ ଓ ରାସ୍ତା ନିର୍ମାଣ ପାଇଁ ଆର୍‌ଡି ବିଭାଗକୁ ଚିଠି କରାଯିବ ବୋଲି କହିଛନ୍ତି। ସରକାରୀ ସମ୍ପତ୍ତିର ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ପାଚେରିର ପୁନଃନିର୍ମାଣ ପାଇଁ ସ୍ଥାନୀୟ ଲୋକ ପ୍ରଶାସନର ହସ୍ତକ୍ଷେପ ଦାବି କରିଛନ୍ତି।

## ନିଶାନ୍ତ ବାର ସ୍ଥାନାନ୍ତର ପାଇଁ ତେଜିଲା ଦାବି

● ଆନ୍ଦୋଳନ ଚେତାବନୀ ଦେଲେ ୱାର୍ଡବାସୀ

କେସିଙ୍ଗା,୧୧।୭(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲା କେସିଙ୍ଗା -ଟିଟିଲାଗଡ ସହରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ନିଶାନ୍ତ ବାର ଖୋଲିବାକୁ ପ୍ରୟାସ ଚାଲିଛି। ୱାର୍ଡବାସୀ ଏହାକୁ ବିରୋଧ କରି ଜିଲାପାଳ ଓ ଅବକାରୀ ବିଭାଗ ଜିଲା ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ନିଶାନ୍ତ ହୋଟେଲ ଓ ବାର ମୁଖ୍ୟ ରାସ୍ତାରେ ଖୋଲିଲେ ବିରାଟ ଗଣଆନ୍ଦୋଳନ କରିଯିବ ବୋଲି ୱାର୍ଡବାସୀ ଜିଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏହାର ତୁରନ୍ତ ସମାଧାନ ପାଇଁ ସହରର ଯୁବ ଗୋଷ୍ଠୀ, ମହିଳା, ଯୁବତୀଯୁବକ, ଛାତ୍ରୀଛାତ୍ର, ଆଇନଜୀବୀଙ୍କ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଜିଲା ପ୍ରଶାସନ ଓ ଅବକାରୀ ବିଭାଗକୁ ଏକ ସ୍ମାରକପତ୍ର ଦିଆଯାଇଛି। ୱାର୍ଡବାସିନ୍ଦାଙ୍କ ଦାବି ଯଦି ଜିଲାପ୍ରଶାସନ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ଗଣଆନ୍ଦୋଳନ କରିବା ପାଇଁ ସହରବାସୀ ସଜବାଜ ହେଉଛନ୍ତି। ହୋଟେଲ ଏବଂ ବାର୍ ହେବା ପାର୍ଶ୍ୱରେ ବହୁ ଜନବସତି ଅଞ୍ଚଳ ରହିଛି।

## ଭିଡିଓ ଭାଇରଲ ପରେ ଆକ୍ସନ୍, ବାପା ଗିରଫ

ବ୍ରହ୍ମପୁର,୧୧।୭(ସଂଚାର ବ୍ୟୁରୋ): ବ୍ରହ୍ମପୁର ନିମଖଣ୍ଡି ଥାନା ବାସୁଦେବ ନଗରରେ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ ମାମଲା । ମହିଳାଙ୍କ ବାପା ସୁବାଷ ମିଶ୍ରକୁ ଗିରଫ କଲା ନିମଖଣ୍ଡି ଥାନା ପୋଲିସ । ଆତ୍ମହତ୍ୟା ଉଦ୍ୟମ କରିଥିବା ମହିଳା ଜଣକ ନିଜ ବାପାଙ୍କ ନାଁରେ ସଙ୍ଗୀନ ଅଭିଯୋଗ କରିବାର ଏକ ଭିଡ଼ିଓ ଭାଇରଲ ହୋଇଥିଲା । ମୋବାଇଲ ଚାଟ୍ ଓ ମହିଳାଙ୍କ ବୟାନକୁ ଭିତ୍ତି କରି ସୁବାଷଙ୍କୁ ଗିରଫ କରିଛି ପୋଲିସ । ମହିଳାଙ୍କ ବାପା ତାଙ୍କୁ ଶାରିରୀକ ଏବଂ ମାନସିକ ନିର୍ଯାତନା ଦେଉଥିବା ସେ ଅଭିଯୋଗ କରିଛନ୍ତି । ନିର୍ବନ୍ଧ ପରେ ମଧ୍ୟ ସୁବାଷ ତାଙ୍କୁ ମାରପିଟ୍ କରୁଥିବା ନିଜ ବୟାନରେ କହିଛନ୍ତି । ଗତ ଗୁରୁବାର ମହିଳା ଜଣକ ନିଜ ଶାଶୁ ଘରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଗୁରୁତର ଅବସ୍ଥାରେ ବର୍ତ୍ତମାନ ଭୁବନେଶ୍ୱରର ଏମ୍ସରେ ଚିକିତ୍ସିତ ହେଉଛନ୍ତି । ଆତ୍ମହତ୍ୟା ପୂର୍ବରୁ ଏକ ଭିଡ଼ିଓ ଜାରି କରିଥିଲେ ସମ୍ପୃକ୍ତ ମହିଳା ।

## ବିଦ୍ୟୁତ ସଂସ୍ପର୍ଶରେ ଆସି ମହିଳାଙ୍କ ମୃତ୍ୟୁ: ମିଳିବ ୪ ଲକ୍ଷ ଟଙ୍କାର ସହାୟତା

ଭେଡେନ,୧୧।୭(ସଂଚାର ବ୍ୟୁରୋ): ବରଗଡ଼ ଜିଲା ଭେଡେନ ଥାନା ରୁଷୁଡ଼ା ଫାଣ୍ଡି ଅଧୀନସ୍ଥ ଗର୍ଭଣା ଗ୍ରାମରେ ଶନିବାର ଏକ ଦୁଃଖଦାୟକ ଘଟଣା ଘଟିଯାଇଛି। ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଉଛନ୍ତି ସେହି ଗ୍ରାମର ଅଯୋଧ୍ୟା ବଢେଇ। ସୂଚନା ଅନୁଯାୟୀ, ଅଯୋଧ୍ୟା ତାଙ୍କ ବାଡ଼ି ପଟେ ଥିବା ସମୟରେ ସେଠାରେ ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ କାଦୋବାହାଲସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଂକଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ଭୀମସାର୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମହିଳାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଗର୍ଭଣା ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା।

ତୁମୁଡ଼ିବନ୍ଧରେ ରନ୍ଧନ ଗ୍ୟାସର ଘୋର ଅଭାବ

# ହଇରାଣ ହେଉଛନ୍ତି ୭ ଶହ ଉପଭୋକ୍ତା




ତୁମୁଡ଼ିବନ୍ଧ,୧୧।୭(ସଂଚାର ବ୍ୟୁରୋ): ତୁମୁଡ଼ିବନ୍ଧ ଅଞ୍ଚଳରେ ଗତ କିଛି ଦିନ ଧରି ରନ୍ଧନ ଗ୍ୟାସର ଅଭାବ ଯୋଗୁଁ ସାଧାରଣ ଉପଭୋକ୍ତାମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଣ୍ଡିଗଡ଼ ସ୍ଥିତ ମା ଭୈରବୀ ଗ୍ୟାସ ଏଜେନ୍ସୀ ଉପରେ ଅନେକ ଉପଭୋକ୍ତା ଅନିୟମିତ ବଣ୍ଟନ ଓ ମନମାନି ଅଭିଯୋଗ ଆଣିଛନ୍ତି। ଉପଭୋକ୍ତାମାନଙ୍କ କହିବା ଅନୁସାରେ, ସମୟରେ ବୁକିଂ କରିଥିଲେ ମଧ୍ୟ ଗ୍ୟାସ ସିଲିଣ୍ଡର ମିଳିବାରେ ବିଳମ୍ବ ହେଉଛି। ଗ୍ୟାସ ବୁକିଂ ପାଇଁ ଜାରି କରାଯାଇଥିବା ଫୋନ ନମ୍ବର ରେ ବୁକିଂ ନିମନ୍ତେ ମିସ କଲ୍ କଲେ ମଧ୍ୟ କୋଣସି ପ୍ରକାରର ଓଟିପି ଆସୁନି ଓଟିପି ଆସୁନଥିବା ସମ୍ବନ୍ଧୀୟ ଉପରେ ଏଜେନ୍ସୀର କର୍ମଚାରୀଙ୍କୁ ପଚାରିଲେ ସେମାନେ ଉପଭୋକ୍ତାଙ୍କୁ ନାଲି ଆଖି ଦେଖାଉଛନ୍ତି। ତୁମୁଡିବନ୍ଧ ଅଞ୍ଚଳରେ ପାଖାପାଖି ସାତ ଶହରୁ ଊର୍ଦ୍ଧ୍ୱ ଉପଭୋକ୍ତା ଥିବାବେଳେ ଶନିବାର ଦିନ ମାତ୍ର ୩୦୦ ସିଲିଣ୍ଡର ଏଜେନ୍ସୀ ଗୋଦାମ କୁ ଆସିଥିବାବେଳେ ସୂଚନା ପାଇବା ପରେ ଗ୍ୟାସ ଏଜେନ୍ସୀ ସମ୍ମୁଖରେ ପାଖା ପାଖି ସାତ ଶହ ରୁ ଊର୍ଦ୍ଧ୍ୱ ଉପଭୋକ୍ତାଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରନ୍ଧନ ଗ୍ୟାସ ପାଇବା ଆଶାରେ ଘରୁ ନିଜ ନିଜର ଖାଲି ସିଲିଣ୍ଡର କୁ ସାଥିରେ ନେଇ ସକାଳୁ ସକାଳୁ ଗ୍ୟାସ ଏଜେନ୍ସୀ ଅଫିସ ସମ୍ମୁଖରେ ଶହ ଶହ ଉପଭୋକ୍ତାଙ୍କ ଭିଡ଼ ଜମିଥିଲା। ସେମାନଙ୍କ ମଧ୍ୟରୁ କିଛି ଉପଭୋକ୍ତା ବୁକିଂ କରିଥିବାବେଳେ କିଛି ଉପଭୋକ୍ତାଙ୍କ ବୁକିଂ କରିବାରେ ବିଫଳ ହେଇଛନ୍ତି ଆଉ ସେ ବିଫଳତା ର କାରଣ ହେଉଛି ଓଟିପି। ବୁକିଂ ପାଇଁ ଜାରି କରାଯାଇଥିବା ନମ୍ବର ରେ କୋଣସି ତ୍ରୁଟି ଥିବା ଯୋଗୁଁ ଓଟିପି ନ ଆସିବାରୁ ବୁକିଂ ହେଇପାରିନାହିଁ ଏହି ସଂକ୍ରାନ୍ତରେ ଶହ ଶହ ଉପଭୋକ୍ତାଙ୍କ ହଟ ଗଲ୍ଲ ପାଟିତୁଣ୍ଡ ଦେଖିବାକୁ ମିଳିଥିଲା। ଯଦି ଏଜେନ୍ସୀ ରେ ସାତ ଶହ ରୁ ଊର୍ଦ୍ଧ୍ୱ ଉପଭୋକ୍ତା ତେବେ ଗ୍ୟାସ ଏଜେନ୍ସୀ ମାଲିକ କେବଳ ତିନି ସହ ସିଲିଣ୍ଡର କେଉଁ କାରଣରୁ ଆଣୁଛନ୍ତି ତାହା ଜଣାପଡୁନାହିଁ। ଯଦି ଆର୍ଥିକ ଶଙ୍କଟ ରହିଛି କିମ୍ବା ପ୍ରଶାସନ ସ୍ତରରେ କିଛି ସମସ୍ୟା ରହୁଛି ତେବେ ଏସବୁ ସମସ୍ୟା ପାଇଁ ସାଧାରଣ ଜନତା ହଇରାଣ ହରକତ କାହିଁକି ହେବେ ତାହା ସାଧାରଣ ରେ ଆଲୋଚନା ହେଉଛି। ଏଜେନ୍ସୀର ବ୍ୟକ୍ତିଗତ ସମସ୍ୟା ଏଜେନ୍ସୀ ବୁଝିବ ଏଜେନ୍ସୀ ସମାଧାନ କରିବ ତେବେ ଏହି ସମସ୍ୟାକୁ ନେଇ ସାଧାରଣ ଲୋକଙ୍କୁ ଗ୍ୟାସ ଯୋଗାଇବାରେ ଅବହେଳା ନ କରିବାକୁ ସାଧାରଣ ରେ ଦାବି ହେଉଛି। ସାଧାରଣ ଲୋକଙ୍କ ପାଇଁ ଆସୁଥିବା ସିଲିଣ୍ଡର କୁ ଏଜେନ୍ସୀ ଚଢ଼ା ଦରରେ ତୁମୁଡିବନ୍ଧ ଅଞ୍ଚଳ ର ଦଲାଲ ମାନଙ୍କୁ ବିକ୍ରି କରୁଛନ୍ତି ସେପଟେ ଦଲାଲ ମାନେ ଉପଭୋକ୍ତାଙ୍କୁ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଏସବୁ ବିଷୟରେ ବିପଣନ ନିରୀକ୍ଷକଙ୍କ ପାଖରେ ସୂଚନା ଥିଲେ ମଧ୍ୟ ସେ ନିରବ ଦ୍ରଷ୍ଟା ସାଜିଛନ୍ତି।